# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୩୦/୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, June 30/2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଭାରତ ବିଶ୍ୱକପ୍ ଜିତିଲେ ଫିଲ୍ମ ନିର୍ମାଣ ହେବ**

ଭାରତ ୨୦୧୯ କ୍ରିକେଟ ବିଶ୍ୱ କପ୍ ଜିତିଲେ ଏହାକୁ ନେଇ ଫିଲ୍ମ ନିର୍ମାଣ ହେବ ବୋଲି ପ୍ରଯୋଜକ ମଧୁ ମାଣ୍ଟିନା ପ୍ରକାଶ କରିଛନ୍ତି। **୧୦**

**୧୫** **ଅମିତ ଶ୍ରେଷ୍ଠ କ୍ରୀଡ଼ାବିତ୍**

ଓସ୍‌ଜା ପକ୍ଷରୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ଭାରତୀୟ ହକି ଦଳର ଓଡ଼ିଆ ଡିଫେଣ୍ଡର ଅମିତ ରୋହିଦାସ।



## ■ ନିଅଣ୍ଟିଆ ବର୍ଷା: ଚାଷୀ ମୁଣ୍ଡରେ ଚଡ଼କ

# ୨୬ ଜିଲାରେ ସଙ୍ଗିନ ସ୍ଥିତି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ରାଜ୍ୟରେ ନିଅଣ୍ଟିଆ ବର୍ଷା ଏବଂ ଚାଷ ଖର୍ଚ୍ଚ ବୃଦ୍ଧିକୁ ନେଇ ମହାସଙ୍କଟରେ ପଡିଛନ୍ତି ଚାଷୀ। ଏପରି କି ଅନେକ ଚାଷୀ ଚାଷ କାର୍ଯ୍ୟରୁ ନିଜକୁ ଦୂରେଇ ନେଲେଣି। ଗୋଟିଏପଟେ ପ୍ରାକୃତିକ ବିପର୍ଯ୍ୟୟ, ଅନ୍ୟପଟେ ଚାଷ କାର୍ଯ୍ୟରେ ହେଉଥିବା ଖର୍ଚ୍ଚ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ମିଳୁ ନ ଥିବାରୁ ଚାଷ ପ୍ରତି ଆଉ ଚାଷୀମାନେ ଆଗ୍ରହ ଦେଖାଉ ନାହାନ୍ତି। ଜମି ପଡିଆ ପଡୁଛି ପଛେ ବିଲକୁ ହଳ ଯାଉନି। ଅନ୍ୟପକ୍ଷରେ ଚଳିତ ବର୍ଷ ଦେବାଳିଆ ମୌସୁମୀ ଧାନ ଚାଷକୁ ବହୁଳ ଭାବେ ପ୍ରଭାବିତ କରିବା ନେଇ ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ୨୨ ହଜାର ହେକ୍ଟର ଜମିରେ ଆଉ ଧାନ ଚାଷ ହେବ ନାହିଁ ବୋଲି ରାଜ୍ୟ ସରକାର ମଧ୍ୟ ଆକଳନ କରିଛନ୍ତି। କୃଷି ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୨୦୧୮ରେ ୩୬ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ସ୍ୱଳ୍ପ ବୃଷ୍ଟି ଯୋଗୁ ୩୬ ଲକ୍ଷ ୫୦ ହଜାର ହେକ୍ଟରକୁ ଧାନ ଚାଷ ହ୍ରାସ ହେବ ବୋଲି ଆକଳନ କରାଯାଇଛି। ଫଳରେ ୨୬ଟି ଜିଲାରେ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି।

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେବାର ଆଶଙ୍କା ରହିଛି। ରାଜ୍ୟରେ ସ୍ୱାଭାବିକଠାରୁ କମ ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି। ରାଜ୍ୟକୁ ମୌସୁମୀ ବର୍ଷା ସ୍ୱାଭାବିକ ସମୟ(ଜୁନ୍ ୧୦) ପରିବର୍ତ୍ତେ ୧୧ ଦିନ ବିଳମ୍ବ ଅର୍ଥାତ ଜୁନ୍ ୨୧ ତାରିଖରେ ପ୍ରବେଶ କରିଛି। ଦୁଇଦିନ କିଛି ପରିମାଣର ବର୍ଷା ହେବା ପରେ ପୁଣି ଉଭାନ ହୋଇଯାଇଛି। ଜୁନ୍ ପହିଲାରୁ ଧାନ ଚାଷ ପାଇଁ ଯେତିକି ବର୍ଷା ଦରକାର ତାହା ହୋଇ ନାହିଁ। ଅନେକ ଜମି ଏବେ ବି ପଡିଆ ରହିଛି। ରାଜ୍ୟରେ ୩୬ ଲକ୍ଷ ୫୦ ହଜାର ହେକ୍ଟରରୁ ଏ ପର୍ଯ୍ୟନ୍ତ ମାତ୍ର ୫ ଲକ୍ଷ ୧୬ ହଜାର ହେକ୍ଟରରେ ଧାନ ବୁଣା ହୋଇଥିବା ସରକାରୀ ଭାବେ କୁହାଯାଇଛି। ଆବଶ୍ୟକ ବର୍ଷା ନ ହେବାରୁ ବେଳକୁ ବେଳ ପରିସ୍ଥିତି ସଙ୍ଗିନ ହେବାକୁ ଯାଉଛି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ



■ କମିବ ଧାନ ଚାଷ

■ ୮୪୮ ହେକ୍ଟର ଜମି ପଡ଼ିଆ

କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି। କେବଳ ୪ଟି ଜିଲାକୁ ବାଦ୍ ଦେଲେ ୧୮ଟି ଜିଲାରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇଥିବା ବେଳେ ୮ଟି ଜିଲାରେ ଅତି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। କୋରାପୁଟ ଜିଲାରେ ଏହି ସମୟରେ ସ୍ୱାଭାବିକ ଭାବେ ୧୯୯ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୯୫.୪ ମିଲିମିଟର । ସେହିପରି ଯାଜପୁର ଜିଲାରେ ୨୩୦.୬ ସ୍ଥାନରେ ୨୨୯, ନବରଙ୍ଗପୁର ଜିଲାରେ ୨୪୩.୪ ଜାଗାରେ ହୋଇଛି ୨୧୧.୯ ଏବଂ ପୁରୀ ଜିଲାରେ ୧୫୧.୩ ସ୍ଥାନରେ ୧୮୧.୭ ମିଲିମିଟର ବର୍ଷା ହୋଇଛି। ରାୟଗଡା ଜିଲାରେ ୧୮୮.୮ ସ୍ଥାନରେ ୭୩.୧, ଗଜପତି ଜିଲାରେ ୧୯୩ ସ୍ଥାନରେ ୬୮.୮ ମିଲିମିଟର ବର୍ଷା ହୋଇଛି। ଏହି ଦୁଇଟି ଜିଲାରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇଛି। ସେହିପରି ନୂଆପଡା, ବାଲେଶ୍ୱର, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ନୟାଗଡ ଏବଂ ସୁନ୍ଦରଗଡ ଜିଲାରେ ଅନାବୃଷ୍ଟି ଅବସ୍ଥା ସୃଷ୍ଟି ହୋଇଛି।

କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୦୯ରେ ଚାଷୋପଯୋଗୀ ଜମି ଥିଲା ୬୧.୮୦ ଲକ୍ଷ ହେକ୍ଟର । ୨୦୧୮-୧୯ ରେ ରାଜ୍ୟର ୩୦ ଜିଲାରେ ୮୪୮ ହେକ୍ଟର ଚାଷ ଜମି ପଡିଆ ପଡିଛି। ପୁରୀ ଜିଲାରେ ସର୍ବାଧିକ ୭୫ ହେକ୍ଟର ଜମି ପଡି ରହିଥିବା ବେଳେ ମୟୂରଭଞ୍ଜରେ ୭୧, ବାଲେଶ୍ୱରରେ ୫୬, ଗଞ୍ଜାମରେ ୫୯, କୋରାପୁଟରେ ୫୧, କେନ୍ଦୁଝରରେ ୫୪ ହେକ୍ଟର ଜମି ଚାଷ ନ ହୋଇ ପଡିରହିଛି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ଅଳ୍ପ ବହୁତ ଚାଷ ଜମି ପଡିଆ ପଡିଛି। ମଜୁରି ବୃଦ୍ଧି ଏବଂ କୃଷି ଶ୍ରମିକ ମିଳୁ ନ ଥିବାରୁ ଚାଷ ବେଳକୁ ବେଳ ମହଙ୍ଗା ହେବାରେ ଲାଗିଛି। ବର୍ଷତମାମ ହାଡଭଙ୍ଗା ପରିଶ୍ରମ କରି ମଧ୍ୟ ଚାଷୀ ଉତ୍ପାଦିତ ମୂଲ୍ୟ ପାଇପାରୁନାହାନ୍ତି। ଧାନର ସହାୟକ ମୂଲ୍ୟ ଠାରୁ ଧାନ କୁଇଣ୍ଟାଲ ପିଛା ଦୁଇଗୁଣା ଖର୍ଚ୍ଚ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୦୪-୦୫ରେ ଧାନ ଉତ୍ପାଦନ ପାଇଁ ହେକ୍ଟର ପିଛା ୭୨୯୫ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦୧୧-୧୨ରେ ଏହା ୧୪,୪୩୯ ଟଙ୍କାକୁ ବୃଦ୍ଧି ପାଇଛି। ନିଅଣ୍ଟିଆ ବର୍ଷା ଏବଂ ମଜୁରି ବୃଦ୍ଧି ଯୋଗୁ ଚାଷୀମାନେ ବେଳକୁ ବେଳ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି।

## ଓଡ଼ିଆ ଆଇପିଏସ୍ ଅଫିସର ତାମିଲନାଡୁ ଡିଜିପି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଓଡ଼ିଆ ଆଇପିଏସ୍ ଅଫିସର ଜଳଦ କୁମାର ତ୍ରିପାଠୀ ତାମିଲନାଡୁର ନୂତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)



ଜଳଦ କୁମାର ତ୍ରିପାଠୀ

ହୋଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ନିଯୁକ୍ତି ଦେଇଥିବାନେଇ ଔପଚାରିକଭାବେ ଘୋଷଣା କରାଯାଇଛି। ପୂର୍ବରୁ ସେ ଚେନ୍ନାଇର ପୋଲିସ କମିଶନର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ତାମିଲନାଡୁ ଡିଜିପି ଟି.କେ. ରାଜେନ୍ଦ୍ର ଶନିବାର ଅବସର ନେଇଛନ୍ତି। ଉକ୍ତ ପଦରେ ନୂତନ ନିଯୁକ୍ତି ପାଇଁ ଲୋକ ସେବା ଆୟୋଗର ୩ଜଣିଆ କମିଟି ପକ୍ଷରୁ ୩ଜଣ ଆଇପିଏସ୍ ଅଫିସରଙ୍କ ନାମ ତାମିଲନାଡୁ ସରକାରଙ୍କ ନିକଟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ତାମିଲନାଡୁ କ୍ୟାଡର ୧୯୮୫ ବ୍ୟାଚର ଓଡ଼ିଆ ଆଇପିଏସ୍ ଅଫିସର ତ୍ରିପାଠୀଙ୍କ ନାମକୁ ମୁଖ୍ୟମନ୍ତ୍ରୀ କେ. ପଲାନିସ୍ୱାମୀ ବାଛିଛନ୍ତି। ତ୍ରିପାଠୀ ୨ଥର ଚେନ୍ନାଇ ପୋଲିସ କମିଶନର ଥିଲେ। ଏଥିସହ ସେ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି।

## ଜୁଲାଇରେ ୧୦ ଖଣି ନିଲାମ ହେବ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ଆସନ୍ତା ଜୁଲାଇ ମାସରେ ରାଜ୍ୟର ଆଉ ୫ରୁ ୧୦ଟି ଖଣି ନିଲାମ୍ ହେବ। ଶନିବାର ଏହି ସୂଚନା ଦେଇଛନ୍ତି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ସେ କହିଛନ୍ତି ଯେ ୨୦୨୦ ସୁଦ୍ଧା ୨୪ଟି ଖଣି ବନ୍ଦ ହୋଇଯିବ। ଖଣି ବନ୍ଦ ହେଲେ ମଧ୍ୟ ଶିଳ୍ପକୁ ଯେପରି କଞ୍ଚାମାଲ ଯୋଗାଇବାରେ କୌଣସି ସମସ୍ୟା ଦେଖା ନ ଦେବ ସେ ନେଇ ସରକାର ନିଶ୍ଚିତ କରିବେ। ବର୍ତ୍ତମାନର ରାଜ୍ୟରେ ୩୬ଟି ଖଣି ନିଲାମ ପାଇଁ ପ୍ରସ୍ତୁତ ହେଉଛି। କୋଇଲା ରୟାଲଟି ସମ୍ପର୍କରେ ସୂଚନା ନେଇ ମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ରୟାଲଟି ବୃଦ୍ଧି କରିବା ନେଇ ବହୁ ବାର ଅବଗତ କରାଗଲେ ମଧ୍ୟ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ରୟାଲଟି ବୃଦ୍ଧି ଉପରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଥିଯୋଗୁ ରାଜ୍ୟକୁ ବହୁ କୋଟି ଟଙ୍କାର ଖଣି ରାଜସ୍ୱ ହରାଇବାକୁ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି।

### କିଛି ତଥ୍ୟ

ଜୁନ ୨୧ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ବୃଦ୍ଧି ପାଇ ୪୨୬.୪୨ ବିଲିୟନ ଡଲାର ହୋଇଛି।

–ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE 29.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 104 | 163 | 173 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 104 | 163 | 173 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# କାନ୍ଥ ଭୁଶୁଡ଼ି ୧୭ ମୃତ

ମୁମ୍ବାଇ, ୨୯।୬ (ପି.ଟି.)

ମହାରାଷ୍ଟ୍ରର ପୁଣେରେ ପ୍ରବଳ ବର୍ଷା ତାଣ୍ଡବ ରଚିଛି। ବର୍ଷା ଯୋଗୁ ଏକ ରେସିଡେନ୍ସିଆଲ କମ୍ପ୍ଲେକ୍ସର ୨୨ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୪ ଶିଶୁଙ୍କ ସମେତ ୧୭ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଏଥିରେ ଆହତ ୩ ଜଣଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏଠାକାର ଭଗ୍ନାବଶେଷ ତଳୁ ଲୋକଙ୍କ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି। ଶ୍ରମିକମାନେ ରହିବା ଲାଗି ନିର୍ମାଣ କରାଯାଇଥିବା ଅନେକ ଘର ଭାଙ୍ଗିଯାଇଛି। ଘଟଣାଟି କୋନ୍ଧୱାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ବିହାରର ଓ ସେମାନେ ନିର୍ମାଣାଧୀନ ଏହି ରେସିଡେନ୍ସିଆଲ କମ୍ପ୍ଲେକ୍ସରେ କାମ କରୁଥିଲେ। ଉଦ୍ଧାର କାର୍ଯ୍ୟ ଶେଷହେବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ



ପୁଣେର କୋନ୍ଧୱାରେ ୨୨ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

■ ମୃତକଙ୍କ ମଧ୍ୟରେ ଅଧିକାଂଶ ବିହାରର

■ ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

■ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା

କରାଯିବ ବୋଲି ଘୋଷଣା କରିଛନ୍ତି।

ପୁଣେ ମ୍ୟୁନିସିପାଲ କର୍ପୋରେଶନ କମିଶନର ସୌରଭ ରାଓ କହିଛନ୍ତି, ପ୍ରବଳ ବର୍ଷାରୁ ମାଟି ଦବିଯାଇ କାନ୍ଥ ଭୁଶୁଡ଼ି ପଡ଼ିଛି। ତଦନ୍ତ ଲାଗି ଏକ ୫ ଜଣିଆ କମିଟି ଗଠନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ କମିଟି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କାନ୍ଥ ଭୁଶୁଡ଼ିବା ଦ୍ୱାରା ସେଠାରେ ପାର୍କିଂ କରାଯାଇଥିବା ଏକାଧିକ କାର୍ ମଧ୍ୟ ଭାଙ୍ଗିରୁଜି ଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଶୁକ୍ରବାର ପୁଣେରେ ୭୩.୧ ମିଲିମିଟର ବର୍ଷା ହୋଇଥିଲା। ଏହି ବର୍ଷା ୨୦୧୦ ଜୁନ୍‌ଠାରୁ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଇଛି।

## ଘରେ ପଶି ମହିଳାଙ୍କୁ ଗଣବଳାତ୍କାର

କେନ୍ଦ୍ରାପଡ଼ା ଅଫିସ, ୨୯।୬

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ୩ ଦୁର୍ବୃତ୍ତ ଗଣବଳାତ୍କାର କରିଛନ୍ତି। ତାଙ୍କ ସ୍ୱାମୀ ଓ ୨ ପିଲାଙ୍କୁ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ପୀଡ଼ିତାଙ୍କ ସ୍ୱାମୀଙ୍କଠାରୁ ଶନିବାର ଅଭିଯୋଗପତ୍ର ଗ୍ରହଣ କରିବା ପରେ ମାମଲା (ନଂ –୭୩/୧୯) ରୁଜୁ କରିଛି। ଗୁରୁତର ହୋଇଥିବା ଏହି ପରିବାର ଆଳି ଥାନା ଅଞ୍ଚଳରୁ ଆସି ଜାଗା କିଣି ନିକିରାଇ ଥାନା ଅଞ୍ଚଳରେ ରହୁଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଘରବାଟ ଦେଇ ଏକ ବରଯାତ୍ରୀ ଦଳ ପ୍ରସେଶନରେ ଯାଉଥିଲେ । ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଘର ଗ୍ରୀଲ୍ ଭାଙ୍ଗି ପଶିଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ଲୁହା ରଡ଼ରେ ମାଡ଼ ମାରିବା ସହ ଜୋର ଜବରଦସ୍ତ ମହିଳାଙ୍କୁ ସେମାନଙ୍କ ଆଗରେ ବଳାତ୍କାର କରିଥିଲେ। ଏନେଇ ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହାପରେ ମହିଳାଙ୍କ ଗୁପ୍ତାଙ୍ଗରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଦୁର୍ବୃତ୍ତଙ୍କ ପରିଚୟ ଅଦ୍ୟାବଧି ଜଣାପଡି ନାହିଁ।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

**ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ**

### ଆଜିର ମନ୍ତବ୍ୟ

“ ଧାର୍ମିକ ସ୍ୱାଧୀନତା ଭାରତ ସମ୍ବିଧାନରେ ମୌଳିକ ଅଧିକାର ଭାବେ ସ୍ଥାନ ପାଇଥିବାରୁ ଏନେଇ କାହାଠାରୁ ଅଧିକ ଶିକ୍ଷା ଲାଭ କରିବାର ଆବଶ୍ୟକତା ନାହିଁ।

–ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



ଜାପାନର ଓସାକାରେ ଜି-୨୦ ସମ୍ମିଳନୀର ଶେଷ ଦିନରେ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅବସରରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ(ବାମ)ଙ୍କ ସହ ଆଲୋଚନା କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ(ଡାହାଣ)। ମଝିରେ ଅଛନ୍ତି ଟ୍ରମ୍ପଙ୍କ ଝିଅ ଇଭାଙ୍କା।

# ବିଷ୍ଣୁ ସେଠୀ ଭାଜପା ବିଧାୟକ ଦଳ ଉପନେତା

**ମୁଖ୍ୟ ସଚେତକ ହେଲେ ମୋହନ ମାଝି**

ଭୁବନେଶ୍ୱର,୨୯।୬(ବ୍ୟୁରୋ)



ବିଷ୍ଣୁ ସେଠୀ

ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କୁ ଶନିବାର ଭାଜପା ବିଧାୟକ ଦଳର ଉପନେତା ଭାବେ ମନୋନୀତ କରାଯାଇଛି। ସେହିପରି କେନ୍ଦୁଝର ସଦର ଆସନରୁ ବିଜୟୀ ହୋଇଥିବା ମୋହନ ମାଝିଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାୟକଙ୍କୁ ଭାଜପା ବିରୋଧୀ ଦଳ ନେତାଭାବେ ମନୋନୀତ କରିସାରିଛି। ଏ ସଂକ୍ରାନ୍ତ ରାଜ୍ୟ ଭାଜପା କାର୍ଯ୍ୟାଳୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରିଛି।

ଷୋଡ଼ଶ ବିଧାନସଭାରେ ଭାଜପା ପ୍ରଥମଥର ପାଇଁ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଛି। ଦଳର ୨୩ ବିଧାୟକ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ଆସିଛନ୍ତି। ଏମାନଙ୍କ ମଧ୍ୟରେ ୧୧ ଜଣ ଅନୁସୂଚିତ ଜନଜାତି(ଏସ୍‌ଟି), ୭ ଜଣ ଅନୁସୂଚିତ ଜାତି(ଏସ୍‌ସି) ବର୍ଗରୁ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବ ନିର୍ବାଚନ ଅପେକ୍ଷା ଭାଜପାର ଏସ୍‌ସି, ଏସ୍‌ଟି ଭୋଟ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ଏସ୍‌ସି,ଏସ୍‌ଟି ଭୋଟରଙ୍କ ମଧ୍ୟରେ ଦଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏହି ବର୍ଗର ବିଧାୟକମାନଙ୍କୁ ବିଭିନ୍ନ ପଦପଦବୀ ଦିଆଯାଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି। କେବଳ ବିରୋଧୀ ଦଳର ସମ୍ପାଦକ ପଦବୀ ଏଯାବତ୍ କାହାକୁ ପ୍ରଦାନ କରାଯାଇନାହିଁ। ଗତଥର ଭାଜପା ବିଧାନସଭାରେ ୧୦ଟି ଆସନ ଅକ୍ତିଆର କରିଥିଲା। ହେଲେ ପୂର୍ବଥର ଜିତିଥିବା କୌଣସି ବିଧାୟକ ଏଥର ବିଧାନସଭାକୁ ଆସିବାରେ ଅସମର୍ଥ ହୋଇଛନ୍ତି। ତନ୍ମଧ୍ୟରୁ ୨ ଜଣ ଲୋକ ସଭା ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଉଛନ୍ତି–କଳାହାଣ୍ଡିରୁ ବସନ୍ତ ପଣ୍ଡା ଏବଂ ସମ୍ବଲପୁରରୁ ନୀତେଶ ଗଙ୍ଗଦେବ।

**ଅଲୱର ଭିଡ଼ହିଂସା**


# ପେହଲୁଙ୍କ ବିରୋଧରେ ମରଣୋତ୍ତର ଚାର୍ଜଶିଟ୍

ନୂଆଦିଲ୍ଲୀ,୨୯।୬(ଆଇଏଏନ୍‌ଏସ୍)

ଗୋରୁ ଚୋରାଚାଲାଣ ଅଭିଯୋଗରେ ରାଜସ୍ଥାନ ପୋଲିସ ଶନିବାର ମୃତ ପେହଲୁ ଖାନ୍‌ଙ୍କ ସମେତ ତାଙ୍କର ଦୁଇପୁଅଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିବା ଖବର ପ୍ରକାଶ ପାଇବା ପରେ ବିବାଦ ସୃଷ୍ଟି ହୋଇଛି। ଚାର୍ଜଶିଟ୍‌ରେ ମୃତ ପେହଲୁଙ୍କ ନାଁ ଥିବା କୁହାଯାଉଥିବାବେଳେ ଏହାକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଖଣ୍ଡନ କରିଛନ୍ତି।

୨୦୧୭ ଏପ୍ରିଲରେ ଗାଡ଼ିରେ ଗୋରୁ ବୋଝେଇ କରି ନେଉଥିବା ପେହଲୁ ଖାନ୍‌ଙ୍କୁ ଅଲୱରଠାରେ ତଥାକଥିତ ଗୋରକ୍ଷକମାନେ ପିଟିପିଟି ମାରିଦେଇଥିଲେ। ପେହଲୁଙ୍କ ନାଁରେ ରାଜସ୍ଥାନ ପଶୁହତ୍ୟା ନିରାକରଣ ଓ ଚାଲାଣ ନିୟନ୍ତ୍ରଣ ଆଇନର ଧାରା ୬ରେ ଚାର୍ଜଶିଟ୍ ହୋଇଥିବାବେଳେ ତାଙ୍କ ପୁଅ ଇର୍ଶାଦ ଓ ଅରିଫଙ୍କ ବିରୋଧରେ ଧାରା ୫, ୮ ଓ ୯ରେ ପୋଲିସ ଚାର୍ଜଶିଟ୍ ଦାଏର ହୋଇଥିବା ଖବର ପ୍ରକାଶ ପାଇଥିଲା। ରାଜସ୍ଥାନରେ ଅଶୋକ ଗେହଲଟଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଗଠନ ହେବାର ୧୩ ଦିନ ପରେ ଗତବର୍ଷ ଡିସେମ୍ବର ୩୦ରେ ଏହି ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିଲା। ଭାଜପା ସରକାର ସମୟରେ ହୋଇଥିବା ତଦନ୍ତ ଆଧାରରେ ଉକ୍ତ ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିବାରୁ ତଦନ୍ତରେ ତ୍ରୁଟି ଥିଲେ ତାହାର ପୁନଃତଦନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ ପୂର୍ବରୁ କହିଥିଲେ। ରାଜସ୍ଥାନ ପୋଲିସ ଗତ ଡିସେମ୍ବର ମାସରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପେହଲୁ ଖାନ୍‌ଙ୍କ ନାଁ ନ ଥିବା ପରେ ସେ କହିଛନ୍ତି। ଦେଶର ଯେକୌଣସି ସ୍ଥାନରେ ହେଉଥିବା ଭିଡ଼ ହିଂସାକୁ କଂଗ୍ରେସ ଦୃଢ଼ ବିରୋଧ କରେ। ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟେ ସେଥିପାଇଁ

**ଅଭିଯୋଗକୁ ଖଣ୍ଡନ କଲେ ଗେହଲଟ**



ଅଶୋକ ଗେହଲଟ

ତାଙ୍କ ସରକାର ଯଥେଷ୍ଟ ସତର୍କ ରହିଥିବା ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

୨୦୧୭ ଏପ୍ରିଲ ୧ରେ ପେହଲୁ ଓ ତାଙ୍କ ଦୁଇପୁଅ ଜୟପୁର ମେଳାରୁ ଏକ ଗାଡିରେ ଗୋରୁ ଆଣି ଘରକୁ ଫେରୁଥିବାବେଳେ ଅଲୱର ନିକଟସ୍ଥ ଜୟପୁର-ଦିଲ୍ଲୀ ରାଜପଥରେ ନିଜକୁ ଗୋରକ୍ଷକ କହୁଥିବା କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ଚୋରାବେପାରୀ କହି ମାଡ଼ ମାରିଥିଲେ। ଗୁରୁତର ପେହଲୁଙ୍କର ଏପ୍ରିଲ ୩ରେ ମୃତ୍ୟୁ ହୋଇଥିଲା। ତେବେ ଶନିବାର ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ରାଜସ୍ଥାନ ପୋଲିସ ପେହଲୁଙ୍କୁ ଜଣେ ଗୋରୁ ଚୋରାବେପାରୀ ବୋଲି ଅଭିଯୋଗ କରିଥିବା ଖବର ସାମନାକୁ ଆସିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ପେହଲୁଙ୍କୁ ପିଟି ହତ୍ୟା କରିଥିବା ୮ ଅଭିଯୁକ୍ତ ଜାମିନରେ ଆସି ବାହାରେ ବୁଲୁଥିବାବେଳେ ପୋଲିସ ମୃତ ପେହଲୁଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବାକୁ ନେଇ ରାଜନୀତି ଜୋର ଧରିଛି। କଂଗ୍ରେସ ଭାଜପାର ପ୍ରତିରୂପ, ଏହା ମୁସଲମାନମାନେ ହୃଦୟଙ୍ଗମ କରିବା ଉଚିତ ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି ସମାଲୋଚନା କରିଛନ୍ତି।



ଉତ୍ତରପ୍ରଦେଶରେ ଅପରାଧୀମାନେ ଖୋଲାଖୋଲି ଅପରାଧ ଘଟାଇ ଚାଲିଛନ୍ତି। ରାଜ୍ୟ ସରକାର ଏମାନଙ୍କ ପାଖରେ ନିଜକୁ ଆତ୍ମସମର୍ପଣ କରିଦେଇ ନାହାନ୍ତି ତ?
-ପ୍ରିୟଙ୍କା ଗାନ୍ଧୀ,
କଂଗ୍ରେସ ସାଧାରଣ ସମ୍ପାଦକ

## ଜି-୨୦ ସମ୍ମିଳନୀରେ ଭାରତର କଠୋର ଆଭିମୁଖ୍ୟ

# ପଳାତକ ଅପରାଧୀଙ୍କୁ ଅଙ୍କୁଶ ଲଗାଅ

ଓସାକା,୨୯।୬(ପି.ଟି.)

ପଳାତକ ଆର୍ଥିକ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜି-୨୦ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀରେ ଭାରତ ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଅନ୍ତର୍ଜାତୀୟ ଫୋରମ୍‌ରେ ଏହି ପ୍ରସଙ୍ଗ ଉଠାଇ ଆସୁଥିବା ଜି୨୦ ସମ୍ମିଳନୀରେ ଭାରତର ଶେରପା ଥିବା ସୁରେଶ ପ୍ରଭୁ ଶନିବାର କହିଛନ୍ତି। ଟିକସ ଫାଙ୍କି, ଦୁର୍ନୀତି, ଆର୍ଥିକ ଅପରାଧ, ଏବଂ ଦେଶ ଛାଡ଼ି ପଳାଇଯାଉଥିବା ଅପରାଧୀମାନଙ୍କ ବିରୋଧରେ କଠୋର ଆଇନ ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଭାରତ ଅନ୍ତର୍ଜାତୀୟ ସଂଗଠନଗୁଡିକରେ ଜୋରଦାର ଦାବି କରିଆସୁଛି ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଭୁ ସୂଚନା ଦେଇଛନ୍ତି। ଡିଜିଟାଲ ଅର୍ଥନୀତି ସମ୍ପର୍କିତ ଓସାକା ଘୋଷଣାନାମାରେ ଭାରତ କାହିଁକି ଯୋଗଦେଲା ନାହିଁ ପ୍ରଶ୍ନର ଉତ୍ତରରେ ପ୍ରଭୁ କହିଥିଲେ, ଏହାର କାରଣ ସମ୍ପର୍କରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ଅବଗତ କରାଯାଇଛି। ଭାରତ ଡିଜିଟାଲ ଅର୍ଥନୀତିରେ ବିଶ୍ୱାସ କରେ ଏବଂ ଏଥିପାଇଁ ନିକଟ ଅତୀତରେ ଅନେକ ପଦକ୍ଷେପ ଗ୍ରହଣ କରିଛି।

ଜି-୨୦ ସମ୍ମିଳନୀ ପାଇଁ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଶେଷ ଦିନରେ ୬ଟି ଦେଶର ନେତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି। ଶନିବାର ଇଣ୍ଡୋନେସିଆ, ବ୍ରାଜିଲ୍, ତୁର୍କୀ, ଅଷ୍ଟ୍ରେଲିଆ, ସିଙ୍ଗାପୁର ଓ ଚିଲିର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଏଥିରେ ବାଣିଜ୍ୟ, ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମ, ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା ଏବଂ କ୍ରୀଡ଼ା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ପ୍ରଥମେ ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କୁ ଭେଟି ଆଲୋଚନା କରିଥିଲେ। ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା ନେଇ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ଉଭୟ ନେତା ରାଜି ହୋଇଥିଲେ। ଏହା ପରେ ସେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସହ ବାଣିଜ୍ୟ, ପୁଞ୍ଜିନିବେଶ, କୃଷି, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବ ଇନ୍ଧନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ତୁର୍କୀ ରାଷ୍ଟ୍ରପତି ରେସେପ୍ ଟାୟିପ୍ ଏର୍ଦୋଗାନଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦୁଇଦେଶର ବନ୍ଧୁତାରେ ଯଥେଷ୍ଟ ଉନ୍ନତି ହୋଇଥିବା ଉଭୟ ନେତା କହିଥିଲେ।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍‌ଙ୍କ ସହ ବୈଠକ ବେଳେ କ୍ରୀଡ଼ା, ଖଣି ପ୍ରଯୁକ୍ତି, ପ୍ରତିରକ୍ଷା ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସହଯୋଗ ନେଇ ଆଲୋଚନା ହୋଇଥିଲା। ମୋଦି କେତେ ଭଲ ବୋଲି ମୋରିସନ୍ ହିନ୍ଦୀରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରି କହିଥିଲେ। ଦୁଇ ନେତା ଏକାଠି ଉଠାଇଥିବା ସେଲ୍‌ଫିକୁ ମୋରିସନ ଟୁଇଟ୍ କରିଛନ୍ତି। ଏହାପରେ ମୋଦି ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲି ସିଏନ୍ ଲୁଙ୍ଗ ଏବଂ ଚିଲି ରାଷ୍ଟ୍ରପତି ସେବାଷ୍ଟିଆନ୍ ପିନେରାଙ୍କ ସହ ଭାବ ବିନିମୟ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଥିଲେ।

ଶୁକ୍ରବାର ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସମେତ ଅନ୍ୟ ନେତାମାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



ନରେନ୍ଦ୍ର ମୋଦିଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ସେଲ୍‌ଫି ନେଇ ଟୁଇଟ୍ କରିଛନ୍ତି।

**ଶେଷ ଦିନରେ ୬ ଦ୍ୱିପାକ୍ଷିକ ଆଲୋଚନା**

## ପ୍ୟାରିସ୍ ଜଳବାୟୁ ଚୁକ୍ତି

# ଆମେରିକା ବ୍ୟତୀତ ସବୁ ଜି୨୦ ରାଷ୍ଟ୍ରଙ୍କ ସମର୍ଥନ

ଓସାକା,୨୯।୬(ପି.ଟି): ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ଶନିବାର ଜି-୨୦ ରାଷ୍ଟ୍ରଗୋଷ୍ଠୀର ୧୯ ସଦସ୍ୟ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କେବଳ ଆମେରିକା ଏହାକୁ ସମର୍ଥନ କରିନାହିଁ। ଜାପାନର ଓସାକା ସହରରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ବିଶ୍ୱନେତାମାନେ ଭାଗ ନେଇ ଜଳବାୟୁ ପରିବର୍ତ୍ତନ ରାଜିନାମା କାର୍ଯ୍ୟକାରୀ କରିବାକୁ ସହମତି ପ୍ରକାଶ କରିଥିଲେ। ଗତବର୍ଷ ମଧ୍ୟ ଆର୍ଜେଣ୍ଟିନାରେ ଅନୁରୂପ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏହା ଆମେରିକାର କର୍ମଚାରୀ ଓ ଟିକସଦାତାଙ୍କ ପାଇଁ ହାନିକାରକ ଦର୍ଶାଇ ପ୍ୟାରିସ୍ ଚୁକ୍ତିରୁ ଓହରିଯିବା ନିଷ୍ପତ୍ତିରେ ୱାଶିଂଟନ ଅଟଳ ରହିଥିଲା।

ଜଳବାୟୁ ପରିବର୍ତ୍ତନରୁ ରକ୍ଷା ପାଇବାକୁ ହେଲେ ଜି୨୦ ରାଷ୍ଟ୍ରସମୂହ ସ୍ମାର୍ଟ ସିଟି, ପରିବେଶକୁ ସ୍ୱଚ୍ଛ ରଖିବା ପ୍ରଯୁକ୍ତି ଉପରେ ଜୋର ଦେବାକୁ ହେବ। ଏଥିପାଇଁ ଅନେକ ସ୍ୱଚ୍ଛତାଭିତ୍ତିକ ପଦକ୍ଷେପ ନେବାକୁ ହେବ ବୋଲି ଚୂଡାନ୍ତ ଦସ୍ତାବିଜ୍‌ରେ କୁହାଯାଇଛି। ବୁଏନୋସ୍ ଏୟାର୍ସ ଏବଂ ହମବର୍ଗରେ ପୂର୍ବରୁ ହୋଇଥିବା ଘୋଷଣାନାମା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ବିରୋଧରେ କାର୍ଯ୍ୟକ୍ରମମାନ ଜାରି ରଖିବା ଲାଗି ୧୯ଟି ସଦସ୍ୟ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।



ଅମରନାଥ ଯାତ୍ରା ଲାଗି ନାମ ପଞ୍ଜୀକରଣ କରିବାକୁ ଜମ୍ମୁ ବେସ୍ କ୍ୟାମ୍ପରେ ସାଧୁମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।

## ଜିଦ୍‌ରେ ଅଟଳ ରାହୁଲ

# ୟୁପିରେ ୩୫ କଂଗ୍ରେସ ନେତାଙ୍କ ଇସ୍ତଫା

ଲକ୍ଷ୍ନୌ, ୨୯।୬

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରଠାରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦରୁ ଇସ୍ତଫା ଦେବା ଲାଗି ଅଡ଼ି ବସିଛନ୍ତି। ପଛକୁ ଫେରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ହେଲେ ଦଳୀୟ କର୍ମକର୍ତ୍ତାମାନେ ରାହୁଲଙ୍କ ପ୍ରତି ଆସ୍ଥାରଖି ସେ ହିଁ ଦଳର ଅଧ୍ୟକ୍ଷ ରହିବେ ବୋଲି ଜିଦ୍‌ରେ ଅଟଳ ଅଛନ୍ତି।

ଉତ୍ତରପ୍ରଦେଶରେ ଦଳର ଶୋଚନୀୟ ପରାଜୟ କଂଗ୍ରେସ ନେତାଙ୍କୁ ହତୋତ୍ସାହିତ କରିପକାଇଛି। ଏନେଇ ପ୍ରଦେଶ କଂଗ୍ରେସ କମିଟିର ୩୫ ନେତା ଶନିବାର ଇସ୍ତଫା ଦେଇଛନ୍ତି। ପ୍ରଦେଶ କଂଗ୍ରେସର ଉପସଭାପତି ରଞ୍ଜିତ ସିଂ, ସାଧାରଣ ସମ୍ପାଦକ ଆରାଧନା ମିଶ୍ର ମୋନା, ଉପସଭାପତି ଆର୍.ପି. ତ୍ରିପାଠୀ ପ୍ରମୁଖ ନିର୍ବାଚନରେ ଦଳର ପରାଜୟ ଲାଗି ନୈତିକତା ଦୃଷ୍ଟିରୁ ଶନିବାର ଇସ୍ତଫା ଦେଇଛନ୍ତି। ଏଭଳି ଇସ୍ତଫା ସୁଅ ଆଗକୁ ଜାରି ରହିବ ବୋଲି ଜଣାପଡ଼ିଛି। ପୂର୍ବରୁ ପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ୍ ବବର ନିଜ ପଦରୁ ଇସ୍ତଫା ଦେଇଥିଲେ।

କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି, ପ୍ରଦେଶ କଂଗ୍ରେସର ବହୁ ନେତା ଇସ୍ତଫା ଦେଇଥିଲେ ହେଁ ରାହୁଲ ନିଜ ପଦରେ ରହିବା ଲାଗି ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ କଂଗ୍ରେସ ନେତା ଦୀପକ ବାବରିଆ, ଗୋଆ କଂଗ୍ରେସ ମୁଖ୍ୟ ଗିରୀଶ ଚୋଡନ୍‌କର, ଦିଲ୍ଲୀ ପିସିସି କାର୍ଯ୍ୟକାରୀ ସଭାପତି ରାଜେଶ ଲିଲୋଥିଆ ଓ ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପୋନାମ ପ୍ରଭାକର ପ୍ରମୁଖ ନିଜ ପଦରୁ ଇସ୍ତଫା ଦେଇସାରିଛନ୍ତି।



ମହାରାଷ୍ଟ୍ରର ଠାଣେରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଦବିଯାଇଛି।

# ସରକାରୀ ବାସଭବନ ଛାଡ଼ିଲେ ସୁଷମା

ନୂଆଦିଲ୍ଲୀ, ୨୯।୬

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ ନୂଆଦିଲ୍ଲୀର ସଫ୍‌ଦର୍‌ଜଙ୍ଗ୍ ଲେନ୍-୮ରେ ଥିବା ନିଜ ସରକାରୀ ବାସଭବନକୁ ଶନିବାର ଖାଲି କରିଛନ୍ତି। ଏଠାର ପୁରୁଣା ଠିକଣା ଓ ଫୋନ ନମ୍ବରରେ ମୋ ସହ ଆଉ ଯୋଗାଯୋଗ ହୋଇପାରିବନି ବୋଲି ସୁଷମା ଟୁଇଟ୍ କରି ଦର୍ଶାଇଛନ୍ତି। ପ୍ରକାଶଥାଉ କି, ଗତ ସାଧାରଣ ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ନ ଥିଲେ। ଗତବର୍ଷ ନଭେମ୍ବରରେ ସେ ୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଥିଲେ। ନିୟମାନୁଯାୟୀ ଲୋକ ସଭା ଭଙ୍ଗ ହେବାର ମାସକ ମଧ୍ୟରେ ପୂର୍ବତନ ସାଂସଦମାନେ ସେମାନଙ୍କ ସରକାରୀ ବଙ୍ଗଳା ଖାଲିକରିବା ଉଚିତ। ଗତ ମେ ୨୫ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ୟାବିନେଟ ଅନୁମୋଦନ କ୍ରମେ ଷୋଡ଼ଶ ଲୋକ ସଭା ଭଙ୍ଗ କରିଥିଲେ।



## କଂଗ୍ରେସ ନେତା ବିକାଶ ଚୌଧୁରୀ ହତ୍ୟା ମାମଲା

# ଗଠନ ହେଲା ଏସ୍‌ଆଇଟି: ୨ ଗିରଫ

ଚଣ୍ଡିଗଡ଼, ୨୯।୬ (ପି.ଟି.)

ହରିୟାଣା କଂଗ୍ରେସ ନେତା ବିକାଶ ଚୌଧୁରୀ ହତ୍ୟା ମାମଲାରେ ଶନିବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଗ୍ୟାଙ୍ଗଷ୍ଟର କୌଶଲ୍‌ଙ୍କ ସ୍ତ୍ରୀ ରୋଶ୍‌ନୀ ଓ ତାଙ୍କ ଚାକର ନରେଶ ଅଛନ୍ତି । ରୋଶ୍‌ନୀ ଓ ନରେଶ ଅଭିଯୁକ୍ତଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାରକୁ ପୋଲିସ ଜବତ କରିଥିବା ଜଣାପଡ଼ିଛି। ଟଙ୍କାକୁ ନେଇ ବିକାଶ ଓ କୌଶଲଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ପୋଲିସ କହିଛି।



ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଶନିବାର ଡିଜିପି ମନୋଜ ଯାଦବ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫରିଦାବାଦ୍‌ରେ ଗତ ଜୁନ୍ ୨୭ରେ କଂଗ୍ରେସ ନେତା ବିକାଶଙ୍କୁ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ତୀବ୍ର ନିନ୍ଦା କରିବା ସହ ଉପଯୁକ୍ତ ତଦନ୍ତ କରିବା ଲାଗି ଦାବି କରିଥିଲେ।

## ଇରାନ- ଆମେରିକା ଉତ୍ତେଜନା ବଢୁଛି

# କାତାରରେ ଏଫ୍-୨୨ ଯୁଦ୍ଧବିମାନ

ୱାଶିଂଟନ,୨୯।୬(ଏଏଫ୍‌ପି)

ଇରାନ-ଆମେରିକା ବିବାଦ ବଢ଼ିବାରେ ଲାଗିଛି। ପ୍ରଥମ ଥର ଲାଗି ଆମେରିକା କାତାରରେ ଏହାର ଏଫ୍-୨୨ ଲଢୁଆ ବିମାନ ମୁତୟନ କରିଛି। ଆମେରିକା ସ୍ୱାର୍ଥର ସୁରକ୍ଷା ଲାଗି ଯୁଦ୍ଧବିମାନ ମୁତୟନ କରାଯାଇଥିବା ଏହାର ବାୟୁସେନା କେନ୍ଦ୍ରୀୟ ମିଲିଟାରୀ କମାଣ୍ଡ କହିଛନ୍ତି। କାତାର ଅଲ୍ ଉଦେଇଦ୍ ଏୟାରବେସ୍ ଉପରେ ୫ଟି ଲଢୁଆ ବିମାନ ଉଡୁଥିବା ଦେଖାଯାଇଛି। ଉପସାଗରୀୟ ଜଳରାଶିରେ ଉଡୁଥିବା ଆମେରିକାର ଏକ ଗୋଇନ୍ଦା ଡ୍ରୋନ୍‌କୁ ଇରାନ ଖସାଇଦେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ପାରସ୍ୟ ଉପସାଗରରେ ତୈଳବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣ ପାଇଁ ୱାଶିଂଟନ ତେହେରାନକୁ ଦାୟୀ କରିଥିଲା।



# ହୁଗ୍‌ଲୀରେ ଟିଏମ୍‌ସି ନେତାଙ୍କୁ ହତ୍ୟା

କୋଲକାତା,୨୯।୬(ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ହୁଗ୍‌ଲୀ ଜିଲାରେ ଶନିବାର ସକାଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବଣ୍ଡେଲ ଜଙ୍କ୍‌ସନ ରେଳଷ୍ଟେଶନରେ ପୂର୍ବାହ୍ନ ୧୦ଟାବେଳେ ସ୍ଥାନୀୟ ଟିଏମ୍‌ସି ନେତା ଦିଲୀପ ରାମ୍ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ କେତେଜଣ ଅଜଣା ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ଦିଲୀପଙ୍କ ସ୍ତ୍ରୀ ପଞ୍ଚାୟତ ସରପଞ୍ଚ ଅଛନ୍ତି। ତାଙ୍କ ହତ୍ୟା ପ୍ରତିବାଦରେ ତୃଣମୂଳ କଂଗ୍ରେସ କର୍ମୀମାନେ ରବିବାର ଚିନ୍‌ସୁରା ସହରରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି।

ଦିଲୀପ ଜଣେ ରେଳ କର୍ମଚାରୀ ଓ ଉତ୍ତର ୨୪ ପ୍ରଗଣା ଜିଲାର ନୈହାଟିଠାରେ କାର୍ଯ୍ୟରତ ଥିଲେ। ପ୍ରତିଦିନ ସେ ଘରୁ କାର୍ଯ୍ୟସ୍ଥଳକୁ ଟ୍ରେନ୍ ଯୋଗେ ଯାତାୟାତ କରୁଥିଲେ। ଗୁଳିକାଣ୍ଡ ପରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ଓ ପରେ କୋଲକାତା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି।


**୨୪ ଘଣ୍ଟିଆ ବନ୍ଦ ଡାକରା**

## ଇତିହାସର ଆଇନାରେ

### ଜୁନ୍ ୩୦ର ପ୍ରମୁଖ ଘଟଣା

୨୦୧୩ ଜୁନ୍ ୩୦ରେ ଆରିଜୋନାର ୟାରନେଲ୍‌ରେ ନିଆଁ ଲିଭାଉଥିବାବେଳେ ୧୯ ଅଗ୍ନିଶମ କର୍ମଚାରୀଙ୍କ ପ୍ରାଣହାନି ଘଟିଥିଲା। ଆମେରିକାର ଆରିଜୋନାର ୟାଭାପାଇ କାଉଣ୍ଟିରେ ୟାରନେଲ୍ ହେଉଛି ଏକ ଜନାକୀର୍ଣ୍ଣ ଅଞ୍ଚଳ। ୟାରନେଲ୍‌ର ଅର୍ଥନୀତି ଖଣି ଓ ପରିବହନ ଉପରେ ନିର୍ଭର କରେ। ୩ ମାଇଲ ଦୂରରେ ଥିବା ପିପଲ୍ସ ଭ୍ୟାଲି ସହ ୟାରନେଲ୍ ଗଭୀର ଭାବରେ ଜଡିତ।

୨୦୧୫ ଜୁନ୍ ୩୦ରେ ହର୍କୁଲେସ୍ ସି-୧୩୦ ସାମରିକ ବିମାନ ମେଡାନ୍‌ର ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୧୩୦ ଯାତ୍ରୀଙ୍କ ମଧ୍ୟରୁ ୧୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ଲକହିଡ୍ ସି-୧୩୦ ହର୍କୁଲେସ୍ ହେଉଛି ଏକ ଆମେରିକୀୟ ସାମରିକ ବିମାନ। ଏହା ୪ ଇଞ୍ଜିନ ବିଶିଷ୍ଟ। ଲକହିଡ୍ ମାର୍ଟିନ୍ କମ୍ପାନୀ ଦ୍ୱାରା ଏହାର ଡିଜାଇନ୍ ପ୍ରସ୍ତୁତ ସହ ନିର୍ମାଣ କରାଯାଇଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହିତ ଅପରାହ୍ନରେ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୬.୬ |
| ଚାନ୍ଦବାଲି | ୩୩.୭ | ୨୮.୦ |
| କଟକ | ୩୩.୪ | ୨୫.୨ |
| ପାରାଦ୍ୱୀପ | ୩୩.୧ | ୨୮.୯ |
| ଭୁବନେଶ୍ୱର | ୩୩.୦ | ୨୬.୫ |
| ଗୋପାଳପୁର | ୩୨.୮ | ୨୭.୧ |
| ପୁରୀ | ୩୨.୬ | ୨୮.୦ |
| ଅନୁଗୋଳ | ୩୩.୭ | ୨୪.୬ |
| ବାରିପଦା | ୩୬.୬ | ୨୮.୬ |
| ଝାରସୁଗୁଡ଼ା | ୩୬.୬ | ୨୫.୨ |
| କେନ୍ଦୁଝର | ୩୪.୦ | ୨୬.୫ |
| ସମ୍ବଲପୁର | ୩୪.୪ | ୨୭.୫ |
| ସୁନ୍ଦରଗଡ଼ | ୩୬.୦ | ୨୦.୦ |
| ହୀରାକୁଦ | ୩୪.୧ | ୨୮.୦ |
| ତାଳଚେର | ୩୬.୩ | ୨୫.୫ |
| ଭବାନୀପାଟଣା | --- | ୨୮.୦ |
| ବଲାଙ୍ଗୀର | ୩୪.୦ | ୨୬.୦ |
| କୋରାପୁଟ | ୨୬.୦ | ୧୯.୨ |
| ଫୁଲବାଣୀ | ୩୧.୦ | ୨୫.୩ |
| ଟିଟିଲାଗଡ଼ | ୩୪.୦ | ୨୫.୫ |
| ମାଲକାନଗିରି | ୩୦.୫ | ୧୮.୬ |
| ସୋନପୁର | ୩୩.୬ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

# ଅଯୋଧ୍ୟା, ରାଫାଲ ମାମଲାର ଶୁଣାଣି ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୨୯।୬(ପି.ଟି.)


ଦୀର୍ଘ ୬ ସପ୍ତାହର ଗ୍ରୀଷ୍ମାବକାଶ ପରେ ଜୁଲାଇ ୧ରୁ ସୁପ୍ରିମକୋର୍ଟ ଖୋଲୁଥିବାବେଳେ ଅଯୋଧ୍ୟା ଜମି ବିବାଦ, ରାଫାଲ ମାମଲାର ରିଭ୍ୟୁ ପିଟିଶନ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଦାଲତ ଅବମାନନା ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକୁ ଶୁଣାଣି କରାଯିବ ବୋଲି ଜଣାପଡିଛି। ରାଫାଲ ମାମଲା ରିଭ୍ୟୁ ପିଟିଶନର ରାୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ଫ୍ରାନ୍ସରୁ ୩୬ଟି ରାଫାଲ ଯୁଦ୍ଧବିମାନ କିଣା ରାଜିନାମାକୁ ଚ୍ୟାଲେଞ୍ଜ କରି ଦାଏର ସମସ୍ତ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉକ୍ତ ରାୟର ସମୀକ୍ଷା ଲାଗି ଆବେଦନ କରିଥିଲେ।

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି 'ଚୌକିଦାର ଚୋର ହେଁ' ମନ୍ତବ୍ୟକୁ ଅଦାଲତ ଭୁଲ୍ ତର୍ଜମା କରିଛନ୍ତି ବୋଲି କହିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ଅଦାଲତ ଅବମାନନା ଅଭିଯୋଗ ଆଣିଥିଲେ। ରାହୁଲ ଇତିମଧ୍ୟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ମାମଲା ବନ୍ଦ କରିଦେବା ଲାଗି ଅନୁରୋଧ କରିସାରିଛନ୍ତି। ସିଜେଆଇଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ।



ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ନେତୃତ୍ୱରେ ତିନିଜଣିଆ ମଧ୍ୟସ୍ଥତା କମିଟି ଗଠନ କରାଯାଇଥିଲା। ଏଥିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଥିଲେ। ଉକ୍ତ କମିଟିକୁ ଅଗଷ୍ଟ ୧୫ ସୁଦ୍ଧା ବିଭିନ୍ନ ପକ୍ଷର ମତାମତ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲା। ସିଜେଆଇଙ୍କ ନେତୃତ୍ୱରେ ୫ ଜଣିଆ ଖଣ୍ଡପୀଠ ଉକ୍ତ ରିପୋର୍ଟରେ ତର୍ଜମା କରି ମାମଲା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି।

ଏତଦ୍‌ବ୍ୟତୀତ ବିଦେଶୀ ଅନୁଦାନ ଗ୍ରହଣ ଓ ଏହାର ବ୍ୟବହାରରେ ନିୟମ ଉଲ୍ଲଂଘନ କରିଥିବା ଆଇନଜୀବୀ ଇନ୍ଦିରା ଜୟସିଂ, ଆନନ୍ଦ ଗ୍ରୋଭର ଏବଂ ସେମାନଙ୍କ ଏନ୍‌ଜିଓ 'ଲୟର୍ସ କଲେକ୍ଟିଭ୍' ବିରୋଧରେ ତଦନ୍ତ ଲାଗି ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଧ୍ୟ ହେବ। ସେହିପରି ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଏବଂ ସେଠାର ନାଗରିକଙ୍କୁ ସ୍ୱତନ୍ତ୍ର ଅଧିକାର ଓ ସୁବିଧା ଦେଉଥିବା ଧାରା ୩୫ଏ'ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରାଯିବ।




■ ପ୍ରଶାସନିକସ୍ତରରେ ଅଦଳବଦଳ

# ବଦଳିଲେ ସୁନ୍ଦରଗଡ଼, ଢେଙ୍କାନାଳ, ସୋନପୁର ଜିଲାପାଳ

■ ବିବାଦୀୟ ରଶ୍ମିତାଙ୍କୁ ଗୁରୁଦାୟିତ୍ୱ
■ ନିଖିଲ ପୱନ କଲ୍ୟାଣ ସୁନ୍ଦରଗଡ଼, ଭୂମେଶ ଢେଙ୍କାନାଳ ଜିଲାପାଳ
■ ମୋନିଶା ହେଲେ ସୋନପୁର ଜିଲାପାଳ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ରାଜ୍ୟ ସରକାର ଶନିବାର ପ୍ରଶାସନିକସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୦୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ରାଜେଶ ପୂର୍ବରୁ ନିଯୁକ୍ତି ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ)ଭାବେ କାର୍ଯ୍ୟ କରୁଥିଲେ। ରାଜେଶଙ୍କ ସ୍ଥାନରେ ସୁନ୍ଦରଗଡ଼ ଜିଲାପାଳ ଥିବା ରଶ୍ମିତା ପଣ୍ଡାଙ୍କୁ ନିୟୋଜନ ନିର୍ଦ୍ଦେଶକ ତଥା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ଭାବେ ନିଯୁକ୍ତି ଦିଆଯାଇଛି। କିଛିଦିନ ତଳେ ସୂଚନା ଅଧିକାର ଆଇନ ଜରିଆରେ ଏକ ତଥ୍ୟ ମିଳିଥିଲା। ଏହି ତଥ୍ୟରେ ରଶ୍ମିତା ନିଜ ସରକାରୀ କ୍ୱାର୍ଟର୍ସ ମରାମତି ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଥିଲା। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିଲା। କରଦାତାଙ୍କ ଅର୍ଥକୁ ଅଯଥା ଖର୍ଚ୍ଚ କରିଥିବାକୁ ରଶ୍ମିତାଙ୍କ ବିରୋଧରେ ରାଜ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନେ କରାଯାଉଥିଲା। ହେଲେ ତାହା ହୋଇ ନାହିଁ। ଓଲଟି ରଶ୍ମିତାଙ୍କୁ ଜିଲାପାଳ ପଦବୀରୁ ଅପସାରଣ କରାଯାଇ ରାଜ୍ୟ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି। ଏହାକୁ ନେଇ ରାଜଧାନୀରେ ଭିନ୍ନ ଚର୍ଚ୍ଚା ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲାପାଳ ଥିବା ନିଖିଲ ପୱନ କଲ୍ୟାଣଙ୍କୁ ସୁନ୍ଦରଗଡ ଜିଲାପାଳଭାବେ ବଦଳି କରାଯାଇଛି। ୨୦୧୩ ବ୍ୟାଚ୍‌ର ମୋନଶା ବାନାର୍ଜୀଙ୍କୁ ସୋନପୁର ଜିଲାପାଳଭାବେ ବଦଳି କରାଯାଇଛି। ମୋନିଶା ବର୍ତ୍ତମାନ ଗୃହ ବିଭାଗର ଉପସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଓଏଏସ୍ ଅଫିସର ତଥା ସୁନ୍ଦରଗଡ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଭୂମେଶ ଚନ୍ଦ୍ର ବେହେରାଙ୍କୁ ଢେଙ୍କାନାଳ ଜିଲାପାଳଭାବେ ନୂତନ ନିଯୁକ୍ତି ଦିଆଯାଇଛି।

■ ଏକ ରାଷ୍ଟ୍ର, ଏକ ରାଶନ କାର୍ଡ ଲାଗୁ

# ରାଜ୍ୟଗୁଡ଼ିକୁ ବର୍ଷେ ମିଳିଲା

**ନୂଆଦିଲ୍ଲୀ,୨୯।୬**

କେନ୍ଦ୍ର ସରକାର ସାରା ଦେଶରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ରାଜ୍ୟ ସରକାରଗୁଡ଼ିକୁ ଏଥିପାଇଁ ଆସନ୍ତାବର୍ଷ ଜୁନ୍ ୩୦ ଯାଏ ସମୟ ଦିଆଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରୁ ଶସ୍ତାରେ ରାଶନ କିଣିପାରିବେ। କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ,ତେଲେଙ୍ଗାନା ଏବଂ ତ୍ରିପୁରା ଭଳି ୧୦ ରାଜ୍ୟ ଏଥିପୂର୍ବରୁ (ପିଡିଏସ୍)ରେ ପୋର୍ଟେବିଲିଟି ଉପଲବ୍ଧ କରାଇଛନ୍ତି। ଆସନ୍ତାବର୍ଷ ଜୁନ୍ ୩୦ ସୁଦ୍ଧା ନୂଆ ବ୍ୟବସ୍ଥାକୁ ବିନା ବାଧାରେ ଲାଗୁ କରାଯିବ। କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ରାଜ୍ୟ ସରକାରଗୁଡ଼ିକୁ ପତ୍ର ଲେଖାଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ରାଶନ କାର୍ଡ ଜାଲିଆତି ବନ୍ଦ ହୋଇଯିବ ବୋଲି ପାଶ୍ୱାନ କହିଛନ୍ତି। ତାମିଲନାଡୁ, ପଞ୍ଜାବ, ଓଡ଼ିଶା ଓ ମଧ୍ୟପ୍ରଦେଶ ସମେତ ୧୧ ରାଜ୍ୟରେ ଇତିମଧ୍ୟରେ ରାଶନ ଦୋକାନରେ ପଏଣ୍ଟ ଅଫ୍ ସେଲ୍(ପିଓଏସ) ଲାଗୁ କରାଯାଇଥିବାରୁ ପଡି କାର୍ଡଧାରୀଙ୍କ ଲାଗି ନୂଆ ବ୍ୟବସ୍ଥା ଲାଗୁ କରିବା ସହଜ ହେବ। ମୋଦି ସରକାରଙ୍କ ୧୦୦ ଦିନର ଏଜେଣ୍ଡାରେ ଏହାକୁ ସାମିଲ କରାଯାଇଛି। ସୂଚନାଥାଉ କି, ୨୦୧୬ ନଭେମ୍ବରରେ ଦେଶରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରାଯାଇଥିଲା। ଏହା ଅଧୀନରେ ୮୦ କୋଟି ଲୋକଙ୍କୁ ରାଶନ କାର୍ଡ ଜରିଆରେ ଶସ୍ତା ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି।

# ଖିଲାପି ୨ଖଣି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆଦେଶ

**କେନ୍ଦୁଝର,୨୯।୬ (ସ୍ୱ.ପ୍ର.)**

ସୁପ୍ରିମକୋର୍ଟ ଆଦେଶକୁ ଖିଲାପ କରି ଜରିମାନା ପୈଠ କରି ନ ଥିବା ୭ ଖଣି ସଂସ୍ଥା ବିରୋଧରେ ଜିଲାପାଳଙ୍କ କୋର୍ଟରେ ଶନିବାର ଶୁଣାଣି ହୋଇଛି। ଜରିମାନା ଅର୍ଥ ପୈଠ କରି ନ ଥିବା ଅର୍ଜୁନ ଲୋଧା ଏବଂ ଏମ୍ଆର ଦାସ ଖଣି ସଂସ୍ଥା ବିରୋଧରେ କୋର୍ଟ ପକ୍ଷରୁ ସାର୍ଟିଫିକେଟ ଇସ୍ୟୁ କରାଯାଇଛି। ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଆଦେଶ କରାଯିବ ବୋଲି ଜଣାପଡିଛି। ବି.ଡି.ପଟ୍ଟନାୟକ ଖଣି ସଂସ୍ଥା ଶନିବାର ୨ କୋଟି ୨୦ ଲକ୍ଷ ଟଙ୍କା ପୈଠ କରିଥିବା ବେଳେ ଅଦ୍ୟାବଧି ସମୁଦାୟ ୩ କୋଟି ୧୫ ଲକ୍ଷ ଟଙ୍କା ଦେଇଛନ୍ତି। ଏହି ସଂସ୍ଥାକୁ ଅନ୍ୟ ବକେୟା ଅର୍ଥ ପୈଠ ପାଇଁ ୧୫ ଦିନ ସମୟ କୋର୍ଟ ପକ୍ଷରୁ ଦିଆଯାଇଛି। ଅନ୍ୟପକ୍ଷେ ମିନେରାଲ ଟ୍ରେଡିଂ ସେଣ୍ଟର ୧ ଲକ୍ଷ ଟଙ୍କା ପୈଠ କରିଥିବାରୁ ଏହି ଖଣି ସଂସ୍ଥାକୁ ଆଉ ୭ ଦିନ ସମୟ ଦିଆଯାଇଛି। ଉଭୟ ସଂସ୍ଥା ନିର୍ଦ୍ଧାରିତ ସମୟରେ ବକେୟା ଅର୍ଥ ଜମା ନ କଲେ ସେମାନଙ୍କ ବିରୋଧରେ ସାର୍ଟିଫିକେଟ ଇସ୍ୟୁ କରାଯାଇ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ କୋର୍ଟ ଆଦେଶ କରିବ ବୋଲି ଜଣାପଡିଛି। ସର୍ବୋଚ୍ଚ ଅଦାଲତରେ ମାମଲା ଥିବାରୁ ମେସ୍କୋର ଦୁଇଟି ଖଣିର ମାମଲାର ଶୁଣାଣି ଜୁଲାଇ ୨୬ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା ଜଣାପଡିଛି। ଅନ୍ୟତମ ଖିଲାପି ଫେକର କମ୍ପାନୀ ଦେବାଳିଆ ଘୋଷଣା ହୋଇଥିବାରୁ ତା ବିରୋଧରେ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ପରବର୍ତ୍ତୀ ସମୟରେ ଘୋଷିତ ଅଧିକାରୀଙ୍କଠାରୁ ଅନୁମତି ମିଳିବା ପରେ ପଦକ୍ଷେପ ନିଆଯିବ। ପରବର୍ତ୍ତୀ ଶୁଣାଣି ଆସନ୍ତା ଶନିବାର ହେବ ବୋଲି ଜଣାପଡିଛି।

# ନାଇଜେରିଆରୁ ମୁକୁଳିଲେ ଓଡ଼ିଆ ନାବିକ ସୁଦୀପ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ନାଇଜେରିଆରେ ପଣବନ୍ଦୀ ଥିବା ୫ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହଯୋଗରେ ମୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସୁଦୀପ ଚୌଧୁରୀ ନାମକ ଜଣେ ଓଡ଼ିଆ ନାବିକ ଅଛନ୍ତି। ସେମାନେ ସୁରକ୍ଷିତଭାବେ ମୁକ୍ତ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ନାବିକ ସୁଦୀପଙ୍କ ବାପା ପ୍ରଦୀପ୍ତ କୁମାର ଚୌଧୁରୀ ପ୍ରଥମେ ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସୁଦୀପଙ୍କ ସମେତ ହରିୟାଣାର ଅଙ୍କିତ ହୁଡା, ମହାରାଷ୍ଟ୍ରର ଚିରାଗ ଯାଦବ, ଆନ୍ଧ୍ରପ୍ରଦେଶର ଅବିନାଶ ରେଡ୍ଡୀ ଏବଂ ମୁଗୁ ରବି ମଧ୍ୟ ପଣବନ୍ଦୀ ହୋଇଥିଲେ। ଏମାନଙ୍କ ବିଷୟରେ ଧର୍ମେନ୍ଦ୍ର ଜୟଶଙ୍କରଙ୍କ ଦୃଷ୍ଟିଆକର୍ଷଣ କରି ସେମାନଙ୍କ ମୁକ୍ତି ପାଇଁ ସହଯୋଗ ଲୋଡିଥିଲେ।












## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଅରଶୁ
ପରିବାରବର୍ଗ


ଗାଜି
ପରିବାରବର୍ଗ


ଅସ୍‌ଲାନ୍
ପରିବାରବର୍ଗ


ରାମିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬୩ ଲକ୍ଷ ସହାୟତା

ଭୁବନେଶ୍ୱର,୨୯।୬(ବ୍ୟୁରୋ)- ଫନୀ ଦୁର୍ଗତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଶନିବାର ପ୍ରାୟ ୧୨ଟି ସଂସ୍ଥା ପକ୍ଷରୁ ପ୍ରାୟ ୬୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଚେନ୍ନାଇସ୍ଥିତ ସୁନ୍ଦରମ୍ ଫାଇନାନ୍ସ ଲିଃ ପକ୍ଷରୁ ୨୫ ଲକ୍ଷ ଟଙ୍କା, ବରଗଡ ଜିଲାର ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀମାନଙ୍କ ପକ୍ଷରୁ ୮,୫୦,୦୦୦ ଟଙ୍କା, ଓଡ଼ିଶା ଜନସ୍ୱାସ୍ଥ୍ୟ ଇଂଜିନିୟରିଂ ସଂସ୍ଥା ପକ୍ଷରୁ ୫,୪୫,୭୯୪ ଟଙ୍କା, ରାଉରକେଲାସ୍ଥିତ ଆଇଡିଏଲ୍ ଏକ୍ସପୋଲସିଭ୍ ଲିଃ ପକ୍ଷରୁ ୫ ଲକ୍ଷ ଟଙ୍କା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଉଚ୍ଚରାଶିରେ ଚନ୍ଦ୍ର ଥିବାରୁ ଖୁସି ମନରେ କାମ କରିବେ ଏବଂ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇ ମନର ଦୁଃଖକୁ ଲାଘବ କରିବାରେ ସମର୍ଥ ହେବେ। ତଥାପି କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** ବନ୍ଧୁଙ୍କୁ ଦେଇଥିବା ଅର୍ଥପ୍ରାପ୍ତିରେ ବିଳମ୍ବ କଳହର କାରଣ ପାଲଟି ଯାଇପାରେ। ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିପାରେ। ବନ୍ଧୁଙ୍କ କାମରେ ସହଯୋଗକରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମିଥୁନ** ଏକାଧିକ ରାଶିରେ ରହିଥିବାରୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବହୁ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ବିଳମ୍ବରେ ସଫଳତା ପାଇବେ। ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

**କର୍କଟ** ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବା ସମ୍ଭାବନା ରହିଛି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନିଜର ବିଚକ୍ଷଣତା ପ୍ରଭାବରେ ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରୁ ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା** ଅତୀତ ଘଟଣାକୁ ମନରେ ସ୍ଥାନ ଦେଉଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ମନମୁଖି ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା, ସଭାସମିତିରେ ସଫଳତା ପାଇବେ।

**ଧନୁ** ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। ଯାତ୍ରା ସମୟରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ନୂତନ ଧାତୁ, ଅଳଙ୍କାର, ବସ୍ତ୍ରଭୂଷଣାଦି ଲାଭ କରିପାରନ୍ତି।

**ମକର** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ, କିନ୍ତୁ କାମ ଅଟକିବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ଅବଶ୍ୟ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ସରକାରୀ କାମରେ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଜାଣିଶୁଣି ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତ ରହିବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ଦେବଦର୍ଶନର ସୁଯୋଗ ପାଇବେ। ଅଯଥା ଗୁଡ଼ାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଆଷାଢ଼ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ରବିବାର, ଶ୍ରୀମନ୍ଦିରରେ ଅଣସର ଦ୍ୱାଦଶୀ ଓ ତ୍ରୟୋଦଶୀ, ଶ୍ରୀଜୀଉଙ୍କର ଘଣାଲାଗି, ଜୁନ୍ ୩୦ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ତିରୋଧାନ ଦିବସ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ରାଶି ନକ୍ଷତ୍ର- କୃତ୍ତିକା/ବୃଷ, ମେଷ ରାଶିର ଘାତବାର, ଦିବା ଘ୧୧।୦୮ମି. ଗତେ ରୋହିଣୀ ନକ୍ଷତ୍ର, ତ୍ରୟୋଦଶୀ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା।

## ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

### ଫାଣ୍ଡି ଘେରିଲେ ବସ୍ତିବାସିନ୍ଦା

**ରାଉରକେଲା ଅଫିସ,୨୯।୬**

ଜଣେ ଯୁବକଙ୍କୁ ଫାଣ୍ଡି ଅଧିକାରୀଙ୍କ ମାଡ଼ ପ୍ରତିବାଦରେ ଶନିବାର ସନ୍ଧ୍ୟାରେ ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଫାଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର ଅମାନବୀୟ ଆଚରଣରେ କ୍ଷୁବ୍ଧ ବସ୍ତିବାସିନ୍ଦା ଫାଣ୍ଡି ଘେରାଉ କରି ଏହାର ତଦନ୍ତ ଦାବି କରିଥିଲେ। ଆଇନଗତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ କାହିଁକି ଯୁବକଙ୍କୁ ନିର୍ମମ ମାଡ଼ ମରାଯାଇଛି ସେ ନେଇ ତଦନ୍ତ ଦାବି କରିଥିଲେ ବସ୍ତିବାସିନ୍ଦା। ପରେ ପ୍ଲାଣ୍ଟସାଇଟ ଥାନାକୁ ଆସି ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଉତ୍ୟକ୍ତ ଲୋକେ। ସୂଚନା ଅନୁସାରେ ଶୁକ୍ରବାର ରାତିରେ ଦୁଇଗୋଷ୍ଠୀ ଯୁବକଙ୍କ ମଧ୍ୟରେ କୌଣସି କାରଣରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ ରଞ୍ଜିତ ପ୍ରସାଦଙ୍କ ନାମରେ ଅଭିଯୋଗ କରିଥିଲେ ତାଙ୍କ ବିରୋଧୀ ଗୋଷ୍ଠୀ। ଶନିବାର ସକାଳେ ପୋଲିସ ରଞ୍ଜିତଙ୍କୁ ଫାଣ୍ଡିକୁ ଡାକି ତଦନ୍ତ ଆଳରେ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଖବର ପ୍ରଚାରିତ ପରେ ଶତାଧିକ ବସ୍ତିବାସିନ୍ଦା ସନ୍ଧ୍ୟାରେ ଫାଣ୍ଡି ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ମାଡ଼ ମାରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ହୋହଲ୍ଲା କରିଥିଲେ। ତେବେ ଅଭିଯୋଗକୁ ଫାଣ୍ଡି ଅଧିକାରୀ ଦିଲୀପ ମୁର୍ମୁ ଅସ୍ୱୀକାର କରିଛନ୍ତି। ପରସ୍ପର ମାରପିଟ ଯୋଗୁ ରଞ୍ଜିତ ଆହତ ହୋଇଥିବା ସେ କହିଛନ୍ତି।

# ୨ ବର୍ଷରେ ମେଟାଲ ଉଠି ରାସ୍ତା ବିପର୍ଯ୍ୟସ୍ତ

**ଯାଜପୁର ଅଫିସ,୨୯।୬**



### ନଗଡ଼ା ବିକାଶର ଓଲଟା ଚିତ୍ର

- ୮କି.ମି. ରାସ୍ତାକୁ ଖର୍ଚ୍ଚ ହୋଇଛି ୧୩ କୋଟି
- ନିମ୍ନମାନର କାର୍ଯ୍ୟ କରି କୋଟି କୋଟି ଟଙ୍କା ହଡ଼ପ
- କଷ୍ଟ ଭୋଗୁଛନ୍ତି ଜୁଆଙ୍ଗ ଆଦିବାସୀ
- ପୋତି ହେବାକୁ ବସିଛି ରାସ୍ତାପାର୍ଶ୍ୱ ଡ୍ରେନ

୨୦୧୬ରେ ପୁଷ୍ଟିହୀନତାର ଶିକାର ହୋଇ ୧୯ଜଣ ଶିଶୁଙ୍କ ମୃତ୍ୟୁ ଘଟିବା ଘଟଣାରେ ସାରା ରାଜ୍ୟ ତଥା ଦେଶରେ ଚର୍ଚ୍ଚାର ପରିସରକୁ ଆସିଥିଲା ଯାଜପୁର ଜିଲାର ପାହାଡ଼ ଘେରା ଗ୍ରାମ ନଗଡ଼ା। ଉକ୍ତ ଗ୍ରାମକୁ ଯିବାକୁ କୌଣସି ଗମନାଗମନର ସୁବିଧା ନ ଥିବାରୁ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଥିଲେ ବୋଲି ସେତେବେଳେ ପ୍ରଶାସନ ଅନୁଭବ କରିଥିଲା। ତେଣୁ ନଗଡ଼ାକୁ ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ସୁକିନ୍ଦା ବ୍ଲକ ଅଶୋକଝରଠାରୁ ଲୋୟର ନଗଡ଼ା ପର୍ଯ୍ୟନ୍ତ ୮.୧୦୦କିଲୋମିଟର ରାସ୍ତା ୧୩.୨୨କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଲା। ହେଲେ ରାସ୍ତା ନିର୍ମାଣର ୨ ବର୍ଷ ନ ପୂରୁଣୁ ମେଟାଲ ଉଠି ରାସ୍ତା ଜରାଜୀର୍ଣ୍ଣ ହେବା ସହିତ ଜୁଆଙ୍ଗ ଆଦିବାସୀଙ୍କ ପାଇଁ ଚାଲିବା କଷ୍ଟକର ହୋଇ ପଡ଼ିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କୋଟି କୋଟି ଟଙ୍କା ବାଟମାରଣା କରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ରାସ୍ତା କଡ଼ରେ ଖୋଳା ଯାଇଥିବା ଡ୍ରେନ ପୋତି ହେବାକୁ ବସିଛି। ଆଗାମୀ ଦିନରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରା ନ ଗଲେ ପୂରା ଧୋଇ ହୋଇଯିବାର ସମ୍ଭାବନା ରହିଛି। ରାସ୍ତାରୁ ମେଟାଲ ଉଠି ଖାଲଖମା ହୋଇଯାଇଥିବାରୁ ଲୋକେ ଗାଡ଼ି ଚଳାଚଳ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତେଣୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ରାସ୍ତାର ଏଭଳି ଅବସ୍ଥା ଉପରେ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୧୩ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ମାତ୍ର ୮.୧୦୦କି.ମି. ରାସ୍ତା ନିର୍ମାଣ ପାଇଁ ମୋଟା ଅଙ୍କର ଆବଣ୍ଟିତ ଅନୁଦାନକୁ ଦେଖି ବିଭାଗୀୟ ଅଧିକାରୀମାନେ ଉତ୍ସାହର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। କେବଳ ମୋରମ ଓ ମେଟାଲରେ ରାସ୍ତା ନିର୍ମାଣ କରି ଛାଡ଼ି ଦିଆଯାଇଥିଲା। ନଗଡ଼ାକୁ ଯିବା ସମୟରେ ରାସ୍ତାର ବାମ ପାର୍ଶ୍ୱରେ ଏକ ଡ୍ରେନ ଖୋଳା ଯାଇଥିଲା। ପାହାଡ଼ର ବର୍ଷାଜଳ ଏହି ଡ୍ରେନ୍‌ରେ ନିଷ୍କାସନ ହୋଇ ତଳକୁ ଗଡ଼ିଯିବାକୁ ଯୋଜନା ହୋଇଥିଲା। ହେଲେ ଡ୍ରେନ୍‌ରେ କଂକ୍ରିଟକରଣ ହୋଇ ନ ଥିଲା କି ରାସ୍ତା ପିଚୁରେ ନିର୍ମାଣ କରାଯାଇ ନ ଥିଲା। ଫଳରେ ଉକ୍ତ ଡ୍ରେନ୍ ପୋତି ହେବା ସହିତ ରାସ୍ତା ଉପରେ ବର୍ଷାପାଣି ମାଡିବାର ସମ୍ଭାବନା ସୃଷ୍ଟି କରିଛି। ପ୍ରକାଶ ଯେ, ୨୦୧୬ ଜୁଲାଇରେ ୧୯ଜଣ ଶିଶୁ ମୃତ୍ୟୁ ଘଟଣା ପରେ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଚିବଙ୍କଠାରୁ ଆରମ୍ଭ କରି ଅଧିକାରୀମାନେ ତତ୍ପର ହୋଇଥିଲେ। ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ନଗଡାରେ ପହଞ୍ଚି ପାରି ନ ଥିଲା। ନଗଡ଼ା ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସପନ ପରି ଲାଗୁଥିଲା। ସାମାଜିକ ଦାୟିତ୍ୱବୋଧକୁ ଖଣି କମ୍ପାନୀମାନେ ଭୁଲି ଯାଇଥିଲେ। ନଗଡା ଶିଶୁ ମୃତ୍ୟୁ ଘଟଣା ପରେ ସେହିବର୍ଷ ଜୁଲାଇ ମାସ ଶେଷ ସପ୍ତାହ ବେଳକୁ ନଗଡାକୁ ରାସ୍ତା ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହି ଦାୟିତ୍ୱ ସରକାର ଦେଇଥିଲେ। ୪ମାସ ମଧ୍ୟରେ ନଗଡ଼ାକୁ ଯେପରି ଗାଡି ଚଳାଚଳ ହୋଇ ପାରିବ ସେଥିପାଇଁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ବିଭାଗୀୟ କାର୍ଯ୍ୟ ଅନୁସାରେ ୮.୧୦୦ କିଲୋମିଟର ରାସ୍ତା ପାଇଁ ୧୨.୮୧ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିଲା। ପରେ ଠିକାଦାରଙ୍କ ଲାଭକୁ ମିଶାଇ ୧୩.୨୨କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାପରେ ଅଶୋକଝର ପାହାଡ଼ ପାଦଦେଶରୁ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଥିଲା। ସେଠାରୁ ନାଳିଆଡାବା, ଉପରନଗଡ଼ା, ମଝି ନଗଡ଼ା ଓ ତଳ ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଡ୍ରେନ୍ ସହ ପ୍ରୋଟେକ୍ସନ ୱାଲ ଓ ମେଟାଲିଂ କାର୍ଯ୍ୟ ଅତି ନିମ୍ନମାନର ହୋଇଛି। ଏନେଇ ଠିକାଦାର ଜି. ଶ୍ରୀଧରଙ୍କୁ ସେତେବେଳେ ବିଭାଗ ପକ୍ଷରୁ କେବଳ ତାଗିଦ କରି ଛାଡ଼ି ଦିଆଯାଇଥିଲା। ବିଭାଗୀୟ ଯନ୍ତ୍ରୀମାନେ ମୋଟା ଅଙ୍କର ପିସି ନେଇ ନିମ୍ନମାନର କାର୍ଯ୍ୟକୁ ସହଯୋଗ କରିଥିଲେ। ଫଳସ୍ୱରୂପ ଏବେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାସ୍ତା ଉପରେ ଖାଲି ପାଦରେ ଚାଲିବା ଜୁଆଙ୍ଗ ଆଦିବାସୀଙ୍କ ପାଇଁ ଅଭିଶାପ ସଦୃଶ ହୋଇଛି। ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ବ୍ୟୟ ଅଟକଳ ଅନୁସାରେ ରାସ୍ତା ନିର୍ମାଣ ହୋଇଛି। ବାକି ଅନୁଦାନ ଆସିଲା ପରେ ରାସ୍ତାର ପରବର୍ତ୍ତୀ ନିର୍ମାଣ ହେବ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ୬୫୮.୮୩ କୋଟି ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠି ଭାବେ ମହଜୁଦ ରହିଛି। ସୁକିନ୍ଦା ଖଣି ଅଞ୍ଚଳରେ ଏହି ପାଣ୍ଠି ବିନିଯୋଗ ହେଉଥିବା ସତ୍ତ୍ୱେ ରାସ୍ତା ନିର୍ମାଣ ପାଇଁ ଅନୁଦାନ କିଭଳି ଭାବେ ଅଭାବ ରହିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାପ୍ରଭୁଙ୍କୁ ଲାଗିହେଲା ତୁଳସୀ

**ପୁରୀ ଅଫିସ, ୨୯।୬**

ସ୍ନାନପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଏଥିମଧ୍ୟରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଏବଂ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କୁ ପ୍ରଥମ ତୁଳସୀ ଲାଗି ହୋଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଛି।

ଏଥିପାଇଁ ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାରା ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଖଳି ଆସି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ମଧ୍ୟ ଲାଗି କରାଯାଇଥିଲା। ଏହାପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ କରାଯାଇଥିଲା। ଜୟ ବିଜୟ ଦ୍ୱାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ହେବା ସହିତ ଅଣସର ଗୃହରେ ବି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯାଇଥିଲା। ଶନିବାର ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମାଠାରୁ ବନ୍ଦ ଥିବା ଘଣ୍ଟ, ଘଣ୍ଟି ଓ ମଣିମା ଡାକ ମଧ୍ୟ ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଥିଲା। ରବିବାର ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ରହିଛି।

### ହରିଦାସପୁର- ପାରାଦୀପ ପ୍ରଥମ ଫାଟକବିହୀନ ରେଳପଥ

## କେନ୍ଦ୍ରାପଡ଼ାରେ ପହଞ୍ଚିଲା ମଲ୍‌ଟିପୁଲ ଟାୱାର କାର

**କେନ୍ଦ୍ରାପଡା ଅଫିସ/ ଡେରାବିଶ (ସ୍ୱ.ପ୍ର.), ୨୯।୬**



ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ଗଡ଼ିଛି। ହରିଦାସପୁର-ପାରାଦୀପ ଫାଟକବିହୀନ ରେଳପଥରେ ଶନିବାର ପ୍ରଥମ ଥର ପାଇଁ ମଲ୍‌ଟିପୁଲ ଟାୱାର କାର (ରେଳ ଇଞ୍ଜିନ) କେନ୍ଦ୍ରାପଡ଼ାରେ ପହଞ୍ଚିଛି। ସକାଳ ପ୍ରାୟ ୯ଟା ସମୟରେ ହରିଦାସପୁର ରେଲୱେ ଜଙ୍କସନ୍‌ରୁ ଏହା ବାହାରି ଦୀର୍ଘ ୪୩.୮ କିଲୋମିଟର ରାସ୍ତା ଅତିକ୍ରମ କରି କେନ୍ଦ୍ରାପଡ଼ା ଷ୍ଟେଶନରେ ଅପରାହ୍ନ ୨ଟା ସମୟରେ ପହଞ୍ଚିଥିଲା। ଡିଜେଲ ଚାଳିତ ଏହି ରେଳ ଇଞ୍ଜିନରେ ବୈଷୟିକ ଟିମ୍ ରହି ରେଲୱେ ଟ୍ରାକ, ବିଦ୍ୟୁତ ତାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ତଦାରଖ କରିଥିଲେ। କେନ୍ଦ୍ରାପଡା ଷ୍ଟେଶନଠାରେ ପ୍ରାୟ ୫ ମିନିଟ୍ ରହି ପୁନର୍ବାର ହରିଦାସପୁର ରେଲୱେ ଜଙ୍କସନକୁ ଫେରି ଯାଇଥିଲା। ଟାୱାର କାର ରେଳପଥ ଯାଞ୍ଚ ସମ୍ପର୍କରେ ଏଆର୍‌ଏସ୍‌ଏସ୍- ଏସ୍‌ଆଇପିଏସ୍ ଜଏଣ୍ଟ ଭେଞ୍ଚରର ପ୍ରୋଜେକ୍ଟ ମ୍ୟାନେଜର ଶୁଭେନ୍ଦୁ କୁମାର ଦଣ୍ଡପାଟ ପ୍ରକାଶ କରିଥିଲେଯେ, ଏହି ରେଳପଥର ଲମ୍ବ ୮୨ କିଲୋମିଟର। ଏହାକୁ ୨ ଠିକା ସଂସ୍ଥା ମାଧ୍ୟମରେ ନିର୍ମାଣ କରାଯାଉଛି। ହରିଦାସପୁରରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏହି ଜଏଣ୍ଟ ଭେଞ୍ଚରରେ ନିର୍ମାଣ କରାଯାଉଛି। ସେହିପରି କେନ୍ଦ୍ରାପଡ଼ାଠାରୁ ପାରଦୀପ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କେଇସି ହାତକୁ ନେଇଛି। କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ପ୍ରାୟ ୯୦ ଭାଗ କାର୍ଯ୍ୟ ସରିଥିବାରୁ ଟାୱାର କାର ଦ୍ୱାରା ଏହାର ପରୀକ୍ଷା କରାଯାଇଛି। ଆସନ୍ତା୨ ମାସ ମଧ୍ୟରେ ଶତ ପ୍ରତିଶତ କାର୍ଯ୍ୟ ହୋଇଯିବ ବୋଲି ପ୍ରୋଜେକ୍ଟ ମ୍ୟାନେଜର ଦଣ୍ଡପାଟ ସୂଚନା ଦେଇଛନ୍ତି। ଏହି ଟାୱାର କାରରେ ବୈଷୟିକ ଟିମ୍ ସହ ଆରଭିଏନଏଲର ଜେଜିଏମ ଏସକେ ନାୟକ, ଡିଜିଏମ ରାଜୀବରଞ୍ଜନ ପଣ୍ଡା, ଇଲେକ୍ଟ୍ରିକ ସେକସନ୍‌ର ମ୍ୟାନେଜର ଏସକେ ଘୋଷ, ଏଜିଏମ ଶିବରାମ ବେହେରା, ପ୍ରୋଜେକ୍ଟ ଇଞ୍ଜିନିୟର ରବିରଞ୍ଜନ ଝା, ଟିଟିଆଇପିଏଲର ରମେଶ ଖାଲା ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟଯେ, ୧୯୯୮ ଡିସେମ୍ବର ୯ ରେ ଯାଜପୁର ଜିଲାର ହରିଦାସପୁରଠାରୁ କେନ୍ଦ୍ରାପଡ଼ା ମଧ୍ୟ ଦେଇ ଜଗତସିଂହପୁର ଜିଲାର ପାରାଦୀପ ପର୍ଯ୍ୟନ୍ତ ନୂଆ ଫାଟକବିହୀନ ରେଳପଥ ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୮୨ କିଲୋମିଟର ଲମ୍ବର ଏହି ରେଳପଥରେ ଯାଜପୁର ଜିଲାର ଚଣ୍ଡିଖୋଲ, ରତ୍ନଗିରି, ଲଳିତଗିରି, କେନ୍ଦ୍ରାପଡ଼ାର ବାଜିପଡା, କେନ୍ଦ୍ରାପଡା, ମାର୍ଶାଘାଇ, କଳଘର, ଜଗତସିଂହପୁର ଜିଲାର ନୂଆଗାଁ ଓ ସିଜୁଠାରେ ନୂତନ ରେଳ ଷ୍ଟେଶନ ହେବ। ଇତିମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବାର ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ରେଳପଥ ନିର୍ମାଣ ଶେଷ ହୋଇନାହିଁ। ୨୦୦୭ ସୁଦ୍ଧା ଏହି ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେତେବେଳେ ସ୍ଥିର କରାଯାଇଥିଲା। ମାତ୍ର ଅଧିଗ୍ରହଣ କାର୍ଯ୍ୟରେ ବିଳମ୍ବ ଯୋଗୁ ସମୟ ଅନୁସାରେ ପ୍ରକଳ୍ପ କାର୍ଯ୍ୟ ହୋଇ ପାରି ନ ଥିଲା। ସେହି ସମୟରେ ପ୍ରକଳ୍ପ ପାଇଁ ଠିକା ନେଇଥିବା କମ୍ପାନୀ ଜମି ଅଧିଗ୍ରହଣ ସମସ୍ୟା ପାଇଁ କାର୍ଯ୍ୟ ଅଧାରୁ ଛାଡି ପଳାଇଥିଲା। ପରବର୍ତ୍ତୀ ସମୟରେ ୨୦୧୩ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରେଳପଥ ପାଇଁ ୪୩୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଧୀରେ ଧୀରେ ଅଟକଳ ବୃଦ୍ଧି ପାଇଥିଲା। ୨୦୧୬ ଜୁନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରି ପୂର୍ବତଟ ରେଳପଥ ବିଭାଗ ତରଫରୁ ରେଳ ଚଳାଚଳ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଅଦ୍ୟାବଧି ରେଳପଥର ୬୩ କିଲୋମିଟର ପର୍ଯ୍ୟନ୍ତ ନିର୍ମାଣ ହୋଇଥିଲେ ମଧ୍ୟ ଲୁଣା ସେତୁ ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ତେବେ ପରୀକ୍ଷାମୂଳକ ଭାବେ କେନ୍ଦ୍ରାପଡ଼ାରେ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ପହଞ୍ଚିବା ପରେ ଲୋକେ ନିଜର ଖୁସିବ୍ୟକ୍ତ କରିଛନ୍ତି।

### ଏନ୍‌ଏଚ୍‌ରେ ଦାଦାବଟି ଆଦାୟ

## ବ୍ଲକ କଂଗ୍ରେସ ସଭାପତି ଗିରଫ

**ପରଜଙ୍ଗ, ୨୯।୬(ଡି.ଏନ.ଏ.)**

- ବ୍ୟବହାର କରୁଥିଲେ ଆମ୍ବୁଲାନ୍ସ
- ଟଙ୍କା ନ ଦେଲେ ମିଳୁଥିଲା ଧମକ
- ଟ୍ରକ୍ ପିଛା ଆଦାୟ କରୁଥିଲେ ୨୦୦ରୁ ୫୦୦


ଅଭିଯୁକ୍ତ ନଗେନ୍ ବିନାୟକ।

ଜାତୀୟ ରାଜପଥରେ ଯାତାୟାତ କରୁଥିବା ଭାରିଯାନରୁ ଜୋରଜବରଦସ୍ତ ଆଦାୟ କରୁଥିଲେ ଦାଦାବଟି। ଟ୍ରକ୍ ପିଛା ମାଗୁଥିଲେ ୨୦୦ରୁ ୫୦୦ ଟଙ୍କା। ଏହାର ପ୍ରତିବାଦ କଲେ ଡ୍ରାଇଭରଙ୍କୁ ମିଳୁଥିଲା ଧମକ। ପୋଲିସ ଆଖିରେ ଧୂଳିଦେବାକୁ ଏହି କାର୍ଯ୍ୟରେ ଯୋଜନାବଦ୍ଧ ଭାବେ ବ୍ୟବହାର କରାଯାଉଥିଲା ଆମ୍ବୁଲାନ୍ସ। ଏପରି ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି ପରଜଙ୍ଗ ପୋଲିସ। ଏହି ଘଟଣାରେ ଗିରଫ ହୋଇଛନ୍ତି ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ। ଜଣେ ରାଜନେତା ବଟି ଆଦାୟ କରି ଧରାପଡ଼ିବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ସମ୍ପୃକ୍ତ ତାଙ୍କର ଅନ୍ୟ ୫ଜଣ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ପୋଲିସ କହିଛି।

ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ଛକ ନିକଟରେ ଦୁଇମାସ ହେଲା ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ ଏକ ଆମ୍ବୁଲାନ୍ସ ବ୍ୟବହାର କରି ଟ୍ରକ୍‌ଗୁଡ଼ିକରୁ ବଟି ଆଦାୟ କରୁଥିଲେ। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ୫ରୁ ଉର୍ଦ୍ଧ୍ୱ ସହଯୋଗୀ। ଧୀରେ ଧୀରେ ଏହି ଘଟଣା ପ୍ରଘଟ ହୋଇଥିଲ। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ପରଜଙ୍ଗ ଥାନାକୁ ସୂଚିତ କରାଇଥିଲେ ମଧ୍ୟ ପୋଲିସ ଏଥିପ୍ରତି ଧ୍ୟାନ ଦେଉ ନ ଥିଲା। ଏ ନେଇ କେତେଜଣ ଟ୍ରକ୍ ମାଲିକ ଏସ୍‌ପି ଅନୁପମା ଜେମ୍‌ସଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ସାଢେ ୮ଟାରେ ସମଲ ଥାନା ଅଧୀନ ଡେରାଗୋଳା ଗ୍ରାମର ଶଚୀକାନ୍ତ ସାହୁ ଟ୍ରକ (ନଂ. ଓଡ଼ି ୧୪ ଜି ୧୬୧୬) ଧରି ଏନ୍‌ଏଚ୍‌ରେ ଆସୁଥିଲେ। ଭେଜିଆ ଛକ ନିକଟରେ ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ, ବାରିହାପୁର ଗ୍ରାମର ପପୁ ବେହେରା, ମହାବିରୋଡ଼ ଗ୍ରାମର କ୍ଷୀର ସାହୁ, ପ୍ରକାଶ ସାହୁ ସମେତ ଅନ୍ୟ କେତେଜଣ ଯୁବକ ତାଙ୍କୁ ଅଟକାଇ ୨୦୦ ଟଙ୍କା ଦାବି କରିଥିଲେ। ସେ ରାଜି ନ ହେବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଡ୍ୟାମ ଭିତରକୁ ଠେଲିଦେବାକୁ ଧମକ ମଧ୍ୟ ଦେଇଥିଲେ। ଶଚୀକାନ୍ତ କାକୁତିମିନତି ହେବା ସହ ୫୦ ଟଙ୍କା ଦେଇ କୌଣସିମତେ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଶଚୀକାନ୍ତଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ନଗେନ ବିନାୟକଙ୍କୁ ଧରିଥିଲା। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଆମ୍ବୁଲାନ୍ସ (ଓଡି ୩୫ ଏ ୯୭୪୨), ଏକ ନମ୍ବରବିହୀନ ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ନଂ. ୧୭୫/୧୯, ଦଫା ୩୪୧,୨୯୪, ୩୮୬, ୩୪ରେ ମାମଲା ରୁଜୁ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ନଗେନ ବିନାୟକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ପଦ୍ମନାଭ ଲେଙ୍କା ସୂଚନା ଦେଇଛନ୍ତି।

■ କଳିଙ୍ଗ ହସ୍ପିଟାଲରେ ବିଧାୟକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ତଦନ୍ତ ପାଇଁ ୪ଜଣିଆ କମିଟି ଗଠିତ

■ ୭ ଦିନରେ ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

କଳିଙ୍ଗ ହସ୍ପିଟାଲରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାର ତଦନ୍ତ ଲାଗି ୪ ଜଣିଆ କମିଟି ଗଠନ କରିବା ସହିତ ଆସନ୍ତା ୭ ଦିନ ଭିତରେ ତଦନ୍ତ ରିପୋର୍ଟ ଦେବାକୁ ମନ୍ତ୍ରୀ ବିଭାଗୀୟ କମିଶନର ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଯୁଗ୍ମ ସଚିବ ଜି. ପୁନମ୍ ତାପସ କୁମାର ତଦନ୍ତ କମିଟିର ଅଧ୍ୟକ୍ଷ ଥିବା ବେଳେ ଯୁଗ୍ମ ସଚିବ ଶୁଭାନନ୍ଦ ମହାପାତ୍ର, ଉପସଚିବ ରାଜେଶ ଅଗ୍ରୱାଲ ଓ ଯଶ୍ମିନ୍ ପଟ୍ଟନାୟକ ସଦସ୍ୟ ଅଛନ୍ତି।

ସୂଚନାଯୋଗ୍ୟ, ଝୁମ୍ପୁରା ବ୍ଲକ ନାରଦପୁର ଗ୍ରାମର ବାସୁଦେବ ବାରିକଙ୍କ ପୁଅ ସଚିନ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦରେ ଅର୍ଥ ପଇଠ ହୋଇଥିଲେ ମଧ୍ୟ ହସ୍ପିଟାଲ ପକ୍ଷରୁ ଅଧିକ ଅର୍ଥ ଦାବି କରାଯାଇ ମୃତଦେହକୁ ଛଡ଼ା ଯାଉନଥିବା ବାସୁଦେବ ବାରିକ ବିଧାୟକ ମାଝୀଙ୍କୁ ଜଣାଇଥିଲେ। ଫଳରେ ମାଝୀ କଳିଙ୍ଗ ହସ୍ପିଟାଲର ଡିଜିଏମ୍‌ଙ୍କ ସହ ଆଲୋଚନା କରି ମୃତଦେହ ସମ୍ପୃକ୍ତ ପରିବାରକୁ ଦେବାକୁ ନିବେଦନ କରିଥିଲେ। ହେଲେ ଡିଜିଏମ୍ ଓ ଆକାଉଣ୍ଟସ କର୍ମଚାରୀମାନେ ଦୁର୍ବ୍ୟବହାର କରିବା ସହିତ ଟଙ୍କା ନ ଦେଲେ ମୃତଦେହକୁ ଛାଡ଼ିବେ ନାହିଁ ବୋଲି କହିଥିବା ନେଇ ବିଧାୟକ ମାଝୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ।

# ୭୫%ରୁ ଉପସ୍ଥାନ କମିଲେ ପରୀକ୍ଷା ମନା

■ ଆଉ ଠକିପାରିବେନି ଅଧ୍ୟାପକ
■ ୭ଘଣ୍ଟା କଲେଜରେ ରହିବେ, ୫ ଘଣ୍ଟା ପାଠ ପଢ଼ାଇବେ
■ ଉପସ୍ଥାନ ପାଇଁ ହେବ ବାୟୋମେଟ୍ରିକ୍ ବ୍ୟବସ୍ଥା
■ ୫୨ ସରକାରୀ କଲେଜରେ ନିଯୁକ୍ତ ହେବେ ସ୍ଥାୟୀ ପ୍ରିନ୍ସିପାଲ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

କଲେଜରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ଭଲ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେଇଛି ଉଚ୍ଚଶିକ୍ଷା ବିଭାଗ। ଏଣିକି କଲେଜ ଛାତ୍ରୀଛାତ୍ରମାନଙ୍କ ପାଇଁ ଶ୍ରେଣୀରେ ୭୫% ଉପସ୍ଥାନ ବାଧ୍ୟତାମୂଳକ। ନଚେତ୍ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସେହିପରି ଅଧ୍ୟାପକଙ୍କର ୱାର୍କିଂ ଆୱାର ବଦଳିବ। ଅଧ୍ୟାପକମାନେ କଲେଜରେ ୫ଘଣ୍ଟା ପରିବର୍ତ୍ତେ ୭ଘଣ୍ଟା ରହିବେ। ଅଧ୍ୟାପକଙ୍କ ଉପସ୍ଥାନ ମଧ୍ୟ ବାୟୋମେଟ୍ରିକ୍ ବ୍ୟବସ୍ଥା ମାଧ୍ୟମରେ ରେକର୍ଡ ହେବ। ଖୁବ୍‌ଶୀଘ୍ର ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଶନିବାର ପାନ୍ଥନିବାସଠାରେ ଆୟୋଜିତ ଯୁକ୍ତ୩ କଲେଜ ଅଧ୍ୟକ୍ଷ ସମ୍ମିଳନୀରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ସମ୍ମିଳନୀରେ ମନ୍ତ୍ରୀ ସାହୁ କଲେଜର ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛନ୍ତି। ୟୁଜିସି ନିୟମ ଅନୁଯାୟୀ ଅଧ୍ୟାପକମାନେ ସପ୍ତାହକୁ ୨୫ଟି କ୍ଲାସ୍ ଓ ୫ ଘଣ୍ଟା ପାଠପଢ଼ା ପରେ ସରକାରୀ କାର୍ଯ୍ୟ କରିବା ଉଚିତ। କିନ୍ତୁ ଅଧିକାଂଶ ସମୟରେ ୫ ଘଣ୍ଟା ପୂର୍ବରୁ ଅଧ୍ୟାପକମାନେ କଲେଜରୁ ପଳାଇଯାଉଛନ୍ତି। ତେଣୁ କଲେଜଗୁଡ଼ିକରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଲାଗୁ କରାଯାଉଛି। ସବୁ ଡିଗ୍ରୀ କଲେଜରେ ବିଶ୍ୱବ୍ୟାଙ୍କ ଫଣ୍ଡରୁ ବାୟୋମେଟ୍ରିକ୍ ମେଶିନ୍ ଲଗାଯିବ। ରାଜ୍ୟରେ ୫୨ ସରକାରୀ କଲେଜରୁ ୧୬ଟିରେ ବାୟୋମେଟ୍ରିକ ବ୍ୟବସ୍ଥା କରାଯାଇଛି। ଏହା ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅଧ୍ୟାପକମାନେ କଲେଜରେ ୭ ଘଣ୍ଟା ରହୁଛନ୍ତି ନା ନାହିଁ ତାହା କଲେଜ ଅଧ୍ୟକ୍ଷ ତଦାରଖ କରିବେ। ଅଧ୍ୟାପନା ବାଦ୍ ଗବେଷଣା ଓ ବିଭିନ୍ନ ସରକାରୀ ଯୋଜନାର ସୁଫଳ କିପରି ଛାତ୍ରୀଛାତ୍ରମାନେ ପାଇପାରିବେ ସେ ନେଇ ମଧ୍ୟ କାମ କରିବେ। ଅଧ୍ୟାପକମାନେ ୫ଘଣ୍ଟା ପାଠ ପଢ଼ାଇବା ପରେ ଗବେଷଣା ଓ ଏକାଡେମିକ୍ ଡେଭଲପମେଣ୍ଟ କ୍ଷେତ୍ରରେ କାମ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଅଧ୍ୟାପକଙ୍କ ମନଇଚ୍ଛା ଉପସ୍ଥାନକୁ କଲେଜ ଅଧ୍ୟକ୍ଷମାନେ ସ୍ୱୀକାର କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଅତିରିକ୍ତ ସଚିବ ପାର୍ଥସାରଥି ମିଶ୍ର ଯୋଗଦେଇ କହିଛନ୍ତି ଯେ, ଆସନ୍ତା ଦୁଇରୁ ତିନି ମାସ ମଧ୍ୟରେ ସମସ୍ତ ସରକାରୀ କଲେଜରେ ସ୍ଥାୟୀ ପ୍ରିନ୍ସିପାଲ ନିଯୁକ୍ତ କରାଯିବ। ଗତ ବାର ବର୍ଷ ହେଲା ୫୨ ସରକାରୀ କଲେଜରେ ସ୍ଥାୟୀ ପ୍ରିନ୍ସିପାଲ ନାହାନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମିଶ୍ର କହିଛନ୍ତି। ସରକାରୀ କଲେଜର ଭିତ୍ତିଭୂମି, ସ୍ମାର୍ଟ କ୍ଲାସ୍, ରୁଷା ଅର୍ଥ ଖର୍ଚ୍ଚ, ପରୀକ୍ଷା ପରିଚାଳନା ଭଳି ବିଷୟରେ ଆଲୋଚନା କରାଯାଇଥିଲା। ଯୁକ୍ତ ୩ରେ ଏକକ ପାଠ୍ୟକ୍ରମ ଲାଗୁ ନେଇ ମଧ୍ୟ ଆଲୋଚନା ହୋଇଥିଲା।

# ୩ ଦିନ ପ୍ରବଳ ବର୍ଷିବ

■ ଲଘୁଚାପର ରୂପନେବ ଘୂର୍ଣ୍ଣିବଳୟ
■ ୪ ଜିଲ୍ଲାକୁ ସତର୍କ ସୂଚନା
■ ବନ୍ୟା ମୁକାବିଲା ପାଇଁ ସଜାଗ ରହିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁ ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଜୁନ୍ ୩୦ରୁ ଜୁଲାଇ ୨ ଯାଏ ବର୍ଷା ଲାଗି ରହିବ। ସେହିପରି ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଜୁଲାଇ ୨ ଯାଏ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଦିଆଯାଇଥିବାବେଳେ ଯେଉଁମାନେ ଗଭୀର ସମୁଦ୍ର ମଧ୍ୟରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଫେରି ଆସିବାକୁ କୁହାଯାଇଛି।

ଲଘୁଚାପ ପ୍ରଭାବରେ ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ସ୍ଥାନରେ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ସେହିଭଳି ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ କରାଯାଇଛି। ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଆସନ୍ତା ୩ଦିନ ମଧ୍ୟରେ ମଧ୍ୟମରୁ ପ୍ରବଳ ଧରଣର ବର୍ଷା ସହ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ବାଲେଶ୍ୱର ଓ ବାରିପଦାରେ ସର୍ବାଧିକ ୧୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀର, କୋରାପୁଟ, ଜଗତ୍‌ସିଂହପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଓଡ଼ିଶାରେ ମୌସୁମୀ ସକ୍ରିୟ ହୋଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଓଡିଶା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି।

# ଓଡ଼ିଶା ଫେରିବେ ଜଗା, ବଳିଆ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ ଜଗା, ବଳିଆ। ଏହି ଦୁଇ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସମ୍ପୂର୍ଣ୍ଣ ଭଲ ଅଛି ଏବଂ ଡିସ୍‌ଚାର୍ଜ ପାଇଁ ପ୍ରସ୍ତୁତ ଥିବା ଦିଲ୍ଲୀ ଏମ୍ସର ଡାକ୍ତରମାନେ କହିଛନ୍ତି। ସେମାନଙ୍କୁ କିପରି ଓଡ଼ିଶା ନିଆଯିବ, ସେନେଇ ଏମ୍ସ କର୍ତ୍ତୃପକ୍ଷ ଆମକୁ ଏକ ମେଡିକାଲ୍ ଆଡଭାଇଜରୀ ଦେବେ। ଡିସ୍‌ଚାର୍ଜ ପାଇଁ ତାରିଖ ସ୍ଥିର ହୋଇନାହିଁ। ଡିସ୍‌ଚାର୍ଜ ପରେ ଏହି ଶିଶୁ ଦ୍ୱୟଙ୍କର କିପରି ଚିକିତ୍ସା ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ତେବେ ସେମାନେ ଓଡ଼ିଶାରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଘରକୁ ଯିବେ ନାହିଁ। ସେମାନେ କୌଣସି ଡାକ୍ତରଖାନାରେ ରହିବେ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ସେ ଆଲୋଚନା କରିବା ପରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶନିବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ପଣ୍ଡିତ ପହଞ୍ଚି ଜଗା ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଉଭୟ ଶିଶୁ ସୁସ୍ଥ ଥିବା ଡାକ୍ତର ପ୍ରକାଶ କରିଥିଲେ। ସେହିପରି ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ଶିଶୁ ଦୁହେଁ କେବେ ଓଡ଼ିଶା ଫେରିବେ ତାହା ସ୍ଥିର ହୋଇନାହିଁ। ସେମାନେ ଓଡ଼ିଶା ଫେରିବା ପରେ ଭୁବନେଶ୍ୱର ଏମ୍ସ କିମ୍ବା ଅନ୍ୟ ଯେ କୌଣସି ହସ୍ପିଟାଲରେ ରହିପାରିବେ। ରାଜ୍ୟ ସରକାର ଏଠାରେ ବି ଦୁହିଁଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଯୋଡ଼ା ମୁଣ୍ଡ ଅବସ୍ଥାରେ ଥିବା କନ୍ଧମାଳ ଜିଲ୍ଲାର ଜଗା, ବଳିଆଙ୍କୁ ୨୦୧୭ରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରାଯାଇ ଦୁହିଁଙ୍କୁ ଅଲଗା କରାଯାଇଥିଲା। ସେବେଠାରୁ ସେଠାରେ ଏହି ଶିଶୁ ଦ୍ୱୟଙ୍କ ଚିକିତ୍ସା ଜାରି ରହିଛି।



DHARMASALA MAHAVIDYALAYA DHARMASALA, JAJPUR
ESTD.-1978
ADMISSION AT A GLANCE FOR THE SESSION 2019-20

| Sl. No. | Stream | Seats |
|---|---|---|
| 01 | +3 COMMERCE WITH HONOURS | 64 SEATS |

Sd./- PRINCIPAL
DHARMASALA MAHAVIDYALAYA



## ଜିଲ୍ଲା ଚିଠି
### କୋରାପୁଟ

# ଦଇବ ହାତରେ ସ୍ୱାସ୍ଥ୍ୟସେବା

ଉପାନ୍ତ ଜିଲ୍ଲା କୋରାପୁଟର ଆଦିବାସୀମାନେ ନିଜ ଦିହ ପା' କଥା ଏବେ ଦଇବ ହାତରେ ଛାଡ଼ିଦେଇଛନ୍ତି। କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା କରିଛନ୍ତି ଆଉ ରାଜ୍ୟ ସରକାର କରିଛନ୍ତି ବିଜୁ ସ୍ୱାସ୍ଥ୍ୟ ଯୋଜନା। ଏ ଦୁଇଟିର ସେବା କିନ୍ତୁ ଆଦିବାସୀ ଲୋକଙ୍କ ଭାଗ୍ୟରେ ନାହିଁ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ମେଡିକାଲ କଲେଜ, ଜୟପୁରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୩ଟି ପୌରାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୬ଟି ସର୍କଲ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି), ୪୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। କିନ୍ତୁ ସେଠାରେ ଆବଶ୍ୟକ ସଂଖ୍ୟାରେ ଡାକ୍ତର ନାହାନ୍ତି। ଜିଲ୍ଲାରେ ମଞ୍ଜୁରୀପ୍ରାପ୍ତ ୨୫୮ ଜଣ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୪୭ ଜଣ ରହିଥିବାବେଳେ ୧୧୧ଟି ପଦବୀ ବର୍ଷବର୍ଷ ଧରି ଖାଲି ପଡ଼ିଛି। ଡାକ୍ତର ନ ଥିବାରୁ କିଛି ରୋଗ ହେଲେ ଗାଁଲୋକେ ଦିଶାରୀଙ୍କ ଉପରେ ଅଧିକ ଭରସା କରୁଛନ୍ତି। ୨୦୧୭ରେ ଯେତେବେଳେ ରାଜ୍ୟ ସରକାର କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାପନ କଲେ, ଏହା ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହେବ ବୋଲି କୁହାଗଲା। ଜିଲ୍ଲାର ଆଦିବାସୀ ଓ ଗରିବ ଲୋକ ଏହି ଅନୁଷ୍ଠାନରୁ ଯେଉଁ ସେବା ପାଇବା ଲାଗି ଆଶା ରଖିଥିଲେ, ତାହା ଖୁବ୍ ଶୀଘ୍ର ମିଳେଇଗଲା। ଭୋଟ୍‌ବ୍ୟାଙ୍କ ରାଜନୀତିର ପଶାପାଲିରେ ୨୦୧୮ରେ କୋରାପୁଟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରକୁ ସ୍ଥାନାନ୍ତର କରାଯିବା ସହ କୋରାପୁଟରେ କାର୍ଯ୍ୟରତ ବହୁ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ଜୟପୁର ବଦଳି କରାଯାଇଥିଲା। ସେବେଠାରୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ସିଡିଏମ୍‌ଓଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ସବୁବେଳେ ଆରୋପ ପ୍ରତ୍ୟାରୋପ ଭିତରେ ବଳି ପଡୁଛି ରୋଗୀ ସେବା। କୋରାପୁଟ ମେଡିକାଲରେ ଥିବା ଡାୟଲିସିସ୍ କେନ୍ଦ୍ର ମଧ୍ୟ ଏହି ଛକାପଞ୍ଝା ଭିତରେ ପେସି ହେଉଛି। କିଡନୀ ରୋଗୀଙ୍କ ପାଇଁ ପ୍ରତିଷ୍ଠା ହୋଇଥିବା ଏହି କେନ୍ଦ୍ରରେ ଏଯାବତ୍ ୭ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ଗତ ବର୍ଷ ଖୋଲାଯାଇଥିବା ଏହି କେନ୍ଦ୍ରଟି ମାତ୍ର କିଛିମାସ କାମ କରିବା ପରେ ଏବେ ଅକାମି ସ୍ଥିତିକୁ ଚାଲିଆସିଛି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି କେନ୍ଦ୍ରର ଡାକ୍ତର ନିଜ ଚାକିରିରୁ ଇସ୍ତଫା ଦେଇ ଅନ୍ୟତ୍ର ଚାଲିଗଲେଣି। ମେଡିକାଲ କଲେଜରେ ସ୍ଥାପିତ ଏଣ୍ଡୋସ୍କୋପି ମେଶିନ ଦୁଇ ବର୍ଷ ହେଲା ଅଚଳ। କ୍ଷୁଦ୍ର ଅସ୍ଥିଶଲ୍ୟ ବିଭାଗ ଥାଇ ମଧ୍ୟ କିଟ୍ ନଥିବା କୁହାଯାଇ ଅପରେଶନ କରାଯାଉ ନାହିଁ। ଦନ୍ତ ଚିକିତ୍ସା ବିଭାଗରେ ସମସ୍ତ ଯନ୍ତ୍ରପାତି ଥାଇ ବି ଦୁଇ ବର୍ଷ ହେଲା ଏଠାରେ ଖାଲି ଦାନ୍ତ କଢ଼ାଯିବା ବ୍ୟତୀତ ଅନ୍ୟ କିଛି ଚିକିତ୍ସା ହେଉନାହିଁ ବୋଲି ରୋଗୀ ଅଭିଯୋଗ କରୁଛନ୍ତି। ଡାୟଲିସିସ୍ କେନ୍ଦ୍ର ପାଇଁ ସ୍ଥାୟୀ ଡାକ୍ତର ନାହାନ୍ତି। ମେଡିକାଲ କଲେଜର ବିଭିନ୍ନ ବିଭାଗ ପ୍ରଫେସର କୋରାପୁଟରେ ରହୁନାହାନ୍ତି। ମେଡିକାଲର ୩ଟି ଡିଜି ଜେନେରେଟର ସେଟ୍ ମଧ୍ୟରୁ ୨ଟି ଖରାପ ହୋଇ ପଡ଼ିଛି। ଶବ ବାହକ ଗାଡ଼ି ଓ ଷ୍ଟ୍ରେଚର ଅଭାବ ଲାଗିରହିଛି। କୋରାପୁଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିବାବେଳେ ଯେଉଁ ସ୍ୱାସ୍ଥ୍ୟସେବା ମିଳୁଥିଲା, ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ତା'ର ହାର ଓ ସ୍ତର ଖସିବାରେ ଲାଗିଛି। – ଅମିତାଭ ବେହେରା

■ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# କ୍ଷତିପୂରଣ ଘୋଷଣା କଲା ରେଳବିଭାଗ

ମୃତକଙ୍କ ପରିବାରକୁ ୨୪ଲକ୍ଷ ୮୫ହଜାର ଟଙ୍କା ସହାୟତା

ରାୟଗଡା ଅଫିସ୍, ୨୯।୬

ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ଜଣ ରେଲୱେ କର୍ମଚାରୀଙ୍କ ପରିବାରକୁ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବା ପାଇଁ ଘୋଷଣା ହୋଇଛି। ପ୍ରତି ମୃତ କର୍ମଚାରୀଙ୍କ ପରିବାରକୁ ୨୪ଲକ୍ଷ ୮୫ହଜାର ଟଙ୍କା ମିଳିବ ବୋଲି ପୂର୍ବତଟ ରେଳପଥ ବିଶାଖାପାଟଣା ଡିଭିଜନ ବରିଷ୍ଠ ପର୍ସନାଲ ଅଧିକାରୀ ସିଟି ସକିର ହୁସେନ ଜଣାଇଛନ୍ତି। ମୃତକଙ୍କ ପରିବାର ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ମୃତ୍ୟୁ ପ୍ରମାଣପତ୍ର ସହ ଅନ୍ୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମୃତକଙ୍କ ପରିବାରକୁ ଚାକିରି ପ୍ରଦାନ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

ପ୍ରକାଶ ଯେ, ହାୱଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଏବଂ ବିଦ୍ୟୁତ୍ ମରାମତିରେ ନିୟୋଜିତ ଟାୱାରକାର ମଧ୍ୟରେ ଗତ ମଙ୍ଗଳବାର ଦୁର୍ଘଟଣା ହୋଇଥିଲା। ଫଳରେ ଉଭୟ ଟ୍ରେନର ଇଞ୍ଜିନ ସହ ଗୋଟିଏ ବଗି ପୋଡି ଯାଇଥିଲା। ଏଥିରେ ରେଳ କର୍ମଚାରୀ କେବି ସାଗର, ଏ.ସୁରେଶ କୁମାର ଏବଂ ବି.ଗୁରୁନାଇଡୁ ପ୍ରାଣ ହରାଇଥିଲେ।

ରେଲୱେ ପକ୍ଷରୁ ନିରାପତ୍ତା କମିଶନର ଆର୍.କେ ଶର୍ମା ଘଟଣାର ତଦନ୍ତ କରୁଛନ୍ତି। ସେ ଶୁକ୍ରବାର ରାୟଗଡାରେ ତଦନ୍ତ କରିଥିଲେ। ଶନିବାରଠାରୁ ବିଶାଖାପାଟଣା ଡିଭିଜନ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତ ପାଇଁ ୬୧ଜଣ ରେଳ କର୍ମଚାରୀଙ୍କୁ ନୋଟିସ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାରିପଦା, କେନ୍ଦ୍ରାପଡ଼ା ସେବାୟତ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ବାରିପଦାସ୍ଥିତ ଶ୍ରୀହରି ବଳଦେବ ଜୀଉ ମନ୍ଦିର ଏବଂ କେନ୍ଦ୍ରାପଡାର ଶ୍ରୀବଳଦେବ ଜୀଉ ମନ୍ଦିର ସେବାୟତ ପ୍ରତିନିଧି ଦଳ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବାରିପଦାରୁ ଆସିଥିବା ସେବାୟତ ଦଳ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ମନ୍ଦିର ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ସେହିସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ବାରିପଦା ଗସ୍ତ କରିବେ ବୋଲି ଜଣାପଡିଛି। ସେବାୟତ ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ।

ଅନୁରୂପଭାବେ କେନ୍ଦ୍ରାପଡା ଶ୍ରୀବଳଦେବ ଜୀଉଙ୍କ ସେବାୟତ ପ୍ରତିନିଧି ଦଳ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ସାକ୍ଷାତ କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରି ଶ୍ରୀବଳଦେବ ଜୀଉ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ପାଇଁ ୨ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ। ଏଥିପାଇଁ ସେବାୟତ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଆସନ୍ତା ରଥଯାତ୍ରାରେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରାପଡାରୁ ଆସିଥିବା ପ୍ରତିନିଧିଦଳରେ ଟ୍ରଷ୍ଟି ବଳରାମ ସୁଆର, ରବିନ୍ଦ୍ରନାଥ ପତ୍ରି, ରାମହରୀ ସୁଆର, ରଞ୍ଜନ ସୁଆର, ମୃତ୍ୟୁଞ୍ଜୟ ସୁଆର ଏବଂ ବାବାଜୀ ଚରଣ ପତ୍ରୀଙ୍କ ସମେତ ଅନେକ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

GOA STATE LOTTERIES
Rajshree MONTHLY LOTTERY
SYMBOL OF TRUST
Ticket ₹ 100/-
1st Prize ₹ 1 CRORE Including Super Prize Amount
2nd Prize 10 LAKH Including Super Prize Amount
3rd Prize ₹ 2 LAKH Each Including Super Prize Amount
DRAW 10.07.2019 4.30 PM ONWARDS
FREE POSTAGE Tickets worth Rs. 1400/- will be sent by Regd. Post. Send BANK DRAFT / MONEY ORDER in favour of ANAND AGENCIES payable at Asansol (W.B.) with full Address & Pin Code to the following address
We request all customers please mention your active mobile no. for easy delivery
ANAND AGENCIES 407, Lower Chelidanga, Mother Teresa Road, Asansol - 713304 Mob. No.: 7365895446 / 9021166358

ସମ୍ବଲପୁରୀ ବସ୍ତ୍ରାଳୟ
ରଥଯାତ୍ରା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୨୮.୦୬.୨୦୧୯ ରୁ ତା.୦୪.୦୭.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, କୋଟପାଡ଼ ଶାଢ଼ି ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।
୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ୍ ସାମ୍ନା, ବରଗଡ଼






ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।
–ଶ୍ରୀଅରବିନ୍ଦ



# ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ



ଆକାର ପଟେଲ

ଜିନ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ ପାକିସ୍ତାନର ଡନ୍ ଖବରକାଗଜରେ ଜୁନ୍ ୨୮ ତାରିଖ ଶୁକ୍ରବାର ଏହି ଖବର ପ୍ରକାଶ ପାଇଛି: ଏକ ବର୍ଣ୍ଣିଳ ଉତ୍ସବରେ ଗୁରୁବାର ସନ୍ଧ୍ୟାରେ ଲାହୋର ଦୁର୍ଗରେ ମୈ ଜିନ୍ଦାଙ୍କ ହବେଲିରେ ଶିଖ୍ ଶାସକ ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଶୀତଳ ବ୍ରୋଞ୍ଜରେ ନିର୍ମିତ ୯ ଫୁଟ୍ ଉଚ୍ଚର ଏହି ପ୍ରତିମୂର୍ତ୍ତିରେ ଶିଖ୍ ସମ୍ରାଟ୍ ସମ୍ପୂର୍ଣ୍ଣ ପାରମ୍ପରିକ ପୋଷାକରେ ହାତରେ ଖଣ୍ଡା ଧରି ଏକ ଘୋଡ଼ା ଉପରେ ଉପବେଶନ କରିଛନ୍ତି। ଫକିର ଖାନ୍ନା ମ୍ୟୁଜିୟମ ତତ୍ତ୍ୱାବଧାନରେ ସ୍ଥାନୀୟ ସ୍ଥପତିମାନେ ଏହି ମୂର୍ତ୍ତି ନିର୍ମାଣ କରିଛନ୍ତି ଏବଂ ଏହା ମହାରାଜା ରଣଜିତ୍ ସିଂଙ୍କ ୧୮୦ତମ ମୃତ୍ୟୁ ବାର୍ଷିକୀରେ ଉନ୍ମୋଚିତ ହୋଇଛି। ରଣଜିତ୍ ସିଂ ୧୮୩୯ ମସିହାରେ ପରଲୋକ ଗମନ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଯୁବକମାନେ ଶିଖ୍ ସାମରିକ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

ଗତ ମାର୍ଚ୍ଚ ୨୪ ତାରିଖରେ ଆଉ ଏକ ଅସ୍ୱାଭାବିକ ଖବର ପ୍ରକାଶ ପାଇଥିଲା: ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କର ଦଳେ ଅନୁଗାମୀ ପାକିସ୍ତାନର ଲାହୋର ନଗରୀ ଅନ୍ତର୍ଗତ ଶାଦମାନ ଚୌକଠାରେ ଉକ୍ତ ତିନିଜଣ ଶହୀଦଙ୍କ ୮୮ତମ ଶହୀଦ ଦିବସରେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଯେଉଁଠାରେ ୧୯୩୧ ମାର୍ଚ୍ଚ ୨୩ ତାରିଖରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ମହିଳା ଓ ପିଲାଙ୍କ ସମେତ ଲୋକମାନେ ହାତରେ ଦୀପ ଧରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ 'ଭଗତ ସିଂ ଜିନ୍ଦା ହୈ', 'ଶହୀଦ ଭଗତ ସିଂ ତେରୀ ଶୋଚତେ, ପହରା ଦେଙ୍ଗେ ଠୋକ୍‌କେ' ଇତ୍ୟାଦି ସ୍ଲୋଗାନରେ ସ୍ଥାନଟି ମୁଖରିତ ହୋଇଉଠିଥିଲା। ଇମ୍‌ତିଆଜ୍ ରଶିଦ କ୍ୟୁରେଶୀଙ୍କ ଦ୍ୱାରା ପରିଚାଳିତ ଭଗତ ସିଂ ମେମୋରିଆଲ ଫାଉଣ୍ଡେଶନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଇମ୍‌ତିଆଜ୍‌ଙ୍କ ପକ୍ଷରୁ ଉକ୍ତ ସ୍ଥାନର ନାମ ଶାଦ୍‌ମାନ ଚୌକ ବଦଳରେ ଶହୀଦ ଭଗତ ସିଂ ଚୌକ ରଖିବାକୁ ଦାବି କରି ଲାହୋର ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି।

ପ୍ରଶ୍ନ ହେଉଛି ଭାରତ ଦୃଢ଼ ମୁସଲମାନ–ବିରୋଧୀ ପର୍ଯ୍ୟାୟ ଦେଇ ଗତି କରୁଥିବା ବେଳେ ପାକିସ୍ତାନ କାହିଁକି ଉକ୍ତ ଶହୀଦମାନଙ୍କର ସ୍ମୃତିଦିବସ ପାଳନ କରିବାକୁ ଉଚିତ ମନେକରୁଛି। ତା'ର କାରଣ ହେଉଛି ପାକିସ୍ତାନରେ ମଧ୍ୟ ଶକ୍ତିଶାଳୀ ପଞ୍ଜାବୀ ଜାତୀୟତାବାଦ ରହିଛି। ପାକିସ୍ତାନର ଅଧାଅଧି ଲୋକ ପଞ୍ଜାବୀ ଭାଷା କହନ୍ତି। ପାକିସ୍ତାନର ପାଞ୍ଚଟି ବଡ଼ ସହର ଲାହୋର, ରାଓ୍ୱଲପିଣ୍ଡି, ଗୁଜରାନଓ୍ୱାଲା ଓ ଫୈସଲାବାଦ ପଞ୍ଜାବରେ ଅବସ୍ଥିତ। ତା' ସହ ପାକିସ୍ତାନୀ ସେନାର ୮୫ ପ୍ରତିଶତ ହେଉଛନ୍ତି ପଞ୍ଜାବୀ।

ଭାରତ ଇତିହାସରେ ରଣଜିତ୍ ସିଂଙ୍କ ଶିଖ୍ ସାମ୍ରାଜ୍ୟ ଥିଲା ପଞ୍ଜାବୀ ଅଧ୍ୟୁଷିତ ଉତ୍ତରଭାରତ ଏବଂ ସିଂ କହିଲେ ପଞ୍ଜାବୀ ବୀରଙ୍କୁ ବୁଝାଏ। ରଣଜିତ୍ ସିଂଙ୍କ ସେନା କାବୁଲ ପର୍ଯ୍ୟନ୍ତ ଜୟ କରିଥିଲେ ଏବଂ ସେ ଓ ଟିପୁ ସୁଲତାନ ଥିଲେ ଭାରତୀୟ ଉପମହାଦେଶରେ ଶେଷ ସ୍ୱାଧୀନ ଶାସକ, ଯେତେବେଳେ କି ବ୍ରିଟିଶ୍‌ମାନେ ଭାରତର ଅବଶିଷ୍ଟ ଅଞ୍ଚଳକୁ ଦଖଲ କରିସାରିଥିଲେ। ସେ ଜଣେ ମହାନ୍ ଯୋଦ୍ଧା ଥିଲେ ଏବଂ ରଣଜିତ୍ ସିଂଙ୍କ ପରଲୋକ ପରେ ହିଁ ବ୍ରିଟିଶ୍‌ମାନେ ପଞ୍ଜାବ ଜୟ କରିବାକୁ ସମର୍ଥ ହୋଇପାରିଥିଲେ।

ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଜମ୍ମୁର ଡୋଗ୍ରା ରାଜପୁତମାନେ କଶ୍ମୀରକୁ ଶାସନ କରିବାକୁ ସମର୍ଥ ହେବା ମୂଳରେ ଅଛି ସେମାନଙ୍କର ପଞ୍ଜାବ ପ୍ରତି ବିଶ୍ୱାସଘାତକତା। ସେମାନେ ବିଶ୍ୱାସଘାତକତା କରି ନ ଥିଲେ ଜମ୍ମୁ ଓ କଶ୍ମୀର ଦୁଇଟି ଅଲଗା ରାଜ୍ୟ ହୋଇ ରହିଥାନ୍ତା। ସେତେବେଳେ ଭାରତରେ ମାତ୍ର ୫ଟି ରାଜ୍ୟ ଥିଲା, ଯାହା ତା'ର ଶାସକମାନଙ୍କ ପାଇଁ ୨୧–ଗନ୍ ସାଲ୍ୟୁଟ୍ ପାଇବା ଲାଗି ଯଥେଷ୍ଟ ବଡ଼ ଥିଲା। ସେଗୁଡ଼ିକ ହେଉଛି: ମହୀଶୂର, ହାଇଦ୍ରାବାଦ, ବରୋଦା, ଗ୍ୱାଲିୟର ଏବଂ ଜମ୍ମୁ ଓ କଶ୍ମୀର। ଅଧିକାଂଶ ଭାରତୀୟ ଔରଙ୍ଗଜେବଙ୍କ ମୃତ୍ୟୁ ପରେ ଅଷ୍ଟାଦଶ ଶତାବ୍ଦୀ ଭାରତର ଇତିହାସ ଜାଣନ୍ତି ନାହିଁ, ଯେତେବେଳେ ଭାରତର ହିନ୍ଦୁ ରାଜାମାନେ କେବଳ ପରସ୍ପରକୁ ଆକ୍ରମଣ କରିବାରେ ବ୍ୟସ୍ତ ଥିଲେ। ମରାଠାମାନେ ରାଜପୁତମାନଙ୍କୁ ଧମକାଇ ଏତେ ଧନ ଲୁଟୁଥିଲେ ଯେ ଜୟପୁରର ପ୍ରତିଷ୍ଠାତା ସଓ୍ୱାଇ ଜୟସିଂଙ୍କ ପୁତ୍ର ମହାରାଜା ଈଶ୍ୱରୀ ସିଂ ୧୭୫୦ ମସିହାରେ ଆତ୍ମହତ୍ୟା କରିଦେଲେ। ଏଥିରେ ପ୍ରତିହିଂସାପରାୟଣ ହୋଇ ରାଜପୁତମାନେ ବିଜେତାଭାବେ ଜୟପୁର ନଗରୀରେ ପ୍ରବେଶ କରିଥିବା ୪୦୦୦ ମରାଠା ସୈନିକଙ୍କୁ ୯ ଘଣ୍ଟାରେ ହତ୍ୟା କଲେ। ଆମ ଇତିହାସ ବହିରେ ଏସବୁ ପଢ଼ାଯାଉ ନାହିଁ। ଏହା ଜାଣିଲେ ଅଧିକାଂଶ ଭାରତୀୟ ବିଚଳିତ ହୋଇପଡ଼ିବେ କାରଣ ଆମର ବିଚାରବୋଧକୁ ଧାର୍ମିକ ଜାତୀୟତାବାଦରେ ରଙ୍ଗେଇ ଦିଆଯାଇଛି। ପାକିସ୍ତାନରେ ଉକ୍ତ ବ୍ୟକ୍ତିମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବାରେ କୌଣସି ସମସ୍ୟା ନାହିଁ, ଭାରତରେ ଜିନ୍ନା ବା ସେଭଳି ବିବାଦୀୟ ବ୍ୟକ୍ତିମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବାରେ ଯେପରି ସମସ୍ୟା ଅଛି।

ଆମ ବୀରମାନଙ୍କୁ ପାକିସ୍ତାନରେ ସମ୍ମାନ ଦିଆଯିବ ସେ କଥା ଆମେ ଆଶା କରିପାରିବା ନାହିଁ। ସେଥିପାଇଁ ଏପରି ରିପୋର୍ଟ ପ୍ରକାଶ ପାଇବା ପରେ ଆମେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କିନ୍ତୁ ବାସ୍ତବରେ ଭାରତୀୟମାନେ ମୁଖ୍ୟତଃ ପାକିସ୍ତାନ ବିଷୟରେ ଅନଭିଜ୍ଞ ଏବଂ ଆମେ ବିକ୍ଷିପ୍ତ ଗଣମାଧ୍ୟମରୁ ଯେତିକି ଜାଣୁ ଆମର ଜ୍ଞାନ ସେତିକିରେ ସୀମିତ।

Email: aakar.patel@gmail.com

# ପୁରୀରୁ ବ୍ରହ୍ମଗିରି



ଡ. ପ୍ରଫୁଲ୍ଲ କୁମାର ସାହୁ

ସଚରାଚର ବିଶ୍ୱରେ ଯାହା କିଛି ଘଟୁଛି, ତା' ପଛରେ ରହିଛି ବିଶ୍ୱନିୟନ୍ତାଙ୍କ ମହତ୍ ଉଦ୍ଦେଶ୍ୟ। ସେ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଭଗବାନ ବେଳେ ବେଳେ ଲୋଡ଼ନ୍ତି ଜଣେ ଜଣେ ମହାନ୍ ଭକ୍ତଙ୍କ ସହଯୋଗ। ଭଗବାନଙ୍କ ଦୃଷ୍ଟିରେ ସେଭଳି ଜଣେ ଭକ୍ତ ଥିଲେ ଦାକ୍ଷିଣାତ୍ୟର ବେଦଜ୍ଞ ବ୍ରାହ୍ମଣ ଆଲବନ୍ଦରାଚାର୍ଯ୍ୟ। ଗୁରୁକୁଳ ଆଶ୍ରମ ପରମ୍ପରାର ଜଣେ ମହାନ୍ ଆଚାର୍ଯ୍ୟ। ପୁରୁଷୋତ୍ତମ କ୍ଷେତ୍ରବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କର ଆରାଧ୍ୟ ଦେବତା। ଏକଦା ତ୍ରିଭେନ୍ଦ୍ରମ୍‌ରୁ ପଦବ୍ରଜରେ ଆସି ସେ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ମହାପ୍ରଭୁଙ୍କ ଦର୍ଶନ ପାଇଁ। ବଡ଼ଦାଣ୍ଡ ଧୂଳି ଛୁଇଁବା କ୍ଷଣି ତାଙ୍କ ଦେହରେ ଖେଳିଗଲା ଏକ ଅନିର୍ବଚନୀୟ ଆନନ୍ଦ। ମହାପ୍ରଭୁଙ୍କ ଦର୍ଶନ ଲଭିବେ, ଏହି ଖୁସିରେ ଭୁଲିଗଲେ କ୍ଷୁଧା, ତୃଷ୍ଣା ଓ ଦୀର୍ଘ ଦିନର ପଥଶ୍ରମଜନିତ କ୍ଳାନ୍ତି। ଆଗେ ଦର୍ଶନ, ତା'ପରେ ଜଳ ଗ୍ରହଣ, ମନେମନେ ଏହି ସଂକଳ୍ପ ନେଇ ଚାଲିଲେ ଆଗକୁ। ମାତ୍ର ମନ୍ଦିର ବେଢ଼ାରେ ପହଞ୍ଚି ଜାଣିଲେ ଏବେ ଅନବସର କାଳ। ଠାକୁରେ ଗୁପ୍ତପୂଜାରେ ଥିବାରୁ ମିଳିବନି ଦର୍ଶନ। ଅଧୀର ହୋଇ ଉଠିଲା ଦର୍ଶନପିପାସୁ ଭକ୍ତର ପ୍ରାଣ। ଅନବସର ତାଟି ନ ଖୋଲିବା ଯାଏ ଦର୍ଶନ ମିଳିବନି ଜାଣି ଆନନ୍ଦାଶ୍ରୁ ବଦଳରେ ଆଖିରୁ ଝରିଗଲା ଧାରଧାର ବେଦନାର ଲୁହ। ଅଭିମାନରେ ଫାଟି ପଡ଼ିଲା ଛାତି। ଲୁହ ଆଉ କୋହରେ ଅସ୍ଥିର ହେଲା ପରେ ବି ତାଙ୍କ ହୃଦୟରେ ଉଜାଗର ଥିଲା ସେହି ଗୋଟିଏ ଭାବ– ଭଗବାନ କେବଳ ଭକ୍ତର। ଭକ୍ତ ପାଇଁ ସେ ନନ୍ଦିଘୋଷ ଛାଡ଼ି ବିଜେ କରି ପାରନ୍ତି ବଳରାମ ଦାସ ବାଲିରଥରେ। ଛାଠିଏ ପଉଟି ଭୋଗ ଛାଡ଼ି ଖାଇ ପାରନ୍ତି କରମା ବାଈର ଖିରି। ତେଣୁ ଭକ୍ତର ଆକୁଳ ଡାକ ଶୁଣି ଆଜି ସେ ଅଣସର ପିଣ୍ଡିରୁ ଉଠି ନ ଆସିବେ କାହିଁକି? ପ୍ରଭୁଙ୍କର ଯଦି ସେ କରୁଣା ନ ହୁଏ ତେବେ ଏ ଜୀବନ ରଖି କି ଲାଭ? ବରଂ ଅଦୂରରେ ଥିବା ମହୋଦଧିରେ ପ୍ରାଣ ବିସର୍ଜନ ଦେବା ଭଲ। ମନେମନେ ଏଭଳି ଏକ ସଂକଳ୍ପ ନେଇ ସେ ବସିରହିଲେ ମନ୍ଦିର ବେଢ଼ାରେ।

ଦିନ ଯାଇ ରାତି ହେଲା, କିନ୍ତୁ ମିଳିଲାନି ଦର୍ଶନ। ପ୍ରତିଜ୍ଞା ପାଳନ ପାଇଁ ଚେଇଁ ଉଠିଲା ସ୍ୱାଭିମାନ। ଶେଷଥର ପାଇଁ ମନ୍ଦିର ଆଡ଼କୁ ଚାହିଁଦେଇ ସେ ବାହାରି ଆସିଲେ ବେଢ଼ା ବାହାରକୁ। ଗୁପ୍ତପୂଜାରେ ଥାଇ ଚମକି ଉଠିଲେ ପ୍ରଭୁ। ଥରିଉଠିଲା ଅଣସର ପୀଠ। ସହସା ସନ୍ଦେଶ ଯାଇ ପହଞ୍ଚିଲା ସ୍ୱର୍ଗଦ୍ୱାର ରକ୍ଷକ ମଶାଣିଆ ହନୁମାନ ପାଖରେ। ଏଣେ ସ୍ୱାଭିମାନର ଦମ୍ଭିଲାପଣ ଯୋଗୁ ଅନ୍ଧାରକୁ ଖାତିର ନ କରି ସ୍ୱର୍ଗଦ୍ୱାର ରାସ୍ତାରେ ଚାଲିଛନ୍ତି ଆଚାର୍ଯ୍ୟେ। ଭେଟ ହେଲା ଅନ୍ୟ ଜଣେ ବାଟୋଇଙ୍କ ସହ। ଆଳାପ ଛଳରେ ମହାପ୍ରଭୁଙ୍କ ଅଣସର ବିଧି ସମ୍ପର୍କରେ ସେ ବଖାଣିଲେ ଅନର୍ଗଳ। ଶୁକ୍ଳପକ୍ଷ ଦ୍ୱିତୀୟା ଯାଏ ଅପେକ୍ଷା କରିବାକୁ ପରାମର୍ଶ ଦେଲେ ଅତି ସହୃଦୟ ଚିତ୍ତରେ। ମାତ୍ର ଆଚାର୍ଯ୍ୟଙ୍କର ସେହି ଏକା ଜିଦ୍ ନୀଳାଦ୍ରିନାଥଙ୍କ ଦର୍ଶନ, ନ ହେଲେ ପ୍ରାଣ ବିସର୍ଜନ। ଅଗତ୍ୟା ବାଟୋଇ ନିଜ ରୂପରେ ପ୍ରକଟିତ ହୋଇ ଜଣେଇଦେଲେ ପ୍ରଭୁଙ୍କ ସନ୍ଦେଶ। ସମ୍ମୁଖରେ ଭକ୍ତ ହନୁମାନଙ୍କୁ ଦେଖି ପ୍ରଣିପାତ କଲେ ଆଚାର୍ଯ୍ୟ। ମାତ୍ର ତାଙ୍କର ଉପସ୍ଥିତି ଘଟଣାକୁ ନେଇ ଆହୁରି ଦୃଢ଼ ହେଲା ସ୍ୱାଭିମାନୀ ଭକ୍ତର ସଙ୍କଳ୍ପ। ସେ ଜାଣନ୍ତି ଭକ୍ତ ଭଗବାନ ମଧ୍ୟରେ ଭାବବିନିମୟ ପାଇଁ ଆବଶ୍ୟକ ହୁଏନି କୌଣସି ତୃତୀୟ ପକ୍ଷର ସହଯୋଗ। ମାତ୍ର ତାଙ୍କ କ୍ଷେତ୍ରରେ ଏହି ତୃତୀୟ ପକ୍ଷର ଉପସ୍ଥିତିକୁ ନେଇ ଆହୁରି ଆଘାତପ୍ରାପ୍ତ ହେଲେ। ଭକ୍ତର ସ୍ୱାଭିମାନ ସଙ୍କଳ୍ପରୁ ଟଳିବା ପରିବର୍ତ୍ତେ ପ୍ରକାଶ ପାଇଲା ଦୃଢ଼ତା। କ୍ଷମାପ୍ରାର୍ଥନା କରିବା ସହିତ ଭକ୍ତ ହନୁମାନଙ୍କଠାରୁ ବିଦାୟ ନେଇ ଚାଲିଲେ ଆପଣା ଲକ୍ଷ୍ୟ ପଥରେ। ଗୋଟିଏ ପାର୍ଶ୍ୱରେ ସ୍ଥିର ସଙ୍କଳ୍ପ ଅନ୍ୟ ପାର୍ଶ୍ୱରେ ମହାପ୍ରଭୁଙ୍କୁ ଅବମାନନା କରିବାର ଅନୁଶୋଚନା। ଭାବନାର ଏହି ଚକ୍ରବ୍ୟୂହ ଭିତରେ ପଡ଼ି ସେ ଭୁଲିଗଲେ ବାଟ। ମହୋଦଧି ଅଭିମୁଖେ ଯିବା ପରିବର୍ତ୍ତେ ଚାଲିଲେ ତା'ର ବିପରୀତ ଦିଗରେ। ଉଦ୍ଦେଶ୍ୟ ଚରିତାର୍ଥ ହେବା ଯାଏ ଅନ୍ତର୍ଦ୍ଧାନ ହେଲେ ମଶାଣିଆ ମହାବୀର।


ରାତି ଯେତେ ଗଭୀର ହେଲା, ସେତେ ଦ୍ରୁତ ହେଲା ପାଦର ଗତି। ଅଥଚ ସରିଲାନି ରାସ୍ତା। ସତେଯେମିତି ଘୁଞ୍ଚି ଘୁଞ୍ଚି ଯାଉଛି ସମୁଦ୍ର। ଏମିତି ବାଟ ଚାଲୁ ଚାଲୁ ଦିନ ଯାଇ ଆସିଲା ରାତି। ପୁରୀର ପଶ୍ଚିମକୁ ୧୪ ମାଇଲ ଦୂରରେ ଅବସ୍ଥିତ ବ୍ରହ୍ମଗିରିରେ ଥିବା ଏକ ପୋଖରୀ କୂଳରେ ଅଟକିଗଲେ ଆଚାର୍ଯ୍ୟେ। ଭାବିଲେ ସେହି ପୁଷ୍କରିଣୀ ଜଳରେ ବୁଡ଼ି ବିସର୍ଜନ କରିବେ ପ୍ରାଣ। ହଠାତ୍ ଆଖି ଆଗରେ ଉଦ୍ଭାସିତ ହେଲା ଏକ ଦିବ୍ୟ ଆଲୋକମଣ୍ଡଳ। ଆଖିମଳି ଚାହିଁଲେ ଆଗକୁ। ଶରୀରରେ ଖେଳିଗଲା ଶିହରଣ। ଆଖି ସାମ୍ନାରେ ସ୍ୱୟଂ ଜଗତର ନାଥ ଜଗନ୍ନାଥ। ବିଶ୍ୱାସ କରି ପାରୁ ନ ଥିଲେ ନିଜ ଆଖିକୁ। ଶୁଣିଥିଲେ ଜଗନ୍ନାଥ ବିଶ୍ୱର ବିଚିତ୍ର। ଭକ୍ତ କେବଳ ତାଙ୍କ ପାଖକୁ ଯାଏନି, ସେ ବି ନିଜେ ଆସନ୍ତି ଭକ୍ତ ପାଖକୁ। ଯାହା ଶୁଣିଥିଲେ, ତା'ର ପ୍ରମାଣ ସେ ଦେଖୁଛନ୍ତି ନିଜ ଆଖି ସାମ୍ନାରେ। ହେଲେ ପ୍ରଭୁଙ୍କର ଏ କି ବିପର୍ଯ୍ୟସ୍ତ ବେଶ! ଶ୍ରୀଅଙ୍ଗରୁ ଝରି ପଡ଼ୁଛି ବିନ୍ଦୁ ବିନ୍ଦୁ ସ୍ୱେଦ। ଲିଭିଯାଇଛି ଊର୍ଦ୍ଧ୍ୱପୁଣ୍ଡ୍ର। କେଡ଼େ ବିମର୍ଷ ଦିଶୁଛି ସତେ ତାଙ୍କ ବାଧିକା ଚେହେରା! ନା ଏ ରୂପରେ ନୁହେଁ, ସେ ଦେଖିବାକୁ ଚାହିଁଥିଲେ ପ୍ରଭୁଙ୍କ ନବୀନ ନୀରଦ କାନ୍ତି। ଭାବଗ୍ରାହୀ ତତ୍‌କ୍ଷଣାତ୍ ଗ୍ରହଣ କଲେ ଭକ୍ତର ଭାବ। ଧାରଣ କଲେ ନବୀନ ନୀରଦ କାନ୍ତି। ଶ୍ରୀହସ୍ତରେ ଶୋଭା ପାଉଥିଲା ଶଙ୍ଖ, ଚକ୍ର, ଗଦା, ପଦ୍ମ। ଜୀବନର ସବୁଯାକ ଆନନ୍ଦ ଯେମିତି ଅଜାଡ଼ି ହୋଇପଡ଼ିଲା ଆଚାର୍ଯ୍ୟଙ୍କ ଉପରେ। ଆନନ୍ଦରେ କମ୍ପି ଉଠିଲା ଦେହ। ଲୋଟି ପଡ଼ିଲେ ପ୍ରଭୁଙ୍କ ଚରଣକମଳ ତଳେ। ସେ ଦିବ୍ୟ ମୁହୂର୍ତ୍ତରେ ସେ ମନେମନେ ଭାବୁଥିଲେ– ସବୁଦିନ ପାଇଁ ପ୍ରଭୁ ଏଠି ଥାଆନ୍ତେ କି ଏହି ରୂପରେ। ପ୍ରଭୁଙ୍କୁ ସ୍ପର୍ଶକଲା ଭକ୍ତର ଅମୃତମୟ ଭାବନା। ଖାଲି ସ୍ପର୍ଶ କଲା ନୁହେଁ ଏକ ହୋଇଗଲା ଭକ୍ତ ଓ ଭଗବାନଙ୍କ ଇଚ୍ଛା। ଭକ୍ତ ପ୍ରକୃତିସ୍ଥ ହେଲା ବେଳକୁ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ ଭଗବାନ। ହେଲେ ଭକ୍ତର ଇଚ୍ଛା ପୂର୍ଣ୍ଣ ହେବ ବୋଲି ଶୁଣେଇ ଦେଇଥିଲେ ଶୂନ୍ୟବାଣୀ। ସେହିଦିନଠାରୁ ଆଚାର୍ଯ୍ୟେ ଆରମ୍ଭ କଲେ ପ୍ରୟାସ। ରାଜା ସବୁକଥା ଶୁଣିବା ପରେ ତାଙ୍କ ଆଦେଶରେ ସେଠାରେ ନିର୍ମାଣ ହେଲା ୫୦ଫୁଟ ଉଚ୍ଚତାର ଏକ ଭବ୍ୟ ମନ୍ଦିର। ଭକ୍ତ ଯେଉଁ ରୂପରେ ମହାପ୍ରଭୁଙ୍କୁ ଦେଖିଲେ ଠିକ୍ ସେହି ରୂପରେ ପୂଜା ପାଇଲେ କଳା ମୁଗୁନି ପଥରରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂଳ ବିଗ୍ରହ। ଭକ୍ତ ଆଲବନ୍ଦରାଚାର୍ଯ୍ୟଙ୍କ ନାମାନୁସାରେ ମହାପ୍ରଭୁ ଏଠାରେ ବହନ କଲେ 'ଅଲାରନାଥ' ନାମ। ବ୍ରହ୍ମଗିରିରେ ବଢିଚାଲିଲା ଅଲାରନାଥଙ୍କ ମହିମା। ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଛୁଟିଲେ ହଜାର ହଜାର ଭକ୍ତ।

ଅତୀତର ଭିତ୍ତିଭୂମି ଉପରେ ଠିଆହୋଇଛି ବର୍ତ୍ତମାନ। ଏହା ହୋଇପାରେ ଅତୀତଠାରୁ ଯଥେଷ୍ଟ ଉନ୍ନତ ଓ ସୁଖମୟ। ମାତ୍ର ବିକାଶ ପଥରେ ଯେତେ ଆଗକୁ ଗଲେ ବି ଅତୀତକୁ ବିସ୍ମରିଯିବା ଅନୁଚିତ। ଜଗତକୁ ଏହି ସନ୍ଦେଶ ଦେବା ପାଇଁ ପୁରୀରୁ ବ୍ରହ୍ମଗିରି ଯାଏ ଭକ୍ତ ପଛେ ପଛେ ଧାଇଁଛନ୍ତି ଜଗନ୍ନାଥ। କାରଣ ଏହି ବ୍ରହ୍ମଗିରିରେ ସେ ପ୍ରଥମେ ପୂଜା ପାଉଥିଲେ ଶିଳାପଦ୍ମ ରୂପରେ। ଅତୀତ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଅଲାରନାଥ ରୂପରେ ପ୍ରତିଷ୍ଠା ପାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ସେହି ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ସେ ଲୋଡ଼ିଛନ୍ତି ଭକ୍ତିର ଗନ୍ତାଘର ଆଲବନ୍ଦରାଚାର୍ଯ୍ୟଙ୍କ ସହଯୋଗ। ବାସ୍ତବରେ ଭକ୍ତକୁ ଦର୍ଶନ ଦେବା ପାଇଁ ଗୁପ୍ତପୂଜାରୁ ଉଠି ଆସିଲେ ଜ୍ୱରପୀଡ଼ିତ ଜଗନ୍ନାଥ– ଆଲବନ୍ଦରାଚାର୍ଯ୍ୟଙ୍କ ଭଳି ଜଣେ ଶୁଦ୍ଧ ଭକ୍ତ ନ ହେଲେ କିଏ ଭାବି ପାରିବ ଏକଥା। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି– ଯା ମନ ଯେପରି ତା' ପାଇଁ ସେପରି ଫଳ ରଖିଥାଏ ବିଶ୍ୱ, ଉଚ୍ଚମନା ନିଜେ ଅମୃତ ଲଭଇ ନୀଚମନା ପାଏ ବିଷ।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ – ୯୪୩୮୮୫୫୦୮୮

# ରପ୍ତାନି ସଂଗଠନ ସଭାପତି

## ବ୍ୟକ୍ତିତ୍ୱ



ଶରଦ କୁମାର ସରାଫ୍

ନିକଟରେ ଭାରତୀୟ ସାମଗ୍ରୀ ଉପରୁ ଆମେରିକା ଅଗ୍ରାଧିକାର ପ୍ରବେଶ ସୁବିଧା ପ୍ରତ୍ୟାହାର କରିଥିଲା। ପରେ ନୂଆଦିଲ୍ଲୀ ଆମେରିକାରୁ ଆସୁଥିବା ୨୮ ପ୍ରକାର କୃଷିଜାତ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କଲା। ଏହାଫଳରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଥଲା। ୨୮ ଜୁନ୍‌ରେ ଜାପାନର ଓସାକାଠାର ଜି୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ଟାରିଫ୍ ବୃଦ୍ଧିକୁ ନେଇ ଆଲୋଚନା ହୋଇଛି। ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ଥିବା ତାରତମ୍ୟ ଦୂର କରିବା ସକାଶେ ଦୁଇ ଦେଶର ଶୀର୍ଷ ନେତା ଏକପ୍ରକାର ବୁଝାମଣା ସ୍ତରକୁ ଆସିଛନ୍ତି। ଏଭଳି ସ୍ଥଳେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ ବା ଭାରତୀୟ ରପ୍ତାନି ସଂଗଠନ ସଂଘ (ଏଫ୍‌ଆଇଇଓ)ର ଗୁରୁତ୍ୱ ବଢ଼ିଯାଇଛି।

ଏଫ୍‌ଆଇଇଓ ଭାରତର ବାଣିଜ୍ୟ ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଏକ ଶୀର୍ଷ ସଂଗଠନ। ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଘରୋଇ ବାଣିଜ୍ୟ ଓ ଶିଳ୍ପର ମିଳିତ ସହଯୋଗରେ ଏହା ୧୯୬୫ ମସିହାରେ ନୂଆଦିଲ୍ଲୀଠାରେ ସ୍ଥାପନ କରାଯାଇଥିଲା। ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ, କମୋଡିଟି ବୋର୍ଡସ୍ ଆଣ୍ଡ ଏକ୍ସପୋର୍ଟ ଡେଭଲପ୍‌ମେଣ୍ଟ ଅଥରିଟିଜ୍ ଇନ୍ ଇଣ୍ଡିଆର ସର୍ବୋଚ୍ଚ ସଂସ୍ଥା ହୋଇଥିବାରୁ ଏଫ୍‌ଆଇଇଓ ରପ୍ତାନି ବାଣିଜ୍ୟ ବୃଦ୍ଧି ଲକ୍ଷ୍ୟରେ ଆଗେଇ ଚାଲିଛି। ଭାରତୀୟ ରପ୍ତାନିର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅବଦାନ ଏହାର ସଦସ୍ୟମାନଙ୍କ ଦ୍ୱାରା ହେବା ନେଇ ଏଫ୍‌ଆଇଇଓ ନିର୍ଦ୍ଦେଶ ଦେଇଥାଏ। ଭାରତର ଅନ୍ତର୍ଜାତୀୟ ବାଣିଜ୍ୟ ଗୋଷ୍ଠୀ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବାଣିଜ୍ୟିକ ଆଦାନପ୍ରଦାନ, ରେଳପଥ, ବନ୍ଦର, ଭୂପୃଷ୍ଠ ପରିବହନ, ବିତ୍ତୀୟ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ସୁଗମ କରିବା ଦିଗରେ ଏଫ୍‌ଆଇଇଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ତେଣୁ ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ସାଂଗଠନିକ ଦକ୍ଷତା ରାପ୍ତାନି କ୍ଷେତ୍ରକୁ ତ୍ୱରାନ୍ୱିତ କରିଥାଏ। ନିକଟରେ ଦେଶର ଜଣାଶୁଣା ରପ୍ତାନିକାରୀ ଗଣେଶ କୁମାର ଗୁପ୍ତାଙ୍କ ସ୍ଥାନରେ ଶରଦ କୁମାର ସରାଫଙ୍କୁ ଏଫ୍‌ଆଇଇଓ ସଭାପତି ଦାୟିତ୍ୱ ଅର୍ପଣ କରାଯାଇଛି। ରପ୍ତାନି ବାଣିଜ୍ୟକୁ ଅଧିକ କ୍ରିୟାଶୀଳ କରିବେ ବୋଲି ସେ କହିଛନ୍ତି।

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ବମ୍ବେ ଭଳି ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ଧାରଣ କରିଥିବା ଶରଦ କିଛି ନୂଆ କରି ଦେଖାଇବାର ଚିନ୍ତା ମନରେ ରଖିଥିଲେ। ସେଥିପାଇଁ ଚାକିରିକୁ ଜୀବନର ସର୍ବସ୍ୱ ନ ଭାବି ଔଦ୍ୟୋଗିକ ବିକାଶ ଦିଗରେ ନିଜକୁ ନିୟୋଜିତ କରିଥିଲେ। ପ୍ରାରମ୍ଭିକ ଅବସ୍ଥାରେ ସେ ଟେକ୍ନୋକ୍ରାଟ୍ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ପ୍ରତିଷ୍ଠା କରିଥିଲେ। ଏହା ନିର୍ମାଣ ସାମଗ୍ରୀ ଓ କପଡ଼ା ସମ୍ପର୍କିତ ଦ୍ରବ୍ୟ ଉତ୍ପାଦନ କରୁଛି। ଏଥିସହିତ ସିଟି ଅଫ୍ ନ୍ୟୁ ଓର୍ଲିନ୍ସ ଲା'ର ଅବୈତନିକ ଆମ୍ବାସାଡର, ଫେଡେରେଶନ୍ ଅଫ୍ ଏକ୍ସପୋର୍ଟିଂ ୟୁନିଟ୍ ଓ ଇଣ୍ଡିଆନ୍ କଟନ୍ ମିଲ୍ସ ପ୍ରଡକ୍ସନ ସଦସ୍ୟ ରହିଥିବା ଶରଦଙ୍କ ରପ୍ତାନି କ୍ଷେତ୍ରରେ ବିଶେଷ ଜ୍ଞାନ ଥିବାରୁ ସେ ଏଫ୍‌ଆଇଇଓକୁ ନିର୍ବାଚିତ ହୋଇଥିଲେ। ସଂଗଠନରେ ପ୍ରାରମ୍ଭିକ ସ୍ତରରେ ସେ ଦୁଇ ଥର ଉପସଭାପତି ଓ ୪ ଥର ଆଞ୍ଚଳିକ ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଥିଲେ। ଏହି ସମୟରେ ସେ ରପ୍ତାନିକାରୀଙ୍କ ଅଭିଯୋଗ ସମାଧାନ ଲାଗି ଇଣ୍ଡିଆନ୍ ଏକ୍ସପୋର୍ଟର ଗ୍ରିଭାନ୍ସ ଫୋରମ୍ ପ୍ରତିଷ୍ଠା କରିଥିଲେ। ଏ ସଂକ୍ରାନ୍ତ ବିଭିନ୍ନ ବିବାଦର ସମାଧାନ ଆଇନଗତ ଭାବେ ହୋଇପାରୁଥିବାରୁ ଉକ୍ତ ମଞ୍ଚ ସୃଷ୍ଟି ଲାଗି ସବୁ ଶ୍ରେୟ ତାଙ୍କୁ ମିଳିଥାଏ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗାଁରେ ନାହିଁ ଗୋଟିଏ ବି ମୁସଲମାନ ପରିବାର। ହିନ୍ଦୁ କରୁଛନ୍ତି ମସ୍‌ଜିଦର ଦେଖାରଖା। ପଞ୍ଜାବ ରାଜ୍ୟର ଲୁଧିଆନା ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ରହିଛି ହେଣ୍ଡୋ ବେଟ୍ ଗାଁ। ପରାଧୀନ ଭାରତରେ ଏଠାରେ ପାଖାପାଖି ୫୦ ମୁସଲମାନ ପରିବାର ରହୁଥିବା ବେଳେ ଦେଶ ବିଭାଜନ ପରେ ଏଠାରେ ଜଣେ ବି ମୁସଲମାନ ପରିବାର ନାହାନ୍ତି। ହେଲେ ଆଜି ବି ମସ୍‌ଜିଦରେ ଜଳୁଛି ସଦ୍‌ଭାବନାର ଦୀପ। ପାକିସ୍ତାନ ମିରଖପୁରରୁ ଆସିଥିବା ୧୫ଟି ହିନ୍ଦୁ ପରିବାର ମସ୍‌ଜିଦର ଦେଖାରଖା କରୁଛନ୍ତି। ମୁସଲମାନ ନ ଥାଇ ମଧ୍ୟ କେବେ ମସ୍‌ଜିଦର ଦ୍ୱାର ବନ୍ଦ ହୋଇନାହିଁ କି କେହି କେବେ ଏହାକୁ ଭାଙ୍ଗିଦେବାକୁ ଚାହିଁ ନାହାନ୍ତି। ଏହି କୃଷକ ପରିବାରର ସଦସ୍ୟ ପ୍ରେମ ସିଂ ଗତ ୪ ବର୍ଷ ହେବ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦରେ ଦୀପ ଜାଳୁଥିବା ବେଳେ ଆତ୍ମସନ୍ତୋଷ ଲାଭକରୁଥିବା କୁହନ୍ତି। ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସି ମାନସିକ କରିବା ସହ ମାନସିକ ପୂରଣ ହେଲେ ଚାଦର ଚଢ଼ାଇ ଥା'ନ୍ତି। ମସ୍‌ଜିଦ ପାଇଁ ଗାଁରେ ସୁଖଶାନ୍ତି ବଜାୟ ରହିଛି ବୋଲି ପ୍ରେମ ସିଂ କୁହନ୍ତି।

### ଚିରନ୍ତନୀ


ଛିଡାଇ ଯାଇଛି ବାହା ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ? ହୋଇଲେ କରମ ବାମ।
(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳେ ଧରିତ୍ରୀ

୩୦ ଜୁନ୍ ୧୯୯୪

- ତୋମିଚି ମୁରାୟାମା ଜାପାନର ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚିତ।
- ଲିଙ୍ଗ ନିରୂପଣ ପରୀକ୍ଷାକୁ ହରିୟାଣା ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ଅପରାଧୀଙ୍କ ପ୍ରବେଶ

ମହାଶୟ,

ରାଜନୀତିରେ ଅପରାଧୀଙ୍କ ସଂଖ୍ୟାଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୦୯ ନିର୍ବାଚନରେ ୩୩% ଅପରାଧୀ ଥିଲେ। ୨୦୧୪ ବେଳକୁ ୩୪% ହେଲା। କିନ୍ତୁ ୨୦୧୯ ବେଳକୁ ତାହା ବଢିଯାଇ ୪୬%ରେ ପହଞ୍ଚିଲାଣି। ଏଭଳି ଅପରାଧୀଙ୍କ ସଂଖ୍ୟା ଯଦି ବଢ଼ି ବଢ଼ି ଚାଲେ ତେବେ ରାଜ୍ୟରେ ସୁଶାସନ ବଦଳରେ କୁଶାସନ ହିଁ ଚାଲିବ। ଦୁଃଶାସନମାନଙ୍କର ଦୌରାତ୍ମ୍ୟ ମଧ୍ୟ ବଢ଼ିଯିବ। ଏହାକୁ ରୋକିବା ପାଇଁ କୌଣସି ରାଜନୈତିକ ଦଳ ଇଚ୍ଛା ପ୍ରକଟ କରୁନାହାନ୍ତି। ଯେଉଁ ଲୋକ ଅର୍ଥବଳୀ, ବାହୁବଳୀ ଏବଂ ପ୍ରଭାବଶାଳୀ, ଦଳର ଦଳପତି ତାକୁ ଦଳରେ ସାମିଲ କରୁଛନ୍ତି। ସେମାନେ ଅର୍ଥବଳ ଦ୍ୱାରା ଭୋଟ କିଣିପାରନ୍ତି, ବାହୁବଳ ଦ୍ୱାରା ଆତଙ୍କ ସୃଷ୍ଟି କରିପାରନ୍ତି। ସେମାନଙ୍କ ଚାଟୁ କଥାରେ ଲୋକେ ପ୍ରଭାବିତ ହୋଇପାରନ୍ତି। ସରକାରୀ କଳର ପ୍ରଭାବ ଏବଂ କ୍ଷମତା ମଧ୍ୟ କମ୍ କାମ କରେନାହିଁ। ନିର୍ବାଚନରେ ନିଯୋଜିତ ଅଫିସରମାନେ ସରକାରୀ ଲୋକ। ସେମାନେ ସରକାରଙ୍କ ବୋଲ ମାନି କାମ କରନ୍ତି। ତେଣୁ ନିର୍ବାଚନର ୧ ମାସ ପୂର୍ବରୁ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେଇ ମିଲିଟାରୀ ଶାସନ ଲାଗୁ କରାଯିବା ଉଚିତ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସରକାରଙ୍କୁ ଅନୁରୋଧ

ଯେଉଁ ଦଳ ବି ସରକାର ଗଠନ କରନ୍ତୁ, ସେ ଦଳକୁ ଆମର ଅନୁରୋଧ ସମ୍ବିଧାନ ସଂଶୋଧନ କରି ବହୁଦଳୀୟ ବ୍ୟବସ୍ଥାକୁ ଦ୍ୱିଦଳୀୟ କରନ୍ତୁ। ରାଜନୀତିରେ ବୟସ ସୀମା ୭୦ରେ ସୀମିତ ରଖନ୍ତୁ। ରାଜନେତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ ସ୍ନାତକ ରଖନ୍ତୁ। ଦାଗୀ ନେତାଙ୍କୁ ଟିକେଟ ନ ଦିଆଯାଉ। ସିବିଆଇ ବା ଭିଜିଲାନ୍ସ ଦ୍ୱାରା ଧରା ହେଉଥିବା ସରକାରୀ କର୍ମଚାରୀ ବା ରାଜନେତାଙ୍କର ତୁରନ୍ତ ବିଚାର କରି ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ଶାସନ କଳରୁ ବହିଷ୍କାର କରାଯାଉ। ପୋଲିସକୁ ଦିଆଯାଇଥିବା ଅମାପ କ୍ଷମତା ହ୍ରାସ କରାଯାଉ ଏବଂ ଲାଞ୍ଚୁଆ ପୋଲିସକୁ ସରକାରୀ ଚାକିରିରୁ ବରଖାସ୍ତ କରାଯାଉ।

ବାସନ୍ତୀ ପଟ୍ଟନାୟକ, ମହୁରା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖାମଖିଆଲିରେ ଚାଲିଛି ପିଡିଏସ୍ ଚାଉଳ ପରିବହନ

# ପାଲ ଘୋଡ଼ା ନ ହେବାରୁ ବର୍ଷାରେ ହେଉଛି ନଷ୍ଟ



ଧର୍ମଶାଳା,୨୯।୬(ଡି.ଏନ୍.ଏ.) ଟ୍ରକରେ ପରିବହନ କରାଯାଉଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ଚାଉଳରେ ପାଲ ଘୋଡ଼ାଯାଉ ନ ଥିବାରୁ ଅନେକ ସମୟରେ ବର୍ଷାରେ ଓଦା ହୋଇ ଚାଉଳ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳକୁ ବିଶେଷ ଭାବେ ଧାନମଣ୍ଡଳସ୍ଥିତ ଓୟାର୍ ହାଉସରୁ ପିଡିଏସ୍ ଚାଉଳ ଟ୍ରକ୍ ମାଧ୍ୟମରେ ଅଣାଯାଇଥାଏ। ତେବେ ବର୍ଷା ଦିନରେ ଚାଉଳ ବସ୍ତାକୁ ପାଲ ଘୋଡ଼ାଇ ଅଣାଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହାକୁ କିନ୍ତୁ ପରିବହନ ଦାୟିତ୍ୱରେ ଥିବା ଠିକାଦାର ମାନୁ ନାହାନ୍ତି। ଖୋଲାରେ ପରିବହନ ହେବା ଫଳରେ ଅନେକ ସମୟରେ ଚାଉଳ ବର୍ଷାରେ ଭିଜି ନଷ୍ଟ ହେଉଛି। ଓଦା ହୋଇଥିବା ଚାଉଳକୁ ଡିଲରମାନେ ଖାଉଟିଙ୍କୁ ବିତରଣ କରିବାଫଳରେ ଖାଉଟିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ଷା ଦିନରେ ପରିବହନ ହେଉଥିବା ଚାଉଳ ଗାଡ଼ିରେ ପାଲ ଘୋଡ଼ାଇ ପରିବହନ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଧର୍ମଶାଳା ଯୋଗାଣ ନିରିକ୍ଷକ ଜଗମୋହନ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ ଓଦା ହୋଇଥିବା ଚାଉଳ ଡିଲରମାନେ ନରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମା'ଙ୍କୁ କଟୁରିରେ ହାଣି ହତ୍ୟା ଘଟଣା

# ଅଭିଯୁକ୍ତ ପୁଅ, ବୋହୂ କୋର୍ଟ ଚାଲାଣ

ବରୀ/ଯାଜପୁର ଟାଉନ,୨୯।୬ (ସ୍ୱ.ପ୍ର./ଡି.ଏନ୍.ଏ.) ମା'ଙ୍କୁ କଟୁରିରେ ହାଣି ହତ୍ୟା ଘଟଣାରେ ଶନିବାର ପୋଲିସ ପାରାଦୀପପୁରୁ ଅଭିଯୁକ୍ତ ପୁଅ ଓ ବୋହୂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବରୀ ବ୍ଲକ ଦରୁଆ ଗ୍ରାମର ରାଜେନ୍ଦ୍ର ଜେନା ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଯାଜପୁର ଜିଲା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସେମାନଙ୍କୁ ଖୋଜୁଥିଲା। ଶନିବାର ଏହି ଟିମ୍ ପକ୍ଷରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ପ୍ରକାଶ ଯେ, ୨୦୧୮ ଜୁନ୍ ୧୧ରେ ପାରିବାରିକ କଳହକୁ ନେଇ ଦରୁଆ ଗ୍ରାମର ମେଘୀ ଜେନାଙ୍କୁ ପୁଅ ରାଜେନ୍ଦ୍ର ଓ ବୋହୂ ମଞ୍ଜୁଲତା ମିଶି କଟୁରିରେ ହାଣି ହତ୍ୟା କରିଥିଲେ। ଏ ନେଇ ମେଘୀଙ୍କ ଝିଅ ବରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୮୨/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣା ପରେ ରାଜେନ୍ଦ୍ର ଓ ମଞ୍ଜୁଲତା ଫେରାର ହୋଇ ଯାଇଥିଲାବେଳେ ପୋଲିସ୍ ଟେର ପାଉ ନ ଥିଲା। ଶନିବାର ସକାଳୁ ପାରାଦୀପଠାରେ ରାଜେନ୍ଦ୍ର ଓ ମଞ୍ଜୁଲତାଙ୍କୁ ପୋଲିସ୍ ଗିରଫ କରି ବରୀ ଥାନାକୁ ଆଣିଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଯାଜପୁର ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ରବୀନ୍ଦ୍ର କୁମାର ଜେନା, ବରୀ ଥାନାଧିକାରୀ ଚକ୍ରପତି କହଁର ଏହି ସୂଚନା ଦେଇଛନ୍ତି।

# ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

## ଜଣେ ଗିରଫ

ଯାଜପୁରରୋଡ଼,୨୯।୬(ନି.ପ୍ର.): ଯାଜପୁର ରୋଡ଼ସ୍ଥିତ ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଶନିବାର ଯାଜପୁରରୋଡ ଓ କୋରେଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବିଭାଗ ପକ୍ଷରୁ ୯ ପେଟି ମଦ ଓ ୨ ଲିଟର ଫରେନ୍ ଲିକର ଜବତ କରାଯାଇଛି। ଯାଜପୁରରୋଡ, ମୁଣ୍ଡମାଳ, ପଦି, ଧନେଶ୍ୱର ଛକ ନିକଟ ଏକ ଭାଡ଼ାଘରୁ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ୨ ଜଣଙ୍କୁ ଜାମିନରେ ଛାଡି ଦେଇଥିବାବେଳେ ଲକ୍ଷ୍ମୀଧର ପୁରୁଙ୍କୁ ଜେଲ ପଠାଯାଇଛି। ଏ ନେଇ ଏକ ମାମଲା (ନଂ. ୩୫/୧୯) ରୁଜୁ ହୋଇଛି।

DISTRICT MINERAL FOUNDATION, JAJPUR
Ph. - 06728-222227
E-mail:dmfjajpur@gmail.com, Website - www.jajpur.nic.in
Letter No.: DMF/327 /2019 Date: 27.06.2019
WALK-IN-INTERVIEW FOR SPECIALISTS / DOCTORS
Candidatures are invited for walk-in-interview for appointment of specialist / Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website www.jajpur.nic.in.
The date of walk-in-interview is: 17.07.2019
Venue: Collector's Conference Hall
Sd./- Collector & Managing Trustee
DMF, Jajpur

# ବିଳମ୍ବିତ ବର୍ଷା ଯୋଗୁ ଧାନଚାଷ ବାଧାପ୍ରାପ୍ତ ଆଶଙ୍କା

ଧର୍ମଶାଳା, ୨୯।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକରେ ଚଳିତ ଖରିଫରତୁରେ ଧାନଚାଷ ବିଶେଷ ଭାବେ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। ପାଣିପାଗ ବିଭାଗ ପକ୍ଷରୁ ଭଲ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଚାଷୀକୂଳ ଚାଷ କାର୍ଯ୍ୟ କରିବାକୁ ସଜବାଜ ହୋଇଥିଲେ। ଚାଷ ପାଇଁ କ୍ଷେତ ପ୍ରସ୍ତୁତ କରିବା ସହ ଧାନ ମଧ୍ୟ ବୁଣିଥିଲେ। ମୌସୁମୀର ଲୁଚକାଳି ଖେଳ ଏବେ ଚାଷୀଙ୍କ ପାଇଁ କାଳ ହୋଇଛି। ବର୍ଷା ଅଭାବରୁ ଏବେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। କେନାଲ ଶୁଖିଲା ପଡିଥିବାରୁ ମଧ୍ୟ ଚାଷ କାର୍ଯ୍ୟ ଆଗେଇପାରୁନି। ଯେଉଁସବୁ ବିଲରେ ଧାନ ଚାଷ ହୋଇଥିଲା ପାଣି ଅଭାବରୁ ଜମି ଶୁଖିଲା ପଡ଼ିଛି। ଆଗାମୀ କିଛିଦିନ ମଧ୍ୟରେ ବର୍ଷା ନ ହେଲେ ଧାନ ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥିବା ଜିଲା କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି କହିଛନ୍ତି। କୃଷି ବିଭାଗ ପକ୍ଷରୁ ଧର୍ମଶାଳା ବ୍ଲକରେ ୧୨ ହଜାର ୮ଶହ ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ରାଜପଥରେ ବଢୁଛି ବୁଲାଗୋରୁଙ୍କ ଉପଦ୍ରବ

ଧର୍ମଶାଳା,୨୯।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜାରକା ବସ୍ତି ଅଞ୍ଚଳର ଗୋରୁମାଲିକଙ୍କ ବେପରୁଆ ମନୋଭାବ ଯୋଗୁ ୧୬ନମ୍ବର ଜାତୀୟ ରାଜପଥ ଗୋରୁ ଗୁହାଳ ପାଲଟିଛି। ମାଲିକମାନେ ସକାଳୁ କ୍ଷୀର ଦୁହିଁ ସାରିବା ପରେ ଗୋରୁମାନଙ୍କୁ ଛାଡିଦେଉଛନ୍ତି। ଫଳରେ ଦିନତମାମ୍ ରାଜପଥରେ ଗୋରୁମାନେ ବୁଲିବା ସହ ରାତରେ ଜାତୀୟ ରାଜପଥ ଉପରେ ଶୋଇ ରହୁଛନ୍ତି। ପୁଣି ପରଦିନ ସକାଳେ ପୂର୍ବପରି ମାଲିକମାନେ ଗୋରୁକୁ ବାନ୍ଧି କ୍ଷୀର ଦୁହିଁବା ପରେ ଛାଡି ଦେଉଛନ୍ତି। ରାଜପଥ ଉପରେ ଗୋରୁ ବୁଲିବା ଓ ଶୋଇବା ଫଳରେ ଜାତୀୟ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ଏକ ମାସକ ମଧ୍ୟରେ ରାଜପଥ ଉପରେ ବୁଲୁଥିବା ୭ଟି ଗାଈଙ୍କର ଗାଡି ଧକ୍କାରେ ଗୋଡଭାଙ୍ଗିଥିବା ପ୍ରାଣୀବିଭାଗ ପକ୍ଷରୁ ମିଳିଥିବା ଏକ ପରିସଂଖ୍ୟାନରୁ ଜଣାପଡିଛି। ଜାତୀୟ ରାଜପଥକୁ ଅତିକ୍ରମକରି ଯାଉଥିବା ଛାତ୍ରୀଛାତ୍ର ଏବଂ ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗାଈଗୋରୁଙ୍କର ରାସ୍ତାରେ ଅବାଧ ଚଳାଚଳ ଫଳରେ ଗାଡିଗୁଡିକ ଜାତୀୟ ରାଜପଥରେ ବହୁସମୟଧରି ଅଟକି ରହୁଛି। ପ୍ରଶାସନ ପକ୍ଷରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଧର୍ମଶାଳା ଅଞ୍ଚଳରେ ବହୁ ଗୋଚର ଜମିରେ ଘର ନିର୍ମାଣ ହୋଇ ସାରିଛି। ଫଳରେ ଗୋରୁମାନେ ଚାରିବାକୁ ନ ପାଇ ସହର ମୁଖା ହେଉଛନ୍ତି।

ଓଡ଼ିଶା ସମବାୟ ଟସର ଓ ରେଶମ ମହାସଙ୍ଘ (ସେରିଫେଡ୍) ଲିଃ.
ସହିଦ ନଗର, ଭୁବନେଶ୍ୱର-୭, ଫୋନ୍ : ୦୬୭୪-୨୫୪୫୫୮୬, ୨୫୪୫୮୫୨
ବାର୍ଷିକ ସାଧାରଣ ସଭା ନୋଟିସ
ସେରିଫେଡ୍, ଭୁବନେଶ୍ୱରର ୨୦୧୮-୧୯ ଆର୍ଥିକ ବର୍ଷର ୫୫ ତମ ବାର୍ଷିକ ସାଧାରଣ ସଭା ଅନିବାର୍ଯ୍ୟ କାରଣ ବଶତଃ ତା.୦୩/୦୭/୨୦୧୯ରିଖ ପରିବର୍ତ୍ତେ ଆସନ୍ତା ତା.୦୯/୦୭/୨୦୧୯ରିଖ ମଙ୍ଗଳବାର ପୂର୍ବାହ୍ନ ଘ.୧୦.୦୦ ସମୟରେ ଗୀତଗୋବିନ୍ଦ ସଦନ (ଜୟଦେବ ଭବନ ପାର୍ଶ୍ୱ) ଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଅଛି। ଏହି ସାଧାରଣ ସଭାର ନୋଟିସ ଶୀର୍ଷ ସମିତର ପତ୍ରସଂଖ୍ୟା ନଂ.୬୩୧ ତା.୨୭.୦୬.୨୦୧୯ରିଖରେ ପଞ୍ଜିକୃତ ସମସ୍ତ ପ୍ରାଥମିକ ସମିତି ମାନଙ୍କର ଅବଗତି ନିମନ୍ତେ ତ୍ୱରିତ ଡାକ ଯୋଗେ ପ୍ରେରଣ କରାଯାଇଅଛି। ଏତଦ୍ୱାରା ସେରିଫେଡ୍‌ର ପଞ୍ଜିକୃତ ସମସ୍ତ ପ୍ରାଥମିକ ସମିତିର ଜଣେ ଲେଖାଏଁ ପ୍ରତିନିଧି ଯଥା : ସଭାପତି / ସମ୍ପାଦକ / କ୍ଷମତାପ୍ରାପ୍ତ ସଭ୍ୟ ପ୍ରତିନିଧିଙ୍କୁ ଉପରୋକ୍ତ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ ପାଇଁ ପଠାଇବାକୁ ଅନୁରୋଧ କରାଗଲା। ପରିଚାଳନା ନିର୍ଦ୍ଦେଶକ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ • ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ
Admission Online
ADMISSION OPEN
www.osou.ac.in
Last date 15th July 2019
CONTACT
TOLL FREE No: 1800 34567 58
website: www.osou.ac.in
e-mail: info@osou.ac.in
0663-2521700
0663-2521600

ADMISSION NOTICE
ADVANCED DIPLOMA IN COMPUTER HARDWARE & NETWORK MANAGEMENT (NSQF Complied Course - LEVEL - 6)
Duration : Six Months (Starting 24.07.2019)
Eligibility : B.Sc / Degree / Diploma in any discipline. Final year students expecting results before start of course can also apply.
Fees : Rs.34,500/- ( to be paid in two equal installments).
COURSE CONTENT
• Computer Fundamental • SMPS • Microprocessor • Support Chips • Mother Board, Removable Drive • Hard Disk • Memory • BIOS • Assembling PC • Installing of Operating System • Display Device • Trouble Shooting • Networking Concepts (Type, Design, Cabling) • Peer to Peer • Client Server • Windows 2016 Server (Web) • Linux RHEL 7.0 • Trouble Shooting • CCNA (All 4 Modules)
How to apply : Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through State Bank of India collect link available in our website www.cttc.gov.in or a DD of Rs.1000/- drawn in favour of "Central Tool Room & Training Centre" payable at Bhubaneswar for the purpose of registration. This amount will be adjusted against the course fee.
Reservation as per Govt. of India rules. For SC/ST candidates no fee will be charged subject to production of two photo copies of self attested Caste Certificate & Aadhar Card. Caste Certificate & Aadhar Card in original from competent authority is to be produced for verification at the time of admission which may be re-verified from the Issuing Authority.
For details contact : Training In-Charge, Mob.9861939570
Ministry of MSME Govt. of India
CENTRAL TOOL ROOM & TRAINING CENTRE
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 3011755, 3011733, 3011734, Fax : (0674) 3011750
E-mail : cttc@cttc.gov.in, Website: www.cttc.gov.in
ISO-9001, ISO-14001 OHSAS 18001

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ସଂ. eT-MEMU-MUV-R-67-2019
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (MEMU) / ଖୋର୍ଦ୍ଧା ରୋଡ଼ ଅଧୀନରେ ମେକାନିକାଲ ବିଭାଗର MEMU ସେଡ୍ / ଖୋର୍ଦ୍ଧା ରୋଡ଼ ନିମନ୍ତେ ଚାଳକ ସହିତ ମହିନ୍ଦ୍ରା ବୋଲେରୋ କ୍ୟାମ୍ପର କିମ୍ବା ଅନୁରୂପ ଗୋଟିଏ ବହୁ ଉପଯୋଗିତା ଗାଡ଼ି (ପିକ୍-ଅପ୍ ଭ୍ୟାନ) ଭଡ଼ା ସୂତ୍ରରେ ନେବା।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 9,81,714.48, EMD (ଟଙ୍କାରେ): 19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 24 ମାସ।
ବିକ୍ରି ଆରମ୍ଭ ହେବା ତାରିଖ : ତା.03.07.2019ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.07.2019 ରିଖ 1530 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ଼
PR-189/K/19-20

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBSTMSOT052019 ତା.25.06.2019ରିଖ
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଟ୍ରେନ୍ ପ୍ରବନ୍ଧନ ପ୍ରଣାଳୀ (Train Management System)ର ସିଷ୍ଟମ୍ ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ, ଏକୀକରଣ ଏବଂ ପ୍ରଚଳନ।"
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 52,30,21,779/-, EMD (ଟଙ୍କାରେ) : 27,65,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 25,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
ଟେଣ୍ଡର ଖୋଲିବା/ବନ୍ଦ ହେବା ତାରିଖ, ସମୟ: ତା. 31.07.2019 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 7 (ସାତ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ପ୍ରକଳ୍ପ, ଭୁବନେଶ୍ୱର
PR-26/CC/19-20

HDFC ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲି.
୧୦୮-ଡି, ପ୍ରଥମ ମହଲା, ଲାଲ୍‌ଚାନ୍ଦ ଜୁଏଲର୍ସ ବିପରୀତ ପାର୍ଶ୍ୱ, ମାଷ୍ଟର୍ କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର-୭୫୧୦୦୧
ଦଖଲ ନୋଟିସ୍
ନିମ୍ନ ସ୍ୱାକ୍ଷରକାରୀ ହାଉସିଂ ଡେଭଲପମେଣ୍ଟ୍ ଫାଇନାନ୍ସ କର୍ପୋରେସନ୍ ଲି.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରଯୁଜ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

| ଋଣଗ୍ରହୀତା/ସହ-ଋଣଗ୍ରହୀତା(ମାନ)ଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ପରାଗ କେଡିଆ, ଫ୍ଲାଟ୍ ନଂ.: ୩ଏ, ବସୁଧା ଗୋପାଳ ଆପାର୍ଟମେଣ୍ଟ, ୫୨-ଏ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, ସହ-ଋଣଗ୍ରହୀତା: ଟୁଲିକା କେଡିଆ, ୨୯ ଏନ୍, ବ୍ଲକ୍-ବି, ଆଲିପୁର, କୋଲକାତା ୫୩, କୋଲକାତା-୭୦୦୦୨୭ | ୩୧.୦୮.୨୦୧୭ ସୁଦ୍ଧା ଟ୭୧,୨୬,୮୬୮/-* | ୦୯.୧୦.୨୦୧୮ | ୨୫.୦୬.୨୦୧୯ | ଫ୍ଲାଟ୍‌ର ପରିମିତ କ୍ଷେତ୍ର: ପ୍ରାୟ ୧୫୫୦ ବର୍ଗଫୁଟ ସହିତ ରଘୁନାଥ ଏନକ୍ଲେଭ୍, ୪ର୍ଥ ମହଲା, ଫ୍ଲାଟ୍ ନଂ.: ୦୮ରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ନିର୍ମାଣ, ପ୍ଲଟ୍ ନଂ.: ୬, ରେଭିନ୍ୟୁ ପ୍ଲଟ୍ ନଂ.: ୮୮୦(ଅଂଶ) ଏବଂ ୮୮୧(ଅଂଶ), ୟୁନିଟ୍, ରେଭିନ୍ୟୁ ଖାତା ନଂ.: ୧୪୨୭, ଡ୍ରଇଂ ନଂ.: ୧୦୯୨, ଆଇଆରସି(ଭିଆଇପି), ମୌଜା: ଜୟଦେବ ବିହାର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୭, ପୂର୍ବ: ପ୍ଲଟ୍ ନଂ.: ୫୨ ଏବଂ ୫୩, ପଶ୍ଚିମ: ପ୍ଲଟ୍ ନଂ.: ୫ ଏବଂ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୩ ଏବଂ ୫୪ |

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରଯୁଜ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି।
ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ)ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ ସାଙ୍କେତିକ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ ଏଚ୍‌ଡିଏଫ୍‌ସି ଲିମିଟେଡ୍ ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।
ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି।
ସ୍ଥାନ: ଭୁବନେଶ୍ୱର, ତାରିଖ : ୨୯.୦୬.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ଲିମିଟେଡ୍
Regd. Office : Ramon House, H.T. Parekh Marg, 169, Backbay Reclamation, Churchgate, Mumbai-400 020

ପୂର୍ବ ତଟ ରେଳପଥ ପ୍ରସ୍ତୁତ କରୁଛି
ନୂଆ ସମୟ ସାରଣୀ 2019
01 ଜୁଲାଇ 2019 ଠାରୁ କାର୍ଯ୍ୟକାରୀ



### ଟ୍ରେନ୍‌ଗୁଡ଼ିକର ସମ୍ପ୍ରସାରଣ

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ପର୍ଯ୍ୟନ୍ତ ସଂପ୍ରସାରିତ |
|---|---|---|
| 17243/17244 | ବିଜୟୱାଡ଼ା-ରାୟଗଡ଼ା-ବିଜୟୱାଡ଼ା ଏକ୍ସପ୍ରେସ୍ | ଗୁଣ୍ଟୁର |
| 12805/12806 | ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା | ଲିଙ୍ଗମପାଲ୍ଲୀ |
| 17488/17487 | ବିଶାଖାପାଟଣା-ତିରୁପତି-ବିଶାଖାପାଟଣା | କୁଦାପାହ |
| 18107/18108 | ରାଉରକେଲା-କୋରାପୁଟ-ରାଉରକେଲା | ଜଗଦଲପୁର |
| 20889/20890 | ହାଓଡ଼ା-ବିଜୟୱାଡ଼ା-ହାଓଡ଼ା | ତିରୁପତି |
| 68434/68433 | ବ୍ରହ୍ମପୁର-କଟକ-ବ୍ରହ୍ମପୁର | ଇଚ୍ଛାପୁରମ୍ |
| 58526/58525 | ବିଶାଖାପାଟଣା-ପଲାସା-ବିଶାଖାପାଟଣା | ବ୍ରହ୍ମପୁର |
| 15629/15630 | ଗୌହାଟି-ତାମ୍ବରମ୍-ଗୌହାଟି | ସିଲଘାଟ ଟାଉନ୍ |
| 12376/12375 | ଆସାନସୋଲ-ଚେନ୍ନାଇ ସେଣ୍ଟ୍ରାଲ୍-ଆସାନ୍‌ସୋଲ୍ | ଜାସିଡିହ ଏବଂ ତାମ୍ବରମ୍ |

### ଗତିପଥ ପରିବର୍ତ୍ତନ

ନିମ୍ନ ବର୍ଣ୍ଣିତ ଅନୁଯାୟୀ ନିମ୍ନ ପ୍ରଦତ୍ତ ଟ୍ରେନ୍‌ଗୁଡ଼ିକ ଝାରସୁଗୁଡ଼ା ଷ୍ଟେସନ ପରିବର୍ତ୍ତେ ଝାରସୁଗୁଡ଼ା ରୋଡ୍-ଇବ୍ ମାର୍ଗ ହୋଇ ଚଳାଚଳ କରିବ :

1. ଟ୍ରେନ୍ ନଂ.22909/22910 ଭାଲ୍‌ସାଡ୍-ପୁରୀ-ଭାଲସାଡ୍ ଏକ୍ସପ୍ରେସ୍ ଭାଲ୍‌ସାଡ୍‌ରୁ ତା.17.10.2019ରିଖ ଠାରୁ ଏବଂ ପୁରୀରୁ ତା.20.10.2019ରିଖ ଠାରୁ।
2. ଟ୍ରେନ୍ ନଂ.20813/20814 ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ୍ ପୁରୀରୁ ତା.16.10.2019ରିଖ ଠାରୁ ଏବଂ ଯୋଧପୁରରୁ ତା.19.10.2019ରିଖ ଠାରୁ।
3. ଟ୍ରେନ୍ ନଂ.14709/147010 ବିକାନେର-ପୁରୀ-ବିକାନେର ଏକ୍ସପ୍ରେସ୍ ବିକାନେରରୁ ତା.20.10.2019ରିଖ ଠାରୁ ଏବଂ ପୁରୀରୁ ତା.16.10.2019ରିଖ ଠାରୁ।
4. ଟ୍ରେନ୍ ନଂ.12879/12880 ଲୋକମାନ୍ୟ ତିଳକ ଟର୍ମିନସ୍-ଭୁବନେଶ୍ୱର-ଲୋକମାନ୍ୟ ତିଳକ ଟର୍ମିନସ୍ ଏକ୍ସପ୍ରେସ୍ ଲୋକମାନ୍ୟ ତିଳକ ଟର୍ମିନସ୍‌ରୁ ତା.16.10.2019ରିଖ ଠାରୁ ଏବଂ ଭୁବନେଶ୍ୱରରୁ ତା.17.10.2019ରିଖ ଠାରୁ।
5. ଟ୍ରେନ୍ ନଂ.22865/22866 ଲୋକମାନ୍ୟ ତିଳକ ଟର୍ମିନସ୍-ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ ଏକ୍ସପ୍ରେସ୍ ଲୋକମାନ୍ୟ ତିକଳ ଟର୍ମିନସ୍‌ରୁ ତା.17.10.2019ରିଖ ଠାରୁ ଏବଂ ପୁରୀରୁ ତା.15.10.2019ରିଖ ଠାରୁ।

### ଟ୍ରେନ୍‌ଗୁଡ଼ିକର ଗତିବୃଦ୍ଧି

| ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଷ୍ଟେସନ | ବର୍ତ୍ତମାନ ଆଗମନ ସମୟ | ସଂଶୋଧିତ ଆଗମନ ସମୟ |
|---|---|---|---|---|
| 22813 | ସାନ୍ତାଗାଛି-ପାରାଦ୍ୱୀପ ଏକ୍ସପ୍ରେସ୍ | ପାରାଦ୍ୱୀପ | 0430 | 0355 |
| 20814 | ଯୋଧପୁର-ପୁରୀ ଏକ୍ସପ୍ରେସ୍ | ପୁରୀ | 1005 | 1000 |
| 14709 | ବିକାନେର-ପୁରୀ ଏକ୍ସପ୍ରେସ୍ | ପୁରୀ | 0945 | 0935 |
| 22909 | ଭାଲ୍‌ସାଡ୍-ପୁରୀ ଏକ୍ସପ୍ରେସ୍ | ପୁରୀ | 0945 | 0935 |
| 18107 | ରାଉରକେଲା-ଜଗଦଲପୁର ଏକ୍ସପ୍ରେସ୍ | ଜଗଦଲପୁର | 1130 | 1115 |
| 22865 | ଲୋକମାନ୍ୟ ତିଲକ୍-ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ | 0845 | 0840 |
| 12879 | ଲୋକମାନ୍ୟ ତିଲକ୍-ଟର୍ମିନସ-ଭୁବନେଶ୍ୱର ଏକ୍ସପ୍ରେସ୍ | ଭୁବନେଶ୍ୱର | 0715 | 0710 |
| 18426 | ଦୁର୍ଗ-ପୁରୀ ଏକ୍ସପ୍ରେସ୍ | ପୁରୀ | 0915 | 0910 |
| 18504 | ସାଇନଗର ସିରିଡ଼ି-ବିଶାଖାପାଟଣା ଏକ୍ସପ୍ରେସ୍ | ବିଶାଖାପାଟଣା | 2210 | 2205 |
| 17239 | ଗୁଣ୍ଟୁର-ବିଶାଖାପାଟଣା ଏକ୍ସପ୍ରେସ୍ | ବିଶାଖାପାଟଣା | 1820 | 1720 |
| 57225 | ବିଜୟୱାଡ଼ା-ବିଶାଖାପାଟଣା ପାସେଞ୍ଜର | ବିଶାଖାପାଟଣା | 1900 | 1825 |
| 58525 | ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର | ବିଶାଖାପାଟଣା | 1450 | 1425 |
| 58537 | କୋରାପୁଟ-ବିଶାଖାପାଟଣା ପାସେଞ୍ଜର | ବିଶାଖାପାଟଣା | 1545 | 1540 |
| 18402 | ଓଖା-ପୁରୀ ଏକ୍ସପ୍ରେସ୍ | ପୁରୀ | 1020 | 1010 |
| 22880 | ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍ | ଭୁବନେଶ୍ୱର | 0935 | 0930 |
| 22872 | ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍ | ଭୁବନେଶ୍ୱର | 0935 | 0930 |

### ବ୍ୟବସ୍ଥିତ ଟ୍ରେନ୍ ସମୟ ସାରଣୀ

| ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଷ୍ଟେସନ | ବର୍ତ୍ତମାନ ପହଞ୍ଚିବା | ବର୍ତ୍ତମାନ ଛାଡ଼ିବା | ସଂଶୋଧିତ ପହଞ୍ଚିବା | ସଂଶୋଧିତ ଛାଡ଼ିବା |
|---|---|---|---|---|---|---|
| 18514 | ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍ | ବିଶାଖାପାଟଣା | 2140 | - | 2135 | - |
| 18514 | ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍ | କିରଣ୍ଡୁଲ | 0940 | - | 1000 | - |
| 18513 | କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍ | କିରଣ୍ଡୁଲ | - | 1530 | - | 1500 |
| 58501 | କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର | କିରଣ୍ଡୁଲ | 2045 | - | 2115 | - |
| 58301 | ସମ୍ବଲପୁର-କୋରାପୁଟ ପାସେଞ୍ଜର | କୋରାପୁଟ | 2205 | - | 2225 | - |
| 58530 | ବିଶାଖାପାଟଣା-ଦୁର୍ଗ ପାସେଞ୍ଜର | ବିଶାଖାପାଟଣା | - | 2155 | - | 2145 |
| 57230 | ବିଶାଖାପାଟଣା-ନରାସପୁର/ ମଛଲିପାଟନମ୍ ପାସେଞ୍ଜର | ବିଶାଖାପାଟଣା | - | 2015 | - | 1915 |

### ଚଳାଚଳ ଦିବସରେ ବୃଦ୍ଧି

1. ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ସପ୍ତାହରେ 3 ଦିନରୁ 6 ଦିନକୁ ବୃଦ୍ଧି।
2. ଟ୍ରେନ୍ ନଂ.22606/22605 ଭିଲୁପୁରମ୍-ପୁରୁଲିଆ-ଭିଲୁପୁରମ୍ ଏକ୍ସପ୍ରେସ୍ ସାପ୍ତାହିକରୁ ଦ୍ୱି-ସାପ୍ତାହିକକୁ ବୃଦ୍ଧି।

### ତା.01.07.2019ରିଖ ଠାରୁ ଟ୍ରେନ୍‌ଗୁଡ଼ିକର ନମ୍ବରରେ ପରିବର୍ତ୍ତନ

| ଠାରୁ-ପର୍ଯ୍ୟନ୍ତ | ବର୍ତ୍ତମାନ ଟ୍ରେନ୍ ନଂ. | ସଂଶୋଧିତ ଟ୍ରେନ୍ ନଂ. |
|---|---|---|
| ପୁରୀ-ତାଳଚେର-ପୁରୀ | 58414/58413 (ପାସେଞ୍ଜର) | 68414/68413 (ମେମୁ) |
| ପୁରୀ-ଅନୁଗୁଳ-ପୁରୀ | 58422/58421 (ପାସେଞ୍ଜର) | 68422/68421 (ମେମୁ) |
| ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର | 58408/58407 (ପାସେଞ୍ଜର) | 68408/68407 (ମେମୁ) |
| ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର | 58411/58412 (ପାସେଞ୍ଜର) | 68411/68412 (ମେମୁ) |
| ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର | 58419/58420 (ପାସେଞ୍ଜର) | 68419/68420 (ମେମୁ) |

### ଟ୍ରେନ୍‌ଗୁଡ଼ିକର ରହଣି ସ୍ଥାନ

| ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଚଳାଚଳ ଦିବସ | ଷ୍ଟେସନ ଠାରେ ରହଣୀ |
|---|---|---|---|
| 20817/20818 | ଭୁବନେଶ୍ୱର-ନୂଆ ଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ | ସାପ୍ତାହିକ | ଢେଙ୍କାନାଳ |
| 12875/12876 | ପୁରୀ-ଆନନ୍ଦବିହାର ଟର୍ମିନାଲ-ପୁରୀ ନିଳାଚଳ ଏକ୍ସପ୍ରେସ୍ | 3 ଦିନ | ଧାନମଣ୍ଡଳ |
| 58425/58426 | କେନ୍ଦୁଝରଗଡ଼-ଭୁବନେଶ୍ୱର-କେନ୍ଦୁଝରଗଡ଼ ପାସେଞ୍ଜର | ଦୈନିକ | ଧାନମଣ୍ଡଳ |
| 18416/18415 | ପୁରୀ-ବଡ଼ବିଲ-ପୁରୀ ଏକ୍ସପ୍ରେସ୍ | ଦୈନିକ | କଣାସ ରୋଡ଼ |
| 18414/18413 | ପୁରୀ-ପାରାଦ୍ୱୀପ-ପୁରୀ ଏକ୍ସପ୍ରେସ୍ | ଦୈନିକ | କଣାସ ରୋଡ଼ |
| 18665/18666 | ହାଓଡ଼ା-କନ୍ୟାକୁମାରୀ-ହାଓଡ଼ା ଏକ୍ସପ୍ରେସ୍ | ସାପ୍ତାହିକ | ଭଦ୍ରକ |
| 22831/22832 | ହାଓଡ଼ା-ସତ୍ୟସାଇ ପ୍ରଶାନ୍ତି ନିଲୟମ ହାଓଡ଼ା ଏକ୍ସପ୍ରେସ୍ | ସାପ୍ତାହିକ | କାଳୁପଡ଼ାଘାଟ |
| 18507/18508 | ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍ | ତ୍ରି ସାପ୍ତାହିକ | ନରାଜ |
| 18412/18422 | ପୁରୀ-ଆଜମେର-ପୁରୀ ଏକ୍ସପ୍ରେସ୍ | ଦ୍ୱି ସାପ୍ତାହିକ | ନରାଜ |
| 12872/12871 | ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ | ଦୈନିକ | ବଡ଼ମାଳ ଏବଂ ଡୁଙ୍ଗୁରିପାଲ୍ଲୀ |
| 18425/18426 | ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍ | ଦୈନିକ | ମୁରିବାହାଲ |
| 18107/18108 | ରାଉରକେଲା-ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ | ଦୈନିକ | ବରପାଲ୍ଲୀ |
| 12893/12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ | ଦୈନିକ | ବାମୁର |
| 18645/18646 | ହାଓଡ଼ା-ହାଇଦ୍ରାବାଦ-ହାଓଡ଼ା ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍ | ଦୈନିକ | କେନ୍ଦୁଆପଡ଼ା |
| 22839/22840 | ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ | ଦୈନିକ | ନରାଜ |
| 22974/22973 | ପୁରୀ-ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ | ସାପ୍ତାହିକ | ବୋବିଲ |
| 18425/18426 | ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍ | ଦୈନିକ | ସର୍ଗିଡିହା |
| 58534/58533 | ପଲାସା-କଟକ-ପଲାସା ପାସେଞ୍ଜର | ଦୈନିକ | ସୁର୍ଲା ରୋଡ଼ ଏବଂ ଗୋଳନ୍ଥରା |

### ନୂଆ ସମୟ ସାରଣୀରେ ଟ୍ରେନ୍‌ଗୁଡ଼ିକର ଆଗମନ / ପ୍ରସ୍ଥାନ ସମୟରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଷ୍ଟେସନ | ବର୍ତ୍ତମାନ ପହଞ୍ଚିବା | ବର୍ତ୍ତମାନ ଛାଡ଼ିବା | ସଂଶୋଧିତ ପହଞ୍ଚିବା | ସଂଶୋଧିତ ଛାଡ଼ିବା |
|---|---|---|---|---|---|---|
| 68434 | ଇଚ୍ଛାପୁରମ୍-କଟକ-ମେମୁ ପାସେଞ୍ଜର | ଇଚ୍ଛାପୁରମ୍ | - | 0645 | - | 0635 |
| | | ବ୍ରହ୍ମପୁର | - | 0730 | - | 0705 |
| 68420 | ପଲାସା-ଭୁବନେଶ୍ୱର ମେମୁ ପାସେଞ୍ଜର | ପଲାସା | - | 0545 | - | 0705 |
| | | ବ୍ରହ୍ମପୁର | - | 0707 | - | 0827 |
| 17239 | ଗୁଣ୍ଟୁର-ବିଶାଖାପାଟଣା ସିମାଦ୍ରୀ ଏକ୍ସପ୍ରେସ୍ | ବିଶାଖାପାଟଣା | 1820 | - | 1720 | - |
| 12861 | ବିଶାଖାପାଟଣା-ହଜରତ ନିଜାମୁଦ୍ଦିନ ଲିଙ୍କ୍ ଏକ୍ସପ୍ରେସ୍ | ବିଶାଖାପାଟଣା | - | 1505 | - | 1450 |
| 57225 | ବିଜୟୱାଡ଼ା-ବିଶାଖାପାଟଣା ପାସେଞ୍ଜର | ବିଶାଖାପାଟଣା | 1900 | - | 1820 | - |
| 57230 | ବିଶାଖାପାଟଣା-ନରାସପୁର ପାସେଞ୍ଜର | ବିଶାଖାପାଟଣା | - | 2015 | - | 1915 |
| 58530 | ବିଶାଖାପାଟଣା-ଦୁର୍ଗ ପାସେଞ୍ଜର | ବିଶାଖାପାଟଣା | - | 2155 | - | 2145 |
| 22880 | ତିରୁପତି-ଭୁବନେଶ୍ୱର ସୁପରଫାଷ୍ଟ ସାପ୍ତାହିକ | ବିଶାଖାପାଟଣା | 0200 | 0220 | 0125 | 0145 |
| 22872 | ତିରୁପତି-ଭୁବନେଶ୍ୱର ସୁପରଫାଷ୍ଟ ସାପ୍ତାହିକ | ବିଶାଖାପାଟଣା | 0200 | 0220 | 0125 | 0145 |
| 18402 | ଓଖା-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ | ବିଶାଖାପାଟଣା | 0200 | 0220 | 0125 | 0145 |
| 13352 | ଆଲ୍ଲେପେ-ଟାଟା ଧାନବାଦ ଏକ୍ସପ୍ରେସ୍ | ବିଶାଖାପାଟଣା | 1515 | 1535 | 1445 | 1505 |
| 18513 | କିରାଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍ | କିରାଣ୍ଡୁଲ | - | 1530 | - | 1500 |
| 18514 | ବିଶାଖାପାଟଣା-କିରାଣ୍ଡୁଲ ଏକ୍ସପ୍ରେସ୍ | ବିଶାଖାପାଟଣା | - | 2140 | - | 2135 |
| 12281 | ଭୁବନେଶ୍ୱର-ନୂଆ ଦିଲ୍ଲୀ ଦୁରୋନ୍ତୋ ଏକ୍ସପ୍ରେସ୍ | ଭୁବନେଶ୍ୱର | - | 0735 | - | 0740 |

### ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକ ଠାରେ ସମୟ ସାରଣୀରେ ପରିବର୍ତ୍ତନ

ଟ୍ରେନ୍ ନଂ. 18402 ଓଖା-ପୁରୀ ଏକ୍ସପ୍ରେସ୍

| ଷ୍ଟେସନ | ବର୍ତ୍ତମାନ ସମୟସୂଚୀ ପହଞ୍ଚିବା | ବର୍ତ୍ତମାନ ସମୟସୂଚୀ ଛାଡ଼ିବା | ତା.01.07.19ରିଖ ଠାରୁ ସମୟସୂଚୀ ପହଞ୍ଚିବା | ତା.01.07.19ରିଖ ଠାରୁ ସମୟସୂଚୀ ଛାଡ଼ିବା |
|---|---|---|---|---|
| ବିଶାଖାପାଟଣା | 0200 | 0220 | 0125 | 0145 |
| ବିଜୟନଗରମ୍ | 0315 | 0320 | 0240 | 0245 |
| ଶ୍ରୀକାକୁଲମ୍ | 0416 | 0418 | 0340 | 0342 |
| ପଲାସା | 0530 | 0532 | 0453 | 0455 |
| ବ୍ରହ୍ମପୁର | 0640 | 0645 | 0602 | 0607 |
| ଖୋର୍ଦ୍ଧା ରୋଡ଼ | 0900 | 0920 | 0855 | 0915 |
| ପୁରୀ | 1020 | - | 1020 | - |

ଟ୍ରେନ୍ ନଂ. 22880 ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍
ଟ୍ରେନ୍ ନଂ. 22872 ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍

| ଷ୍ଟେସନ | ବର୍ତ୍ତମାନ ସମୟସୂଚୀ ପହଞ୍ଚିବା | ବର୍ତ୍ତମାନ ସମୟସୂଚୀ ଛାଡ଼ିବା | ତା.01.07.19ରିଖ ଠାରୁ ସମୟସୂଚୀ ପହଞ୍ଚିବା | ତା.01.07.19ରିଖ ଠାରୁ ସମୟସୂଚୀ ଛାଡ଼ିବା |
|---|---|---|---|---|
| ବିଶାଖାପାଟଣା | 0200 | 0220 | 0125 | 0145 |
| ବିଜୟନଗରମ୍ | 0315 | 0320 | 0240 | 0245 |
| ଶ୍ରୀକାକୁଲମ୍ | 0416 | 0418 | 0340 | 0342 |
| ପଲାସା | 0530 | 0532 | 0453 | 0455 |
| ବ୍ରହ୍ମପୁର | 0640 | 0645 | 0602 | 0607 |
| ଖୋର୍ଦ୍ଧା ରୋଡ଼ | 0900 | 0905 | 0900 | 0905 |
| ଭୁବନେଶ୍ୱର | 0935 | - | 0930 | - |

ଟ୍ରେନ୍ ନଂ. 68420 ପଲାସା-ଭୁବନେଶ୍ୱର ମେମୁ ପାସେଞ୍ଜର

| ଷ୍ଟେସନ | ବର୍ତ୍ତମାନ ସମୟସୂଚୀ ପହଞ୍ଚିବା | ବର୍ତ୍ତମାନ ସମୟସୂଚୀ ଛାଡ଼ିବା | ତା.01.07.19ରିଖ ଠାରୁ ସମୟସୂଚୀ ପହଞ୍ଚିବା | ତା.01.07.19ରିଖ ଠାରୁ ସମୟସୂଚୀ ଛାଡ଼ିବା |
|---|---|---|---|---|
| ପଲାସା | - | 0545 | - | 0705 |
| ବ୍ରହ୍ମପୁର | 0702 | 0707 | 0822 | 0827 |
| ଛତ୍ରପୁର | 0714 | 0715 | 0844 | 0845 |
| ବାଲୁଗାଁ | 0826 | 0827 | 1003 | 1008 |
| ନିରାକାରପୁର | 0928 | 0929 | 1137 | 1138 |
| ଖୋର୍ଦ୍ଧା ରୋଡ଼ | 1010 | 1015 | 1218 | 1228 |
| ଭୁବନେଶ୍ୱର | 1140 | - | 1300 | - |

ଟ୍ରେନ୍ ନଂ. 68434 ଇଚ୍ଛାପୁରମ୍-କଟକ ମେମୁ

| ଷ୍ଟେସନ | ବର୍ତ୍ତମାନ ସମୟସୂଚୀ ପହଞ୍ଚିବା | ବର୍ତ୍ତମାନ ସମୟସୂଚୀ ଛାଡ଼ିବା | ତା.01.07.19ରିଖ ଠାରୁ ସମୟସୂଚୀ ପହଞ୍ଚିବା | ତା.01.07.19ରିଖ ଠାରୁ ସମୟସୂଚୀ ଛାଡ଼ିବା |
|---|---|---|---|---|
| ଇଚ୍ଛାପୁରମ୍ | - | 0645 | - | 0635 |
| ବ୍ରହ୍ମପୁର | 0725 | 0730 | 0700 | 0705 |
| ଛତ୍ରପୁର | 0746 | 0747 | 0717 | 0718 |
| ବାଲୁଗାଁ | 0834 | 0835 | 0805 | 0806 |
| ଖୋର୍ଦ୍ଧା ରୋଡ଼ | 0945 | 0950 | 0925 | 0935 |
| ଭୁବନେଶ୍ୱର | 1010 | 1015 | 1005 | 1010 |
| କଟକ | 1115 | - | 1010 | - |

ଡାଏଲ 139 — ଟ୍ରେନ୍ ପରିଚାଳନା ଓ ଯାତ୍ରୀ ଟିକଟ ସମ୍ବନ୍ଧୀୟ ଯେକୌଣସି ଅନୁସନ୍ଧାନ ଯଥା PNR ସ୍ଥିତି ଏବଂ ଟ୍ରେନ୍ ଆଗମନ / ପ୍ରସ୍ଥାନ ନିମନ୍ତେ।
ଡାଏଲ 138 — ମେଡିକାଲ ଏମରଜେନ୍ସି, ସ୍ୱଚ୍ଛତା, ଖାଦ୍ୟ ସରବରାହ, କୋଚ ରକ୍ଷଣାବେକ୍ଷଣ ଏବଂ ଚାଦର / ଲିନେନ୍ ସମ୍ବନ୍ଧୀୟ ଯେକୌଣସି ସମସ୍ୟା / ଅଭିଯୋଗ ନିମନ୍ତେ।
ଡାଏଲ 182 — ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀ ସୁରକ୍ଷା ସମ୍ବନ୍ଧୀୟ କୌଣସି ଅପ୍ରୀତିକର ପରିସ୍ଥିତି ସମ୍ବନ୍ଧରେ ଯେକୌଣସି ସୂଚନା ପ୍ରଦାନ ଓ ଅଭିଯୋଗ ନିମନ୍ତେ।

INDIAN RAILWAYS
ପୂର୍ବ ତଟ ରେଳପଥ
Follow us on :
www.facebook/@EASTCOASTRailway1
www.twitter/@eastcoastrail
PR-192/K/19-20

## ସଂକ୍ଷେପରେ

### ଶ୍ରମିକଙ୍କ ମୃତ୍ୟୁ

ପାରାଦୀପ,୨୯।୬(ସ୍ୱ.ପ୍ର.): ସ୍ଥାନୀୟ ଜଳଜୀବ ସଂଗ୍ରାହଳୟର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଚିତ୍ରାନନ୍ଦ ମଲ୍ଲିକ(୪୧)। ତାଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ। ସେ ଶୁକ୍ରବାର ରାତିରେ ଡ୍ୟୁଟିକୁ ଆସୁଥିବାବେଳେ ରାସ୍ତାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ଖବର ପାଇ ଅନ୍ୟ ଶ୍ରମିକମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

### ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ବ ପ୍ରଦାନ

ବାଲିକୁଦା,୨୯।୬(ସ୍ୱ.ପ୍ର.): ଆମ ଘରେ ଏଲଇଡି ଯୋଜନାରେ ଶୁକ୍ରବାର ମୂଲୁଗାଁ ପଞ୍ଚାୟତ ଜଇତଲଙ୍ଗ ଗ୍ରାମର ୧୬୧ ହିତାଧିକାରୀଙ୍କୁ ବଲ୍ବ ପ୍ରଦାନ କରାଯାଇଛି। ରାଶନ କାର୍ଡ ପିଛା ହିତାଧିକାରୀଙ୍କୁ ୪ଟି ଲେଖାଏଁ ବଲ୍ବ ଯୋଗାଇ ଦିଆଯାଇଛି। ଗାଁର ସରକାରୀ ଖୁଚୁରା ବିକ୍ରେତା ପ୍ରଭାସ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଲୁଗାଁ ସମିତିସଭ୍ୟ ଦିଲି ସ୍ୱାଇଁ ଅତିଥି ବାବେ ଯୋଗଦେଇ ହିତାଧିକାରୀଙ୍କୁ ବଲ୍ବ ବାଣ୍ଟିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଜଙ୍ଗ,୨୯।୬(ସ୍ୱ.ପ୍ର.): ପ୍ରଧାନ ଶିକ୍ଷକ ତଥା ପାଟପୁର ପଞ୍ଚାୟତ ବୋରିଖି କ୍ଲଷ୍ଟରର ପ୍ରାକ୍ତନ ସିଆର୍‌ସିସି ନରେଶ ଚୌଧୁରୀଙ୍କୁ ଶନିବାର କରତୁଠା ୟୁପି ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିପାରୀ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ହାରାମଣୀ ଦେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବୋରିଖି କ୍ଲଷ୍ଟର ସଂଯୋଜକ ଗୁରୁଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଚୌଧୁରୀଙ୍କ ଶିକ୍ଷାଦାନ ପ୍ରଣାଳି, କାର୍ଯ୍ୟ ଦକ୍ଷତା, ଶିକ୍ଷକ ସମାଜ ପ୍ରତି ଥିବା ସ୍ନେହ ଓ ଦରଦ ସମ୍ପର୍କରେ କହିଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ମମତା ନାୟକ, ଶ୍ରୀମତୀ ସେଠୀ, ଉର୍ମିଳା ଦଳାଇ, ସସ୍ମିତା ବସନ୍ତିଆ, ଭାରତୀ ସୂତାର, ଲୋଭାବତୀ ପଟ୍ଟନାୟକ, ସଂଯୁକ୍ତା ବେଉରା, କ୍ଷୀରୋଦ ଦାସ, ଅନୀତା ଦାସ, ଲିପ୍ସା ମହାପାତ୍ର, ଯୁବ ଶିକ୍ଷକ କେଶବ ଚନ୍ଦ୍ର ଦଳାଇ, ସୂର୍ଯ୍ୟକାନ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

■ ମାଛଧରା ବନ୍ଦର ଫିସ୍‌ଫେଡ୍‌କୁ ହସ୍ତାନ୍ତର ପରେ ବଢ଼ିଲା ଚର୍ଚ୍ଚା

# ଥଇଥାନ ପାଇଁ ବଦଳିଲା ନୀତି

ପାରାଦୀପ,୨୯।୬(ସ୍ୱ.ପ୍ର.)

ରାଜ୍ୟରେ ଥିବା ୨୮ଟି ମାଛଧରା ବନ୍ଦର ମଧ୍ୟରୁ ପ୍ରାୟ ୫ଟି ବୃହତ ବନ୍ଦର ପରିଚାଳନା ଦାୟିତ୍ୱ ସ୍ଥାନୀୟ ପ୍ରଶାସନ ଓ ମତ୍ସ୍ୟଜୀବୀଙ୍କୁ ନେଇ ଗଠିତ କମିଟି ଅଧୀନରେ ରହିଥିଲା। ଏହି ମାଛଧରା ବନ୍ଦର ପରିଚାଳନା କମିଟିରେ ମତ୍ସ୍ୟ ବିଭାଗ ସଚିବଙ୍କଠାରୁ ଆରମ୍ଭ କରି ଜିଲାପାଳ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ଅଧିକାରୀ ଓ ମତ୍ସ୍ୟଶିଳ୍ପରୁ ଦୁଇଜଣ ପ୍ରତିନିଧି ରହିଥିଲେ। ଉକ୍ତ ସମସ୍ତ କମିଟି ଓ ମାଛଧରା ବନ୍ଦରଗୁଡ଼ିକୁ ଗତ ୨୪ ତାରିଖରେ ରାଜ୍ୟ ସରକାର ଓଡ଼ିଶା ଫିସେରି କୋ-ଅପରେଟିଭ୍ କର୍ପୋରେଶନ ବା ଫିସ୍‌ଫେଡକୁ ହସ୍ତାନ୍ତର କରିଛନ୍ତି। ଏହା ଦ୍ୱାରା ପୂର୍ବରୁ ଥିବା ପରିଚାଳନା କମିଟି ଆପଣାଛାଏଁ ରଦ୍ଦ ହୋଇଯାଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ବୃହତ ପାରାଦୀପ ମାଛଧରା ବନ୍ଦର ପରିଚାଳନା ଦାୟିତ୍ୱ ଫିସ୍‌ଫେଡକୁ ହସ୍ତାନ୍ତର ହେବା ପରେ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି ନେତାଙ୍କୁ ଥଇଥାନ କରିବା ପାଇଁ ଏଭଳି ନୀତି ବଦଳିଛି। ତେବେ ଏହି ହସ୍ତାନ୍ତର ପ୍ରକ୍ରିୟାରେ ବେଶ୍ ସାବଧାନତା ଅବଲମ୍ବନ କରାଯାଉଛି। ଶନିବାର ସୁଦ୍ଧା ମାଛଧରା ଟ୍ରଲର ମାଲିକ ସଂଘ କିମ୍ବା ଏଥିରେ ଜଡିତ ଅନ୍ୟ କୌଣସି ସଙ୍ଗଠନକୁ ବିଧିବଦ୍ଧ ସୂଚନା ଦିଆଯାଇନାହିଁ।

ଅନ୍ୟପକ୍ଷରେ ଏହା ମତ୍ସ୍ୟଜୀବୀଙ୍କୁ ନ ସୁହାଇଲେ ବିରୋଧ କରାଯିବ ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ସଭାପତି ସୁମନ୍ତ କୁମାର ବିଶ୍ୱାଳ କହିଛନ୍ତି। ସୂଚନାଯୋଗ୍ୟ ପାରାଦୀପ ମାଛଧରା ବନ୍ଦର ୨୦୧୧ ନଭେମ୍ବର ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିଲା। ଏହାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପରିଚାଳନା କରୁଥିଲେ।

ମତ୍ସ୍ୟଜୀବୀଙ୍କ ଦାବି ପରେ ୨୦୧୧ରେ ରାଜ୍ୟ ସରକାରଙ୍କ ହାତକୁ ଆସିଲା। ରାଜ୍ୟ ମତ୍ସ୍ୟ ବିଭାଗ ମତ୍ସ୍ୟ ଶିଳ୍ପ ପରିଚାଳନା ପାଇଁ ୨୦୧୨ରେ ପରିଚାଳନା କମିଟି ଗଠନ କରିଥିଲେ। ସେବେଠାରୁ କମିଟି ମାଛଧରା ବନ୍ଦର ପରିଚାଳନା କରୁଥିଲା। ହାରବରକୁ ଆସୁଥିବା ଗାଡିର ପ୍ରବେଶ ଶୁଳ୍କ, ମାଛଧରା ଟ୍ରଲର ଓ ଡଙ୍ଗାର ବର୍ଥ ଶୁଳ୍କ ବାବଦରେ ରାଜସ୍ୱ ଆସିଥାଏ। ତେବେ ପଞ୍ଜୀକରଣ, ମତ୍ସ୍ୟଜୀବୀ ପରିଚୟ ପତ୍ର ଓ ବୀମା ଆଦି ମତ୍ସ୍ୟ ବିଭାଗ ବୁଝିଥାଏ। କମିଟିକୁ ମିଳୁଥିବା ରାଜସ୍ୱରେ କେତେକ କର୍ମଚାରୀ ଦରମା ନେଇଥାନ୍ତି। ସମସ୍ତ ଆୟବ୍ୟୟ ମତ୍ସ୍ୟ ବିଭାଗ ଅଧିକାରୀ, ଜିଲାପାଳ, ବନ୍ଦର ଅଧ୍ୟକ୍ଷ ଓ ମତ୍ସ୍ୟ ସଂଘ ପ୍ରତିନିଧିଙ୍କ ଜ୍ଞାତସାରରେ ହେଉଥିଲା। ଏବେ ଫିସ୍‌ଫେଡ୍ ଅଧୀନକୁ ଗଲେ ସେସବୁ ସାର୍ବଜନିନ ନ ହେବାର ଆଶଙ୍କା ରହିଛି ବୋଲି ଓମ୍ପା ସଭାପତି କହିଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଲା ଫିସଫେଡ୍‌ର ମୁଖ୍ୟ ଜଣେ ରାଜନେତା ଅଛନ୍ତି। ସମ୍ପ୍ରତି ଫିସ୍‌ଫେଡ୍ ଦେବାଳିଆ ଅବସ୍ଥାରେ ରହିଛି। ଏବେ ମାଛଧରା ବନ୍ଦର ପରିଚାଳନା ଦ୍ୱାରା ସ୍ଥିତି ସୁଧାରିବାକୁ ଉଦ୍ୟମ ହେବ ବୋଲି କୁହଯାଉଛି। ପରିଚାଳନା କମିଟିକୁ ଗତ ୨୪ ତାରିଖରେ ଓଡ଼ିଶା ଫିସେରି କୋ-ଅପରେଟିଭ୍ କର୍ପୋରେଶନକୁ ହସ୍ତାନ୍ତର କରିବାକୁ ଚିଠି ଆସିଛି ବୋଲି କମିଟି ସମ୍ପାଦକ ତଥା ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁ କହିଛନ୍ତି। ଏପରି କି କମିଟିର ସମସ୍ତ କାଗଜପତ୍ର ଶନିବାର ଫିସ୍‌ଫେଡକୁ ହସ୍ତାନ୍ତର କରାଯାଇଛି।

## ବିରିଡ଼ିରେ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବିରିଡ଼ି,୨୯।୬(ଡି.ଏନ.ଏ.)

ବିରିଡ଼ି ବ୍ଲକ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଭିଲେଜ ରିସୋର୍ସ ପର୍ସନମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଦିନିକିଆ ତାଲିମ ଶିବିର ହୋଇଥିଲା। ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ରାଜ୍ୟ ସାମାଜିକ ସମୀକ୍ଷା ବିଶେଷଜ୍ଞ ଜ୍ୟୋତିରଞ୍ଜନ ଶତପଥୀ, ଜିଲା ସାମାଜିକ ସମୀକ୍ଷକ ଦୀପକ ପରିଡା, ବ୍ଲକ ସାମାଜିକ ସମୀକ୍ଷକ ତ୍ରିଲୋଚନ ସାହୁ, ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ଶରତ ଚନ୍ଦ୍ର ମହାରଣା, ଏପିଓ ସନ୍ତୋଷ ନାୟକ, ଏମଆଇ ମୋଚିରାମ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା ଓ ତାହାର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଭିଲେଜ ରିସୋର୍ସ ପର୍ସନଙ୍କୁ ତାଲିମ ଦିଆଯାଇଥିଲା। କେଉଁ ହିତାଧିକାରୀଙ୍କୁ କେଉଁ ଯୋଜନାରେ କି ପ୍ରକାର ଭତ୍ତା ଦିଆଯିବ ସେ ସମ୍ପର୍କରେ ସାମାଜିକ ନିରାପତ୍ତା ଅଧିକାରୀ ମହାରଣା ସୂଚନା ଦେଇଥିଲେ। ଏମଆଇ ଦାସ ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ କହିଥିଲେ।

## ପିପିଏଲ୍ ପକ୍ଷରୁ କୋର୍ଟ ପରିସରରେ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

କୁଜଙ୍ଗ,୨୯।୬(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ କୁଜଙ୍ଗ କୋର୍ଟ ପରିସରରେ ୨ଟି ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପକୁ କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ପିପିଏଲ୍‌ର ରଞ୍ଜିତ ସିଂ ତୁଗ୍, ଡିଜିଏମ୍(କର୍ପୋରେଟ୍) ସୁଧୀର କୁମାର ମିଶ୍ର, ଡିଜିଏମ ଲିଗାଲ ଏମ.ଆର ପଣ୍ଡାଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। କୁଜଙ୍ଗ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ସଞ୍ଜୀୟ କୁମାର ବେହେରା, ଓକିଲ ସଂଘ ଉପଦେଷ୍ଟା ସୁଶାନ୍ତ ପଟ୍ଟନାୟକ, ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ଏ.ଏନ.ଡି. ଯାଦବ, କୈଳାସ ମହାପାତ୍ର ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

## ଟ୍ରଲିରେ ମୃତଦେହ, ଅଧାରୁ ନେଲା ମହାପ୍ରୟାଣ ଗାଡ଼ି

ପାରାଦୀପ,୨୯।୬(ସ୍ୱ.ପ୍ର.)

ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକ୍‌ପଡ଼ାରେ ଶନିବାର ଏକ ମୃତଦେହକୁ ଟ୍ରଲିରେ ବୁହାଯାଇଥିଲା। ଏହାପରେ ପୌରପାଳିକାର ମହାପ୍ରୟାଣ ଗାଡ଼ି ପହଞ୍ଚି ମୃତଦେହ ନେଇଥିଲା। ସୂଚନା ଅନୁସାରେ, ବଙ୍ଗୀୟ ବସ୍ତିର ବୃଦ୍ଧା ସୂର୍ଯ୍ୟବାଳା ମଣ୍ଡଳଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଦାହ କରିବା ପାଇଁ କେହି ପଡ଼ୋଶୀ ସହଯୋଗ କରି ନ ଥିଲେ। ଶେଷରେ ବାଧହୋଇ ସୂର୍ଯ୍ୟବାଳାଙ୍କ ସ୍ୱାମୀ ବିଷ୍ଣୁପଦ ନିଜ ଟ୍ରଲିରେ ସ୍ତ୍ରୀଙ୍କ ମୃତଦେହକୁ ବୋହି ମଶାଣିକୁ ନେଇ ଯାଉଥିଲେ। ଏହି ଘଟଣା ସ୍ଥାନୀୟ ଫାଣ୍ଡି ପୋଲିସ ଦେଖିବା ପରେ ପୌରପାଳିକାକୁ ସୂଚନା ଦେଇଥିଲେ। ଏହାପରେ ପୌରପାଳିକାର ମହାପ୍ରୟାଣ ଗାଡ଼ି ଆସି ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ଗଛରେ ପୋଲ**
**ଅତି କଷ୍ଟରେ ପିଞ୍ଜରା ଦିଶିଲା**
**ଜର କଲା ବୋଲି ବୋଲ ।**

ଓଲୁଅ ଗଛ କାଣ୍ଡ ପୋଲା। ଉପରଟା ଛାପି ଛାପିକିଆ, ସାପ ପରି ଦିଶୁଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ଖାଇବାକୁ ନ ପାଇ ଉପାସ ରହି ଅସ୍ଥି କଙ୍କାଳମୟ ଦିଶୁଥିବା ବ୍ୟକ୍ତି ସତକଥାକୁ ଲୁଚାଇବା ପାଇଁ ଜରରେପଡ଼ି ପିଞ୍ଜରାହାଡ଼ ସବୁ ଦେଖାଯାଉଥିବାର ମିଛ ବାହାନା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ପାଟିକି ପାନ ଗଲା**
**ପାନ କହିଲା ମୋ ପ୍ରାଣ ଗଲା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଯିଏ କେବେ ପାନ ଖାଏ ନାହିଁ, ସେ ନୂଆକରି ପାନ ଖିଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିଦ୍ୟୁତ୍ ଚୋରି: ସେସୁ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ

ରଘୁନାଥପୁର, ୨୯।୬ (ଡି.ଏନ.ଏ.)

ଜଗତ୍‌ସିଂହପୁର ସେସୁ ବିଭାଗ ଜୋନ୍-୨ ପକ୍ଷରୁ ରଘୁନାଥପୁର ବ୍ଲକ ନାଲିବର ଓ ରେଡୁଆ ଅଞ୍ଚଳରେ ବିଦ୍ୟୁତ୍ ଚୋରି ନେଇ ବିଭିନ୍ନ ସ୍ଥାନରେ ଶନିବାର ଚଢାଉ କରାଯାଇଥିଲା। ଏସ୍‌ଡିଓ ବାବୁଲି ବେହେରା ଓ ଜେଇ ଦୀପ୍ତି ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଏମ୍‌ଆରଟି ସ୍କ୍ୱାଡ୍ ଓ ଏନ୍‌ଜେନ୍ ବିଭାଗର କର୍ମଚାରୀମାନେ ଏହି ଚଢାଉରେ ସାମିଲ ହୋଇଥିଲେ। ବିଦ୍ୟୁତ୍ ଥାନା ପକ୍ଷରୁ ଆଇଆଇସି କୁମାରୀ ବେହେରା ଏଏସ୍‌ଆଇ ଦୀପ୍ତି ରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ନାଲିବରସ୍ଥିତ ରଞ୍ଜନ କୁମାର ନାୟକଙ୍କ ହୋଟେଲ ଉପରେ ଚଢାଉ କରାଯାଇ ଲୋଡ ଭେରିଫିକେଶନ ଓ ମିଟର ବାଇପାସ୍ କରାଯାଇଥିବା ଏସ୍‌ଡିଓ ବେହେରା ପ୍ରକାଶ କରିଥିଲେ। ଏହି ହୋଟେଲରେ ଦେଢ କିଲୋୱାଟ କମର୍ସିଆଲ ଲାଇନ୍ ଥିବାବେଳେ ଅଧିକ ସାଢେ ୬ କିଲୋୱାଟ ବିଦ୍ୟୁତ୍ ବାଇପାସ୍ କରାଯାଇ ବ୍ୟବହାର କରାଯାଉଥିଲା। ସେହିପରି ରେଡୁଆ ହାଟଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ ଉପରେ ଚଢାଉ କରାଯାଇ ଅନିୟମିତତା ହୋଇଥିବା ଦେଖାଯାଇଥିଲା। ସେଠାରେ ଏକ କିଲୋୱାଟ ଡୋମେଷ୍ଟିକ କରେଣ୍ଟ ବ୍ୟବହାର ହେଉଥିବା ଦେଖିବାକୁ ପାଇଥିଲେ। ତେବେ ଏହାର ମାଲିକ ଶରତ ଚନ୍ଦ୍ର ମହାପାତ୍ର କୁହନ୍ତି, ଫନୀ ବାତ୍ୟା ପରେ ନୂଆ ମାର୍କେଟ କମ୍ପ୍ଲେକ୍ସ ଆରମ୍ଭ ହୋଇଛି। ଏଥିପାଇଁ ଲାଇନ୍‌ମ୍ୟାନଙ୍କଠାରୁ ଆରମ୍ଭ କରି ଜେଇ ଓ ଏସ୍‌ଡିଓଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ବି ବାତ୍ୟା ପୁନରୁଦ୍ଧାର କାର୍ଯ୍ୟରେ ବ୍ୟସ୍ତ ରହିବା କଥା କହି ଆସି ନ ଥିବା ଅଭିଯୋଗ କରିଥିଲେ। ତେବେ ମହାପାତ୍ର ସେସୁ ବିଭାଗ ନିୟମାନୁଯାୟୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏସ୍‌ଡିଓ ବେହେରା ଅନିୟମିତତା ସମ୍ପର୍କରେ ତର୍ଜମା କରି ପରବର୍ତ୍ତୀ ସମୟରେ ଉପଭୋକ୍ତାଙ୍କୁ ଦଣ୍ଡିତ କରାଯିବ ବୋଲି କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday and Saturday

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସ୍ୱାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦେଢଶୁର ମାଡ଼ରେ ଭାଇବୋହୂ ଗୁରୁତର: ମହିଳାଙ୍କ ଧାରଣା

ରାଜନଗର,୨୯।୬(ଡି.ଏନ.ଏ.) ରାଜନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଦେଢଶୁର ମାଡରେ ଭାଇବୋହୂ ଗୁରୁତର ଆହତ ହୋଇଛନ୍ତି । ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆହତ ମହିଳାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଏଥିସହିତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ୪୦ରୁ ଉର୍ଦ୍ଧ୍ୱ ମହିଳା ଥାନା ଆଗରେ ଧାରଣା ଦେଇ ବସିଛନ୍ତି । ରାଜନଗର ଥାନା ଅନ୍ତର୍ଗତ କୋଇଲିପୁର ଗାଁର ମହେଶ୍ୱର ପରିଡାଙ୍କ ଝିଅ ହରପ୍ରିୟା ଗୋବିନ୍ଦପୁର ଗାଁର ଶୈଳେନ୍ଦ୍ର ସ୍ୱାଇଁଙ୍କୁ ବିବାହ କରିଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ହରପ୍ରିୟା କୌଣସି କାମରେ ବାହାରକୁ ଯାଇ ଘର ଭିତରକୁ ପଶୁଥିବା ବେଳେ ତାଙ୍କର ଦେଢଶୁର ଛାଡି ନ ଥିଲେ। ହରପ୍ରିୟା ଏହାର ପ୍ରତିବାଦ କରିବାରୁ ଦେଢଶୁର ତାଙ୍କ ଚୁଟି ଧରି ଘୋଷାଡି ଆଣି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତଳିପେଟରେ ଗୋଇଠା ପରେ ଗୋଇଠା ମାରିଥିଲେ। ଏଥିସହ ତାଙ୍କ ଶାଶୁଘର ଲୋକେ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଖବର ପାଇ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ହରପ୍ରିୟାଙ୍କୁ ଛାଡି ପଳାଇଥିଲେ। ତେବେ ଦେଢଶୁରଙ୍କ ମାଡରେ ହରପ୍ରିୟା ଆହତ ହୋଇଥିବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଭିଯୁକ୍ତ ଦେଢଶୁରଙ୍କୁ ଗିରଫ ଦାବିରେ ଧାରଣା ଦେଇଛନ୍ତି। ରାତି ୯ଟା ସୁଦ୍ଧା ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ । ଏଠାରେ ସୂଚନାଯୋଗ୍ୟ ଯେ ଦୁଇମାସ ତଳେ ହରପ୍ରିୟାଙ୍କୁ ତାଙ୍କ ଶାଶୁଘର ଲୋକେ ପୋଡି ମାରି ଦେବାକୁ ଉଦ୍ୟମ କରିଥିଲେ। ଏ ନେଇ ପୂର୍ବରୁ ରାଜନଗର ଥାନାରେ ମାମଲା ରୁଜୁ ହୋଇଛି।

■ବିପଦପୂର୍ଣ୍ଣ ଅବସ୍ଥାରେ ସ୍କୁଲ ଗୃହ

# ଛାତ୍ରୀଛାତ୍ର ପଢ଼ୁଛନ୍ତି ଯୁବକ ସଂଘ ଗୃହରେ

ଡେରାବିଶ ୨୯।୬(ସ୍ୱ.ପ୍ର.)

ସର୍ବଶିକ୍ଷା ଅଭିଯାନରେ ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ବୋଲି ସରକାର କହୁଛନ୍ତି । ମାତ୍ର ଗ୍ରାମଗୁଡିକରେ ଏହି ଯୋଜନା କେତେଦୂର କାର୍ଯ୍ୟକାରୀ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟର ଶ୍ରେଣୀଗୃହ ମରାମତି ଅଭାବରୁ ବିପଦପୂର୍ଣ୍ଣ ହୋଇପଡ଼ିଥିବା ବେଳେ ଛାତ୍ରୀଛାତ୍ର ଅନ୍ୟତ୍ର ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ। ବ୍ଲକ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଗୃହ ଛାଡି ଗ୍ରାମରେ ଥିବା ଏକ ଯୁବକସଂଘ ଗୃହରେ ଅଧ୍ୟୟନ କରୁଛନ୍ତି। ସ୍କୁଲର ଶ୍ରେଣୀ ଗୃହଗୁଡିକ ଭାଙ୍ଗିରୁଜି ଯାଇଥିବାରୁ ପିଲାଙ୍କୁ ଅସ୍ଥାୟୀ ଭାବେ ଯୁବକସଂଘ ଗୃହରେ ପାଠ ପଢ଼ାଯାଉଥିବା ସୂଚନା ମିଳିଛି।

୧୯୩୪ ମସିହାରେ ଗ୍ରାମର କେତେଜଣ ବ୍ୟକ୍ତି ଜମିଦାନ କରି ଏହି ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଥିବା ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃତିତ୍ୱ ଲାଭ କରିବା ପରେ ପରବର୍ତ୍ତୀ ଅବସ୍ଥାରେ ସରକାରୀସ୍ତରରେ ବିଦ୍ୟାଳୟ ପାଇଁ ନୂତନ ଆଜବେଷ୍ଟସ୍ ଗୃହ ନିର୍ମାଣ କରାଯାଇଥିଲା। ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ପ୍ରଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଗୃହର ଆଜବେଷ୍ଟସ୍ ଭାଙ୍ଗିଯାଇଥିଲା। ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଥିଲା।


ଯୁବକ ସଂଘ ଗୃହରେ ପିଲାଙ୍କୁ ପାଠ ପଢାଯାଉଛି।

ଏନେଇ ବ୍ଲକ ଶିକ୍ଷାଧିକାରୀ ଅବଗତ ହେବା ପରେ ଯୁବକ ସଂଘ ଗୃହରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଚଲାଇବାକୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

ପରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ଅଧିକାରୀ ୨୦୧୭ ରେ ଏହି ବିଦ୍ୟାଳୟ ଗୃହକୁ ଅସୁରକ୍ଷିତ ବୋଲି ଘୋଷଣା କରିଥିଲେ। ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି ବୋଲି ସେତେବେଳେ ବ୍ଲକ ଶିକ୍ଷାଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଦ୍ୟାଳୟ ପାଇଁ ଦାନ କରାଯାଇଥିବା ସମ୍ପତି ପ୍ରସଙ୍ଗ ଉପୁଜିବାରୁ ସରକାରୀ ଅର୍ଥ ବ୍ୟୟ ହୋଇପାରି ନ ଥିଲା । ପରେ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଜମି ଦାନକରିଥିବା ଅଂଶୀଦାରମାନେ ସ୍ଥାୟୀ ଭାବେ ବିଦ୍ୟାଳୟକୁ ୪ଗୁଣ୍ଠ ୨୨ ଡିସିମିଲ୍ ସମ୍ପତି ଦାନ କରିଦେଇଥିଲେ। ଏହା ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ମଞ୍ଜୁର ହୋଇଥିବା ଅର୍ଥରାଶି ବିଦ୍ୟାଳୟ ପାଇଁ ଖର୍ଚ୍ଚ ହୋଇନାହିଁ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି, ବିଭାଗୀୟସ୍ତରରେ ଅସୁରକ୍ଷିତ ଘୋଷଣା ହୋଇଥିବା ଗୃହର କାନ୍ଥ ମଜଭୁତ୍ ଥିବା ବେଳେ ଭାଙ୍ଗି ଯାଇଥିବା ଆଜବେଷ୍ଟସ୍‌କୁ ସରକାରୀସ୍ତରରେ ମରାମତି କରାଗଲେ ପୁନର୍ବାର ଏହି ବିଦ୍ୟାଳୟରେ ଶ୍ରେଣୀଗୃହ ଚାଲିପାରିବ ବୋଲି ଗ୍ରାମବାସୀମାନେ କହିଛନ୍ତି। ଏନେଇ ବାରମ୍ବାର ଜିଲାପାଳଙ୍କ ଠାରୁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀ ପର୍ଯ୍ୟନ୍ତ ସବୁଠି ଅନୁରୋଧ କରାଯାଇଛି। ମାତ୍ର କୌଣସି ସୁଫଳ ମିଳିନାହିଁ। ଏସମ୍ପର୍କରେ ରତାଦିଆ ଖଣ୍ଡସାହିର ସମିତିସଭ୍ୟା ସୌଦାମିନୀ ବେହେରା କୁହନ୍ତି, ତୁରନ୍ତ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଥିବା ବିଦ୍ୟାଳୟ ଗୃହକୁ ମରାମତି କରିବା ଦରକାର। ଏନେଇ ଜିଲାପାଳଙ୍କ ନିକଟରେ ବାରମ୍ବାର ଦାବି କରାଯିବା ସହ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଉଠାଯାଇଛି । ମାତ୍ର ଏ ସମ୍ପର୍କରେ ବିଭାଗୀୟ ସ୍ତରରେ କୌଣସି ଉଦ୍ୟମ ହୋଇନାହିଁ ବୋଲି ସେ କହିଛନ୍ତି । ଶିକ୍ଷାବିଭାଗ ଏ ବିଭାଗ ପ୍ରତି ଦୃଷ୍ଟି ଦେଉନଥିବାରୁ ଚଳିତ ବର୍ଷ କୌଣସି ଅଭିଭାବକ ସେମାନଙ୍କ ପିଲାଙ୍କ ନାମ ଏଠାରେ ପଞ୍ଜିକୃତ କରିବାକୁ ରାଜି ହେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଏବିଷୟରେ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ କହିଛନ୍ତି ସମ୍ପୃକ୍ତ ବିଦ୍ୟାଳୟ ପାଇଁ ଜମିଦାନ ପ୍ରକ୍ରିୟା ବିଳମ୍ବରେ ହୋଇଛି। ପରବର୍ତ୍ତୀ ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବାରୁ ଏହାର ଗୃହ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଯାଇଛି । ପାଟକୁରା ନିର୍ବାଚନ ନ ସରିବା ପର୍ଯ୍ୟନ୍ତ ବିଦ୍ୟାଳୟ ମରାମତି କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ। ଅପରପକ୍ଷରେ ବିଦ୍ୟାଳୟ ଗୃହ ମରାମତି ବିଷୟରେ ପଚାରିବାରୁ ସେ ବାବଦରେ କୌଣସି ଆର୍ଥିକ ବ୍ୟୟ ବ୍ୟବସ୍ଥା ନଥିବା ସ୍ୱାଇଁ ପ୍ରକାଶ କରିଥିଲେ ।

ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ବିଦ୍ୟାଳୟର ପୁରାତନ ଛାତ୍ର ବୈକୁଣ୍ଠ ଜେନା ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଅସୁରକ୍ଷିତ ଘୋଷଣା ହୋଇଥିବା ବିଦ୍ୟାଳୟ ଗୃହରେ ଚଳିତ ନିର୍ବାଚନରେ ବୁଥ୍ କରାଯାଇଥିଲା । ଏବଂ ଏହି ଗୃହରେ ପୋଲିଂ ପାର୍ଟି ମଧ୍ୟ ତିନିଦିନ ରହିଥିଲେ । ଏଥିଯୋଗୁ ବିଭାଗୀୟ ଅଧିକାରୀଙ୍କୁ ଦୋଷ ଦେବା ସହ ସରକାଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ।

ଏ ସମ୍ପର୍କରେ ବିଦ୍ୟାଳୟର ପୁରାତନ ଛାତ୍ର ଦାମୋଦର ତ୍ରିପାଠୀ କହିଛନ୍ତି, ଆସନ୍ତା ଜୁଲାଇ ଶେଷ ସୁଦ୍ଧା ବିଦ୍ୟାଳୟ ଗୃହ ନିର୍ମାଣ ନ ହେଲେ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ କରାଯିବ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୩୦।୬।୨୦୧୯ (ରବିବାର)**

■ଜିଲାପାଳଙ୍କ ଜନଶୁଣାଣି ଶିବିର। **ସ୍ଥାନ**–ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, **ସମୟ**–ପୂର୍ବାହ୍ନ ୧୦ଟା।

■ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ଆସର। **ସ୍ଥାନ**–କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ**– ପୂର୍ବାହ୍ନ ୧୦ଟା।

■ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥା ପକ୍ଷରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ। **ସ୍ଥାନ**–ସାନମଙ୍ଗଳା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ସହର, **ସମୟ**–ସନ୍ଧ୍ୟା ୬ଟା।

**୨।୭।୨୦୧୯ (ମଙ୍ଗଳବାର)**

■ସିପେଟ ପକ୍ଷରୁ କର୍ମ ନିଯୁକ୍ତି ଶିବିର । **ସ୍ଥାନ**–କର୍ମ ନିୟୋଜନ କାର୍ଯ୍ୟାଳୟ, ଜଟାଙ୍ଗ, କେନ୍ଦ୍ରାପଡ଼ା, **ସମୟ**– ପୂର୍ବାହ୍ନ ୧୦ଟା।

**୩।୭।୨୦୧୯ (ବୁଧବାର)**

■ଶ୍ରୀ ବଳଦେବଜୀଉଙ୍କ ନବଯୌବନ ଦର୍ଶନ । **ସ୍ଥାନ**–ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ**– ସକାଳ ୬ଟା।

**୪।୭।୨୦୧୯ (ଗୁରୁବାର)**

■ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା। **ସ୍ଥାନ**– ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ**– ଅପରାହ୍ନ ୪ଟା।

**୫।୭।୨୦୧୯ (ଶୁକ୍ରବାର)**

■ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା । **ସ୍ଥାନ**– ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ**– ଅପରାହ୍ନ ୨ଟା।

**୬।୭।୨୦୧୯ (ଶନିବାର)**

■ଶ୍ରୀ ବଳଦେବଜୀଉଙ୍କ ଗୁଣ୍ଡିଚା ବିଜେ ଯାତ୍ରା। **ସ୍ଥାନ**– ମାଉସୀମା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ**– ରାତ୍ର ୯ଟା।

# କଷଣଅଣ୍ଟା-ବାଛରା ଆରଡି ରାସ୍ତାରେ ବୃକ୍ଷରୋପଣ


ଗ୍ରାମର ଯୁବକମାନେ ବୃକ୍ଷରୋପଣ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୨୯।୬ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ କଷଣଅଣ୍ଟା-ବାଛରା ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି । ବାଛରା ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ୩ ଦିନ ଧରି ୧ କିଲୋମିଟର ବ୍ୟାପି ଅଞ୍ଚଳରେ ୧୫ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ବୃକ୍ଷରୋପଣ କରିଛନ୍ତି । ଏହି ଅବସରରେ ଉଦୀୟମାନ ଯୁବକ ଆଶିଷ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଛରା ଓ ମଣ୍ଡପଡା ଗ୍ରାମର ମୁରବୀ ବରାହ ଚରଣ ସାମଲ, ଚର୍ତ୍ତୁଭୁଜ ସାହୁ, ବାଛରା ସରପଞ୍ଚ ସମୀର ପ୍ରଧାନ, ସମିତି ସଭ୍ୟ ଜ୍ୟୋତିରଞ୍ଜନ ବେହୁରା, ପୂର୍ବତନ ସରପଞ୍ଚ ବିଜୟ ସାହୁ, ସୁଧାଂଶୁ ସାମଲ, ପୂର୍ବତନ ସମିତି ସଭ୍ୟ ଅଜୟ ସାହୁ, ମମତା ମଲିକ, ଶ୍ରୀକାନ୍ତ ବେହେରା, ମାଳତି ମଲିକ, ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ମତ ରଖିଥିଲେ । ବୃକ୍ଷ ହିଁ ଜୀବନ ଏ ନେଇ ସଚେତନତା ସୃଷ୍ଟି ପାଇଁ ବୃକ୍ଷରୋପଣ ପ୍ରକ୍ରିୟା ଜାରି ରହିବ ବୋଲି ଯୁବକମାନେ କହିଛନ୍ତି । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସିଦ୍ଧାନ୍ତ ଶେଖର ପ୍ରଧାନ, ଚନ୍ଦ୍ରଭାନୁ ମଲିକ, ଦେବେନ୍ଦ୍ର ବେହୁରା, ସତ୍ୟଜିତ୍ ପ୍ରଧାନ, ଜିତେନ୍ଦ୍ର ଖିଲାର, ରାଜେନ୍ଦ୍ର ସ୍ୱାଇଁ, ବିନୋଦ ମଲିକ, ପରେଶ ପ୍ରଧାନ, ଅନନ୍ତ ମଲିକ, ଶଙ୍କର ଗେରୁ, ସୁଜିତ୍ ପ୍ରଧାନ, ସମୀର ସାହୁ, ସନ୍ତୋଷ ପ୍ରଧାନ, ଦେବେନ୍ଦ୍ର ବେହୁରା, ଚିନ୍ମୟ ସାମଲ, ଶୁଭମ ପ୍ରଧାନ, ସୁନୀଲ ସାହୁ, ନାରାୟଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ । କଷଣଅଣ୍ଟା ଠାରୁ ବାଛରା ସାଇ ମନ୍ଦିର ପର୍ଯ୍ୟନ୍ତ ନିମ୍ବ, କରଞ୍ଜ, କୃଷ୍ଣଚୂଡା, ଶିମିଳି, କଦମ୍ବ, ତେନ୍ତୁଳି, ରାଧାଚୂଡା, ପାରାଡାଇଜ୍, ହରିଡା, ବାହାଡା, ଜାମୁ ଆଦି ବୃକ୍ଷରୋପଣ କରାଯାଇଛି ।

■ରେଳପଥରେ ଗଡ଼ିଲା ପ୍ରଥମ ରେଳ ଇଞ୍ଜିନ

# ଡେରାବିଶରେ ଖୁସିର ଲହରି


ହରିଦାସପୁର-ପାରାଦୀପ ରେଳପଥରେ ରେଳ ଇଞ୍ଜିନ।

ଡେରାବିଶ,୨୯।୬(ସ୍ୱ.ପ୍ର.)

ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ ହେବ, ରେଳ ଚାଲିବ ଏଥିପାଇଁ ଉତ୍କଣ୍ଠାର ସହ ଦୀର୍ଘ ବର୍ଷ ଧରି ଅପେକ୍ଷା କରିଥିଲେ କେନ୍ଦ୍ରାପଡା ଜିଲାବାସୀ । ତେବେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଶନିବାର ମଧ୍ୟାହ୍ନରେ ଏହି ରେଳ ଲାଇନ ଉପରେ ପରୀକ୍ଷାମୂଳକ ଭାବେ ରେଳ ଇଞ୍ଜିନ ପ୍ରଥମ କରି ଗଡିଥିଲା । ହରିଦାସପୁରରୁ ବାହାରିଥିବା ଏହି ରେଳ ଇଞ୍ଜିନ ମଧ୍ୟାହ୍ନରେ ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବ ଛକ ଦେଇ ଯାଇଥିବା ରେଳ ଲାଇନ୍‌ରେ ପହଞ୍ଚିବା ପରେ ଶତାଧିକ ଲୋକ ଇଞ୍ଜିନକୁ ଦେଖିବା ପାଇଁ ଭିଡ ଜମାଇ ଥିଲେ । ପରେ ଇଞ୍ଜିନଟି ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ବେଲାରପୁର, ଫକିରାବାଦ, ହଳଦିଆ ଓ ଠାକୁରହାଟ ଦେଇ ପାରାଦୀପ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଠାକୁର ହାଟ ପାଖରେ ସ୍ୱଳ୍ପ ସମୟ ରହଣି କରିଥିଲା । ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଇଞ୍ଜିନରେ ଥିବା ରେଳ ବିଭାଗ କର୍ମଚାରୀଙ୍କୁ ସ୍ୱାଗତ କରାଯାଇଥିଲା ।

# କେନ୍ଦ୍ରାପଡ଼ାରେ ଗଡ଼ିଲା ରେଳ: ଲୋକଙ୍କ ମିଶ୍ର ପ୍ରତିକ୍ରିୟା

କେନ୍ଦ୍ରାପଡା ଅଫିସ, ୨୯।୬

ଦୀର୍ଘ ୨୦ ବର୍ଷର ପ୍ରତୀକ୍ଷାର ଅନ୍ତଘଟି ଶନିବାର କେନ୍ଦ୍ରାପଡା ଜିଲାରେ ପ୍ରଥମ ଥର ପାଇଁ ରେଳ ଗଡ଼ିଛି। ମଲ୍‌ଟିପୁଲ ଟାୱାର କାର (ରେଳ ଇଞ୍ଜିନ) ସକାଳ ପ୍ରାୟ ୯ଟା ସମୟରେ ହରିଦାସପୁର ରେଲୱେ ଜଙ୍କସନ୍‌ରୁ ବାହାରି କେନ୍ଦ୍ରାପଡ଼ା ଷ୍ଟେଶନରେ ଅପରାହ୍ନ ୨ଟା ବେଳେ ପହଞ୍ଚି ଥିଲା। ଜିଲାରେ ପ୍ରଥମ ଥର ପାଇଁ ଏହା ପହଁଞ୍ଚିବା ଲୋକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଏମାନେ ଯାହା କହନ୍ତି...



“ କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ଏହା ଏକ ଐତିହାସିକ ଦିନ । କେନ୍ଦ୍ରାପଡାକୁ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ଗଡ଼ିଥିବାରୁ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଛି।

**ବୁଦ୍ଧିଜୀବୀ, ପ୍ରଶାନ୍ତ ନାୟକ**



“ ରେଳ ଗଡ଼ିଲେ ଜିଲାର ବିକାଶ ନିଶ୍ଚିତୟ ହେବ । ରେଳ ନ ଥିବାରୁ ପୂର୍ବରୁ ଶିଳ୍ପୋଦ୍ୟୋଗୀମାନେ ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ । ଏବେ ଜିଲାରେ ଏହା ସମ୍ଭବ ହୋଇପାରିବ ବୋଲି ଆଶା କରାଯାଉଛି।

**ସାମାଜିକ କର୍ମୀ, ସମୀର ଚାନ୍ଦ**



“ ରେଳ ଆସିବାକୁ ସ୍ୱାଗତ କରୁଛି । ତେବେ ରେଳପଥ ପାଇଁ ଭୋଗୁଥିବା ଚାଷୀଙ୍କ ଯନ୍ତ୍ରଣାକୁ ଭୁଲିବା କଷ୍ଟ । ଫାଟକ ବିହୀନ ଉଚ୍ଚ ରେଳପଥ ନିର୍ମାଣ ପାଇଁ ବହୁ ଖେତରୁ ମାଟି ଉଠାଯାଇଛି । ଫଳରେ ସାମାନ୍ୟ ବର୍ଷାରେ ଖେତରେ ହୋଇଥିବା ଗାଡ଼ରେ ପାଣି ଜମିରହୁଛି । ଫଳରେ ଖେତ ନଷ୍ଟ ହୋଇଛି । ସେହିପରି ରେଳପଥ ନିର୍ମାଣ ସମୟରେ ଜିଲା ପ୍ରଶାସନ ଓ ରେଳପଥ ବିଭାଗ କାର୍ଯ୍ୟକର୍ତ୍ତାଙ୍କୁ ବାରମ୍ବାର ସାଇଫନ ନିର୍ମାଣ ପାଇଁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ଜଳ ନିଷ୍କାସନ ବ୍ୟବସ୍ଥା କରାଗଲା ନାହିଁ।

**କୃଷକ ନେତା, ବିଧୁଭୂଷଣ ମହାପାତ୍ର**



“ ରେଳପଥ ନିର୍ମାଣ ସମୟରେ ବହୁ ଜମି ଚାଲିଯାଇଛି। ତେବେ ଜମି ହରାଇଥିବା ବ୍ୟକ୍ତିଙ୍କୁ ଅଦ୍ୟାବଧି ଉପଯୁକ୍ତ ମୂଲ୍ୟ ମିଳିପାରିନାହିଁ । ଏନେଇ କୋର୍ଟରେ ମାମଲା ଚାଲିଛି । ତେବେ ରେଳ ଚଳାଚଳକୁ ଆମେ ସ୍ୱାଗତ କରୁଛୁ।

**ଲକ୍ଷ୍ମୀକାନ୍ତ ନାୟକ**

# ଗରଦପୁରରେ ବିଜେଡି କର୍ମୀ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

ପାଟକୁରା,୨୯।୬(ଡି.ଏନ୍.ଏ.)

ଗରଦପୁର ବ୍ଲକରେ ଶନିବାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ପଞ୍ଚାୟତ ଅନ୍ତର୍ଗତ ନୈନ୍ଦିପୁର ସ୍କୁଲ୍ ଖେଳପଡ଼ିଆରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକ ବିଜେଡ଼ି ସଭାପତି ଶୈଳେନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ । ପାଟକୁରା ବିଧାନସଭା ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ, ବିଧାୟକ ଅଶୋକ ବଳ, ବିଜେଡ଼ି ନେତା ପ୍ରମୋଦ ରଥ, ରାଜ୍ୟ ବିଜେଡ଼ି ସମ୍ପାଦକ ଦିପ୍ତିକାନ୍ତ ପରିଜା, ରାଜ୍ୟ ଛାତ୍ରବିଜେଡ଼ି ଉପ ସଭାପତି ରାକେଶ ମହାପାତ୍ର, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ରାଜେଶ ଦାସ, ସରପଞ୍ଚ ସୁକାନ୍ତ ସ୍ୱାଇଁ, ରାଜ୍ୟ ବିଜେଡ଼ି ମହିଳା କାର୍ଯ୍ୟକାରିଣୀ ସଦସ୍ୟା କନକଲତା କଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗରଦପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ସମୀକ୍ଷା କରିଥିଲେ । ଗତ ସାଧାରଣ ନିର୍ବାଚନରେ ଭୋଟ୍ ହାର କଣ ପାଇଁ କମିଲା ତାହା କର୍ମୀଙ୍କୁ ପଚାରିବୁଝିଥିଲେ । ବିଜେଡିର ସଫଳତା ପାଇଁ ଆଗାମୀ ଦିନରେ କଠୋର ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୁଖୀ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ । ପାଟକୁରାର ପୂର୍ବତନ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଆଗାମୀ ନିର୍ବାଚନରେ ପାଇଁ ଭୋଟ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ସଞ୍ଜୟ ଅଗ୍ରୱାଲ, ଦିଲୀପ ପଣ୍ଡା, ପ୍ରମୋଦ ପତି ଓ ଶଶାଂଙ୍କ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ରାଜେଶ ଦାସ ସଭା ସଞ୍ଚାଳନ କରିଥିଲେ।


# କଚେରି ପୋଖରୀରୁ ଉଠିଲା ଡମ୍ପିଂ ୟାର୍ଡ

ପଟ୍ଟାମୁଣ୍ଡାଇ, ୨୯।୬ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା କଚେରୀ ପୋଖରୀରୁ ଅଳିଆ ସଫା ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାକୁ ଖନନ କରାଯାଇ ଏକ ଆଦର୍ଶ ପୋଖରୀରେ ପରିଣତ କରାଯିବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି।

ଜମିଦାର ଅମଳରୁ ଖନନ କରାଯାଇଥିବା କଚେରୀ ପୋଖରୀରେ ଗତ ୩ ବର୍ଷ ହେଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପକ୍ଷରୁ ଅଳିଆ ଆବର୍ଜନା ପକାଯାଉ ଥିଲା । ଏହା ଡମ୍ପିଂ ୟାର୍ଡରେ ପରିଣତ ହୋଇଥିବାରୁ ପଟ୍ଟାମୁଣ୍ଡାଇ ସହରବାସୀ ଏଠାରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ। କିନ୍ତୁ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନ ଦେବା ଫଳରେ ପ୍ରତିଦିନ ସହରରୁ ବାହାରୁ ଥିବା ପ୍ରାୟ ୪ ଟ୍ରାକ୍ଟର ଅଳିଆ ଆବର୍ଜନାକୁ ଝାଡୁଦାରମାନେ କଚେରୀ ପୋଖରୀରେ ପକାଇ ପୋଡୁଥିଲେ । ଫଳରେ ଅଳିଆ ଆବର୍ଜନା ପଚି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ନିକଟରେ ଥିବା ତହସିଲ ଅଫିସ୍, ପରିବା ହାଟ ଓ ଶ୍ରୀରାମ ମନ୍ଦିରକୁ ଆସୁଥିବା ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ପଡୁଥିଲେ । ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବଜାରରେ ଏହା ଏକମାତ୍ର ଜଳାଶୟ ହୋଇଥିବା ବେଳେ ଏହାକୁ ରକ୍ଷଣାବେକ୍ଷଣ କରାଯିବା ପରିବର୍ତ୍ତେ ପୋତି ଦେବା ପାଇଁ ପ୍ରୟାସ କରିବା ନେଇ ସାଧାରଣରେ ଅସନ୍ତୋଷ ଲାଗି ରହିଥିଲା । ୧ ଏକର ୨୫ ଡେସିମିଲ ପରିମିତ କଚେରି ପୋଖରୀର ପୁନରୁଦ୍ଧାର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରୁଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସାମାଜିକ କର୍ମୀ ଅକ୍ଷୟ କୁମାର ବିଶ୍ୱାଳ କଟକ ସ୍ଥାୟୀ ଲୋକ ଅଦାଲତରେ ପିଏଲ୍ଏ କେସ୍ ନଂ– ୧୧/୨୦୧୯ରେ ଏକ ମାମଲା ଦାଏର କରିଥିଲେ । ଏହି ମାମଲାରେ ପଟ୍ଟାମୁଣ୍ଡାଇ ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ଜିଲାପାଳ, ଉପଜିଲାପାଳ, ଗୃହ ନିର୍ମାଣ ସେକ୍ରାଟାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଏହି ମାମଲାର ଶୁଣାଣି ସମୟରେ ଲୋକ ଅଦାଲତ ସମ୍ମୁଖରେ ଡମ୍ପିଂ ୟାର୍ଡ ପାଲିଟିଥିବା ପୋଖରୀରୁ ଅଳିଆ ଆବର୍ଜନା ଉଠାଇବାକୁ ନିର୍ବାହୀ ଅଧିକାରୀ କୋର୍ଟକୁ ଜଣାଇଥିଲେ । ତଦନୁଯାୟୀ ଗୁରୁବାର ପୌରନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଜେସିବି ଲଗାଇ ପୋଖରୀରୁ ଅଳିଆ ଆବର୍ଜନା ସଫା କରାଯାଇ ଟ୍ରାକ୍ଟରରେ ଅନ୍ୟତ୍ର ଉଠାଇ ନିଆଯାଇଥିଲା । ଅଳିଆ ଉଠିବା ପରେ ଏହି ପୋଖରୀକୁ ଖନନ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ସ୍ୱାଇଁ କହିଛନ୍ତି । ଅନ୍ୟପକ୍ଷରେ ପ୍ରତି ୱାର୍ଡରେ କମ୍ପୋଷ୍ଟ ୟାର୍ଡ ନିର୍ମାଣ କରିବାକୁ ପଦକ୍ଷେପ ନିଆଯାଇଛି । ମ୍ୟୁନିସିପାଲିଟିର ଡମ୍ପିଂ ୟାର୍ଡ ପାଇଁ ସ୍ଥାନ ନ ମିଳିବାରୁ ଏହି ପଦକ୍ଷେପ ନିଆଯାଇଛି । କମ୍ପୋଷ୍ଟ ୟାର୍ଡରେ ଅଳିଆ ଆବର୍ଜନାରୁ କମ୍ପୋଷ୍ଟ ଖତ ବାହାରିବ ଯାହା କୃଷି କାର୍ଯ୍ୟରେ ବ୍ୟବହାର କରାଯାଇ ଭଲ ଫସଲ ଅମଳ କରାଯାଇ ପାରିବ ବୋଲି ପୌର ନିର୍ବାହୀ ଅଧିକାରୀ ସ୍ୱାଇଁ କହିଛନ୍ତି । ଅନ୍ୟପକ୍ଷରେ ସହରରେ ଥିବା ଏକମାତ୍ର କଚେରୀ ପୋଖରୀକୁ କାହିଁକି ଡମ୍ପିଂ ୟାର୍ଡରେ ପରିଣତ କରାଗଲା ଓ ପୁଣି ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚ କରାଯାଇ ଅଳିଆ ଉଠାଗଲା ତାହା ସଚେତନ ନାଗରିକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି । ଏଥିନେଇ ଆଇଏଚ୍ଆରସି ଜିଲା ମୁଖ୍ୟ ପ୍ରତାପ ପାଢୀ, ସାମାଜିକ କର୍ମୀ ବଜେନ୍ଦ୍ର ବର୍ମା, ବ୍ରଜବନ୍ଧୁ ଦାଶ, ଆଇନଜୀବୀ ଶରତ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ କହିଛନ୍ତି ଯେ ପୌର କର୍ତ୍ତୃପକ୍ଷ ଏ ବାବଦରେ ଯେଉଁ ଅର୍ଥ ବ୍ୟୟ କରିବେ ତାହା କିପରି ଭରଣା ହେବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, କଚେରୀ ପୋଖରୀ ଡମ୍ପିଂ ୟାର୍ଡରେ ପରିଣତ ହେବା ନେଇ ନିକଟରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା ।

## ଗ୍ରୀଷ୍ମର ଅସହ୍ୟ ଗରମ ପରେ ବର୍ଷାର ଶୀତଳ ସ୍ପର୍ଶ ସଭିଙ୍କ ଲାଗି ବହୁ ପ୍ରତୀକ୍ଷିତ। ବିଶେଷକରି ଏହାକୁ ବେଶ୍ ଏନ୍‌ଜୟ କରନ୍ତି ଯୁବପିଢ଼ି। ତେବେ ଏହିଦିନ ଯେତିକି ଆନନ୍ଦଦାୟକ ସାମାନ୍ୟ ସଚେତନତାର ଅଭାବରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ବି ସେତିକି ଅଧିକ...



# ବର୍ଷାରେ ...

**ବର୍ଷାଦିନ ଅନେକଙ୍କୁ ଭାରି ଭଲ ଲାଗେ। ହେଲେ କେବେ କେବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏହି ଦିନକୁ ମନଭରି ଉପଭୋଗ କରିବାରୁ କେତେଜଣଙ୍କୁ ବଞ୍ଚିତ ମଧ୍ୟ କରାଏ। ତେଣୁ କେଉଁ ସବୁ ଦିଗ ପ୍ରତି ସଜାଗ ରହିଲେ ସୁସ୍ଥ ରହିବା ସହ ବର୍ଷାର ଭରପୂର ଆନନ୍ଦ ଉଠାଇପାରିବେ ଜାଣିରଖନ୍ତୁ...**

- ଏଦିନେ ଚଟ୍‌ପଟା ଖାଦ୍ୟ ବେଶ୍ ଭଲ ଲାଗେ। ହେଲେ ମନେରଖନ୍ତୁ ଅଧିକ ରାଗ, ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଛଣାଛଣି ଖାଦ୍ୟ, ରାସ୍ତାକଡ଼ରେ ଠେଲାଗାଡ଼ିରେ ମିଳୁଥିବା ଖାଦ୍ୟ ଝାଡ଼ାବାନ୍ତିର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି ଗୁପ୍‌ଚୁପ୍‌ରେ ଖଟା ପାଣି ଲାଗି ବ୍ୟବହାର ହେଉଥିବା ପାଣିରେ ରୋଗ ସଂକ୍ରମଣର ଆଶଙ୍କା ବେଶି। ତେଣୁ ଯଥା ସମ୍ଭବ ଘରୋଇ ଖାଦ୍ୟ ଖାଇବା ନିରାପଦ।
- ଏଦିନେ କେବେ କେବେ ଭିଜିବା କାରଣରୁ ଅନେକଙ୍କଠାରେ ଫ୍ଲୁ ସମସ୍ୟା ଦେଖାଦେଇଥାଏ; ଯାହାକୁ ଦୂରକରିବା ଲାଗି ଔଷଧ ଖାଇବାକୁ ପଡ଼ିଥାଏ। ହେଲେ ଔଷଧ ପରିବର୍ତ୍ତେ କେତେକ ଖାଦ୍ୟ ଦ୍ୱାରା ମଧ୍ୟ ପ୍ରାକୃତିକ ଉପାୟରେ ଏହାର ଉପଚାର କରିହେବ। ରସୁଣ ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ଅଦାରେ ବି ପ୍ରଚୁର ଔଷଧୀୟ ଗୁଣ ରହିଛି ଯାହା ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିଥାଏ। ଏକ କପ୍ ଅଦା ପକା ଚା କିମ୍ବା ଅଦାରସରେ ମହୁ ମିଶାଇ ଖାଇବା ଦ୍ୱାରା ବି ଫ୍ଲୁ ସମସ୍ୟାରୁ ଆପଣଙ୍କୁ ଉପଶମ ମିଳିବ। ଲେମ୍ବୁ, କମଳା, ଆତାପି, ଟମାଟୋ ଭଳି ଭିଟାମିନ୍ ସି ଯୁକ୍ତ ଖାଦ୍ୟ ବି ଫ୍ଲୁ ହେବାକୁ ଦେଇ ନ ଥାଏ। ଋତୁଭିତ୍ତିକ ତଟକା ପନିପରିବା ଏବଂ ଶାଗ ଖାଇବା ଦ୍ୱାରା ଭିଟାମିନ୍ ଇ, ସି, ଆଇରନ୍, କ୍ୟାଲ୍ସିୟମ୍, ଫାଇବର ଏବଂ ଅନ୍ୟାନ୍ୟ ପୋଷକତତ୍ତ୍ୱ ଶରୀରକୁ ଯାଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।
- ଏଦିନେ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ଶରୀରର ବିଭିନ୍ନ ସ୍ଥାନରେ କୁଣ୍ଡେଇ ହେବା, ଫଳିଯିବା ଭଳି ସମସ୍ୟା ଖୁବ୍ ବିରକ୍ତିକର ହୋଇଥାଏ। ଏପରି ନ ହେବା ଲାଗି ଅଧିକ ଟାଇଟ୍ କିମ୍ବା ଓଦା ପୋଷାକ ପିନ୍ଧନ୍ତୁ ନାହିଁ। ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ହୋଇ ପୋଷାକ ପିନ୍ଧନ୍ତୁ। ଆଙ୍ଗୁଠି ସନ୍ଧିରେ ଯେପରି ପାଣି ନ ଜମେ ସେଥିପାଇଁ ଖୋଲା ଚପଲ ପିନ୍ଧନ୍ତୁ। ତଥାପି ଇନ୍‌ଫେକ୍ସନ୍ ହେଲେ ଏହା ଅଧିକ ବଢ଼ିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ। ତା' ଛଡ଼ା କେତେକ ଘରୋଇ ଉପାୟ ଯେପରି, ପ୍ରଭାବିତ ସ୍ଥାନରେ ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ ଧୋଇବା, ଘିକୁଆଁରୀ ରସ ଲଗାଇ କିଛି ସମୟ ରଖି ଧୋଇବା, ପାଣିରେ ଲିମ୍ବପତ୍ର ପକାଇ ଫୁଟାଇ ଗାଧୋଇବା, ହଳଦୀ ପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନଡ଼ିଆ କିମ୍ବା ଅଲିଭ ତେଲ ଲଗାଇଲେ ମଧ୍ୟ ଉପକୃତ ହୋଇପାରିବେ।
- ବର୍ଷା ହେଉ ଅବା ନ ହେଉ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ପାଖରେ ଛତା କିମ୍ବା ରେନ୍‌କୋଟ୍ ରଖିବାକୁ ଭୁଲନ୍ତୁ ନାହିଁ। କେବଳ ଏଦିନେ ଜଳଜନିତ ସଂକ୍ରାମକ ରୋଗର ଆଶଙ୍କା ବେଶ୍ ଥିବାରୁ ସବୁବେଳେ ଫୁଟା କିମ୍ବା ଫିଲ୍ଟର୍ଡ ପାଣି ପିଅନ୍ତୁ ଏବଂ ବାହାରକୁ ଗଲେ ସାଙ୍ଗରେ ପାଣି ନିଅନ୍ତୁ।
- କେବଳ ରୋଗ ନୁହେଁ, ଏଦିନେ ଦୁର୍ଘଟଣାଜନିତ ସମସ୍ୟା ବି ଅନେକଙ୍କୁ କଷ୍ଟ ଦେଇଥାଏ; ଯେଉଁଥିରୁ ରକ୍ଷା ପାଇବା ଲାଗି ଗାଡ଼ି ଚଲାଇବା ବେଳେ ସତର୍କ ରୁହନ୍ତୁ। ବର୍ଷାପାଣି ପଡି ରାସ୍ତା ଖସଡ଼ା ଥିବା, ଖାଲଗୁଡ଼ିକ ପାଣିରେ ପୋତିହୋଇଥିବା ତଥା ରାସ୍ତା କାଦୁଅ ରହୁଥିବା ଯୋଗୁ ଦୁର୍ଘଟଣା ଆଶଙ୍କା ଥାଏ।
- ଘଡ଼ଘଡ଼ି କିମ୍ବା ବିଜୁଳି ମାରୁଥିଲେ ମୋବାଇଲଠୁ ଦୂରେଇ ରୁହନ୍ତୁ। ନଚେତ୍ ମୋବାଇଲ ଫାଟିବା ଯୋଗୁ ଶ୍ରବଣଶକ୍ତି ହରାଇବା କିମ୍ବା ମୃତ୍ୟୁର ଆଶଙ୍କାକୁ ମଧ୍ୟ ଏଡ଼ାଯାଇପାରିବ ନାହିଁ।
- କେଉଁଆଡ଼େ ଯାଉଥିବା ସମୟରେ ହଠାତ୍ ବର୍ଷା ହେଲେ ପାଣି ଜମିଥିବା ସ୍ଥାନରେ ନ ଠିଆ ହୋଇ ଉଚ୍ଚସ୍ଥାନରେ ଠିଆହେବାକୁ ଚେଷ୍ଟା କରନ୍ତୁ। କାରଣ ପାଣିରେ ବିଜୁଳି କରେଣ୍ଟ ଲାଗିବାର ଆଶଙ୍କା ବେଶି।
- ସେହିପରି ବର୍ଷାରେ ଗଛ କିମ୍ବା ଇଲେକ୍ଟ୍ରି ଖୁଣ୍ଟ ମୂଳେ ଠିଆ ହୁଅନ୍ତୁ ନାହିଁ। କାରଣ ଡାଳ ଭାଙ୍ଗିବା କିମ୍ବା ଘଡ଼ଘଡ଼ି ପଡ଼ିବା ଦ୍ୱାରା ଦୁର୍ଘଟଣା ଘଟିପାରେ।
- ଏଦିନେ ଜଳାଶୟଗୁଡ଼ିକରେ ପାଣି ଭର୍ତ୍ତି ଥିବାରୁ ଅଧିକାଂଶ ଯୁବକ ପହଁରିବାର ମଜା ନେଇଥାନ୍ତି, ହେଲେ ମନେରଖନ୍ତୁ ଏହାଦ୍ୱାରା ଥଣ୍ଡ, ଜ୍ୱର ସହିତ ପାଣି ଅପରିଷ୍କାର ଥିଲେ ଚର୍ମରୋଗର ଆଶଙ୍କା ବି ରହିଛି। କେବଳ ଏତିକି ନୁହେଁ, ବିଜୁଳି ମାରିବା ବେଳେ ପୋଖରୀ, ନଦୀ, ସମୁଦ୍ର କିମ୍ବା ସୁଇମିଂପୁଲ୍ ଭିତରେ ଥିଲେ କରେଣ୍ଟ ଲାଗିବାର ଆଶଙ୍କା ରହିଛି।



## କ'ଣ କରନ୍ତି ଏମାନେ...



**ସୁଶ୍ରୀ ଆଚାର୍ଯ୍ୟ**(ଯୁକ୍ତ ୨, ରିଜିଓନାଲ ରେସିଡେନ୍ସିଆଲ୍ +୨ ସାଇନ୍ସ କଲେଜ, ନିମାପଡା, କଟକ)– ବର୍ଷାଦିନିଆ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମୁଁ ଖୁବ୍ ସଚେତନ। ଏଦିନେ ଅଧିକ ଦେଖା ଦେଉଥିବା ଥଣ୍ଡା, ଜ୍ୱର, ଝାଡା ଭଳି ସମସ୍ୟା ଠାରୁ ଦୂରେଇ ରହିବା ଲାଗି ଛତା ରେନ୍‌କୋଟ ଆଦି ବ୍ୟବହାର କରିବା ସହ ଶୀଘ୍ର ସୁଖିପାରୁଥିବା ଭଳି ପୋଷାକ, ଫ୍ଲିପ୍‌ଫ୍ଲପ୍ ଚପଲ ପିନ୍ଧେ। ବିଶେଷ କରି ଏଦିନେ ବାହାରେ କୌଣସି ଦୋକାନ ଖାଦ୍ୟ ଖାଏ ନାହିଁ। ଆବଶ୍ୟକ ସ୍ଥଳେ ସାଙ୍ଗରେ ଟିଫିନ୍ ନେଇ ଯାଏ।



**ଗୀତାଞ୍ଜଳି ବାରିକ**(ଯୁକ୍ତ ୨, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡଶପୁର, କଟକ)– ଏମିତିରେ ବର୍ଷା ମୋତେ ଭଲ ଲାଗେ, ହେଲେ ବିଜୁଳି ଆଉ ଘଡଘଡିକୁ ମୋର ଭାରି ଡର। ତେଣୁ ବର୍ଷା ସମୟରେ ମୋବାଇଲ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରେନାହିଁ। ବର୍ଷା ପାଣି ସଂସ୍ପର୍ଶରେ ଆସିଲେ ଖୁବ୍ ଶୀଘ୍ର ଥଣ୍ଡା ଧରିଯାଉଥିବାରୁ ଶୋଇବା ପୂର୍ବରୁ ପାଦରେ ଉଷୁମ ସୋରିଷ ତେଲ ମସାଜ କରେ।



## ସଫଳତା ପାଇଁ...

**ନିଜକୁ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିବାକୁ ହେଲେ ଉଦ୍ୟମ ଏବଂ ନିଷ୍ଠା ଆବଶ୍ୟକ। ତେଣୁ କିପରି ଆତ୍ମବିଶ୍ୱାସର ସହ ନିଜକୁ ସଫଳତା ଦୌଡ଼ରେ ସାମିଲ କରିପାରିବେ ଜାଣିରଖନ୍ତୁ ଟିପ୍ସ...**

- ସର୍ବପ୍ରଥମେ ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ। ମନରେ କୌଣସି ନକାରାତ୍ମକ ଚିନ୍ତା ଦୃଢ଼ବିଶ୍ୱାସର ସହ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ହାସଲ କରି ଆଗକୁ ବଢ଼ି ଚାଲନ୍ତୁ।
- ନିଜ କାର୍ଯ୍ୟରେ ସମ୍ପୂର୍ଣ୍ଣ ସକ୍ଷମ ହେବା ଯାଏ ଯେତେ ବାଧାବିଘ୍ନ ଆସିଲେ ସୁଦ୍ଧା ହାର ନ ମାନି ନିଜକୁ ଅପ୍‌ଗ୍ରେଡ୍ କରନ୍ତୁ।
- ନିଜର ପୂର୍ବ ସଫଳତା ମନେପକାନ୍ତୁ, ଏହା ଆପଣଙ୍କୁ ପ୍ରେରଣା ଯୋଗାଇବ। ଯଦି ପୂର୍ବରୁ ବିଫଳ ହୋଇଥାନ୍ତି ତେବେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ଏହାକୁ କେବଳ ଏକ ଅବସର ଭାବେ ଗ୍ରହଣ କରି ଅଧିକ ପ୍ରସ୍ତୁତି ସହ ଆଗାମୀ ଅବସରକୁ ଅପେକ୍ଷା କରନ୍ତୁ।
- ବହୁ କଷ୍ଟ ଏବଂ ବିଫଳତାର ସାମ୍ନା କରି ସମାଜରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିମାନଙ୍କୁ ନିଜର ପ୍ରେରଣା ଭାବି ସେମାନଙ୍କ ଆତ୍ମଜୀବନୀ ପଢ଼ନ୍ତୁ, ଦେଖିବେ ଆପଣଙ୍କ ମନୋବଳ ଦୃଢ଼ ହେବ।
- ସଫଳ ହେବା ଲକ୍ଷ୍ୟରେ ଆଗେଇବା ଏବଂ ବିଫଳ ହେଲେ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଭଳି ମନୋବୃତ୍ତି ନ ରଖି ଦୃଢ଼ ବିଶ୍ୱାସ ଓ କର୍ମନିଷ୍ଠା ବଳରେ ଯେକୌଣସି ପରିସ୍ଥିତିକୁ ସାମ୍ନା କରି ନିଜ ଉଦ୍ୟମ ଜାରି ରଖନ୍ତୁ। ଦେଖିବେ ଦିନେ ନା ଦିନେ ନିଶ୍ଚୟ ସଫଳତାର ସ୍ୱାଦ ଚାଖିପାରିବେ।

## ଏ ସପ୍ତାହର ପ୍ରଶ୍ନ

୧– ୨୦୧୯ ପାସିଫିକ୍ ଇଣ୍ଟରନ୍ୟାଶନାଲ ବିଲିଆର୍ଡ୍ସ ଚାମ୍ପିୟନଶିପ୍‌ର ବିଜେତା........ ?
୨– ଚଳିତବର୍ଷ ମିସ୍ ଇଣ୍ଡିଆ ବିଜୟିନୀ....... ରାଜ୍ୟର ବାସିନ୍ଦା ?
୩– ସ୍ଲୋଭାକିଆର ପ୍ରଥମ ମହିଳା ରାଷ୍ଟ୍ରପତି........ ?
୪– 'ମାଇଁ ଲାଇଫ୍, ମାଇଁ ମିଶନ'........... ଙ୍କ ଆତ୍ମଜୀବନୀ ?
୫– ଭାରତର କ୍ଷୁଦ୍ରତମ ୟୁନିୟନ ଟେରିଟୋରି......... ?

## ଗତ ଥରର ଉତ୍ତର

୧ ସାଉଦି ଆରବ
୨ ଶାହରୁଖ୍ ଖାନ୍
୩ କେରଳ
୪ ଉତ୍ତରପ୍ରଦେଶ
୫ ପରି ଟେକଇ ମେରୁ

## ଉତ୍ତରଦାତା

| | |
|---|---|
| ଗୋଦାବରୀ ମହାପାତ୍ର | ଭୁବନେଶ୍ୱର |
| ସଂକଳ୍ପ ସ୍ୱାଇଁ | ବାଲେଶ୍ୱର |
| ଦିଗ୍‌ବିଜୟ ସାହୁ | ଖୋର୍ଦ୍ଧା |
| ଲଲାଟେନ୍ଦୁ ଆଚାର୍ଯ୍ୟ | ପୁରୀ |

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ଦର୍ଶନୀୟ ହିଲ୍‌ଷ୍ଟେଶନ ୨୦୧୯



୧– ସେଣ୍ଟ ମରିଜ୍........................................ ସୁଇଜରଲାଣ୍ଡ
୨– ଗ୍ରେଟ୍ ସ୍ମୋକି ମାଉଣ୍ଟେନ୍........................... ଆମେରିକା
୩– ଫାୟାରବ୍ୟାଙ୍କ୍‌ସ.................................... ଆଲାସ୍କା
୪– ଗ୍ରାଣ୍ଡ କ୍ୟାନିଅନ୍.................................... ଆରିଜୋନା
୫– ଥ୍ରେଡ୍‌ବୋ.......................................... ଅଷ୍ଟ୍ରେଲିଆ
୬– କାକାଡୁ ନ୍ୟାଶନାଲ ପାର୍କ........................... ଅଷ୍ଟ୍ରେଲିଆ
୭– ଦାର୍ଜିଲିଂ.......................................... ଭାରତ
୮– ଶିମ୍‌ଲା.......................................... ଭାରତ
୯– ଡା ଲାଟ୍.......................................... ଭିଏତ୍‌ନାମ୍
୧୦– ବାହ୍‌ରେନ୍........................................ ପାକିସ୍ତାନ

## ପାଠକଙ୍କ ମତ

– ଅନ୍‌ଲାଇନ୍ ରିଭ୍ୟୁ ସମ୍ବନ୍ଧିତ ପାଠରୁ ବେଶ୍ କିଛି ଶିଖିବାକୁ ପାଇଲି। ଏହା କିପରି କାମରେ ଲାଗିବ ସେନେଇ ଏକ ଧାରଣା ଆସିଗଲା। ସବୁବେଳେ ଏପରି ନୂଆ ନୂଆ ବିଷୟ ପ୍ରକାଶ କରିବାକୁ ଅନୁରୋଧ।

– ମନୋରଞ୍ଜନ ପାତ୍ର, ସାଲେପୁର, କଟକ

– ଡେସ୍କଜବ୍‌ରେ ସ୍ପଣ୍ଡିଲାଇଟିସ୍ ଯନ୍ତ୍ରଣା ବେଳେ ବେଳେ ଅସହ୍ୟ ହୋଇପଡୁଛି। ଏହାକୁ ନିୟନ୍ତ୍ରଣ କରିବାର ଉପାୟ ଜଣାଇଥିବାରୁ ଧନ୍ୟବାଦ।

– ସିମ୍‌ରନ୍ ମହାପାତ୍ର, ଗଜପତି

# ଭାରତ ବିଶ୍ୱକପ୍ ଜିତିଲେ ଫିଲ୍ମ ନିର୍ମାଣ ହେବ: ମଧୁ ମାଣ୍ଟିନା

ମୁମ୍ବାଇ: ଭାରତ ୨୦୧୯ କ୍ରିକେଟ ବିଶ୍ୱ କପ୍ ଜିତିଲେ ଏହାକୁ ନେଇ ନିଶ୍ଚୟ ଫିଲ୍ମ ନିର୍ମାଣ ହେବ ବୋଲି '୮୩'ର ପ୍ରଯୋଜକ ମଧୁ ମାଣ୍ଟିନା ପ୍ରକାଶ କରିଛନ୍ତି। କବିର ଖାନ୍‌ଙ୍କ ନିର୍ଦ୍ଦେଶିତ '୮୩' ଫିଲ୍ମ ୧୯୮୩ରେ ଭାରତର ବିଶ୍ୱକପ୍ ବିଜୟକୁ ନେଇ ନିର୍ମାଣ ହେଉଛି। କପିଲଦେବ, ସୁନୀଲ ଗାଭାସ୍କର ଏବଂ ମହିନ୍ଦର ଅମରନାଥ ଫାଇନାଲ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଟିମ୍ ବିପକ୍ଷରେ ଖେଳି ଚାମ୍ପିୟନଶିପ୍ ହାସଲ କରିଥିଲେ। ରଣବୀର ସିଂଙ୍କ ଅଭିନୀତ ଏହି ଫିଲ୍ମ ୨୦୨୦ ଏପ୍ରିଲ ୧୦ରେ ମୁକ୍ତିଲାଭ କରିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ସାକିବ ସଲିମ୍, ଜିଭା, ଆମି ଭିର୍କ, ହାର୍ଡି ସାନ୍ଧୁ ଏବଂ ପଙ୍କଜ ତ୍ରିପାଠୀ।

'୮୩'କୁ ମିଳିତ ଭାବେ ପ୍ରଯୋଜନା କରୁଛନ୍ତି ମାଣ୍ଟିନାଙ୍କ ସମେତ ସାଜିଦ୍ ନାଦିଆଦୱାଲା ଏବଂ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ। ୧୯୮୩ରେ କ୍ରିକେଟରେ ଭାରତର ଅଭୂତପୂର୍ବ ବିଜୟକୁ ସ୍ମରଣୀୟ ରଖିବା ଲାଗି ଏହା ନିର୍ମାଣ ହୋଇଛି। ଚଳିତବର୍ଷ ଭାରତ ବିଶ୍ୱକପ୍ ଜିତିଲେ ଏହି ବିଜୟକୁ ନେଇ ଫିଲ୍ମ ନିର୍ମାଣ ହେବ ବୋଲି ମାଣ୍ଟିନା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଭାରତୀୟ କ୍ରିକେଟ ଟିମ୍ ୨୦୧୯ ଟୁର୍ନାମେଣ୍ଟରେ ଅପରାଜିତ ରହିଥିବାବେଳେ ସେମିଫାଇନାଲ୍ ଯିବା ଅଧିକ ସମ୍ଭାବନା ଅଛି।



# ଆସାମ ଏନ୍‌ଆରସି : ନାଗରିକତ୍ୱ ହରାଇବାରୁ ନାବାଳିକାର ଆତ୍ମହତ୍ୟା



ହଲିମା ଖାତୁନ ଓ ଅବଦୁଲ୍ କଲାମ

ଦିସ୍‌ପୁର,୨୯।୬

ଆସାମର ଦାରାଙ୍ଗ ଜିଲାର ବ୍ରହ୍ମପୁତ୍ର ନଦୀ କୂଳବର୍ତ୍ତୀ ରୋମାରି ଚାପୋରି ଗାଁ ଏବେ ଚର୍ଚ୍ଚାରେ। ଏହି ଗାଁର ବେଙ୍ଗଲୀ ମୁସଲମାନ ପରିବାରର ୧୭ ବର୍ଷୀୟା ନୁର ନେହାର ବେଗମ୍ ରାଷ୍ଟ୍ରୀୟ ନାଗରିକ ପଞ୍ଜିକାରୁ ବାଦ୍ ପଡିବା ଯୋଗୁ ଆତ୍ମହତ୍ୟା କରିଛନ୍ତି। ନୁର୍‌ଙ୍କ ମୃତଦେହ ମଙ୍ଗଲଦୋଇ ଜିଲା ହସ୍ପିଟାଲ୍‌ରେ ବ୍ୟବଚ୍ଛେଦ ପରେ ଘରକୁ ଫେରିଯାଇଛି। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ତେବେ ତାଙ୍କର ଆତ୍ମହତ୍ୟା ଏନ୍‌ଆରସିରୁ ବାଦ୍ ପଡିଥିବା କାରଣରୁ ହୋଇଥିବା ଆଲୋଚନା ହେଉଛି। ଆସାମରେ ଭାରତୀୟ ନାଗରିକ ତାଲିକା ବର୍ତ୍ତମାନ ଚୂଡାନ୍ତ ହୋଇଥିବାବେଳେ ଏଥିରେ ନୁର୍‌ଙ୍କ ନାମ ନାହିଁ।

ହସ୍ପିଟାଲ୍‌ର ଶବାଗାର ଅଗଣାରେ ପଡିରହିଥିଲା ନୁର୍‌ଙ୍କ ମୃତଦେହ। ସକାଳ ବର୍ଷାରେ ସାମାନ୍ୟ ଓଦା ହୋଇଯାଇଥିଲା ଶବାଧାର। ମୃତଦେହକୁ ଉହୁଙ୍କି ଦେଖୁଥିଲେ ମାତାପିତା। ନୁର୍‌ଙ୍କ ମାତା ହଲିମା ଖାତୁନ ମୃତକନ୍ୟାକୁ ଆଲିଙ୍ଗନ କରି ଶୋକାଭିଭୂତ ହୋଇପଡୁଥିଲେ। ବାପା ଅବଦୁଲ୍ କଲାମ ମଧ୍ୟ ନୁର୍‌ଙ୍କ ମୃତଦେହ ପାଖରେ ଆଣ୍ଠେଇପଡି କରୁଣ ସ୍ୱରରେ କାନ୍ଦୁଥିଲେ। ବାପା ଦୁଃଖରେ ଭାଙ୍ଗିପଡିଥିବା ବେଳେ ଏଥିରେ ବାଧା ଦେଇଥିଲେ ଆମ୍ବୁଲାନ୍ସ ଡ୍ରାଇଭର। ୧୬୫୦ ଟଙ୍କା ଦେଲେ କନ୍ୟାର ଶବ ଉଠାଯାଇ ଗାଁକୁ ନିଆଯିବ।



ନୁର ନେହାର ବେଗମ୍

ପଇସା ଅଭାବରୁ ନୁର୍ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଆଉ ଆଗକୁ ପାଠପଢ଼ି ପାରିଲେ ନାହିଁ। ରାଶନ କାର୍ଡରେ ନୁର ନେହାର ବେଗମ୍‌ର ଫଟୋ ଥାଇ ଏହାର ଏକ ନକଲ ଦାଖଲ କରାଯାଇଥିଲେ ମଧ୍ୟ ସେ ଏଯାଏ ଭାରତୀୟ ନାଗରିକ ହୋଇପାରି ନାହିଁ। ଏହି ବିଷୟ ନୁର୍‌ଙ୍କୁ ଶକ୍ତ ଆଘାତ ଦେଇଥିଲା। 'ପ୍ରଥମ ତାଲିକା ପ୍ରସ୍ତୁତ ହେଲା। ଏଥିରେ ନାମ ରହିଲା ନାହିଁ। ଦ୍ୱିତୀୟ ତାଲିକା ପ୍ରସ୍ତୁତ ହେଲା। ଏଥିରେ ବି ମୋର ନାଁ ଦେଖିବାକୁ ମିଳିଲା ନାହିଁ' ବୋଲି ନୁର୍ ସବୁବେଳେ ତାଙ୍କ ମା'କୁ କହି ଦୁଃଖ ପ୍ରକାଶ କରୁଥିବାର ପଡୋଶୀ କହିଛନ୍ତି। ଏନ୍‌ଆରସି କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ନୁର୍‌ଙ୍କୁ ଏନଆରସି ତାଲିକାଭୁକ୍ତ କରା ନ ଯିବାର କାରଣ ହେଉଛି ସେ କଲାମ୍‌ଙ୍କ କନ୍ୟା ବୋଲି ଯଥେଷ୍ଟ ପ୍ରମାଣ ଯୋଗାଇ ପାରି ନ ଥିଲେ। ନୁର୍ ଗଭୀର ଦୁଃଖରେ ଭାଙ୍ଗିପଡିବା ସହିତ ଆତ୍ମହତ୍ୟାର ପଥ ବାଛିନେଲା ବୋଲି ପିତା କଲାମ୍ ପ୍ରକାଶ କରିଛନ୍ତି।

# ମୁଦୁଲିଗୁଡ଼ାରେ ଆଦିବାସୀ ମେଳି

ମାଲକାନଗିରି,୨୯।୬ (ଡି.ଏନ.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ବିକାଶ ଏବଂ ମୁଦୁଲିଗୁଡ଼ାରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ପାଇଁ ଶନିବାର ୨ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ଏକାଠି ହୋଇଥିଲେ। ଲାଲଗଡ଼ ଗ୍ରୁପେ ପରିଚିତ ମୁଦୁଲିଗୁଡ଼ାଠାରେ ଏକାଠି ହୋଇ ସେମାନେ ନିଜ ଦାବି ହାସଲ ଲାଗି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ନାକାମାମୁଡି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ସେମାନଙ୍କୁ ପ୍ରାୟ ୬୦ କିଲୋମିଟର ଯିବାକୁ ପଡୁଛି। ବ୍ଲକ କାର୍ଯ୍ୟାଳୟ ଗଲେ ପଡୁଛି ୮୦ କିମି ଦୂର। ଗତ ୧୦ ବର୍ଷ ହେଲା ଅନେକଥର ମୁଦୁଲିଗୁଡ଼ାରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ନୀରବ ରହିଛି। ନାକାମାମୁଡି ପଞ୍ଚାୟତ ଅଞ୍ଚଳରେ ରାସ୍ତାଘାଟ ଅତି ଶୋଚନୀୟ ହୋଇଥିବାରୁ ପଞ୍ଚାୟତକୁ ଯାତାୟାତ କରିବା, ଡାକ୍ତରଖାନା ଯିବା ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ଆସିବା କଷ୍ଟକର ହୋଇପଡୁଛି।

ପାହାଡ, ପର୍ବତ, ବଣ ଜଙ୍ଗଲ, ନଦୀ ନାଳ ଘେରା ଅଞ୍ଚଳରେ ନାକାମାମୁଡି ପଞ୍ଚାୟତ ରହିଛି। ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଛି । ସମତଳ ଅଞ୍ଚଳ ନକାମାମୁଡଠାରେ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ତାର ପୂର୍ବ ଦିଗ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ଲାଗି ରହିଥିବା ପାହଡ, ପର୍ବତ, ବଣ ଜଙ୍ଗଲ ଭିତରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମ ରହିଛି। ଏହି ଗ୍ରାମବାସୀଙ୍କୁ ଟଙ୍କିକିଆ ଚାଉଳ, କିରୋସିନ,ବାର୍ଦ୍ଧକ୍ୟ ଭତ୍ତା ଆଦି ଆଣିବାକୁ ହେଲେ ନାକାମାମୁଡି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ପଡେ। ସେମାନେ ଅଙ୍ଗାରଗୁଡା ଘାଟରୁ ଡଙ୍ଗା କିମ୍ବା ଲଞ୍ଚରେ ଯାତ୍ରା କରି ଡାଇକ-୩ ଘାଟଠାରେ ପହଞ୍ଚ ସେଠାରୁ ପୁଣି ୧୦ କିମି ଜଙ୍ଗଲ ରାସ୍ତା ପାରହୋଇ ନାକାମାମୁଡି ପଞ୍ଚାୟତକୁ ଆସିଥାନ୍ତି। ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଗତ କିଛି ବର୍ଷ ତଳେ ମୁଦୁଲିଗୁଡା ଗ୍ରାମରେ ପଞ୍ଚାୟତର ଏକ ଶାଖା କାର୍ଯ୍ୟାଳୟ ଖୋଲାଯାଇ ଗ୍ରାମବାସୀଙ୍କୁ ସବୁ ସରକାରୀ ସୁବିଧା ପ୍ରଦାନ କରାଯାଉଥିଲା। ଏବେ ସେ ସୁବିଧା ଆଉ ମିଳୁନାହିଁ। ୩୦ଟି ଗ୍ରାମର ଗ୍ରାମବାସୀଙ୍କୁ ନାକାମାମୁଡି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ହିଁ ଆସି ପିଡିଏସ ସାମଗ୍ରୀ ଓ ଭତ୍ତା ନେବାକୁ ପଡୁଛି । ଗ୍ରାମବାସୀ ଏନେଇ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଏହି ଅସୁବିଧା ସମ୍ପର୍କରେ ଜଣାଇବା ପରେ ନାକାମାମୁଡି ପଞ୍ଚାୟତକୁ ଦୁଇଭାଗ କରି ଆଉ ଏକ ନୂତନ ପଞ୍ଚାୟତ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇ ସ୍ଥାନ ନିରୂପଣ କରାଯାଇଥିଲା । କୌଣସି କାରଣ ଯୋଗୁ ତାହା ୬ ବର୍ଷ ହେଲା ଶୀତଳଭଣ୍ଡାରରେ ରହିଛି।

ତେବେ ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ, ପଞ୍ଚାଗୃହ, ପ୍ରାଣୀଧନ ଚିକିତ୍ସାଳୟ, ଇନ୍ଦିରାଆବାସ, ଅଙ୍ଗନୱାଡ଼ି କେନ୍ଦ୍ର, କଂକ୍ରିଟ୍ ରାସ୍ତା ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେମାନେ ଏହି ମର୍ମରେ ଏକ ୨୦ ଦଫା ସମ୍ବଳିତ ଦାବିପତ୍ର ମାଲକାନଗିରି ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି । ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ମେଳିରେ ଏକାଠି ହୋଇଥିବା ଆଦିବାସୀ ମହିଳା ଓ ପୁରୁଷ ।

- ୧୦ କିମି ଜଙ୍ଗଲ ରାସ୍ତା ପାର ହୋଇ ଆସିବାକୁ ପଡେ
- ନୂଆ ପଞ୍ଚାୟତ ନିଷ୍ପତ୍ତି ପଡିରହିଛି ଶୀତଳଭଣ୍ଡାରରେ
- ଦାବି ପୂରଣ ନ ହେଲେ ବିକ୍ଷୋଭ

# ୧୨୨ ଡେସ୍କ ଅଫିସର, ୨୨ ଡେପୁଟି ସେକ୍ରେଟାରିଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)-ବହୁ ପ୍ରତୀକ୍ଷା ପରେ ରାଜ୍ୟ ସରକାର ୨୨ ଜଣ ଡେପୁଟି ସେକ୍ରେଟାରିଙ୍କୁ ଯୁଗ୍ମ ସଚିବ ଭାବେ ପଦୋନ୍ନତି ଦେଇଥିବା ବେଳେ ୧୨୨ ଜଣ ଡେସ୍କ ଅଫିସରଙ୍କୁ ଅଣ୍ଡର ସେକ୍ରେଟାରିକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡେପୁଟି ସେକ୍ରେଟାରି ଜ୍ୟୋତିର୍ମୟୀ ସେନାପତି, ରବୀନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ରଥ, ମନୋରମା ଦେଈ, ଦିଲୀପ କୁମାର ଅଗ୍ରୱାଲ, ରଞ୍ଜିତା ରଥ, କଳ୍ପନା ମହାନ୍ତି, ସସ୍ମିତା ପଟ୍ଟନାୟକ, ପ୍ରଦୀପ କୁମାର ବେହେରା, ଶିବ ପ୍ରସାଦ ଦାସ ଏବଂ ମନୋରଞ୍ଜନ ଜେନାଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେହିପରି ଡେପୁଟି ସେକ୍ରେଟାରି ଥିବା ଥାକୁନା ଦାସ, ସୀମାଞ୍ଚଳ ପ୍ରଧାନ, ଶରତ କୁମାର ମିଶ୍ର, ପଦ୍ମଲୋଚନ ନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ଚନ୍ଦ୍ରକଳା ମହାନ୍ତି, ସୁଧାଂଶୁ ରଞ୍ଜନ ଜେନା, ଅଶ୍ୱିନୀ କୁମାର ସୁରଜିତ, ଚିତ୍ତରଞ୍ଜନ ପ୍ରଧାନ, ମନୋଜ କୁମାର ବେହେରା ଏବଂ ସ୍ୱରୂପ ନାରାୟଣ ପ୍ରତିହାରୀଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ତେବେ ଏମାନଙ୍କ ମଧ୍ୟରୁ ପଦୋନ୍ନତି ପାଇଥିବା ରବୀନ୍ଦ୍ର ମହାନ୍ତିଙ୍କୁ ଏମ୍‌ଏସଏମ୍‌ଇକୁ ବଦଳି କରାଯାଇଥିବା ବେଳେ ଅଶୋକ କୁମାର ରଥଙ୍କୁ ଗୃହ ବିଭାଗ(ଓଏସଟିଆଇ), ଶିବ ପ୍ରସାଦ ଦାସଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ, ସୀମାଞ୍ଚଳ ପ୍ରଧାନଙ୍କୁ ଶିଳ୍ପ ଏବଂ ମନୋଜ ବେହେରାଙ୍କୁ ସଂସଦୀୟ ବ୍ୟାପାର ବିଭାଗକୁ ବଦଳି କରାଯାଇଛି। ସେହିପରି ଡେସ୍କ ଅଫିସର ଦୈତାରୀ ବୈଶାଖ, ଦିବାକର ବିଶ୍ୱାଳ, ସାରଙ୍ଗଧର ସାହୁ, ମଦନମୋହନ ବେହେରା, ପ୍ରମୋଦ କୁମାର ରାଉତ, ରମେଶ ଚନ୍ଦ୍ର ମହାରଣା, ବିଜୟ କୁମାର ରାୟ, ଶଙ୍କର ବେହେରା, ଶଶୀ ରଞ୍ଜନ ପଟ୍ଟନାୟକ, ଅଶୋକ କୁମାର ଦାସ, ଅନନ୍ତ ଚନ୍ଦ୍ର ଦାସ, ଅଶୋକ କୁମାର ବେଉରା, ତ୍ରିନାଥ ପଲାଇ ଏବଂ ଅଜିତ କୁମାର ଦାସଙ୍କ ସମେତ ୧୨୨ ଜଣ ଡେସ୍କ ଅଫିସରଙ୍କୁ ଅଣ୍ଡର ସେକ୍ରେଟାରି ଭାବେ ପଦୋନ୍ନତି ମିଳିଛି। ପଦୋନ୍ନତି ପରେ ସେହି ଅଧିକାରୀମାନଙ୍କୁ ନିଜ ବିଭାଗରେ ନିଯୁକ୍ତି ଦିଆଯାଇଛି। ଦୀର୍ଘ ବର୍ଷ ପରେ ଅଫିସରମାନଙ୍କୁ ପଦୋନ୍ନତି ଦିଆଯାଇଥିବାରୁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


## OFFICE OF THE COLLECTOR, RAYAGADA
(SOCIAL WELFARE SECTION)

No.: 1505/SW/XXIV/2019 Date: 28.06.2019

### NOTICE FOR EXPRESSION OF INTEREST

Sealed applications are invited from eligible and interested organizations for selection of agency to run One Stop Centre at Dist. Head Quarter Hospital Campus, Rayagada in order to provide support and assistance to women affected by violence, including medical, legal, psychological and counseling.

Detailed eligibility criteria selection procedure and application form is available in the W&CD Department Website **http//wcdodisha.gov.in** and **www.odisha.gov.in**.

The application completed in all respect must reach to the Office of the District Social Welfare Officer, Rayagada - 765001 through Registered/Speed Post only on or before Dt.17.07.19 by 2.00 P.M. Application received after the due date or in an open envelope or lack of required information shall be rejected.

Opening date of the application is on Dt.17.07.19 at 4.00 P.M.

Sd./- Collector, Rayagada

## ଢେଙ୍କାନାଳ କୃଷି ଜିଲ୍ଲାରେ ବିହନ ବିଶୋଧନ କାର୍ଯ୍ୟକ୍ରମ

ବିହନ ବିଶୋଧନ ରୋଗ-ପୋକ ପରିଚାଳନାର ଏକ ବିଶିଷ୍ଟ ଏବଂ ମୁଖ୍ୟ ଅଂଶ। ବିହନ ବିଶୋଧନ କରିବା ଦ୍ୱାରା କମ୍ ଖର୍ଚ୍ଚରେ ବିହନବାହୀ ଜୀବାଣୁ, ଫିମ୍ପି ଇତ୍ୟାଦିକୁ ନିୟନ୍ତ୍ରଣ କରି ଫସଲକୁ ରୋଗମୁକ୍ତ କରାଯାଇପାରେ। ଫସଲକୁ ପ୍ରାଥମିକ ଅବସ୍ଥାରେ ଆକ୍ରମଣ କରୁଥିବା ବିହନବାହୀ ଏବଂ ମୃତ୍ତିକାବାହୀ ରୋଗ ଜୀବାଣୁ ରାସାୟନିକ ଓ ଜୈବିକ ବିଶୋଧନ ଦ୍ୱାରା ମରିଯାଆନ୍ତି ଓ ସୁସ୍ଥ ଚାରା ମିଳିଥାଏ। ତେଣୁ ବିହନକୁ ମୋଟାମୋଟି ରୋଗମୁକ୍ତ କରିବା ପାଇଁ ବିହନ ବିଶୋଧନ କରିବା ନିହାତି ଜରୁରୀ। ଏହା ଏକ ପ୍ରତିଷେଧକ ବ୍ୟବସ୍ଥା ହୋଇଥିବାରୁ ସମସ୍ତ ଚାଷୀ ସବୁ ଫସଲରେ ବିହନ ବିଶୋଧନ କରିବା ଏକାନ୍ତ ଆବଶ୍ୟକ। ଢେଙ୍କାନାଳ କୃଷି ଜିଲ୍ଲା ଅନ୍ତର୍ଗତ ୪ଟି ବ୍ଲକ୍ ତଥା ଢେଙ୍କାନାଳ ସଦର, ଓଡ଼ାପଡ଼ା, ଗନ୍ଦିଆ ଓ ହିନ୍ଦୋଳ ବ୍ଲକ୍‌ର ବିଭିନ୍ନ ନିର୍ବାଚିତ ଗ୍ରାମରେ ତା.୦୧।୦୭।୨୦୧୯ଠାରୁ ୧୨।୦୭।୨୦୧୯ରିଖ ପର୍ଯ୍ୟନ୍ତ ବିହନ ବିଶୋଧନ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ଧାନବିହନକୁ ମାଗଣାରେ ବିଶୋଧନ କରିନେଇ ଫସଲକୁ ରାଗମୁକ୍ତ କରନ୍ତୁ।

ଜିଲ୍ଲା କୃଷି ଅଧିକାରୀ, ଢେଙ୍କାନାଳ

## ପୌର କାର୍ଯ୍ୟାଳୟ, ଜୟପୁର
MUNICIPAL OFFICE, JEYPORE

Letter No. 2462/ JM Date: 29.06.19

### ବିଜ୍ଞାପନ

ଏତଦ୍ୱାରା ଜୟପୁର ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ମ୍ୟୁନିସିପାଲ ଆଇନ ୧୯୫୦ର ଧାରା ୩୯୦ ଏବଂ ୩୯୨ ଧାରାର ପାଠ ମୁତାବକ ଅନୁଚ୍ଛେଦ ୩୮ ଉପଭାଗ (୧୪) ଏବଂ (୩୩) ଏବଂ ଅନୁଚ୍ଛେଦ ୧୩୨ର ଉପଭାଗ (ii) ଦ୍ୱାରା ଅଧିକୃତ ହୋଇ ଏବଂ ୮ ଏପ୍ରିଲ ୨୦୧୬ରେ ଭାରତର ଗେଜେଟ୍‌ର ଭାଗ (II) ଏବଂ ଉପବିଭାଗ ୩ (ii) ରେ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ (ସୁରକ୍ଷା) ଆଇନ ୧୯୮୬ (୧୯୮୬ର ୨୯) ଦ୍ୱାରା ପ୍ରସ୍ତୁତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ନିୟମ ୧୫ର ଧାରା (e), (f) ଏବଂ (zf) ଅନୁସରଣରେ ଜୟପୁର ପୌରସଂସ୍ଥା କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ଉପବିଧି ୨୦୧୭ ଅନୁମୋଦନ କରିଛନ୍ତି ଯାହା ଓଡ଼ିଶା ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା ୧୯୧ ତା୨୧।୦୧।୨୦୧୭ରେ ପ୍ରକାଶିତ ହୋଇଅଛି।

ତେଣୁ ଜୟପୁର ପୌରସଂସ୍ଥା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି ୨୦୧୭ର ଧାରା ୧୪ ଅନୁସାରେ ମାସିକ ବ୍ୟବହାରିକ ଦେୟ ଏତଦ୍ୱାରା ଆସନ୍ତା ୦୧।୦୭।୨୦୧୯ ଠାରୁ ଜୟପୁର ପୌରାଞ୍ଚଳରେ ଲାଗୁ କରାଗଲା।

ପ୍ରଶାସକଙ୍କ ଆଦେଶକ୍ରମେ

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ

## ODISHA SPACE APPLICATIONS CENTRE (ORSAC)
(Dept. of Science & Technology, Govt. of Odisha, Bhubaneswar)

No. CAD-152

### CORRIGENDUM

Reference to advertisement inviting tender No.09/19 published in "The Times of India","TheDharitri" & "The Sambad" dated 12.06.19 for Recruitment of High Skilled IT Professional (contractual engagement). The last date of submission of application is hereby extended from **10.07.2019** to **20.07.2019.** Other terms & conditions remain unchanged.

For details, please visit http://www.odisha.gov.in or http://www.orsac.gov.in and www.naukri.com or in the above office for the tender papers.

28007/11/0006/1920 CHIEF EXECUTIVE

## ଭଦ୍ରକ କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ

ଆସନ୍ତା ତା.୦୬।୦୭।୨୦୧୯ରିଖଠାରୁ ତା.୧୦।୦୭।୨୦୧୯ରିଖ ମଧ୍ୟରେ ଭଦ୍ରକ କୃଷି ଜିଲ୍ଲାର ଭଦ୍ରକ, ତିହିଡ଼ି, ବାସୁଦେବପୁର ଓ ଚାନ୍ଦବାଲି ବ୍ଲକରେ ଖରିଫ ୨୦୧୯ପାଇଁ ବିହନ ବିଶୋଧନ ତାଲିମ ଓ ଅଭିଯାନ ଆୟୋଜନ କରାଯାଉଛି। ପ୍ରତ୍ୟେକ ବ୍ଲକରେ ୮ଗୋଟି ବିହନ ବିଶୋଧନ ଅଭିଯାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଅଭିଯାନରେ ଅନ୍ୟୁନ ୧୦୦ ଜଣ କୃଷକଙ୍କୁ ଧାନ ବିହନ ବିଶୋଧନ ଓ ତଳି ବିଶୋଧନ ନିମନ୍ତେ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ କୃଷକମାନଙ୍କୁ ଅନୁରୋଧ କରାଯାଉଛି। ଏଥିପାଇଁ ବ୍ଲକର ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ
ଭଦ୍ରକ

## ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ନର୍ଲା, କଳାହାଣ୍ଡି

### ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦

ରାଜ୍ୟ ଯୋଜନା ୨୦୧୯-୨୦ ଅନ୍ତର୍ଗତ ବିହନ ବିଶୋଧନ ଅଭିଯାନ ମାଧ୍ୟମରେ ନର୍ଲା, ରାମପୁର, କର୍ଲାମୁଣ୍ଡା ଓ ଲାଞ୍ଜିଗଡ଼ ବ୍ଲକରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଚାଲୁ କରାଯାଉଅଛି। ଉପରୋକ୍ତ ଚାରୋଟି ବ୍ଲକର ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଗଚ୍ଛିତ ଧାନ ବିହନଗୁଡିକୁ ମାଗଣାରେ ବିଶୋଧନ କରାଇନେବେ।

ସ୍ୱା./-
ଜିଲ୍ଲା କୃଷି ଅଧିକାରୀ, ନର୍ଲା
ଜି: କଳାହାଣ୍ଡି

## DISTRICT RURAL DEVELOPMENT AGENCY MALKANGIRI

Dist : Malkangiri - 764048, Ph: 06861-230409, Fax No: 06861-230279

Letter No. 1720/ XII/2019 Date : 29.06.2019

### CORRIGENDUM

This office E.O.I order bearing No. 1645/ Trg Dated 26.06.2019, date of receipt of tender which was fixed on date 30.06.2019 is extended to 10.07.2019 and will be opened on 10.07.2019 at 3.30 P.M. The other terms and conditions of the E.O.I. on 1645, dated 26.06.2019 is remain unchanged.

Sd./- Project Director, DRDA, Malkangiri

See Career Appointment on every Wednesday & Saturday

## DISTRICT RURAL DEVELOPMENT AGENCY, NUAPADA

**No.: 1088/ACCOUNTS, Date: 27.06.2019**

DRDA, Nuapada issues notice with reference to the Tender Notice No. 895, dated 04.06.2019 and Corrigendum Notice No. 1045, dated 24.06.2019 as follows.

The date of opening of tender (Technical Bid & Financial Bid) which was 28.06.2019 previously and deferred on administrative ground now the Technical & Financial Bid will be opened on 02.07.2019 at 11.00 A.M. and 3.00 P.M. respectively in the Sadvabana Sabhagruha of DRDA, Nuapada.

Please visit district website **www.nuapada.nic.in** or the Office of Project Director, DRDA, Nuapada.

The authority reserves the right to reject any or all RFP without assigning any reason thereof.

Sd./- Project Director, DRDA, Nuapada

## ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯
## ଜିଲ୍ଲା କୃଷି ଅଧିକାରୀ, ଉଦଳା

ଏତଦ୍ୱାରା ଉଦଳା କୃଷି ଜିଲ୍ଲା ଅନ୍ତର୍ଭୁକ୍ତ, ଉଦଳା, ଖୁଣ୍ଟା, କପ୍ତିପଦା ଓ ଗୋପବନ୍ଧୁ ନଗର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି କି ଚଳିତ ବର୍ଷ ୨୦୧୯ ଖରିଫ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଭାଇମାନଙ୍କର ବିହନକୁ, ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରାଯିବାର ସ୍ଥିର ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା.୦୧।୦୭।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ।

ଏଣୁ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲହୋଇ ବିହନ ବିଶୋଧନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବେ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ
ଉଦଳା, ମୟୂରଭଞ୍ଜ

## DISTRICT PROJECT MANAGEMENT UNIT, MDM, BOUDH

### TENDER CALL NOTICE

No.: 2616/DPMU(MDM) Dated: 29.06.2019

Sealed tender in prescribed forms are invited from intending registered transport contractors/firms/corporations/agents/individuals for under taking the work of transportation of rice per quarter from Depot of OSCSC Ltd., Boudh to all School points of concerned blocks of Boudh district under Mid-Day-Meal Programme for the year 2019-20. The tender paper/terms and condition can be obtained from the Office of the District Project Management Unit (MDM), Boudh, O/o. the District Education Officer, Boudh also available at District website **(www.boudh.nic.in)** from 29.06.2019 to 10.07.2019 on any working day during office hour on payment of Rs.7500/- (Rupees Seven thousand five hundred) only in shape of Demand Draft (non-refundable) in favour of District Nodal Officer (MDM)-cum-DEO, Boudh payable at Boudh. The tender shall be received by the District Education Officer, Boudh during the office hour from 29.06.2019 to 10.07.2019, 3 P.M. through Registered Post/Speed Post only and will be opened by the undersigned on 10.07.2019 at 5.00 P.M. in the presence of the tenderers or their authorized agents. There shall be two stages of bidding - Technical and Financial. The interested bidders must submit the Technical Bid in a envelope super-scribed as "Technical Bid for Tender of Transportation of M.D.M. Food stuff in Boudh district for 2019-20". The Financial Bid must be submitted in a separate envelope super-scribed as "Financial Bid for Tender of Transportation of MDM Food stuff in Boudh district for 2019-20". Both these envelopes must then be placed in a third envelopes super-scribed as "Bid for Tender of Transportation of Mid Day Meal Food stuff in Boudh District for 2019-20". The tenders received beyond the scheduled date and time shall be rejected.

Not withstanding anything else contained to the contrary in this tender document, the undersigned reserves the right to cancel/withdraw/modify fully or partially the invitation for Bids, or to reject one or more of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- Collector & District Magistrate, Boudh

## OFFICE OF THE EXECUTIVE ENGINEER RURAL WORKS DIVISION, RAIRANGPUR

eerwrairangpur@yahoo.com

No. 136-O

### CORRIGENDUM

Office order No.- 2763 Date- 28.06.2019

In pursuance to e-procurement Notice No- 2648 dt 21.06.2019 Bid identification No- RWDRRP-2 of 2019-20 the availability of online tender for bidding is hereby changed. The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O EERWD Rairangpur. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rairangpur | RWDRRP-2/2019-20 | 05.07.2019 at 11.00 A.M. | 15.07.2019 up to 5.00 P.M. | 12.07.19 up to 1.00 P.M. | 17.07.2019 at 11.30 A.M. | 22.07.2019 at 11.30 A.M. |

25107/11/0004/1920 Sd./- Executive Engineer, Rural Work Division, Rairangpur

## HOUSING AND URBAN DEVELOPMENT DEPARTMENT

E-mail ID: eonacrdl@gmail.com

### OFFICE OF THE NOTIFIED AREA COUNCIL, REDHAKHOL

### E-PROCUREMENT NOTICE

No. 813 / NAC Date: 27.06.2019

BID Identification No. RDL NAC-1/2019-20

Tender ID-2019_ORULB_55204

| Procure-ment Officer | BID Iden-tification No. | Availability of Tender online for bidding | | Last Date of Tender | Date & Time of document submitted | Date & Time of Opening of Tender |
|---|---|---|---|---|---|---|
| | | From | To | | | |
| Executive Officer, NAC, Red-hakhol | RDL NAC-1/2019-20 | 01.07.2019 From 10.00 hours | 19.07.2019 upto 17.00 hours | 19.07.2019 upto 17.00 hours | 23.07.2019 Before 11.30 hours | 23.07.2019 11.30 hours |

Further details can be seen from the e-procurement portal- www.tendersorissa.gov.in.

Sd./- Executive Officer, NAC, Redhakhol

## INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI – 06 OF 2019-20

No.138-O

(06752) 251276 Fax - (06752) 251276 E-mail – eerwss_puri@nic.in

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl.No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 09(Nine) |
| 2. | Estimated Cost: | Rs 75.99 lakhs to 317.05 lakhs(app.) |
| 3. | Time for completion: | 6 (Six) Months,08(Eight) Months, 12(Twelve) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B,A & Special |
| 6. | Availability of bids on-line: | From 17 hour of 06.07.2019 to 17.00 hours of 30.07.2019 |
| 7. | Last date and time for seeking clarification: | 17.00 hours of 26.07.2019 |
| 8. | Date & time of opening of technical bids: | On dt 31.07.2019 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in.

25017/11/0003/1920 Sd/- Executive Engineer, RWS&S Division, Puri

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

RDM-LAB-BOUDH-0055-2017/1742 ତା 14 JUN 2019

No.: XXXI-12: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- କିରାସିରାଜଙ୍ଗଲ, ଥାନା- ମନମୁଣ୍ଡା ନଂ.-୧୯୧, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୧୬୨ ତା୬।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- କିରାସିରାଜଙ୍ଗଲ, ଥାନା- ମନମୁଣ୍ଡା, ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.boudh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା– ବୌଦ୍ଧ ତହସିଲ– ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କିରାସିରାଜଙ୍ଗଲ | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ.୪.୭୨୦ | ଏ.୧.୫୩୦ | ଏଥି ସହ ସଂଲଗ୍ନ କରାଗଲା |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା– ବୌଦ୍ଧ ତହସିଲ– ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ: ୧୦।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– (ଏଲୋରା ସାମଲ), ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ

ଜମିର ତାଲିକା

ଖୋର୍ଦ୍ଧା ରୋଡ– ବଲାଙ୍ଗୀରର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ–ଅଧିଗ୍ରହଣ ବିବରଣୀ

ଗ୍ରାମ: କିରାସିରାଜଙ୍ଗଲ, ତହସିଲ: ବୌଦ୍ଧ, ଥାନା: ମନମୁଣ୍ଡା (ନଂ.– ୧୯୧), ଜିଲ୍ଲା: ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୫ | ୨୩ | ୦.୮୫୦ | ୦.୦୪୦ | ଶାରଦ ଅଣଜଳସେଚିତ-୨ | ଦେବକେଶ୍ୱର ଖୁରା, ପି.– ଶଙ୍କର ଖୁରା, ବା: କିରାସିରାଜଙ୍ଗଲ |
| ୨ | | ୨୪ | ୦.୫୧୦ | ୦.୨୬୦ | ଶାରଦ ଅଣଜଳସେଚିତ-୨ | |
| ୩ | ୨୪ | ୩୪ | ୦.୬୯୦ | ୦.୨୩୦ | ଶାରଦ ଅଣଜଳସେଚିତ-୨ | ପରମେଶ୍ୱର ଖୁରା, ପି.– ଶଙ୍କର ଖୁରା, ବା: କିରାସିରାଜଙ୍ଗଲ |
| ୪ | | ୩୫ | ୧.୦୮୦ | ୦.୫୨୦ | ଶାରଦ ଅଣଜଳସେଚିତ-୨ | |
| ୫ | ୨୭ | ୩୧ | ୦.୧୨୦ | ୦.୧୨୦ | ଶାରଦ ଅଣଜଳସେଚିତ-୨ | ପାଲେଶ୍ୱର ଖୁରା, ପି.– ଶଙ୍କର ଖୁରା, ବା: କିରାସିରାଜଙ୍ଗଲ |
| ୬ | | ୩୨ | ୦.୧୧୦ | ୦.୦୧୦ | ଶାରଦ ଅଣଜଳସେଚିତ-୨ | |
| ୭ | | ୩୩ | ୧.୩୬୦ | ୦.୩୪୦ | ଶାରଦ ଅଣଜଳସେଚିତ-୨ | |
| ମୋଟ | | | ୪.୭୨୦ | ୧.୫୩୦ | | |

24001/14/0063/1920 ସ୍ୱା./– ଭୂଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

ପତ୍ର ନଂ.୯୨୮ ତା.୨୯।୦୬।୨୦୧୯

### ଘୋଷଣା

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରରେ ବସବାସ କରୁଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍ (DAY-NULM) ଅଧିନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଯୁବକ ଯୁବତୀ (୧୮ରୁ ୫୦ ବର୍ଷ ମଧ୍ୟରେ)ମାନଙ୍କୁ ବିଭିନ୍ନ ଗୋଷ୍ଠୀ /ବ୍ୟକ୍ତିଗତ ଋଣ ଓ ନୂତନ ସ୍ୱୟଂ ସହାୟକା ଗୋଷ୍ଠୀ (S.H.G) ଗଠନ ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରଙ୍କ ଦ୍ୱାରା ଆସନ୍ତା ତା.୦୧।୦୭।୨୦୧୯ରୁ ୧୦।୦୭।୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଫର୍ମ ଆହ୍ୱାନ କରାଯାଉଅଛି। ଏହାର ସବିଶେଷ ବିବରଣୀ ନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ।

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍ (DAY-NULM) ଆବେଦନ ପାଇଁ ଲାଗୁଥିବା ଆବଶ୍ୟକୀୟ କାଗଜପତ୍ର ନିମ୍ନରେ ଦର୍ଶାଯାଇଛି।

୧) ଆବେଦନ ଫର୍ମ (ସମ୍ପୂର୍ଣ୍ଣ ପୂରଣ ହୋଇଥିବ)
୨) ବ୍ୟାଙ୍କ ପାସ୍‌ବୁକର ନକଲ (ପ୍ରଥମ ପୃଷ୍ଠାର ନକଲ)
୩) ଆଧାର କାର୍ଡର ନକଲ
୪) ଭୋଟର କାର୍ଡର ନକଲ
୫) ପାସପୋର୍ଟ ସାଇଜ ଫଟୋ ୨ଗୋଟି
୬) ବି.ପି.ଏଲ୍. କାର୍ଡ/ନାଫସା କାର୍ଡ/ରାସନ କାର୍ଡର ନକଲ
୭) ବିଶଦ ଯୋଜନା ବିବରଣୀ

ସ୍ୱ./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

# SUNDAY classifieds




## BRIDE WANTED

ସ୍ୱାମୀ ନଥିବା, ଛାଡ଼ପତ୍ର କନ୍ୟାପାତ୍ରୀ କୌଣସି ଜାତିର ସରକାରୀ ଚାକିରି କରିଥିବା ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 9556140810, 8917492618. D-13192

ଗୌରବର୍ଣ୍ଣ 5'3" B.Tech, 28 ବର୍ଷ, ବ୍ୟାଙ୍କରେ ଚାକିରି କରିଥିବା ବଣିଆ ପାତ୍ରୀ ପାଇଁ ପାତ୍ର ଆବଶ୍ୟକ। ବ୍ୟାଙ୍କ କିମ୍ବା ସରକାରୀ ଚାକିରି କରିଥିବା ପାତ୍ର ଆବଶ୍ୟକ। 9348073124. D-64978

## GROOM WANTED

Beautiful Kandara girl 1987, Diploma, serving Bhubaneswar (early marriage) 9439493111. D-66153

Widow bride Software Engineer, 33, JE 40 (Caste-no-bar). 7873374269. D-67002

Now Matrimonial ads. only on Wednesday & Sunday
Book 1 Get 1 FREE




## SALE

Indigo ECS-LS, 2015 Model Diesel white, excellent condition private use. 7381711711. D-65657

Truck 10 wheeler-2011 model, make- Ashok Leyland, full dalla in good running condition. 9437015191. D-66251

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

1500sqft. (6nos), 2000sqft (7nos) mainroad side Plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available8114744495, 8328943165. D-66499




## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**Gharabari boundary plot Tamando MCL boundary site. Direct owner: 8144391451.** D-13175

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର KEC, ଗୁଡିଆ- ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

4 stored building 8000sqft. with parking, lift provisions @ 340lakhs at Ghatikia GA plot, Bhubaneswar. Genuine buyers please contact: 8018510988. D-66500

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40'), (North/ Eastfacing). Contact: 8249853413.** D-13149

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

**ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970.** D-66721

Booking 2BHK simplex BJEM(2) 1200sqft land 11,80,000/-, (finishing house) Badagada Canalroad plots available. 7735738102. D-13174

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948.** D-66717

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-12699

**ହଂସପାଳ ବାଲିଅନ୍ତାରେ ଘରବାରି ପ୍ଲଟ କଟକୀଗୁଣ୍ଡ 9,00,000/-ରେ concrete road, electry ଥାଇ ବିକ୍ରିହେବ। 9777236619.** D-13156

ପିତାପଲ୍ଲୀ ଛକ NH ପାଖରେ sqft- 399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164.** D-66718

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13165

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/-9437306208.** D-66722

2000sqft plot sale at Satyanagar, Bhubaneswar, only genuine buyers directly contact Deepak: 9937329999. D-66252

**Just pay 1.15lac book @ studio, 1BHK, 2BHK flat location at Puri with all amenities. 9348470782, 9439132747.** D-13195

ପୁରୀ ମଙ୍ଗଳା ଘାଟ ବାଏପାସ୍‌ରେ SC, ST ସ୍ଥିତିବାନ୍ ପ୍ଲଟ ବିକ୍ରୟ ହେବ। Mob no: 9861960700, 7978041062. D-63780

3266 sqft land with Yellowzone gharabari near Chanakya Times Gurukul, Malipada, Bhubaneswar with boundary 1450/- sqft. 9777063609. D-66155




Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13183

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




2BHK independent house for family at Bajaranga Vihar, Patia, Bhubaneswar. 9556985544. D-64978

Prime location 18'x60' garment furnished AC showroom, opposite Ekamra Talkies, Bomikhal, Bhubaneswar. Rent: 71,000/-, Contact: 9692796161. D-58095

1200 sqft commercial space on 2nd floor at Bajrakabati road, Cuttack. Parking available. Contact: 9437186882, 8118052268. D-13177

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Summer special mesmerizing offer expert therapeutic refreshing massage appointment. 9668374480. D-66579

New new openly fullbody massage ladies, gents AC room- 7609923705. D-38557

Herbal body massage by gents and ladies therapist. Ph. 9090466257. D-13186

## AFFIDAVIT

By virtue of an affidavit sworn before the Executive Magistrate, Sohela, Dist: Bargarh declared that I am the natural born on daughter of Late Gopal Padhan and mother of Silabati Padhan. Pintu @ Reenu Padhan. D-13200

## ନିରୁଦ୍ଦିଷ୍ଟ



ଦେବାଶିଷ ପଣ୍ଡା, ପିତା: ରବିନ୍ଦ୍ରନାଥ ପଣ୍ଡା, ବୟସ: ୩୨, ନିଗମାନନ୍ଦନଗର, ଲେନ୍-୨, ବମିଖାଲ, ଭୁବନେଶ୍ୱର, ୨୮।୦୬।୨୦୧୯ ରୁ ନିଖୋଜ ଅଛନ୍ତି। ସେ ଜଣେ ମାନସିକରୋଗୀ। ଯଦି କେହି ସନ୍ଧାନ ପାଆନ୍ତି, ଉକ୍ତ ନମ୍ବରରେ ଜଣାଇବାକୁ ଅନୁରୋଧ। 9938081405, 9348840755. ଧ-୧୩୧୮୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

### Marriage Wish



*Asutosh & Abhilipsa*
**Happy 1st Marriage Anniversary to Bhaina & Bhauja**
From: Abinash Kar (Puri)
D-66915

### ୫ମ ଜନ୍ମଦିନ ଶୁଭେଚ୍ଛା



ପ୍ରତ୍ୟୁଷ ବେହେରା
ଜନ୍ମ ତା. ୩୦।୦୬।୨୦୧୪
ଆଜି ୫ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ଅଜା, ଆଈ, ବଡ଼ମାମୁ, ସାନମାମୁ, ପୂଜାଝିଅ।
ଧ-୧୩୧୯୧

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9438861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph- (0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁଧାକର ଦେହୁରୀ**
ବାଘଧରିଆ, ହିନ୍ଦୋଳ
ତିରୋଧାନ: ୨୦।୦୬।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ। ହେ ପରମପୂଜ୍ୟ ସ୍ୱର୍ଗପୁରରେ ଥାଇ ଆମ୍ଭମାନଙ୍କୁ ଆଶିଷ ପ୍ରଦାନ କର। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଧର୍ମପତ୍ନୀ, ପୁଅ, ବୋହୂ, ନାତି, ନାତୁଣୀ, ଭାଇ, ପୁତୁରା, ଝିଆରୀ, ବନ୍ଧୁ, ଦେହୁରୀ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୧୩୧୯୦

### ଦଶାହ ଉପଲକ୍ଷେ



**✓ ଅନୁପମା ମିଶ୍ର**
ବଅଁରପାଳ, ଅନୁଗୁଳ
ଆବିର୍ଭାବ : ୨୮.୦୯.୧୯୫୨
ତିରୋଧାନ : ୨୧.୦୬.୨୦୧୯
ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ବନ୍ଧୁ ଓ ପରିବାର ବର୍ଗ
ଧ-୧୩୧୯୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବସନ୍ତ କୁମାର ଜେନା**
ସା: ନଛିମପୁର, ଆମ୍ବଳିଅଠା, ଜଳେଶ୍ୱର
ପୂର୍ବତନ ସହକାରୀ ଶିକ୍ଷକ
ଜଳେଶ୍ୱର ଉଚ୍ଚବିଦ୍ୟାଳୟ
ଆବିର୍ଭାବ: ୧୮।୦୨।୧୯୫୦
ତିରୋଧାନ: ୨୦।୦୬।୨୦୧୯
ହେ ପୁଣ୍ୟାତ୍ମା, ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ପରିବାରବର୍ଗ।
ଧ-୧୩୧୯୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାରତର ନିରନ୍ତର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ୨୦୩୦ ସୁଦ୍ଧା ଏହା ହାସଲ କରିବା ଲାଗି ପ୍ରୟାସ ଜାରି ରହିବ।
– ରାଓ ଇନ୍ଦ୍ରଜିତ ସିଂ, ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)



ଋଣ ଖିଲାପ କରୁଥିବା ଶିକ୍ଷା ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରଷ୍ଟ ଓ ସୋସାଇଟିଗୁଡ଼ିକୁ ଆଇବିସି ଅଧୀନକୁ ଅଣାଯିବା ଆବଶ୍ୟକ।
– ପଦ୍ମଜା ଚୁନ୍ଦୁରୁ, ଏମ୍‌ଡି ତଥା ସିଇଓ, ଇଣ୍ଡିଆନ ବ୍ୟାଙ୍କ

## ସଂକ୍ଷେପରେ

### ସ୍ୱଳ୍ପ ସଞ୍ଚୟ ଯୋଜନା ସୁଧହାର ହ୍ରାସ
#### ସଂସଦରେ ସରକାରଙ୍କୁ ଘେରିବ କଂଗ୍ରେସ

**ନୂଆଦିଲ୍ଲୀ,୨୯-୬:** କେନ୍ଦ୍ରର ମୋଦି ସରକାର ଏକ ବଡ଼ ନିଷ୍ପତ୍ତି କ୍ରମେ ସୁକନ୍ୟା ଯୋଜନା, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଭଳି ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ୧୦ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୧ ପ୍ରତିଶତ ହ୍ରାସ ଘୋଷଣା କରିଛନ୍ତି। ଏହା ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ପାଇଁ ଲାଗୁ ହେବ। ଏହାର ଅର୍ଥ ଏଭଳି ଯୋଜନା ପାଇଁ କମ ସୁଧ ମିଳିବ। ଅନ୍ୟପକ୍ଷରେ ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏହାକୁ ବିରୋଧ କରିଛି। ଭାରି ବହୁମତରେ ବିଜୟ ପରେ ଏନ୍‌ଡିଏ ସରକାରଙ୍କର ଜନତାଙ୍କୁ ଏହା 'ବିଜୟର ଉପହାର' ବୋଲି ଉଲ୍ଲେଖ କରିଛି କଂଗ୍ରେସ। ଦଳର ମୁଖପାତ୍ର ପୱନ ଖେରା କହିଛନ୍ତି ଯେ, ସରକାରଙ୍କୁ ତାଙ୍କର ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ହେବ। ସଂସଦର ବଜେଟ ଅଧିବେଶନ ବେଳେ ଦଳ ଏହାକୁ ପ୍ରସଙ୍ଗ କରିବ। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ନରେନ୍ଦ୍ର ମୋଦି ସରକାର ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ହ୍ରାସ କରି ଦେଶବାସୀଙ୍କୁ ଦଣ୍ଡ ଦେଇଛନ୍ତି। କାରଣ ଏଭଳି ଯୋଜନା ଉପରେ ଦେଶର ଅଧିକାଂଶ ଲୋକ ନିର୍ଭରଶୀଳ।

### ଚନ୍ଦା କୋଚର, ବେଣୁଗୋପାଳ ଧୂତ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୨୯-୬:** ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର, ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ ଗ୍ରୁପ୍ ପ୍ରମୋଟର ବେଣୁଗୋପାଳ ଧୂତ୍‌ଙ୍କୁ ଜେରା କରିଛି। ଜଣେ ଅଧିକାରୀ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ସେ କହିଛନ୍ତି। ଅତୀତରେ ଭିଡିଓକନ ଋଣ ମାମଲାରେ ସେମାନଙ୍କୁ ଇଡି ପକ୍ଷରୁ ଏକାଧିକ ଥର ଜେରା କରାଯାଇସାରିଛି। ଏହି ମାମଲାରେ ଗତ ମାସରେ ଚନ୍ଦା ଓ ଦୀପକଙ୍କ ବୟାନ ରେକର୍ଡ କରାଯାଇଛି। ଦୀପକଙ୍କ ଭାଇ ତଥା ଚନ୍ଦାଙ୍କ ଦିଅର ରାଜୀବ କୋଚର ମଧ୍ୟ ବହୁବାର ଜେରାର ସମ୍ମୁଖୀନ ହୋଇଛନ୍ତି।

### ହ୍ରାସ ପାଉଛି ଚଳନ୍ତି ଜମା ନିଅଣ୍ଟ

**ନୂଆଦିଲ୍ଲୀ,୨୯-୬:** ଭାରତର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ଆର୍ଥିକ ବର୍ଷ ୨୦୧୯ର ଚତୁର୍ଥ ତ୍ରୈମାସରେ ଜିଡିପିର ୦.୭% ଅର୍ଥାତ୍ ୪.୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ଜିଡିପିର ୧.୮% ଅର୍ଥାତ୍ ୧୩ ବିଲିୟନ ଡଲାର ଥିଲା। ୨୦୧୮ ଡିସେମ୍ବରରେ ଏହା ୧୭.୭ ବିଲିୟନ ଡଲାର(୨.୭%)କୁ ହିସାବକୁ ନେଲେ ସିଏଡି ବହୁ ପରିମାଣରେ ହ୍ରାସ ପାଇଛି ବୋଲି କୁହାଯାଇପାରେ। ବାଣିଜ୍ୟ ନିଅଣ୍ଟ ପରିମାଣ ୩୫.୨ ବିଲିୟନ ଡଲାରକୁ ହ୍ରାସ ପାଇବା କାରଣରୁ ସିଏଡି କମିଛି ବୋଲି କୁହାଯାଉଛି। ପୂର୍ବବର୍ଷ ଏହା ୪୧.୬ ବିଲିୟନ ଡଲାର ଥିଲା। ଦେଶ ରପ୍ତାନି ଅପେକ୍ଷା ଆମଦାନୀ ଅଧିକ କଲେ ହିଁ ଚଳନ୍ତି ଜମା ନିଅଣ୍ଟ ଦେଖାଦେଇଥାଏ।

### ଟଳିବ ବାଣିଜ୍ୟ ଯୁଦ୍ଧ ଚାଇନା-ଆମେରିକା କଥାବାର୍ତ୍ତା ପାଇଁ ରାଜି

**ଓସାକା,୨୯-୬:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଶନିବାର ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧକୁ ବନ୍ଦ କରିବା ପାଇଁ ରାଜି ହୋଇଛନ୍ତି। ଦୁଇ ନେତା ପୁନର୍ବାର କଥାବାର୍ତ୍ତା ଆରମ୍ଭ କରିବାକୁ ସହମତ ହୋଇଛନ୍ତି। ଏଥିସହିତ ଚାଇନା କମ୍ପାନୀ ହୁଆଇ ସହିତ ଆମେରିକା କମ୍ପାନୀଙ୍କ କାରବାର ଆରମ୍ଭ କରିବାକୁ ଅନୁମତି ଦିଆଯିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ନେତାଙ୍କ ସହମତି ଯୋଗୁ ଦୀର୍ଘ ୧ ବର୍ଷ ଧରି ଚାଲିଥିବା ବାଣିଜ୍ୟ ଯୁଦ୍ଧର ପରିସମାପ୍ତି ଘଟିବ ବୋଲି ଆଶାକରାଯାଉଛି। ଏହାଦ୍ୱାରା ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ଜି-୨୦ ଶିଖର ସମ୍ମିଳନୀରେ ଯୋଗ ଦେବା ଅବସରରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ ପ୍ରାୟ ୮୦ ମିନିଟ ଧରି ବୈଠକରେ ବସିଥିଲେ। ବୈଠକ ଶେଷରେ ଟ୍ରମ୍ପ କହିଥିଲେ ଯେ, ଚାଇନା ସହିତ ବାଣିଜ୍ୟ ଆଲୋଚନାକୁ ପୁନର୍ବାର ଆରମ୍ଭ କରାଯିବ। ବୈଠକରେ ହୋଇଥିବା ଆଲୋଚନାକୁ ସେ ଚମତ୍କାର ବୋଲି ଦର୍ଶାଇଥିଲେ। ସେ କହିଥିଲେ ଯେ, ପୂର୍ବରୁ ଲାଗୁ ଟାରିଫ୍‌କୁ ପ୍ରତ୍ୟାହାର କରାଯିବ ନାହିଁ କିନ୍ତୁ ଆମେରିକା ଆଗାମୀ ଦିନରେ ଚାଇନାର ଅନ୍ୟ ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ ବୃଦ୍ଧି କରିବ ନାହିଁ।

## ବ୍ୟାଙ୍କ ଋଣ ଠକେଇ ନେଇ ଇଡିର ଦାବି
# ନୀରବ, ଚୋକ୍‌ସିଙ୍କଠୁ ଆଗରେ ସନ୍ଦେସରା ଭ୍ରାତା

**ନୂଆଦିଲ୍ଲୀ,୨୯-୬**

- ସନ୍ଦେସରା ଭ୍ରାତା ଠକିଛନ୍ତି ୧୪,୫୦୦ କୋଟି
- ମୋଦି, ଚୋକ୍‌ସିଙ୍କ ଦୁର୍ନୀତି ପରିମାଣ ୧୧,୪୦୦ କୋଟି
- ସନ୍ଦେସରା ଭ୍ରାତାଙ୍କ ୯,୭୭୮ କୋଟିର ସମ୍ପତ୍ତି ଜବତ



ଜାଲ୍ କମ୍ପାନୀ ପ୍ରତିଷ୍ଠା କରି ବ୍ୟାଙ୍କଗୁଡ଼ିକରୁ ବହୁ ହଜାର କୋଟି ଟଙ୍କା ଋଣ କରି ଠକି ନେବାରେ ଷ୍ଟର୍ଲିଂ ବାୟୋଟେକ କମ୍ପାନୀ ମାଲିକ ସନ୍ଦେସରା ଭ୍ରାତାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚକିତ କଲା ଭଳି ତଥ୍ୟ ପ୍ରଘଟ କରାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଦୁର୍ନୀତି ଠାରୁ ଏହି ଠକେଇ ବଡ଼ ବୋଲି ଇଡି କହିଛି।

ଇଡି ପକ୍ଷରୁ କୁହାଯାଇଛି ଯେ, ଷ୍ଟର୍ଲିଂ ବାୟୋଟେକ ପ୍ରମୋଟର ନୀତିନ ସନ୍ଦେସରା, ଚେତନ ସନ୍ଦେସରା ଓ ଦୀପ୍ତି ସନ୍ଦେସରା ଦେଶର ବିଭିନ୍ନ ବ୍ୟାଙ୍କରୁ ୧୪,୫୦୦ କୋଟି ଟଙ୍କା ଋଣ ଜାଲିଆତି କରିଛନ୍ତି। ଅନ୍ୟପକ୍ଷରେ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସି ପିଏନ୍‌ବି ଠାରୁ ୧୧,୪୦୦ କୋଟି ଟଙ୍କା ଠକିଛନ୍ତି। ସିବିଆଇ ପକ୍ଷରୁ ୫୩୮୩ କୋଟି ଟଙ୍କା ବ୍ୟାଙ୍କ ଠକେଇ ମାମଲାରେ କମ୍ପାନୀ ଓ ଏହାର ପ୍ରମୋଟରମାନଙ୍କ ବିରୋଧରେ ୨୦୧୭ ଅକ୍ଟୋବରରେ ମାମଲା ଦାଏର କରାଯାଇଥିଲା। ଏହାପରେ ଇଡି ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ମାମଲା ଦାଏର କରାଯାଇଛି। ସନ୍ଦେସରା ଭ୍ରାତା ସେମାନଙ୍କ ବିଦେଶସ୍ଥିତ କମ୍ପାନୀ ମାଧ୍ୟମରେ ବିଦେଶରେ ଥିବା ଭାରତୀୟ ବ୍ୟାଙ୍କ ଶାଖାରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଯାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ,ଏସ୍‌ବିଏଲ୍ ଗ୍ରୁପ୍ ଭାରତୀୟ ବ୍ୟାଙ୍କରୁ ଟଙ୍କା ସହିତ ବିଦେଶୀ ମୁଦ୍ରାରେ ମଧ୍ୟ ଋଣ ନେଇଥିଲେ। ଏହି ଗ୍ରୁପ୍‌କୁ ଆନ୍ଧ୍ର ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ), ଆଲ୍ଲାହାବାଦ୍ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମ ପକ୍ଷରୁ ଋଣ ଦିଆଯାଇଥିଲା। ସନ୍ଦେସରା ଭ୍ରାତା ମିଳିଥିବା ଋଣ ଅର୍ଥକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିଥିବା ଯାଞ୍ଚରୁ ଜଣାପଡିଥିଲା। ବହୁ ଅର୍ଥକୁ ଜାଲ୍ କମ୍ପାନୀ ମାଧ୍ୟମରେ ଏପଟସେପଟ କରାଯାଇଥିଲା। ମୁଖ୍ୟ ପ୍ରମୋଟରମାନେ ଋଣ ଅର୍ଥକୁ ନାଇଜେରିଆରେ ଥିବା ନିଜର ତେଲ ବ୍ୟବସାୟରେ ନିବେଶ କରିବା ସହିତ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରିଥିଲେ। ଇଡି ଚଳିତ ମାସ ୨୭ରେ ଏସ୍‌ବିଏଲ୍/ସନ୍ଦେସରା ଗ୍ରୁପ୍‌ର ୯୭୭୮ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଛି। ଇଡି ଯାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ସନ୍ଦେସରା ଭ୍ରାତାଙ୍କ ମଧ୍ୟରେ ବଡ଼ ନୀତିନ ବିଦେଶସ୍ଥିତ ବ୍ୟବସାୟକୁ ବୁଝାସୁଝା କରୁଥିବା ବେଳେ ଚେତନ ବଡୋଦରା, ମୁମ୍ବାଇ, ଦିଲ୍ଲୀ ଓ ମସୁରୀସ୍ଥିତ ଅଫିସର କାମ ଦେଖାଶୁଣା କରୁଥିଲେ। ଇଡି ପକ୍ଷରୁ ଷ୍ଟର୍ଲିଂ ବାୟୋଟେକ ଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ବ୍ୟବସାୟୀ ହିତେଶ ପଟେଲଙ୍କୁ ଆଲ୍‌ବେନିଆରୁ ଗିରଫ କରିଥିଲା। ତାଙ୍କ ବିରୋଧରେ ମାର୍ଚ୍ଚ ୧୧ରେ ରେଡ କର୍ନର ନୋଟିସ ଜାରି କରାଯାଇଥିଲା।

## କେୟାର ହସ୍ପିଟାଲରେ ନୂଆ ଫାସିଲିଟି




### ବିନା ଅସ୍ତ୍ରୋପଚାର ଚିକିତ୍ସା ମାଧ୍ୟମରେ ହେବ ଓଜନ ହ୍ରାସ

**ଭୁବନେଶ୍ୱର,୨୯-୬**

ସ୍ଥାନୀୟ କେୟାର ହସ୍ପିଟାଲରେ ବିନା ଅସ୍ତ୍ରୋପଚାର ଚିକିତ୍ସା ମାଧ୍ୟମରେ ଓଜନ ହ୍ରାସ ପ୍ରକ୍ରିୟା କାର୍ଯ୍ୟକ୍ରମ(ଇଏସ୍‌ଜି)ର ଶୁଭାରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏହି ଫାସିଲିଟିକୁ ଶୁଭାରମ୍ଭ କରିଥିଲେ। ଏକ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନା କରୁଥିବା ଲୋକମାନଙ୍କୁ ପୂର୍ବରୁ ଚିକିତ୍ସା ଲାଗି ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ନୂଆ ସୁବିଧା ଦ୍ୱାରା ଏହା ଲୋକଙ୍କ ଲାଗି ସହାୟକ ହେବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଛନ୍ତି। ବିଶ୍ୱ ପ୍ରସିଦ୍ଧ ଡାକ୍ତର ମୋହିତ ଭଣ୍ଡାରି କେୟାର ହସ୍ପିଟାଲ ସହ ମିଳିତ ହୋଇ ଏହି ଚିକିତ୍ସା ସୁବିଧା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବେ। ତାଙ୍କୁ ମନ୍ତ୍ରୀ ଏଥି ଲାଗି ଧନ୍ୟବାଦ ପ୍ରଦାନ କରିଛନ୍ତି। ଡ. ଭଣ୍ଡାରି ୧୧,୦୦୦ରୁ ଉର୍ଦ୍ଧ୍ୱ ବାରିଆଟ୍ରିକ ସର୍ଜରୀ ସମ୍ପାଦନ କରିଛନ୍ତି। ପ୍ରାୟ ୭୦ ଦେଶରେ ଏହି ସେବା ଯୋଗାଣ ସହ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସେ ଖ୍ୟାତି ଅର୍ଜନ କରିଛନ୍ତି। ସେହିଭଳି ସେ ୫୦ରୁ ଉର୍ଦ୍ଧ୍ୱ ଡାକ୍ତରଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ହସ୍ପିଟାଲର ସିଇଓ ଗୁରୀତ କୌର ସେଢୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



## ଅଲିଅଳ ଝିଅ ଯୋଜନା ଲାଗି ନାଲ୍‌କୋ ପାଇବ ରାଷ୍ଟ୍ରପତି ପୁରସ୍କାର

**ଭୁବନେଶ୍ୱର,୨୯-୬**

ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏହାର ଅଲିଅଳ ଝିଅ ଯୋଜନା ଲାଗି ରାଷ୍ଟ୍ରପତି ପୁରସ୍କାର ଲାଭ କରିବ। ସିଏସ୍‌ଆର୍ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀଙ୍କୁ ଏହି ପୁରସ୍କାର ମିଳିବ। ଅଲିଅଳ ଝିଅ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ଲାଗି ଜାତୀୟ ସ୍ତରରେ ଏଭଳି ଏକ ପୁରସ୍କାର ଲାଗି କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନାଲ୍‌କୋକୁ ଚୟନ କରାଯାଇଛି। ଏହି ସଫଳତା ପାଇଁ କମ୍ପାନୀ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଅଂଶୀଦାର ଏବଂ ନାଲ୍‌କୋ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ବାଳିକା ଶିକ୍ଷାକୁ ପ୍ରୋତ୍ସାହନ ଏବଂ ମହିଳା ସଶକ୍ତୀକରଣ ଦିଗରେ ଆରମ୍ଭ ହୋଇଥିବା ଏଭଳି ପଦକ୍ଷେପ ଏକ ଉଦାହରଣ ପାଲଟିଥିବା ଅଧ୍ୟକ୍ଷ ଚାନ୍ଦ କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ ସହ ବାଳିକାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କମ୍ପାନୀ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ଦ୍ୱାରା ୪୫ ବିଦ୍ୟାଳୟର ୪୧୬ ଛାତ୍ରୀଙ୍କୁ ଅଲିଅଳ ଝିଅ ଭାବେ ଗ୍ରହଣ କରାଯାଇଛି।

## ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ ଋଣକୁ ୟୁବିଆଇର ଫୋକସ



**କଲିକତା,୨୯-୬**

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପକ୍ଷରୁ ଏହାର ୧୦ମ ବାର୍ଷିକ ସାଧାରଣ ବୈଠକ କଲିକତାଠାରେ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ସମେତ ବ୍ୟାଙ୍କର ଅଂଶୀଦାରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କରେ ୯୬% ଅଂଶଧନ କେନ୍ଦ୍ର ସରକାରଙ୍କ ନିକଟରେ ରହିଛି। ୟୁବିଆଇ ବର୍ତ୍ତମାନ ଲାଭଜନକ ସ୍ଥିତିକୁ ଫେରିଥିବା ବେଳେ ଗତ ତ୍ରୈମାସରେ ୯୬ କୋଟି ଟଙ୍କା ନେଟ୍ ଲାଭ କରିବାକୁ ସକ୍ଷମ ହୋଇଥିବା ସୂଚନା ରହିଛି। ରିଟେଲ,କୃଷି ଏବଂ ଏମ୍‌ଏମ୍‌ଏମ୍‌ଇ ଋଣ ଯୋଗାଣକୁ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି। ବ୍ୟାଙ୍କରେ ବୀମା ସୁବିଧା ପ୍ରଦାନ ଲାଗି ବିଭିନ୍ନ ଅଂଶୀଦାରଙ୍କ ସହ ଚୁକ୍ତି, ମ୍ୟୁଚୁଆଲ ଫଣ୍ଡ ତଥା ଡିମାଟ ଟ୍ରେଡିଂ ସୁବିଧା ଲାଗି ପଦକ୍ଷେପ ନିଆଯାଇଛି। ଋଣ ଅସୁଲି ଲାଗି ଷ୍ଟ୍ରେସ ଆସେଟ ପରିଚାଳନା ଶାଖା ଖୋଲା ଯାଇଥିବା ସେ ସୂଚନା ଦେଇଛନ୍ତି।

**PARADIP PORT TRUST**
**e-TENDER NOTICE**
**Name of the work: Invitation for expression of interest (EOI) for upgradation of marine aquarium at Paradip Port.** Date of available of tender for online bidding : **24.06.2019 to 23.07.2019 upto 17.00 Hrs.** For details of the tender for on-line bidding is available in the Website : https://eprocure.gov.in/eprocure/app.
Executive Engineer,
Building Construction Division
PPT/PR/155/19-20, DT.29.06.2019

See Career Appointment on every **Wednesday & Saturday**

**MCL** Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in
**GENERAL TENDER NOTICE FOR e-PROCUREMENT**
Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : **hlp-eproc.mcl@nic.in**
R-4919
*Give a missed call on toll free number 1800 200 3004 to get our apps.*

**DIRECTORATE OF TECHNICAL EDUCATION & TRAINING ODISHA, BUXIBAZAR,KILLAMAIDAN,CUTTACK-753001**
No.06-KK
**Diploma Admission-2019 (Phase-II)**
Notice for on-line registration for admission into 1st Sem./Year and 3rd Semester (Lateral Entry) Courses of Diploma Engineering Institutions of the State.
It is brought to the attention of all interested candidates that the on-line registration (PHASE-II) for admission into 1st Semester/Year and 3rd Semester (Lateral Entry) in Diploma courses of Diploma Engineering Institutions will commence from **01.07.2019.** For details, please log on to- www.samsodisha.gov.in.
Sd/-
Director of Technical Education & Training, Odisha
14004/11/0007/1920

No. 13-V
**ଓଡିଶାସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**
**PRERANA ମାଧ୍ୟମରେ ଛାତ୍ରବୃତ୍ତି ପାଇବା ନିମନ୍ତେ ଆଧାର ନମ୍ବର ବାଧ୍ୟତାମୂଳକ ସଙ୍କ୍ରାନ୍ତରେ ସୂଚନା**
ଏତଦଦ୍ୱାରା ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଯେଉଁମାନେ ୨୦୧୯-୨୦ ଶିକ୍ଷା ବର୍ଷଠାରୁ ଛାତ୍ରବୃତ୍ତି ଆବେଦନ କରିବାପାଇଁ ଇଚ୍ଛୁକ ସେମାନଙ୍କ ନିମନ୍ତେ, "ଆଧାର" ଅଧିନିୟମର ଧାରା ୭ (Targeted Delivery of Financial and Other Subsidies, Benefits and Services) Act, 2016) ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଅଧିସୂଚନା ବଳରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ "ଆଧାର" ନମ୍ବର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଅଛି । ଏହି ସଙ୍କ୍ରାନ୍ତରେ ରାଜ୍ୟ ସରକାର ମଧ୍ୟ ତା ୨୬. ୦୬. ୨୦୧୯ ରେ ଅଧିସୂଚନା ସଂଖ୍ୟା 10744/ଏସ.ଏସ.ଡ଼ି ଜାରି କରିଛନ୍ତି ।
ମାଟ୍ରିକ ପୂର୍ବ (ନବମ ଓ ଦଶମ ଶ୍ରେଣୀ)/ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ, ନୂତନ ଦରଖାସ୍ତ କିମ୍ବା ନବୀକରଣ ସମୟରେ "ଆଧାର" ନମ୍ବର ପ୍ରଦାନ କରିବେ କିମ୍ବା ପ୍ରେରଣା ପୋର୍ଟାଲ ମାଧ୍ୟମରେ ଆଧାର ନମ୍ବର ପୃଷ୍ଟିକରଣ ନିତ୍ୟାନ୍ତ ଜରୁରୀ ଅଟେ ।
ଯେଉଁ ଛାତ୍ରଛାତ୍ରୀମାନଙ୍କର ଅଦ୍ୟାବଧି "ଆଧାର" ନମ୍ବର ନାହିଁ କିମ୍ବା ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ୩୧. ୦୭.୨୦୧୯ ସୁଦ୍ଧା ଯେ କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ନିଜକୁ ପଞ୍ଜୀକୃତ କରିବେ (ତାଲିକା www.uidai.gov.in ରେ ଉପଲବ୍ଧ) । ଯଦି ଦରଖାସ୍ତ ଦାଖଲ ସମୟରେ ଆଧାର ମିଳିନଥିବ, ତେବେ ଦରଖାସ୍ତକାରି ଆଧାର ପାଞ୍ଜିକରଣ ଚିଠା ସହିତ ନିମ୍ନଲିଖିତ ଫଟୋ ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପ୍ରେରଣା ପୋର୍ଟାଲରେ ପ୍ରଦାନ କରିବେ :-
୧. ଭାରତର ନିର୍ବାଚନ ଆୟୋଗ ଙ୍କ ଦ୍ୱାରା ପ୍ରଦତ୍ତ ଭୋଟ ପରିଚୟ ପତ୍ର ।
୨. ଖାଉଟି ପରିଚୟ ପତ୍ର (Ration Card) ।
୩. ମୋଟର ଯାନ ଅଧିନିୟମ ୧୯୮୮ ଅନୁଯାୟୀ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଫଟୋଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ।
୪. ଗେଜିଟେଡ ଅଧିକାରୀଙ୍କ ଦ୍ୱାରା କିମ୍ବା ତହସିଲଦାରଙ୍କ ଦ୍ୱାରା ସରକାରୀ ଦସ୍ତାବୀଜରେ ଫଟୋ ଥିବା ପ୍ରମାଣ ପତ୍ର ।
୫. PAN କାର୍ଡ ।
**ବି.ଦ୍ର: ପ୍ରେରଣା ପୋର୍ଟାଲ ମାଧ୍ୟମରେ ଛାତ୍ରବୃତ୍ତି ଆବେଦନ ସୁରୁଖୁରୁରେ ସମ୍ପାଦନ କରିବାପାଇଁ ଛାତ୍ରଛାତ୍ରୀ/ ଅଭିଭାବକ ମାନଙ୍କର ଦୃଷ୍ଟିଆକର୍ଷଣ ନିମନ୍ତେ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଅଛି ।**
(ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ)
26001/11/0004/1920

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

**ବର୍ମିଂହାମ,୨୯।୬(ପ.ଟି.)**

ଚଳିତ ଆଇସିସି ବିଶ୍ୱକପର ଗୁରୁତ୍ୱପୂର୍ଣ୍ଣ ୩୮ତମ ମ୍ୟାଚ୍‌ରେ ଦୁଇ ଫେଭରାଇଟ ଦଳ ଭାରତ ଓ ଇଂଲଣ୍ଡ ରବିବାର ମୁହାଁମୁହିଁ ହେବେ। ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ହାଇପ୍ରୋଫାଇଲ ମ୍ୟାଚରେ ଭାରତ ଇଂଲଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍‌ରେ ଏକମାତ୍ର ଦଳ ଭାବେ ଅପରାଜିତ ରହିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାରେ ଅଷ୍ଟ୍ରେଲିଆ ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଇଂଲଣ୍ଡ ଏହି ମ୍ୟାଚ୍‌ରେ ପରାସ୍ତ ହେଲେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିବ। ଇଂଲଣ୍ଡ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ତେଣୁ ସେମିଫାଇନାଲକୁ ଉଠିବାକୁ ହେଲେ ଇଂଲଣ୍ଡକୁ ତା'ର ବାକି ଦୁଇଟି ମ୍ୟାଚ୍ ଜିତିବାକୁ ହେବ। ଫଳରେ ଏହି ମ୍ୟାଚ୍ ଇଂଲଣ୍ଡ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି।


କିଛି ଦିନ ପୂର୍ବରୁ ଇଂଲଣ୍ଡକୁ ବିଶ୍ୱକପର ଫେଭରାଇଟ ଦଳ ବୋଲି ବିବେଚନା କରାଯାଉଥିଲା। ତେବେ ଇଅନ ମୋର୍ଗାନଙ୍କ ଏହି ଦଳ ପ୍ରଥମ କେତୋଟି ମ୍ୟାଚ୍ ଜିତିବା ପରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜୟ ବରଣ କରିଥିଲା। ଫଳରେ ଇଂଲଣ୍ଡକୁ ଏବେ ସେମିଫାଇନାଲକୁ ଉଠିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଗତକିଛି ବର୍ଷ ମଧ୍ୟରେ ଇଂଲଣ୍ଡ ଶ୍ରେଷ୍ଠ ଦିନିକିଆ ଦଳ ରୂପେ ଉଭା ହୋଇଛି। ଅଧିନାୟକ ମୋର୍ଗାନଙ୍କ ସହ ଜୋସ ବଟଲର, ଜନି ବେୟାରଷ୍ଟୋ, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚରଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ରହିଛନ୍ତି।

ଏଜାବଷ୍ଟନ ଗ୍ରାଉଣ୍ଡରେ ରବିବାର ଭାରତୀୟ ଦର୍ଶକଙ୍କ ଉପସ୍ଥିତି ଅଧିକ ରହିବ। ଇଂଲଣ୍ଡ ଏବେ ଅତ୍ୟଧିକ ଚାପରେ ରହିଛି। ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ ଓ କେଭିନ ପିଟରସନଙ୍କୁ ସମାଲୋଚନା କରିଛନ୍ତି।

> **ଆଜିର ମ୍ୟାଚ୍**
> **ଭାରତ**
> **ବନାମ**
> **ଇଂଲଣ୍ଡ**
> ସ୍ଥାନ
> ବର୍ମିଂହାମ
> ସମୟ ଅପରାହ୍ଣ ୩ଟା
> ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଏହି ପୂର୍ବତନ ଖେଳାଳିମାନେ ଆମେ ହାରୁ ବୋଲି ଅପେକ୍ଷା କରିଛନ୍ତି। ଆମେ ବିଜୟୀ ହେଉ ବୋଲି ଏମାନେ ଚାହାନ୍ତି ନାହିଁ। ତେବେ ସବୁପ୍ରକାର ଚାପ ଓ ଚ୍ୟାଲେଞ୍ଜ ସତ୍ତ୍ୱେ ଆମେ ବିଜୟୀ ହେବାକୁ ପ୍ରୟାସ କରିବୁ ବୋଲି ବେୟାରଷ୍ଟୋ କହିଛନ୍ତି। ଏଜବାଷ୍ଟନର ଏହି ଗ୍ରାଉଣ୍ଡ ଭାରତ ପାଇଁ ଉପମହାଦେଶୀୟ ତଥା ଅନୁକୂଳ ପରିବେଶ ସୃଷ୍ଟି କରିଛି। ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଓ ଶୁଖିଲା ପିଚ୍‌ରେ ବଲ୍ ଭଲ ଟର୍ନ କରିବ। ଦୁଇ ରିଷ୍ଟସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ସମେତ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଇଂଲଣ୍ଡକୁ ସମସ୍ୟାରେ ପକାଇବେ। ପାକିସ୍ତାନ, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ରନ୍ ଚେଜ୍ କରିବାରେ ବିଫଳ ହୋଇଥିଲା। ଏଭଳି ପରିସ୍ଥିତିରେ ଇଂଲଣ୍ଡ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଛି। ଗତ ଭାରତ ବିପକ୍ଷ ଘରୋଇ ସିରିଜରେ ଭାରତକୁ ୨–୧ରେ ଇଂଲଣ୍ଡ ହରାଇଥିଲା। ତେବେ ସେତେବେଳେ ଆଘାତ ସମସ୍ୟା କାରଣରୁ ବୁମ୍‌ରା ଖେଳି ନ ଥିଲେ। ତେବେ ଏହି ସିରିଜ ବିଜୟରୁ ଇଂଲଣ୍ଡ ପ୍ରେରଣା ପାଇବା ଲକ୍ଷ୍ୟରେ ରହିଛି।

ଅପରପକ୍ଷରେ ଭାରତ ଇଂଲଣ୍ଡ ପାଇଁ ଅତ୍ୟଧିକ ରଣନୀତି ଆପଣେଇବା ଉପରେ ଗୁରୁତ୍ୱ ଦେଉନାହିଁ ଦ୍ରୁତ ବୋଲର ମହମ୍ମଦ ସାମି କହିଛନ୍ତି। ପ୍ରତିପକ୍ଷ ଦଳକୁ ନେଇ ଅତ୍ୟଧିକ ଚିନ୍ତା ନ କରି ଦଳର ସ୍କିଲ୍ ଉପରେ ଧ୍ୟାନ ଦେବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି। ଦୁଇଟି ମ୍ୟାଚ୍ ଖେଳି ସାମି ୮ ଉଇକେଟ ହାସଲ କରି ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଭାରତ ବିଜୟଧାରା ବଜାୟ ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିନାହିଁ। ଭାରତର ମିଡଲ ଅର୍ଡର ବ୍ୟାଟିଂ ସମସ୍ୟା ରହିଛି। ବିଜୟ ଶଙ୍କର ୪ ନମ୍ବରରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହି ସ୍ଥାନରେ ରିଷଭ ପନ୍ତଙ୍କୁ ଖେଳାଇବାରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସେଭଳି କୌଣସି ଉତ୍ସାହ ଦେଖାଇନାହିଁ।



ନେଟ୍ସରେ ବ୍ୟାଟିଂ କରୁଛନ୍ତି ମହେନ୍ଦ୍ର ସିଂ ଧୋନୀ।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜା
- **ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜେମ୍ସ ଭିନ୍ସ, ଜନି ବେୟାରଷ୍ଟୋ, ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ମୋଇନ ଅଲି, ଆଦିଲ ରସିଦ, ଜୋଫ୍ରା ଆର୍ଚର, ଜାସନ ରଏ, ଲିଅମ ପ୍ଲଙ୍କେଟ, ଟମ୍ କୁରାନ ଓ ଲିଅମ ଡସନ


## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| **ଭାରତ** | **୬** | **୫** | **୦** | **୦** | **୧** | **୧୧** | **+୧.୧୬୦** |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |




ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ଭାରତୀୟ ଦଳର ନୂତନ ଜର୍ସିକୁ ପ୍ରଦର୍ଶନ କରୁଛନ୍ତି ଅଧିନାୟକ ବିରାଟ କୋହଲି।

# ହ୍ୟାଟ୍ରିକ କ୍ଲବରେ ବୋଲ୍ଟ



**ଲଣ୍ଡନ, ୨୯।୬:** ଇଂଲଣ୍ଡରେ ଚାଲିଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଆଉ ଜଣେ ବୋଲର ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଛନ୍ତି। ଶନିବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଲଗାତର ୩ ବଲରେ ଉଇକେଟ୍ ନେଇ ବିରଳ କ୍ଲବରେ ନିଜ ନାମକୁ ସାମିଲ କରିଛନ୍ତି। ଅଷ୍ଟ୍ରେଲିଆ ଇନିଂସର ଅନ୍ତିମ ତଥା ୫୦ତମ ଓଭରର ୩ୟ, ୪ର୍ଥ ଓ ୫ମ ବଲରେ ଯଥାକ୍ରମେ ଉସମାନ ଖ୍ୱାଜା (୮୮ ରନ), ମିଚେଲ ଷ୍ଟାର୍କ (୦) ଓ ଜାସନ ବେହରେନଡ୍ରୋଫ୍ (୦)ଙ୍କୁ ଆଉ କରି ବୋଲ୍ଟ ବିଶ୍ୱର ୧୦ମ ଖେଳାଳି ଭାବେ ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେବାରେ ଏହା କିନ୍ତୁ ୧୧ତମ ଘଟଣା। ଏକମାତ୍ର ଖେଳାଳି ଭାବେ ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ବିଶ୍ୱକପ୍‌ରେ ୨ଥର ହ୍ୟାଟ୍ରିକ ଉଇକେଟ୍ ନେଇଛନ୍ତି। ଅପରପକ୍ଷରେ ଭାରତର ମହମ୍ମଦ ସାମିଙ୍କ ପରେ ୨ୟ ବୋଲରଭାବେ ବୋଲ୍ଟ ହ୍ୟାଟ୍ରିକ ନେଇଛନ୍ତି। ସାମି ଗତ ୨୨ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ।

## ବିଶ୍ୱକପ୍‌ରେ ହ୍ୟାଟ୍ରିକ

| ଖେଳାଳି | ଦେଶ | ପ୍ରତିପକ୍ଷ | ମସିହା |
|---|---|---|---|
| ଚେତନ ଶର୍ମା | ଭାରତ | ନ୍ୟୁଜିଲାଣ୍ଡ | ୧୯୮୭ |
| ସାକଲିନ ମୁସ୍ତାକ | ପାକିସ୍ତାନ | ଜିମ୍ବାୱେ | ୧୯୯୯ |
| ଚାମିଣ୍ଡା ଭାସ | ଶ୍ରୀଲଙ୍କା | ବାଂଲାଦେଶ | ୨୦୦୩ |
| ବ୍ରେଟ୍ ଲି | ଅଷ୍ଟ୍ରେଲିଆ | କେନିଆ | ୨୦୦୩ |
| ଲସିଥ୍ ମାଲିଙ୍ଗା | ଶ୍ରୀଲଙ୍କା | ଦକ୍ଷିଣ ଆଫ୍ରିକା | ୨୦୦୭ |
| କେମାର ରୋଚ୍ | ୱେଷ୍ଟଇଣ୍ଡିଜ | ନେଦରଲାଣ୍ଡ୍ସ | ୨୦୧୧ |
| ଲସିଥ୍ ମାଲିଙ୍ଗା | ଶ୍ରୀଲଙ୍କା | କେନିଆ | ୨୦୧୧ |
| ଷ୍ଟିଭେନ୍ ଫିନ୍ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ୨୦୧୫ |
| ଜେପି ଡୁମିନି | ଦକ୍ଷିଣ ଆଫ୍ରିକା | ଶ୍ରୀଲଙ୍କା | ୨୦୧୫ |
| ମହମ୍ମଦ ସାମି | ଭାରତ | ଆଫଗାନିସ୍ତାନ | ୨୦୧୯ |
| ଟ୍ରେଣ୍ଟ ବୋଲ୍ଟ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ | ୨୦୧୯ |

# ପାକିସ୍ତାନର ସଂଘର୍ଷପୂର୍ଣ୍ଣ ବିଜୟ

**ଲିଡ୍ସ,୨୯।୬(ପି.ଟି.)**

ଆଇସିସି ବିଶ୍ୱକପ୍‌ର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନ ୨ଟି ବଲ ବାକି ରଖି ୩ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଟସ୍ ଜିତି ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୭ ରନ କରିଥିଲା। ଜବାବରେ ପାକିସ୍ତାନ ବିପର୍ଯ୍ୟୟ ସତ୍ତ୍ୱେ ୪୯.୪ ଓଭରରେ ୭ ଉଇକେଟ ହରାଇ ୨୩୦ ରନ କରି ବିଜୟୀ ହୋଇଛି। ଏଥି ସହିତ ପାକିସ୍ତାନ ୮ଟି ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠି ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ଆଫଗାନିସ୍ତାନ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ବିନା ପଏଣ୍ଟ ସହ ତାଲିକାର ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। ୨ ଉଇକେଟ ନେବା ସହ ଅପରାଜିତ ୪୯ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇମାଦ ୱାସିମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୨୮ ରନ ଛୋଟିଆ ବିଜୟ ଲକ୍ଷ୍ୟ ପିଛା କରି ପାକିସ୍ତାନ ତାରକା ଓପନର ଫକର ଜମାନଙ୍କୁ ବିନା ସ୍କୋରରେ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦ୍ୱିତୀୟ ଉଇକେଟରେ ଇମାମ ଉଲ ହକ ଓ ବାବର ଆଜମ ୭୨ ରନ ସଂଗ୍ରହ କରିଥିଲେ। ଇମାମ ୩୬ ଓ ଆଜମ ୪୫ ରନକରି ମହମ୍ମଦ ନବୀଙ୍କ ଶିକାର ହୋଇଥିଲେ। ଏହାପରେ ଅଭିଜ୍ଞ ମହମ୍ମଦ ହାଫିଜ୍ ୧୯ ରନ କରିଥିବା ବେଳେ ମୁଜିବ ଉର ରହମାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଇନ୍‌ଫର୍ମ ହାରିସ ସୋହେଲ ୨୭ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ରସିଦ ଖାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ସର୍ଫରାଜ ଅହମ୍ମଦ ୧୮ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଏହାପରେ ୧୧ ରନ କରିଥିବା ବେଳେ ଶଦାବ ଖାଁ ମଧ୍ୟ ରନ୍ ଆଉଟ ହୋଇଥିଲେ। ସପ୍ତମ ଉଇକେଟରେ ଇମାଦ ୱାସିମ ଓ ଶଦାବ ୫୦ ରନକରି ସ୍ଥିତି ସମ୍ଭାଳିଥିଲେ। ଇମାଦ ୫୪ ବଲରୁ ୫ ଚୌକା ସହ ୪୯ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ସେହିପରି ୯ ବଲରୁ ୧ ଚୌକା ଓ ୧ ଛକା ସହ ୱାହାବ ରିୟାଜ ୧୫ ରନ କରି ଅପରାଜିତ ରହିଥିଲେ। ସପ୍ତମ ଉଇକେଟରେ ୱାସିମ ଓ ରିୟାଜ ୧୮ ବଲରୁ ଦ୍ରୁତ ୨୪ ରନ କରି ଦଳକୁ ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରହମାନ ଓ ନବୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବଙ୍କୁ ସଅଳ ହରାଇଥିଲା। ନାଇବ ୧୫ ରନ କରି ଆଫ୍ରିଦୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟତମ ଓପନର ରହମତ ଶାହ ୩୫ ରନ କରି ସ୍ପିନର ଇମାଦ ୱାସିମଙ୍କ ଶିକାର ହୋଇଥିଲେ। ୫୭ ରନରେ ୩ ଉଇକେଟ ହରାଇ ଆଫଗାନିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଅସଘର ଆଫଗାନ ଓ ନାଜିବୁଲ୍ଲା ଜଦ୍ରାନ ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଆଫଗାନ ୪୨ ରନ କରି ଆଉଟ ହୋଇଥିଲେ। ସେହିପରି ନାଜିବୁଲ୍ଲା ୫୪ଟି ବଲର ସମ୍ମୁଖୀନ ହୋଇ ୪୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦୀ ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ।



ଶାହିନ ଆଫ୍ରିଦି

## ସଂକ୍ଷିପ୍ତ ସ୍କୋର

- **ଆଫଗାନିସ୍ତାନ ୫୦ ଓଭରରେ ୨୨୭/୯** (ଅସଘର- ୪୨, ନାଜିବୁଲ୍ଲା- ୪୨, ରହମତ- ୩୫, ଅଲିଖିଲ- ୨୪, ଆଫ୍ରିଦି- ୪/୪୭, ୱାସିମ- ୨/୪୮, ରିୟାଜ- ୨/୨୯)
- **ପାକିସ୍ତାନ ୪୯.୪ ଓଭରରେ ୨୩୦/୭** (ବାବର- ୪୫, ଇମାଦ- ୪୯*, ଇମାମ- ୩୬, ସୋହେଲ- ୨୭, ରିୟାଜ- ୧୫*, ରହମାନ- ୨/୩୪, ନବୀ- ୨/୨୩ )

# ସୁଯୋଗ ହାତଛଡ଼ା କଲା ଶ୍ରୀଲଙ୍କା

**କୁମାର ସଙ୍ଗକାରା**

ଇଂଲଣ୍ଡକୁ ପରାସ୍ତ କରି ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଦ୍ୱାରା ଶ୍ରୀଲଙ୍କା ଚତୁର୍ଥ କ୍ୱାଲିଫିକେଶନ ସ୍ଥାନ ପାଇଁ 'ଡଗ୍ ଫାଇଟ୍' ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁର୍ଭାଗ୍ୟଜନକ ପ୍ରଦର୍ଶନ ଏହି ଦଳକୁ ପୁଣି ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଛି। ଏକ ନୂଆ ପିଚ୍‌ରେ ଟସ୍ ହାରି ଦକ୍ଷିଣ ଆଫ୍ରିକା ଦ୍ୱାରା ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବା ଲାଗି ଶ୍ରୀଲଙ୍କା ପାଇଁ ଏକ ସୁଯୋଗ ଥିଲା। ଦଳ ଭଲ ସ୍କୋର କରିପାରିଥିଲେ ପରେ ବୋଲିଂରେ ଦକ୍ଷିଣ ଆଫ୍ରିକା ଉପରେ ଅଙ୍କୁଶ ଲଗାଇ ପାରିଥାନ୍ତା। ମାତ୍ର ତାହା ହୋଇପାରିଲାନି। ପ୍ରଥମ ଓଭରରେ ଦଳ କରୁଣାରତ୍ନେଙ୍କୁ ହରାଇଥିଲା। ପରେ କୁଶଲ ପେରେରା ଏବଂ ଅଭିଷ୍କା ଫର୍ନାଣ୍ଡୋଙ୍କ ମଧ୍ୟରେ ଦ୍ରୁତ ୬୭ରନର ପାର୍ଟନରଶିପ୍ ଯୋଗୁ ଦଳ ଏକ ଚ୍ୟାଲେଞ୍ଜିଂ ସ୍କୋର କରି ପାରିବ ବୋଲି ଆଶା ସଞ୍ଚାର ହୋଇଥିଲା। ଅଭିଷ୍କାଙ୍କଠାରୁ ପୁଣି ଏକ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ତାଙ୍କ ବ୍ୟାଟ୍‌ରୁ ଭଲ ରନ ଆସୁଛି। ସେ ଜଣେ ସନ୍ତୁଳିତ ଖେଳାଳି ମଧ୍ୟ। ଭବିଷ୍ୟତରେ ସେ ଶ୍ରୀଲଙ୍କାର ଜଣେ ଭଲ ଖେଳାଳି ହୋଇ ବାହାରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଆଞ୍ଜେଲୋ ମାଥ୍ୟୁସ ତାଙ୍କର ସମସ୍ତ ଅଭିଜ୍ଞତା ଖଟାଇ ଚମତ୍କାର ବ୍ୟାଟିଂ ନିଦର୍ଶନ ଦେଖାଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଏହି ଭଳି ଏକ ଇନିଂସ ଖେଳିବା ଯୋଜନାରେ ଥିଲେ। ମାତ୍ର କ୍ରିସ୍ ମୋରିସଙ୍କ ବିପକ୍ଷରେ ଧୈର୍ଯ୍ୟହରା ହୋଇ ସେ ରନ୍ ଆଉଟ ହୋଇଥିଲେ। ମ୍ୟାଚରେ ବିଜୟ ପାଇଁ ଶ୍ରୀଲଙ୍କାକୁ ୨୦୪ ରନର ଟାର୍ଗେଟକୁ ଡିଫେଣ୍ଡ କରିବାର ଥିଲା। ଦଳକୁ ନୂଆ ବଲ୍‌ରେ କିଛି କମାଲ ଦେଖାଇବାର ଥିଲା। ମାଲିଙ୍ଗା ତାଙ୍କର ଏକ ସୁନ୍ଦର ଡେଲିଭରିରେ ବିପଜ୍ଜନକ କ୍ୱିଣ୍ଟନ ଡି'କକ୍‌ଙ୍କୁ ଆଉଟ କରିଦେଇଥିଲେ। ମାତ୍ର ସେ ଇଂଲଣ୍ଡ ବିପକ୍ଷ ସଫଳତାକୁ ଦୋହରାଇ ପାରି ନ ଥିଲେ। ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଦ୍ୱାରା ଦକ୍ଷିଣ ଆଫ୍ରିକା ଏକ ପ୍ରକାର ଆତ୍ମ ବିଶ୍ୱାସ ହରାଇ ବସିଥିଲା। ମାତ୍ର ଅଭିଜ୍ଞ ହାସିମ ଅମ୍‌ଲା ଏବଂ ଫାଫ୍ ଡୁ ପ୍ଲେସିଙ୍କ ମଧ୍ୟରେ ୧୭୫ରନର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଦକ୍ଷିଣ ଆଫ୍ରିକା ସହଜରେ ମ୍ୟାଚ ଜିତି ନେଇଥିଲା। ଏହି ପରାଜୟ ଦ୍ୱାରା ଶ୍ରୀଲଙ୍କା ପାଇଁ ବିଶ୍ୱକପ୍ ଦୌଡ଼ରୁ ବିଦାୟର ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ପରିସଂଖ୍ୟାନ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆଶା ତୁଟି ନାହିଁ। ଆମକୁ ସୋମବାର ୱେଷ୍ଟଇଣ୍ଡିଜ ଏବଂ ପରେ ଭାରତ ବିପକ୍ଷରେ ବିଜୟ ହାସଲ କରିବାକୁ ପଡ଼ିବ। ଅନ୍ୟପଟେ ଇଂଲଣ୍ଡ, ପାକିସ୍ତାନ ଏବଂ ବାଂଲାଦେଶକୁ ସେମାନଙ୍କ ମ୍ୟାଚରେ ପରାସ୍ତ ହେବାକୁ ପଡ଼ିବ। ୱେଷ୍ଟଇଣ୍ଡିଜ ଅସ୍ଥିର ପ୍ରଦର୍ଶନ କରୁଥିଲେ ମଧ୍ୟ ଏକ ବିଜ୍ଞନକ ଦଳ। ଏହାକୁ ପରାସ୍ତ କରିବାକୁ ହେଲେ ଇଂଲଣ୍ଡ ବିପକ୍ଷରେ ଦଳ ଯେପରି ଖେଳିଥିଲା, ସେହିଭଳି ଖେଳିବାକୁ ହେବ। କିନ୍ତୁ ଭାରତକୁ ଜିତିବା ସହଜ ହେବ ନାହିଁ।

ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚରେ ଦୋହଲି ଯାଇଥିଲେ ମଧ୍ୟ ଭାରତ ତଥାପି ଶକ୍ତିଶାଳୀ ମନେ ହେଉଛି। ଶିଖର ଧାୱନଙ୍କ ଅନୁପସ୍ଥିତରେ ଭାରତ ଦଳର ଟପ୍ ଅର୍ଡରରେ ସାମାନ୍ୟ ଦୁର୍ବଳତା ପ୍ରକାଶ ପାଇଛି। କିନ୍ତୁ ଉଭୟ ବିରାଟ କୋହଲି ଏବଂ ଏମଏସ୍ ଧୋନୀ ଚମତ୍କାର ଫର୍ମରେ ରହିଛନ୍ତି। ରବିବାର ବର୍ମିଂହାମ୍‌ଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ବଡ଼ ମ୍ୟାଚ ଖେଳାଯିବ। ତିନିଥର ରନ୍ ଚେଜ୍ କରିବାରେ ବିଫଳ ହୋଇଥିବା ଇଂଲଣ୍ଡ ପାଇଁ ବିଶେଷ କରି ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ୍ ଆରମ୍ଭରେ ଇଂଲଣ୍ଡ ଟୁର୍ନାମେଣ୍ଟ ଫେଭରାଇଟ୍ ଭଳି ଖେଳିଥିଲା। ମାତ୍ର ଗତ ଦୁଇ ସପ୍ତାହ ହେଲା ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଟପ୍ ଅର୍ଡରରେ ଜାସନ ରୟଙ୍କୁ ମିସ୍ କରି ଦଳ ଚାପରେ ଥିବା ଭଳି ମନେ ହେଉଛି। ଭାରତ ବିପକ୍ଷ ମ୍ୟାଚକୁ ସେ ଫେରନ୍ତୁ ଏବଂ ପ୍ରଦର୍ଶନ ଦ୍ୱାରା ଦଳର ବ୍ୟାଟିଂକୁ ନୂଆ ଜୀବନ ଦେବାରେ ସହାୟକ ହୁଅନ୍ତୁ ବୋଲି ଇଂଲଣ୍ଡ ଚାହିଁବା ସ୍ୱାଭାବିକ।

–(ଗେମ୍‌ପ୍ଲାନ)


THE ULTIMATE INVERTER BATTERY
EXIDE INVATUBULAR

## ସଂକ୍ଷେପରେ


### ଫାଇନାଲରେ ପ୍ଲିସ୍କୋଭା-କର୍ବର

**ଇଷ୍ଟବୋର୍ନ(ଇଂଲଣ୍ଡ), ୨୯।୬ (ଏଏଫ୍‌ପି):** ଏଠାରେ ଚାଲିଥିବା ଇଷ୍ଟବୋର୍ନ ଡବ୍ଲ୍ୟୁଟିଏ ଟେନିସ ଟୁର୍ନାମେଣ୍ଟ ଫାଇନାଲରେ ବିଶ୍ୱର ୩ୟ ର୍‍ୟାଙ୍କ ମହିଳା ସିଙ୍ଗଲ୍ସ ଖେଳାଳି କାରୋଲିନା ପ୍ଲିସ୍କୋଭା ଓ ୱିମ୍ବଲେଡନ ଓପନ ଚାମ୍ପିୟନ ଆଞ୍ଜେଲିକ କର୍ବର ପରସ୍ପରକୁ ଭେଟିବେ। ଚେକ୍ ଗଣତନ୍ତ୍ରର ଖେଳାଳି ପ୍ଲିସ୍କୋଭା ୬-୧, ୬-୨ ସେଟ୍‌ରେ କିକି ବର୍ଟେନ୍ସଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ପ୍ଲିସ୍କୋଭାଙ୍କୁ ୫୫ ମିନିଟ୍ ଲାଗିଥିଲା। ଅନ୍ୟପକ୍ଷରେ ଜର୍ମାନୀ ଖେଳାଳି କର୍ବର ବାଇ ପାଇ ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ତାଙ୍କ ପ୍ରତିପକ୍ଷ ଖେଳାଳି ଓନ୍ସ ଜାବର ଆଣ୍ଠୁ ଜନିତ ସମସ୍ୟା କାରଣରୁ ସେମିଫାଇନାଲରୁ ଓହରିଯାଇଥିଲେ। ଅନ୍ତିମ ଥର କର୍ବର ୨୦୧୫ରେ ପ୍ଲିସ୍କୋଭାଙ୍କୁ ବର୍ମିଂହାମ ଓପନ ଫାଇନାଲରେ ପରାସ୍ତ କରିଥିଲେ।

### ଚେନ୍ନାଇ ଏଫ୍‌ସିକୁ ମିଳିଲା ପୁରସ୍କାର ରାଶି

**ଚେନ୍ନାଇ, ୨୯।୬ (ପି.ଟି.):** ସିଜନ ୨୦୧୮-୧୯ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଏଫ୍‌ସିକୁ ଶେଷରେ ପୁରସ୍କାର ରାଶି ମିଳିଛି। କ୍ଲବ ତରଫରୁ ଏ ବିଷୟରେ ଘୋଷଣା କରାଯାଇଛି। ଇଷ୍ଟବେଙ୍ଗଲକୁ ପଛରେ ପକାଇ ଚେନ୍ନାଇ ସିଟି ଏଫ୍‌ସି ପ୍ରଥମ ଥର ଆଇ-ଲିଗ୍ ଚାମ୍ପିୟନ ହୋଇଥିଲା। ମାତ୍ର ଦଳକୁ ପୁରସ୍କାର ରାଶି ନ ମିଳିଥିବା ଦୁଇ ଦିନ ତଳେ କ୍ଲବ ପ୍ରକାଶ କରିଥିଲା। କମର୍ସିଆଲ ପାର୍ଟନର ଆଇଏମ୍‌ଜି-ରିଲାଏନ୍ସ ଉପରେ ୨୫ କୋଟି ଟଙ୍କା ବାକି ପଡ଼ିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ଏହି କାରଣରୁ ଆଇ-ଲିଗ୍ ବିଜେତା ଚେନ୍ନାଇ ସିଟିକୁ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ଦିଆଯାଇ ପାରିନାହିଁ। ଏହାଛଡ଼ା ରେଫରିଙ୍କ ପାଉଣା ଏବଂ ଯାତାୟତ ବାବଦରେ ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ ବୋଲି ଖବର ପ୍ରକାଶ ପାଇଥିଲା।

### ୱେଷ୍ଟର୍ନ ଷ୍ଟର୍ମ ପାଇଁ ଖେଳିବେ ଦୀପ୍ତି ଶର୍ମା



**ନୂଆଦିଲ୍ଲୀ, ୨୯।୬ (ପି.ଟି.):** ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଆୟୋଜିତ ହେବାକୁଥିବା ମହିଳା ଟି୨୦ ଲିଗ୍ କେଆଇଏ ସୁପର ଲିଗ୍‌ରେ ୱେଷ୍ଟର୍ନ ଷ୍ଟର୍ମ ତରଫରୁ ଖେଳିବେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା। ଏହି ଦଳରେ ଖେଳିବା ପାଇଁ ଅନ୍ୟ ଜଣେ ଭାରତୀୟ ଖେଳାଳି ସ୍ମୃତି ମନ୍ଧାନା ପୂର୍ବରୁ ଚୁକ୍ତିବଦ୍ଧ ହୋଇ ସାରିଛନ୍ତି। ୱେଷ୍ଟର୍ନ ଷ୍ଟର୍ମ ୱେବ୍‌ସାଇଟ୍‌ରେ ୨୧ବର୍ଷୀୟା ଦୀପ୍ତିଙ୍କ ନାମ ପ୍ରକାଶ ପାଇଛି। କେଆଇଏ ସୁପର ଲିଗ୍‌ରେ ଖେଳିବା ମୋ ପାଇଁ ଏକ ଚ୍ୟାଲେଞ୍ଜ। ପ୍ରତ୍ୟେକ ଖେଳାଳି ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଏବଂ ଖେଳାଳିଙ୍କ ବିପକ୍ଷରେ ଖେଳିବାକୁ ଚାହିଁଥାଏ ବୋଲି ସେ କହିଛନ୍ତି।

### ୟୁରୋପରୁ ଏସି ମିଲାନ ବାସନ୍ଦ

**ଲାଉସାନେ, ୨୯।୬ (ଏଏଫ୍‌ପି):** ଆସନ୍ତା ସିଜନ ପାଇଁ ଏସି ମିଲାନ ୟୁରୋପିଆନ ଫୁଟ୍‌ବଲରୁ ବାଦ୍ ପଡିଛି। ଗତ ୩ ସିଜନ ଧରି ଏହି କ୍ଲବ ଫାଇନାନ୍‌ସିଆଲ ଫେୟାର ପ୍ଲେ (ଏଫ୍‌ଏଫ୍‌ପି) ନିୟମ ଉଲ୍ଲଂଘନ କରି ଆସିଥିବା ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଫା) ଗଭର୍ନିଂ ବଡି ଅଭିଯୋଗ କରିଥିଲା। ସ୍ଥାନୀୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ଶୁକ୍ରବାର ଦଣ୍ଡ ସପକ୍ଷରେ ଏହାର ରୁଲିଂ ପ୍ରଦାନ କରିଛି।

---

> ଇଣ୍ଟରନ୍ୟାଶନାଲ କ୍ରିକେଟରେ ଜଣେ ଦକ୍ଷ ବୋଲର ହିସାବରେ ପରିଚୟ ସୃଷ୍ଟି କରିବା ସହ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍‌ରେ ଖେଳିବା ଲକ୍ଷ୍ୟ ରଖିଛି।
> –ଡ୍ୱେନ ପ୍ରିଟୋରିଅସ, ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର




> ମଙ୍ଗଳବାର ଖେଳାଯିବାକୁଥିବା ବ୍ରାଜିଲ–ଆର୍ଜେଣ୍ଟିନା କୋପା ଆମେରିକା ସେମିଫାଇନାଲ ମ୍ୟାଚ୍‌ରେ କୌଣସି ଦଳ ଫେଭରାଇଟ୍ ନୁହନ୍ତି।
> –ଲିଓନେଲ ମେସି, ଆର୍ଜେଣ୍ଟିନାର ଷ୍ଟାର ଫୁଟ୍‌ବଲର



# ଗ୍ରାମାଞ୍ଚଳ କ୍ରୀଡ଼ାକୁ କ୍ରୀଡ଼ାମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୬(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଶନିବାର ଏଠାରେ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ହକି ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ଭାରତୀୟ ବକ୍ସିଂ ଜଗତର ଅନ୍ୟତମ ସଫଳ କୋଚ୍ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବ୍ରଜଭୂଷଣ ମହାନ୍ତିଙ୍କୁ ଲାଇଫଟାଇମ୍

## ଅମିତ, ବ୍ରଜଭୂଷଣଙ୍କୁ ଓସ୍‌ଜା ପୁରସ୍କାର

ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ସାମ୍ପ୍ରତିକ ଭାରତୀୟ ହକି ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଥିବା ଅମିତ ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଥିବା ବ୍ରଜଭୂଷଣ ଜୀବନବ୍ୟାପୀ ସାଧନା ପାଇଁ ଏହି ପୁରସ୍କାର ପାଇଛନ୍ତି। ଓସ୍‌ଜାର କାର୍ଯ୍ୟନିର୍ବାହୀ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାରମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବଂ ଇଣ୍ଡିଆର କର୍ପୋରେଟ ଆଫାୟର୍ସ ମୁଖ୍ୟ ତଥା ଉପସଭାପତି ଅଶୋକ କୁମାର ବେହେରା ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟରେ ଚାଲିଥିବା କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ପାରମ୍ପରିକ ଖେଳ ତଥା ଗ୍ରାମାଞ୍ଚଳର କ୍ରୀଡ଼ାକୁ ଗୁରୁତ୍ୱପ୍ରଦାନ ସହ ଅନ୍ୟ ଖେଳ ସହ ସମକକ୍ଷ କରିବା ତାଙ୍କର ଟାର୍ଗେଟ ଥିବା ପ୍ରକାଶ କରିଛନ୍ତି। ହକିର ଗଡ ସୁନ୍ଦରଗଡରେ ହକି ତାଲିମଙ୍କୁ ଅଧିକ ବ୍ୟାପକ କରିବା ପାଇଁ ଜିଲାର ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ପଡିଆ କରିବା ପାଇଁ ନିଷ୍ପତ୍ତି ହୋଇଛି। ଫଳରେ ସ୍ଥାନୀୟ ଖେଳାଳି ନିଜ ଅଞ୍ଚଳରେ ହିଁ ନିୟମିତ ଅଭ୍ୟାସ କରିପାରିବେ। ସେହିପରି ୩୦ଟି ଜିଲା ମୁଖ୍ୟାଳୟର ଷ୍ଟାଡିୟମ ଗୁଡିକୁ ଉନ୍ନତ କରିବା ଏବଂ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ୪ ସହରରେ କ୍ରୀଡ଼ାକେନ୍ଦ୍ର ସ୍ଥାପନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ଆସନ୍ତା ନଭେମ୍ବର–ଡିସେମ୍ବରରେ ରାଜ୍ୟର କ୍ରୀଡ଼ା ଶିକ୍ଷକମାନଙ୍କ ଲାଗି ଏକ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ଥିବା ମଧ୍ୟ ସେ ସୂଚାଇଛନ୍ତି। ଦେବାଶିଷ ମହାନ୍ତି ଏବଂ ଅଶୋକ କୁମାର ବେହେରା ନିଜ ନିଜ ବକ୍ତବ୍ୟରେ କ୍ରୀଡ଼ାବିତ୍‌ଙ୍କ ଜୀବନରେ ପୁରସ୍କାରର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ ଓସ୍‌ଜାର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ।

ଖବରଦାଙ୍କ ପ୍ରୟାସରୁ ତାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମିଳିବା ସମ୍ଭବ ହୋଇଥିଲା ବୋଲି ବକ୍ସିଂ ଗୁରୁ ବ୍ରଜଭୂଷଣ ପ୍ରକାଶ କରିଥିଲେ। ସୁଯୋଗ ମିଳିଲେ ସେ ଓଡ଼ିଶାରେ ବକ୍ସିଂ ଏକାଡେମୀ ମାଧ୍ୟମରେ ଦେଶ ପାଇଁ ଉଚ୍ଚମାନର ଖେଳାଳି ସୃଷ୍ଟି କରିପାରିବେ ବୋଲି ମତ ଦେଇଥିଲେ। ବ୍ୟବସାୟିକ ସଂସ୍ଥାମାନଙ୍କ ସହାୟତାରେ ବକ୍ସିଂ ଏକାଡେମୀ ଖୋଲିବା ଉପରେ ଜୋର ଦେବାକୁ ଅନୁରୋଧ କରିଥିଲେ ବ୍ରଜଭୂଷଣ। ଅନ୍ୟପକ୍ଷରେ ଅମିତ ରୋହିଦାସ ଏହି ପୁରସ୍କାର ତାଙ୍କୁ ଆହୁରି ଉନ୍ନତ ପ୍ରଦର୍ଶନ ସକାଶେ ପ୍ରେରିତ କରିବ ବୋଲି କହିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଭାରତୀୟ ଦଳର ପ୍ରଥମ ଏବଂ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ନୂଆ କୋଚ୍ ଗ୍ରାହାମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ହକି ଦଳ ନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ ବୋଲି ସେ ଆଶା ରଖିଛନ୍ତି। ଅଭିଜ୍ଞ ହେବା ସହ ଦଳରେ ତାଙ୍କର ଦାୟିତ୍ୱ ବଢ଼ିଛି ବୋଲି ମଧ୍ୟ ସେ ସ୍ୱୀକାର କରିଛନ୍ତି।

ଉଭୟ ବ୍ରଜଭୂଷଣ ଏବଂ ଅମିତଙ୍କୁ ଉତ୍ତରୀୟ, ଅଭିନନ୍ଦନ ପତ୍ର, ବିଶେଷ ଫଳକ ଏବଂ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଓସ୍‌ଜାର ସମ୍ପାଦକ ସନାତନ ପାଣି ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ କାର୍ଯ୍ୟନିର୍ବାହୀ ସଭାପତି ସନ୍ଦୀପ ମିଶ୍ର କ୍ରୀଡ଼ା ଖବରଦାତାମାନଙ୍କୁ ରାଜ୍ୟ ସରକାର ସ୍ୱୀକୃତି ଦେବାକୁ କ୍ରୀଡ଼ାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓସଜା ସଭାପତି କେ. ରବି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ରାଜେନ୍ଦ୍ର ମହାପାତ୍ର।



ଅତିଥିଙ୍କ ଗହଣରେ ଓସ୍‌ଜା ପୁରସ୍କାର ବିଜେତା ବ୍ରଜଭୂଷଣ ମହାନ୍ତି ଓ ଅମିତ୍ ରୋହିଦାସ।

### ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକଧାରୀ ବିକୁଛନ୍ତି ଖବର କାଗଜ

**ନୂଆଦିଲ୍ଲୀ, ୨୯।୬:** ସକାଳେ ଖବରକାଗଜ ବିକନ୍ତି। ଅପରାହ୍ନରେ ଦିଲ୍ଲୀର ସଦର ବଜାରଠାରେ ନକଲି ଗହଣା କିଣିବା ଲାଗି ଗରାଖକୁ ମନାନ୍ତି। ଦେଶର ଏକମାତ୍ର ସ୍ୱର୍ଣ୍ଣପଦକ ହାସଲକାରୀ ଆଇସ ସ୍କେଟର ରାଜକୁମାର ତିୱାରୀ ଅର୍ଥ ଅଭାବରୁ ଏକଦା ଆମେରିକାରେ ଏକ ଭାରତୀୟ ରେଷ୍ଟୋରାରେ ଦୈନିକ ବାସନ ମାଜୁଥିଲେ। ସେ ଦକ୍ଷିଣ କୋରିଆର ୨୦୧୩ ସ୍ପେଶାଲ ଅଲିମ୍ପିକ୍ସ ବିଶ୍ୱ ୱିଣ୍ଟର ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ହେଉଛି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଦ୍ୱାରା ଆୟୋଜିତ ଏକ ଅନ୍ତର୍ଜାତୀୟ କ୍ରୀଡ଼ାଭିତ୍ତିକ ଇଭେଣ୍ଟ, ଯେଉଁଥିରେ ଭିନ୍ନକ୍ଷମ ଆଥ୍‌ଲେଟ ଅଂଶଗ୍ରହଣ କରନ୍ତି। ୨୦୧୪ଠାରୁ ଖବରକାଗଜ ଭେଣ୍ଡରଙ୍କ ପୁଅ ଅନ୍ତର୍ଜାତୀୟ ପ୍ରତିଯୋଗିତାର ସାଧାରଣ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ରାଜକୁମାର ଅର୍ଥ ଅଭାବରୁ ଏବେ ସୁଦ୍ଧା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଇୟର କପ (ଅଷ୍ଟ୍ରିଆ) ଓ ବସଫୋରୁଷ (ତୁର୍କୀ) ଇଭେଣ୍ଟରେ ଭାଗ ନେଇପାରି ନାହାନ୍ତି। ଚାଇନା, କାନାଡା, କ୍ରୋଏସିଆ, ଜର୍ମାନୀ ଓ ଆମେରିକାରେ ହେବାକୁ ଥିବା ୫ ଚାମ୍ପିୟନଶିପ୍‌ରେ ସମ୍ଭବତଃ ସେ ଭାଗନେଇ ପାରିବେ ନାହିଁ। ଏହି ଟୁର୍ନାମେଣ୍ଟଗୁଡ଼ିକରେ ଖେଳିବା ଲାଗି ତାଙ୍କୁ ଅତିକମ୍‌ରେ ୧୬ରୁ ୧୮ ଲକ୍ଷ ଟଙ୍କା ଦରକାର। ଏହି ଇଭେଣ୍ଟ ରାଜକୁମାରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ନ ହେଲେ ଆଗାମୀ ବର୍ଷ କାନାଡର ମଣ୍ଟ୍ରିଲରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ସେ ଯୋଗ୍ୟତା ଅର୍ଜନ କରିପାରିବେ ନାହିଁ।

# ଆୟୋଜକ ଫ୍ରାନ୍ସ ବିଦା, ସେମିରେ ଆମେରିକା–ଇଂଲଣ୍ଡ

**ପ୍ୟାରିସ,୨୯।୬(ଏଏଫ୍‌ପି)**

ମେଗନ ରାପିନୋଙ୍କ ଡବଲ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ୨–୧ ଗୋଲରେ ଫ୍ରାନ୍ସକୁ ହରାଇ ଦେଇଛି। ପାର୍କ ଡେସ ପ୍ରିନ୍ସେସ ଷ୍ଟାଡିୟମରେ ଆୟୋଜିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭରୁ ଆମେରିକା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳକୁ ୫ମ ମିନିଟ୍‌ରେ ମିଳିଥିବା ଫ୍ରି କିକ୍‌କୁ ମେଗନ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଆମେରିକା ୧–୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୬୫ତମ ମିନିଟ୍‌ରେ ଟବିନ ହେଥଙ୍କଠାରୁ

## ମହିଳା ଫିଫା ବିଶ୍ୱକପ୍

ମିଳିଥିବା ପାସ୍‌ରୁ ମେଗନ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାର ୧୬ ମିନିଟ୍ ପରେ ୱେଣ୍ଡି ରେନାର୍ଡଙ୍କ ହେଡର ଜରିଆରେ ଫ୍ରାନ୍ସ ଗୋଟିଏ ଗୋଲ ପରିଶୋଧ କରିଥିଲା। ଏହାପରେ ମ୍ୟାଚ୍‌କୁ ବରାବର କରିବା ଲାଗି ଆୟୋଜକ ଦଳର ଖେଳାଳିମାନେ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏଥିସହ ପୁରୁଷ ଦଳ ଭଳି ଫ୍ରାନ୍ସର ମହିଳା ବିଶ୍ୱକପ୍ ଜିତିବା ଆଶା ଧୂଳିସାତ ହୋଇଛି। ଜିଲ୍ ଏଲିସଙ୍କ ନେତୃତ୍ୱାଧୀନ ଆମେରିକା ସେମିଫାଇନାଲରେ ଇଂଲଣ୍ଡକୁ ଲିଓନଠାରେ ମଙ୍ଗଳବାର ଭେଟିବ। ମେଗନ ଏବେ ୫ ଗୋଲ ସହ ଚଳିତ ବିଶ୍ୱକପ୍‌ର ମିଳିତ ସର୍ବାଧିକ ଗୋଲ ସ୍କୋରର। ଏଥିପୂର୍ବରୁ ସ୍ପେନ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଡବଲ ଗୋଲ ଦେଇଥିଲେ।



ଆମେରିକା–ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ଭାରତର କ୍ରମାଗତ ଚତୁର୍ଥ ବିଜୟ

**ହଂକଂ, ୨୯।୬ (ପି.ଟି.):** ଭାରତର ୧୮ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ଏଠାରେ ଶନିବାର ଖେଳାଯାଇଥିବା ହଂକଂ ବିପକ୍ଷ ଚତୁର୍ଥ ଏବଂ ଅନ୍ତିମ ମ୍ୟାଚ୪–୧ ଗୋଲରେ ବିଜୟ ହାସଲ କରିଛି। ଆୟୋଜକ ଦଳ ବିରୋଧରେ ଭାରତର ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଆସନ୍ତାବର୍ଷ ହେବାକୁ ଥିବା ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ଲାଗି ପ୍ରସ୍ତୁତି ପାଇଁ ଏହି ଚାରୋଟି ମ୍ୟାଚ ଆୟୋଜନ କରାଯାଇଥିଲା। ଭାରତ ମୋଟ ୧୮ଟି ଗୋଲ ସ୍କୋର କରିଥିବାବେଳେ ମାତ୍ର ୩ଟି ଗୋଲ ବରଣ କରିଛି। ଶନିବାର ପ୍ରଥମାର୍ଦ୍ଧ ଖେଳରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଲିଣ୍ଡାଙ୍କୁ ମିଳିଥିବା ଏକ ପେନାଲଟିକୁ ଆଭେକା ଗୋଲ୍‌ରେ ପରିଣତ କରିଥିଲେ। ଏହାର ୮ମିନିଟ ପରେ ଡେଜିଙ୍କ ଏକ ପାସ୍‌କୁ ଲିଣ୍ଡା ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ମାତ୍ର ଦୁଇ ମିନିଟ ସମୟ ଥିବାବେଳେ ନିର୍ମଳାଙ୍କ ଏକ ପ୍ରଚେଷ୍ଟାକୁ ବିପକ୍ଷ ଦଳର ଗୋଲକିପର ପଣ୍ଡ କରିଦେଇଥିଲେ। ହଂକଂ ଦଳ ଦ୍ୱିତୀୟାର୍ଦ୍ଧରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ଚାନ୍ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ମାତ୍ର ଏହାର ମାତ୍ର ୫ ମିନିଟ୍ ପରେ ଅଞ୍ଜୁ ଏକ ଗୋଲ ସ୍କୋର କରି ମ୍ୟାଚକୁ ୩–୧ ସ୍ତରକୁ ନେଇ ଆସିଥିଲେ। ମ୍ୟାଚର ଶେଷ ମୁହୂର୍ତ୍ତରେ ଲେଫ୍ଟ ଫ୍ଲାଙ୍କ୍‌ରୁ ସୁମତିଙ୍କ ଏକ କ୍ରସ୍‌କୁ କିରଣ ଗୋଲରେ ପରିଣତ କରିବା ଦ୍ୱାରା ମ୍ୟାଚ୍‌କୁ ୪–୧ ଗୋଲରେ ଭାରତ ଜିତିନେଇଥିଲା।

# ୧ରୁ ନୂଆ ଦାୟିତ୍ୱ ନେବେ ଦ୍ରାବିଡ୍

**ନୂଆଦିଲ୍ଲୀ, ୨୯।୬ (ପି.ଟି.):** ପ୍ରାକ୍ତନ ଭାରତୀୟ ଅଧିନାୟକ ତଥା ଜୁନିୟର ଦଳର କୋଚ୍ ରାହୁଲ ଦ୍ରାବିଡଙ୍କୁ ଜୁଲାଇ ୧ରୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବାଙ୍ଗାଲୋରସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର 'ହେଡ୍ ଅଫ୍ କ୍ରିକେଟ୍' ଭାବେ ଦ୍ରାବିଡ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ଏନ୍‌ସିଏର ହେଡ୍ ଅଫ୍ କ୍ରିକେଟ୍ ଭାବେ ଦ୍ରାବିଡ୍ ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ଙ୍କ କ୍ୟାରିୟର ଗଢ଼ି ତୋଳିବାରେ ସହାୟତା କରିବା ସହିତ ଜୁନିୟର କ୍ରିକେଟରଙ୍କ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବେ। ଏଥିସହ ଏହି ବ୍ୟାଟିଂ ମହାରଥୀ ଆହୁରି ମଧ୍ୟ ଭବିଷ୍ୟତର ମହିଳା କ୍ରିକେଟର୍‌ଙ୍କ ମେଣ୍ଟର ଦାୟିତ୍ୱ ମଧ୍ୟ ତୁଲାଇବେ ଏବଂ ଆହତ ଖେଳାଳିଙ୍କୁ ସୁସ୍ଥ ହେବା ଦିଗରେ ସହାୟତା କରିବେ। ଏହି ନୂଆ ଦାୟିତ୍ୱ ଗ୍ରହଣ କରିବା ଫଳରେ ଦ୍ରାବିଡ୍ ଭାରତ–ଏ ଓ ୧୯ ବର୍ଷରୁ କମ୍ ଦଳ ସହିତ ଗସ୍ତ କରିପାରିବେ ନାହିଁ। ସେ ପୁରା ଗସ୍ତ ପାଇଁ ନ ହେଲେ ମଧ୍ୟ କିଛି ସମୟ ଜୁନିୟର ଭାରତୀୟ ଦଳ ସହ ବିତାଇବେ। ସେହିଭଳି ପ୍ରାକ୍ତନ ଦ୍ରୁତ ବୋଲର ପାରସ ମହାମ୍ବ୍ରେ ଓ ଅଭୟ ଶର୍ମା କିନ୍ତୁ ଜୁନିୟର ଦଳର ସପୋର୍ଟ ଷ୍ଟାଫ୍ ଭାବେ ପୂର୍ବଭଳି କାମ କରିବେ ବୋଲି ଶନିବାର ପ୍ରଶାସନିକ କମିଟି (ସିଓଏ) ବୈଠକରେ ଏହା ସ୍ଥିର କରାଯାଇଛି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜୈନିକ ଅଧିକାରୀ କହିଛନ୍ତି।

ଏହି ବୈଠକରେ ବର୍ତ୍ତମାନର ଓ ପ୍ରାକ୍ତନ ଖେଳାଳିଙ୍କ 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ମାମଲାରେ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷ କରି ଭି.ଭି.ଏସ. ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କୁ ନେଇ ବିସିସିଆଇ ଏଥିକ୍ସ ଅଧିକାରୀ ତଥା ପ୍ରାକ୍ତନ ସୁପ୍ରିମ କୋର୍ଟ ଜଜ୍ ଡି.କେ. ଜୈନ ଜାରି କରିଥିବା ନିର୍ଦ୍ଦେଶ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଲୋଧା କମିଟିର ନିୟମ 'ଜଣେ ବ୍ୟକ୍ତି ଗୋଟିଏ ପଦ'କୁ ନେଇ ଜୈନ କହିଥିଲେ ଯେ, ବର୍ତ୍ତମାନ ଲକ୍ଷ୍ମଣଙ୍କୁ ୩ଟି ଦାୟିତ୍ୱ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ। ଲକ୍ଷ୍ମଣ ବର୍ତ୍ତମାନ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି), ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ୍ ଓ ଟିଭି ଭାଷ୍ୟକାର ଭାବେ ୩ଟି ଭୂମିକା ତୁଲାଉଛନ୍ତି। ଏହି ନିୟମ ମଧ୍ୟ ଗାଙ୍ଗୁଲିଙ୍କ କ୍ଷେତ୍ରରେ ଲାଗୁହେବ। ଗାଙ୍ଗୁଲି ବର୍ତ୍ତମାନ ବିଶ୍ୱକପ୍‌ରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ସହିତ ସିଏସିର ସଦସ୍ୟ ଓ ବେଙ୍ଗଲ କ୍ରିକେଟ ଆସୋସିଏଶନର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।



# ରଜାକଙ୍କୁ ଧନ୍ୟବାଦ ଦେଲେ ଆକାଶ ଚୋପ୍ରା

**ବର୍ମିଂହାମ,୨୯।୬:** ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର ଅବଦୁଲ ରଜାକ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କୋଚିଂ ପ୍ରସ୍ତାବ ଦେଇଥିଲେ। ଏଥିନେଇ ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ତଥା ଭାଷ୍ୟକାର ଆକାଶ ଚୋପ୍ରା ଧନ୍ୟବାଦ ଜଣାଇଛନ୍ତି। ଭାରତୀୟ କ୍ରିକେଟ ପରିବର୍ତ୍ତେ ନିଜ ଦେଶର କ୍ରିକେଟର କେଉଁଭଳି ଉନ୍ନତି ହୋଇପାରିବ, ତାହା ଚିନ୍ତା କଲେ ଭଲ ହେବ। ପାକିସ୍ତାନ ଦଳରେ ସ୍ୱିଡ୍ ଅଲରାଉଣ୍ଡରଙ୍କ ଅଭାବ ରହିଛି। ପାକିସ୍ତାନ ଅଲରାଉଣ୍ଡର ଫହିମ ଅଶ୍ରଫଙ୍କୁ କୋଚିଂ ଦେବା ଦରକାର ନାହିଁ କି? ଏହା ମୁଁ ପଚାରୁଛୁ। ଏ ସମ୍ପର୍କରେ ସୀମା ଆରପାରିରେ ମତ କ'ଣ? ବୋଲି ଟୁଇଟର ଜରିଆରେ ଆକାଶ କହିଛନ୍ତି। ୨୫ ବର୍ଷୀୟ ଫହିମ ଜଣେ ବୋଲିଂ ଅଲରାଉଣ୍ଡର। ସେ ଏକ ବର୍ଷେ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ତାଙ୍କୁ ବିଶ୍ୱକପ୍ ଲାଗି ସାମ୍ଭାବ୍ୟ ପାକିସ୍ତାନ ଦଳରେ ସାମିଲ କରାଯାଇଥିଲା। ହେଲେ ସାଧାରଣ ପ୍ରଦର୍ଶନ ଯୋଗୁ ସେ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିଲେ।

# ଭାରତୀୟ ଦଳର ନେତୃତ୍ୱ ନେବେ ଦୂତୀ

**ଭୁବନେଶ୍ୱର ୨୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଇଟାଲିର ନାପୋଲିଠାରେ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ୩୦ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ସ୍ପ୍ରିଣ୍ଟ କୁଇନ ତଥା କିଟ୍‌ରେ ଅଧ୍ୟୟନରତ ଦୂତୀ ଚାନ୍ଦ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ନେତୃତ୍ୱ ନେବେ। ଉଦ୍‌ଘାଟନୀ ଉତ୍ସବରେ ଦୂତୀ ଭାରତୀୟ ବିଶ୍ୱବିଦ୍ୟାଳୟ ପାଇଁ ପତାକାଧାରୀ ହେବେ। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କୁ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଉପମୁଖ୍ୟ ଦାୟିତ୍ୱ ଦିଆଯାଇଛି। କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଅଫିସିଆଲ ପ୍ରତିନିଧିମଣ୍ଡଳିର ଦାୟିତ୍ୱରେ ରହିବେ ଏବଂ ଆଥଲେଟିକ୍ସ ମୁଖ୍ୟ କୋଚ ସଞ୍ଜୟ ଗଡ଼ନାୟକ ଭାରତୀୟ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଦଳର ନେତୃତ୍ୱ ନେବେ ବୋଲି ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି। ଓଡ଼ିଶାର ଏକମାତ୍ର କ୍ରୀଡ଼ାବିତ ଭାବେ ଦୂତୀ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସାମନ୍ତ କହିଛନ୍ତି।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ପ୍ରକାଶଯୋଗ୍ୟ, ଏପ୍ରିଲ ୨ରୁ ୫ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଶିକ୍ଷଣ ଓ ଚୟନ ଶିବିରରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ମୋଟ ୫୧ କ୍ରୀଡ଼ାବିତ, ୧୦ ଅଫିସିଆଲ ଯୋଗ ଦେଇଥିଲେ।

ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ଶନିବାର ଇଟାଲୀ ଅଭିମୁଖେ ଯାତ୍ରା କରିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଧାବିକା ଦୂତୀ ଚାନ୍ଦ, କିସର ୫ ରଗ୍‌ବୀ ଖେଳାଳି ଓ ଭାରତୀୟ ଶୁଟର ତଥା କିଟ୍ ଛାତ୍ରୀ ଶ୍ରୀୟଙ୍କା ଷଡ଼ଙ୍ଗୀ ଉପସ୍ଥିତ ରହି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପ୍ରତିନିଧିଙ୍କୁ ଉତ୍ସାହିତ କରିଥିଲେ।



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମନୋନୀତ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ।

## ସଂକ୍ଷେପରେ

### ଅଭିନବ ଉପାୟରେ ବିହାରୀ ଯୁବକଙ୍କ ଠକେଇ

କଳିଙ୍ଗନଗର/ଡୁବୁରୀ,୨୯।୬ (ଡି.ଏନ୍.ଏ): ବେଟି ପଢ଼ାଓ ବେଟି ବଚାଓ ଓ ସ୍ୱଚ୍ଛ ଭାରତ ମିଶନକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ କହି ଦୁଇ ବିହାରୀ ଯୁବକ କଳିଙ୍ଗନଗର ଅଞ୍ଚଳର ବିଭିନ୍ନ ଗ୍ରାମରୁ ଟଙ୍କା ଆଦାୟ କରି ପୋଲିସ ହାତରେ ଧରାପଡ଼ିଛନ୍ତି। ଖବର ମୁତାବକ ବିହାର ରତାସ ଜିଲାର ଚିନାରୀ ଅର୍ନ୍ତଗତ ମାଲହାଟକାଲ ଗ୍ରାମର ଭିମ୍ ପାଲ (୩୨) ଓ ରତାସ ଥାନା ଅର୍ନ୍ତଗତ ତୁମ୍ଭା ଗ୍ରାମର ବିନୋଦ କୁମାର ଶାହ ଗତ ଦୁଇ ଦିନ ହେଲା କଳିଙ୍ଗନଗର ଅଞ୍ଚଳର ଯଖପୁରା, ରାବଣା, ମାନ୍ତିରା, ଚିଡିରି ଗୋବର୍ଦ୍ଧନପୁର ,ବଗପାଟିଆ ଓ ଶାଳିଜଙ୍ଘା ଗ୍ରାମରେ ଯାଇ ପ୍ରତ୍ୟେକ ଘର କବାଟରେ ଗୋଟିଏ ଗୋଟିଏ ବେଟିବଚାଓ ବେଟି ପଢ଼ାଓ ଓ ସ୍ୱଚ୍ଛ ଭାରତର ଟୋକନ ଲଗାଇ ପଇସା ଆଦାୟ କରୁଥିବା ଦେଖି ଠକଦ୍ୱୟଙ୍କୁ ଅଟକ ରଖି ଶାଳିଜଙ୍ଘା ଗ୍ରାମବାସୀ କଳିଙ୍ଗନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଠକଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି।

### ଟାଟା ହିଟାଚିକୁ ପୋଡ଼ି ଦେଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ



ଡେରାବିଶ,୨୯।୬(ସ୍ୱ.ପ୍ର.): ଡେରାବିଶ ଥାନା ଅନ୍ତର୍ଗତ ଓଲଢି ଠାରେ କାର୍ଯ୍ୟରତ ଥିବା ଏକ ଟାଟା ହିଟାଚି ଗାଡିକୁ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପୋଡି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଓଲଢି ଗ୍ରାମର ଗୌରାଙ୍ଗ ଚରଣ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗ୍ରାମ ପାଖରେ ଥିବା ତାଙ୍କର ଏକ ହିଟାଚି ଗାଡି (ଚେଚିସ୍ ନଂ- ଏସ୍.ଓ.-୭୦-୧୬୧୭୨)କୁ କେହି ନିଆଁ ଲଗାଇ ଦେଇଥିଲା । ଫଳରେ ଗାଡିଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ଥାନା ଅଞ୍ଚଳରେ ଏଭଳି ଘଟଣା ପ୍ରଥମଥର ହୋଇଥିବାରୁ ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି ।

# ୨୩ ଚୋରା ବାଇକ୍ ଜବତ : ୯ ଗିରଫ

ପଟ୍ଟାମୁଣ୍ଡାଇ,୨୯।୬ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୩ ଟି ଚୋରା ବାଇକ ଜବତ କରିବା ସହିତ ୯ ଜଣଙ୍କୁ ଗିରଫ କରିଛି । ଶନିବାର ପୂର୍ବାହ୍ନ ୧୦ଟା ବେଳେ କେନ୍ଦ୍ରାପଡା ଜିଲା ଏସ୍‌ପି ନୀତିଶେଖର ପଟ୍ଟାମୁଣ୍ଡାଇ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ବାଇକ ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏହି ଚୋରି ବାଇକ କମ୍ ଦାମରେ ବିକ୍ରି ହେଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ସ୍ଥାନୀୟ ପୋଲିସ ଖୋଳତାଡ କରି ଚୋରା ବାଇକ କିଣିଥିବା ଅଭିଯୋଗରେ ୭ ଜଣ ଓ ୨ ବାଇକ ଚୋରଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି । ବାଇକ ଚୋରମାନେ ଭଦ୍ରକ, ଭୁବନେଶ୍ୱର ସମେତ କେନ୍ଦ୍ରାପଡା ଜିଲାର ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳରୁ ବାଇକ ଚୋରି କରି ଅନ୍ୟତ୍ର ବିକ୍ରି କରି ଚାଲିଥିଲେ । ଏହି ଘଟଣାରେ ସପନା ମଲିକ, ଗୌରାଙ୍ଗ ମଲିକ, ପୁଟିଆ ପଣ୍ଡା, ଗଧିଆ ମଲିକ, ରଞ୍ଜନ ମଲିକ, ଦୀପକ ନାଥ, ପ୍ରଦୀପ ମଲିକ, ସୁରେଶ ଚନ୍ଦ୍ର ନାଥଙ୍କୁ ପଟ୍ଟାମୁଣ୍ଡାଇ ପୋଲିସ ଗିରଫ କରିଛି । ସେହିପରି ଏହି ଘଟଣାରେ ପଟ୍ଟାମୁଣ୍ଡାଇ ପୋଖରୀଆପଡା ଅଞ୍ଚଳର ମାଷ୍ଟର ମାଇଣ୍ଡ ଡାଙ୍ଗୁଆ ମଲିକଙ୍କୁ ଗିରଫ କରାଯାଇଛି ।



ଏସ୍‌ପି ଖବରଦାତା ସମ୍ମିଳନୀରେ ବାଇକ ଜବତ ନେଇ ସୂଚନା ଦେଉଛନ୍ତି।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଦକ୍ଷିଣଦିଆ ଗ୍ରାମର ଗୀତିକୃଷ୍ଣ ପଟ୍ଟନାୟକ ଗତ ୨୪ ତାରିଖରେ ତାଙ୍କ ସିବିଜେଡ ଏକ୍ସଟ୍ରିମ୍ ବାଇକ୍ ନଂ– ଓଆର୧୩ଏଫ୍– ୩୮୧୭ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପଟ୍ଟାମୁଣ୍ଡାଇ ପୋଲିସ କେସ ନଂ ୨୨୪/୨୦୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ରାଜକନିକା ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଳି ଥାନା ଆଇଆଇସି ସଲିଲ୍ ପ୍ରଧାନ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଓ ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ନେଇ ଗଠିତ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକ ଚୋରମାନଙ୍କୁ ଗିରଫ କରିବା ସହିତ ୨୩ ଟି ବିଭିନ୍ନ କମ୍ପାନୀର ବାଇକ୍ ଜବତ କରିଥିଲେ । ପୋଲିସ୍ ତଦନ୍ତ ସମୟରେ ଅଭିଯୁକ୍ତମାନେ ୪ ଚକିଆ ଗାଡି ଚୋରି ଘଟଣାରେ ସଂପୃକ୍ତ ଥିବା ଜଣା ପଡିଛି ।



ଜବତ ହୋଇଥିବା ବାଇକ।

## ମାଛଗାଁ କେନାଲ ବନ୍ଧ ଖୋଲିବା ଘଟଣା

# କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଏତଲା

ବିରିଡି,୨୯।୬ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ମାଛଗାଁ କେନାଲର ଅଷ୍ଟଶମ୍ଭୁ ମନ୍ଦିର ପାର୍ଶ୍ୱ ଓ ବାଲିଆ ନିକଟ ବନ୍ଧକୁ ବେଆଇନ ଭାବେ ଖୋଲିଦିଆଯାଇଛି। ପାଣି ଆସିଲେ ଏହି ସ୍ଥାନରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ବିଲୁଆଖାଇ କେନାଲ ସବଡିଭିଜନ ବାଲିଆର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ ଶନିବାର ବିରିଡ଼ି ଥାନାରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏତଲା ଦେଇଛନ୍ତି। କାରଣ ବିରିଡ଼ି ଗ୍ରାମ୍ୟ ଉନ୍ନୟନ ସେକ୍ସନର କନିଷ୍ଠ ଯନ୍ତ୍ରୀ ସୁଶିଲ କୁମାର ରାଉତରାୟ ଜଳସମ୍ପଦ ବିଭାଗର ଅନୁମତି ନ ନେଇ ଦୁଇ ସ୍ଥାନରେ ପ୍ରୋକଲିନ ମେଶିନ ଲଗାଇ ବନ୍ଧ ଖୋଲିଦେଇଛନ୍ତି। ବାରମ୍ବାର ଜଳସେଚନ ବିଭାଗ ତରଫରୁ ପତ୍ର ଲେଖି କେନାଲ ବନ୍ଧ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲେ ମଧ୍ୟ ଯନ୍ତ୍ରୀ ରାଉତରାୟ କୌଣସି ପଦକ୍ଷେପ ନେଇନାହାନ୍ତି। ସେଥିପାଇଁ ଜଳସମ୍ପଦ ବିଭାଗ ପୋଲିସର ସହାୟତା ନେଇଛି। ସୂଚନାଯୋଗ୍ୟ, ଜୁଲାଇ ୧ରେ କେନାଲରେ ଜଳ ଛଡ଼ାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଡ୍ରେନ୍‌ରେ ଜଳ ନିଷ୍କାସନ ପଥ ଅବରୋଧ

ବିରିଡ଼ି,୨୯।୬(ଡି.ଏନ.ଏ.)

ଫନୀ ବାତ୍ୟା ପରେ ଜଗତ୍‌ସିଂହପୁର ଡ୍ରେନେଜ ଡିଭିଜନ ଅନ୍ତର୍ଗତ ବାଲିଆ ଡ୍ରେନେଜ କଟରେ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଡ୍ରେନ ପାର୍ଶ୍ୱରେ ଥିବା ବହୁ ସଂଖ୍ୟକ କଣ୍ଟାବାଉଁଶ ବୁଦା ବାତ୍ୟାରେ ଉପୁଡିପଡିଥିବାରୁ ସ୍ୱାଭାବିକ ଭାବେ ଜଳ ନିଷ୍କାସନ ହୋଇପାରୁନି। ତେଣୁ ଲଗାଣ ବର୍ଷା ହେଲେ ଆଗାମୀ ଦିନରେ ଡ୍ରେନ ଉପର ମୁଣ୍ଡରେ ଥିବା ଅଡଙ୍ଗଗଡ଼, ବାଲିଆ ଗୋପୀନାଥପୁର, ଅଡଙ୍ଗ ମଞ୍ଜୁରାଇ, ସଢେଇଶାସନ ଗ୍ରାମର ଲୋକମାନେ ଜଳବନ୍ଦୀ ହେବାର ଆଶଙ୍କା ରହିଛି। ମାଖନା ମୁହଁ ସ୍ଲୁଇସ ଗେଟ୍‌ଠାରୁ ହଂସୁଆ ନଦୀ ପର୍ଯ୍ୟନ୍ତ ଲମ୍ବିଥିବା ଡ୍ରେନରେ କଣ୍ଟା ବାଉଁଶ ବୁଦା, ବଡ଼ ବଡ଼ ଗଛ, ଅନାବନା ଗଛ ଉପୁଡି ପଡିଥିବାବେଳେ ଦଳ ଭର୍ତ୍ତି ହୋଇ ଅବରୋଧ କରିଛି। ଏହି ଗଛ ଲଗାଇଥିବା ଲୋକେ ସେସବୁ ସଫେଇ ପ୍ରତି ଧ୍ୟାନ ଦେଉନାହାନ୍ତି। ତେଣୁ ଖରିଫ ଋତୁରେ ଅଡଙ୍ଗଗଡ଼, ଅଡଙ୍ଗ ମଞ୍ଜୁରାଇ, ପଦାସାହି, ଅମ୍ଭୁଲ ସାହି, ବରାହପୁର, ନାଇଲୋ, ସଢେଇଶାସନ, ଅଣଖିଆ, ବସନ୍ତପୁର, ଶଙ୍କରପୁର, ଶିବପୁର, ସଢେଇକଣା ଆଦି ଅଞ୍ଚଳରେ ଜଳମଗ୍ନ ହୋଇ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ମାଖନା ମୁହଁ ସ୍ଲୁଇସ ଗେଟ୍‌ର ଦୁଇ ପାର୍ଶ୍ୱ ବନ୍ଧ ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାର ମରାମତି ସହ ଡ୍ରେନରୁ କଣ୍ଟା ବାଉଁଶ ଓ ଅନାବନା ଗଛ ସଫା କରିବାକୁ ଦାବି ହୋଇଛି।



ସ୍ଲୁଇସ ଗେଟ୍‌ର ଦୁଇ ପାର୍ଶ୍ୱ ବନ୍ଧ ଭାଙ୍ଗି ଯାଇଛି।

# କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ପ୍ରତିଭା ସମ୍ମାନ ସମାରୋହ

ରଘୁନାଥପୁର, ୨୯।୬ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସହ ଚାରାରୋପଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାଗବତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାମାଜିକ କର୍ମୀ ବିକ୍ରମ କେଶରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତଃନିହିତ ଗୁଣକୁ ବିକଶିତ ପାଇଁ ଏହି ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସିଆରସିସି ନିର୍ମଳେନ୍ଦୁ ସୋମ ଯୋଗଦେଇ ଶ୍ରେଣୀରେ ଉପସ୍ଥାନ, ଶୃଙ୍ଖଳା ଜ୍ଞାନ ଓ ଗୁରୁଙ୍କୁ ସମ୍ମାନ ଦେବା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନସ୍ୱିନୀ ପରିଡା, ରମାରଞ୍ଜନ ସ୍ୱାଇଁ, ଫକୀର ଚରଣ ଜେନା, ଅନାମ ଚରଣ ବିଶ୍ୱାଳ ଓ ସରିତ ମହାପାତ୍ର ଉପସ୍ଥିତ ହୋଇ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପରିବେଶର ଉନ୍ନତି ପାଇଁ ସ୍କୁଲ ପରିସରରେ ଚାରା ରୋପଣ କରିବାକୁ ସାମାଜିକ କର୍ମୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଟପ୍ପର ଅନନ୍ୟ ଦାସ, ୯ମର ସିମ୍ରନ ବିଶ୍ୱାଳ, ୮ମର ରାକେଶ ବାରିକ ଏବଂ ସର୍ବାଧିକ ଉପସ୍ଥାନ ପାଇଁ ୯ମର ମନୀଷା ଦାସ ଓ ୮ମର ଶୁଭଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ପାବନି ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ବିଜୟ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଛାତ୍ରୀଛାତ୍ର ଚାରାରୋପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟନ୍ତୁ ବୋଲି ପ୍ରଧାନ ଶିକ୍ଷକ ବେହେରା ଆହ୍ୱାନ ଦେଇଥିଲେ।



ପ୍ରତିଭା ସମ୍ମାନ ସମାରୋହରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଏରସମା,୨୯।୬(ସ୍ୱ.ପ୍ର.)

ଏରସମା ବ୍ଲକ ଜପା ପଞ୍ଚାୟତସ୍ଥିତ ବୋଡି ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ଗାଁକୁ ସ୍ଥାୟୀ ପକ୍କାରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ୭ ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଶନିବାର ଏକ ଦାବିପତ୍ର ଦେଇଛନ୍ତି। ପ୍ରକାଶ ଯେ, ଏରସମା ବ୍ଲକରୁ ଏକ ରାସ୍ତା ଜପା ପଞ୍ଚାୟତ ଦେଇ ବୋଡି ଗାଁକୁ ସଂଯୋଗ କରୁଛି। ବୋଡି ଗାଁରେ ୮୦ ପରିବାର ବସବାସ କରନ୍ତି। ଏଥିସହିତ ଏରସମା, ବାଲିତୁଠ, ଭିତର ଅନ୍ଧାରୀ, ଢିଙ୍କିଆ, ନୂଆଗାଁ, କୁଞ୍ଜକୋଠି ଓ ଗଡ଼କୁଜଙ୍ଗ ଆଦି ୭ ପଞ୍ଚାୟତର ୫୧ ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ବହୁବାର ଦାବି ପରେ ୧୨ବର୍ଷ ତଳେ ଏହି ରାସ୍ତା ଢଳେଇ ଆରମ୍ଭ ହୋଇଥିଲା। କିନ୍ତୁ ବୋଡି ଗାଁର ପଡ଼ୋଶୀ ଗାଁ ଦେଇକାଠାରୁ ଦେଇକା ମଠ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇ କାର୍ଯ୍ୟ ବନ୍ଦ କରାଯାଇଥିଲା। ଇତିମଧ୍ୟରେ ସେହି ରାସ୍ତା ଧୋଇଗଲାଣି। ଏଥିସହିତ ବୋଡି ଗାଁଠାରୁ ପଚେରା ସ୍ଲୁଇସ୍ ଗେଟ୍ ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ଉକ୍ତ ଗାଁକୁ ଆମ୍ବୁଲାନ୍ସ ଚଳାଚଳ କରିପାରୁନାହିଁ। ବର୍ଷା ଋତୁରେ ପିଲାମାନେ ସ୍କୁଲ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ଦେବେନ୍ଦ୍ର ପାଇଟାଳ, ମାଧବ ସେଠୀ, ସୁଶାନ୍ତ ସ୍ୱାଇଁ, ସୀତାକାନ୍ତ ସ୍ୱାଇଁ, ଅନନ୍ତନାରାୟଣ ବେହେରା, ରମେଶ ପାଇଟାଳ, ନାରାୟଣ ସାମଲ, ବିଜୟ କୁମାର ପାଇଟାଳ, ସୁରେଶ କୁମାର ପାଇଟାଳ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବର୍ଷା ନାହିଁ, କେନାଲରେ ଆସୁନି ପାଣି

ତିର୍ତ୍ତୋଲ,୨୯।୬ (ଡି.ଏନ.ଏ.)


ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଚଳିତବର୍ଷ ବର୍ଷା ଅଭାବରୁ ଚାଷକାମ ପଛେଇଯାଇଛି। ଦୀର୍ଘଦିନ ହେଲା ବର୍ଷା ହୋଇ ନ ଥିବାରୁ ଧାନ ବୁଣା କିମ୍ବା ତଳିପକା କାମ ହୋଇପାରୁନାହିଁ। ଏହି ବ୍ଲକର ୨୯ ପଞ୍ଚାୟତରେ ପ୍ରାୟ ୨୮ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଥାଏ। ଖରିଫ ଋତୁରେ ଭଲ ବର୍ଷା ହେବା ସହ କେନାଲରେ ପାଣି ଆସିଲେ ଚାଷୀମାନେ ଅକ୍ଷୟ ତୃତୀୟାଠାରୁ ଧାନ ବୁଣିବା ଓ ତଳି ପକାଇବା କାମ ଆରମ୍ଭ କରିଥାନ୍ତି। ଚଳିତବର୍ଷ ଜୁନ ଶେଷ ସପ୍ତାହ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଭଲ ବର୍ଷା ନ ହେବାରୁ ଧାନବୁଣା କାମ ଆରମ୍ଭ ହୋଇନାହିଁ। ଏଥିସହ କେନାଲ ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିପାରି ନ ଥିବାରୁ କେନାଲ ଉପରେ ନିର୍ଭରଶୀଳ ଚାଷଜମି ମଧ୍ୟ ପଡ଼ିଆ ପଡ଼ିଛି। ମୋଟାମୋଟି ଭାବେ ବର୍ଷା ଅଭାବରୁ ଚଳିତବର୍ଷ ଧାନ ଚାଷରେ ବିଳମ୍ବ ହୋଇଛି। ତିର୍ତ୍ତୋଲ ଧୋୟା ଅଞ୍ଚଳରେ ଥିବା ୭ ପଞ୍ଚାୟତ ଦେଇ ବ୍ୟାରେଜ ଡିଭିଜନ ଅଧୀନରେ ଯାଇଥିବା କେନାଲ ପାଣି ଉପରେ ନିର୍ଭର କରି ଅନେକ ଚାଷୀ ଚାଷ କାର୍ଯ୍ୟ କରିଥାନ୍ତି। ଚଳିତବର୍ଷ ଏହି କେନାଲର ଅନେକ ସ୍ଥାନରେ କାର୍ଯ୍ୟ ଚାଲିଥିବାରୁ ଏ ପର୍ଯ୍ୟନ୍ତ ଏଥିରେ ପାଣି ଛାଡିବା ସମ୍ଭବ ହୋଇନାହିଁ। ଫଳରେ ଏହି କେନାଲ ଉପରେ ନିର୍ଭରଶୀଳ କୃଷ୍ଣାନନ୍ଦପୁର ପଞ୍ଚାୟତଠାରୁ ପୋରଗଦେଇ ପଞ୍ଚାୟତ ପର୍ଯ୍ୟନ୍ତ ଜମିରେ ଚାଷ କାର୍ଯ୍ୟ ହୋଇପାରିନାହିଁ। ସେହିପରି ତାଳଦଣ୍ଡା କେନାଲର ସବ୍‌କେନାଲ ନଂ.୧୨, ୧୨(କ), (ଖ), (ଗ), ନଂ. ୧୩ (କ) ଓ (ଖ), ଏହାର ମାଇନର ଓ ସବ୍‌ମାଇନର କେନାଲଗୁଡିକରେ ଏବେ ସୁଦ୍ଧା ପାଣି ଶେଷମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ ହୋଇନାହିଁ।

ଫଳରେ ଏହି କେନାଲଗୁଡିକ ଉପରେ ନିର୍ଭରଶୀଳ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ରଜ ପରଠାରୁ ଏଠାରେ ଭଲ ବର୍ଷା ହୋଇନାହିଁ। ଲଘୁଚାପ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଉଥିବାବେଳେ ଏଠାରେ ଆବଶ୍ୟକ ଅନୁଯାୟୀ ବର୍ଷା ହେଉନାହିଁ। କେନାଲରେ ପାଣି ଛାଡ଼ିବା ପାଇଁ ଚାଷୀମାନେ ବହୁବାର ଦାବି କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। କେତେକ କେନାଲରେ ଏ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଶେଷ ହୋଇନାହିଁ। ଫଳରେ କେନାଲରେ ପାଣି ଛାଡିବାରେ ବିଳମ୍ବ ହେଉଛି। ତେଣୁ ତୁରନ୍ତ କେନାଲ କାର୍ଯ୍ୟ ସାରି ପାଣି ଛାଡ଼ିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

- କେନାଲ କାର୍ଯ୍ୟ ସରି ନ ଥିବାରୁ ଛଡ଼ାଯାଉନି ପାଣି
- ଜଳ ଅଭାବରୁ ପଛେଇଗଲାଣି ଚାଷ କାର୍ଯ୍ୟ



ତିର୍ତ୍ତୋଲ ଅଞ୍ଚଳରେ ପଡ଼ିଆ ପଡ଼ିଥିବା ଚାଷଜମି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁନ୍, ୨୦୧୯

## ସଂକ୍ଷେପରେ

### ବାଣିଜ୍ୟ, ଦ୍ରବ୍ୟ ଓ ସେବା କରର ଅତିରିକ୍ତ ଆୟୁକ୍ତଙ୍କୁ ସମ୍ବର୍ଦ୍ଧନା

ଯାଜପୁରରୋଡ,୨୮।୬(ନି.ପ୍ର.) ବାଣିଜ୍ୟ, ଦ୍ରବ୍ୟ ଓ ସେବା କରର ନୂତନ ଅତିରିକ୍ତ ଆୟୁକ୍ତ ଭାବେ ଏସ୍.ଆର. ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା ଟ୍ୟାକ୍ସବାର ଆସୋସିଏଶନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଆୟୁକ୍ତ ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବାଣିଜ୍ୟକର, ଦ୍ରବ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ୟବସାୟୀ ଦ୍ରବ୍ୟସେବା କର ଦେବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ଆୟୁକ୍ତ ମିଶ୍ର ଏ ସମ୍ପର୍କରେ ଆଉ ଏକ ବୈଠକ ଡାକି ଜିଏସ୍‌ଟି ସେବା ସମ୍ପର୍କରେ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ରଞ୍ଜନ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ସାମଲ, ସସ୍ମିତା ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ସୂର୍ଯ୍ୟମଣି ପାଢୀ, ହେମନ୍ତ ପୋଥାଳ, ଦେବେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ବରିଷ୍ଠ ମୋହରିରଙ୍କ ସ୍ମୃତିରେ ଶୋକ ସଭା

ଯାଜପୁରରୋଡ,୨୮।୬(ନି.ପ୍ର.) ଯାଜପୁର ଜିଲାର ବରିଷ୍ଠ ମୋହରିର ବଳରାମ ସ୍ୱାଇଁଙ୍କ ଏକାଦଶାହରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉଦୟବଟ ସମ୍ପାଦକ ଦୁଷନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ଉପନଗରପାଳ ପ୍ରମୋଦ କୁମାର ପରିଡ଼ା, ଦେବେନ୍ଦ୍ର ସାମଲ, ଶିକ୍ଷକ ସଂଘ ନେତା ଦୁଷ୍ମନ୍ତ କୁମାର ନାୟକ, ଆଇନଜୀବୀ ମହାମାୟା ପ୍ରତାପ ସ୍ୱାଇଁ, ବିବେକାନନ୍ଦ ମହାନ୍ତି, ଅନାଦି ଚରଣ ମହାନ୍ତି, ପରମେଶ୍ୱର ପାତ୍ର, ଅଧକ୍ଷା ପଙ୍କଜିନୀ ପାଣି, ପ୍ରାଧାପିକା ସବିତା ପରିଜା, ସସ୍ମିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ କାର୍ଯ୍ୟଧାରା ଏବଂ ସମାଜସେବା ସମ୍ପର୍କରେ ଆଲୋଚନା କରିଥିଲେ। ପରିବାରର ଅନ୍ୟାନ୍ୟ ସଦସ୍ୟ ତଥା ଅଶୋକ କୁମାର ସ୍ୱାଇଁ, ବିନୋଦ ସ୍ୱାଇଁ, ରମାକାନ୍ତ ସାମଲ, ଶ୍ରୀଧର ନାୟକ, ସୁମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଅଧାପକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

■ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା

# ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

**ସମାଧାନ ନ ହେଲେ ଧାରଣା ଦେବେ ଅଭିଭାବକ**




ଛତିଆ,୨୯।୬(ଡି.ଏନ୍.ଏ.) ଯାଜପୁର ଜିଲାର ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଯୋଗୁ ମେଧାବୀ ଛାତ୍ରୀଛାତ୍ର ଯୁକ୍ତ ୩ ପରୀକ୍ଷାରେ ଫେଲ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ମହାବିଦ୍ୟାଳୟର ଛାତ୍ରୀ ଧରିତ୍ରୀ ସାହୁ, ପ୍ରଜ୍ଞାପରମିତା ବରାଳ, ସସ୍ମିତା ପୃଷ୍ଟି, ସୁବ୍ରତ ଷଡଙ୍ଗୀ, ମିତାଲୀ ପରିଡା, ସସ୍ମିତା ଷେଣ୍ଠ, ରୋନି ପ୍ରଧାନ, ମିତାଲୀ ଜଟ, ପ୍ରଭାସିନୀ ଦାସଙ୍କ ସମେତ ୧୧ ଜଣ ଛାତ୍ରୀଛାତ୍ର ଯୁକ୍ତ ୩ ପ୍ରଥମରୁ ଶେଷ ବର୍ଷ ପର୍ଯ୍ୟନ୍ତ ଇଣ୍ଟରନାଲ ପରୀକ୍ଷା ଦେଇ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ପ୍ରଥମ ସେମିଷ୍ଟରରୁ ଶେଷ ସେମିଷ୍ଟର ପରୀକ୍ଷା ଦେଇଥିଲେ। ମାତ୍ର ପରୀକ୍ଷା ଫଳ ଆସିବା ପରେ ଉକ୍ତ ଛାତ୍ରୀଛାତ୍ର ଇଣ୍ଟରନାଲ ପରୀକ୍ଷାରେ ଅନୁପସ୍ଥିତ ଥିବା ବିଶ୍ୱବିଦ୍ୟାଳୟ ତରଫରୁ ଦର୍ଶାଯାଇଥିଲା। ପରେ ଧରିତ୍ରୀ ସାହୁ ଓ ଅନ୍ୟ ଛାତ୍ରୀଛାତ୍ରମାନେ ଏ ନେଇ କଲେଜ ଅଧକ୍ଷ ପ୍ରଦୀପ କୁମାର ଦାସଙ୍କୁ ଜଣାଇଥିଲେ। ଅଧକ୍ଷ ଦାସ ଛାତ୍ରୀଛାତ୍ରଙ୍କୁ ଆଶ୍ୱାସନା ଦେଇ କହିଲେ ଫାଇନାଲ ପରୀକ୍ଷାରେ ସବୁ ଠିକ୍ ହୋଇଯିବ। ମାତ୍ର ଯୁକ୍ତ ୩ ପରୀକ୍ଷାର ଫାଇନାଲ ରେଜଲ୍ଟରେ ଧରିତ୍ରୀ ମୋଟ ୨୬୦୦ ରୁ ୧୭୦୦, ପ୍ରଜ୍ଞାପରମିତା ୨୬୦୦ରୁ ୧୫୭୧ ନଂ ଓ ଅନ୍ୟମାନେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଫେଲ ଦର୍ଶାଯାଇଛି। ଏ ବିଷୟରେ ଛାତ୍ରୀଛାତ୍ର କଲେଜ ଅଧକ୍ଷଙ୍କୁ ଦେଖା କରିବା ସହ ଲିଖିତ ଆକାରରେ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ କଲେଜ କର୍ତ୍ତୃପକ୍ଷ ଇଣ୍ଟରନାଲ ପରୀକ୍ଷା ନଂ. ପଠାଇ ନ ଥିବା ସେ କହିଥିଲେ। କଲେଜ ଅଧକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସେ ଏହି ଘଟଣାକୁ ଏତେ ଗୁରୁତ୍ୱ ଦେଇ ନ ଥିଲେ। ଏ ସମ୍ପର୍କରେ କଲେଜ ଅଧକ୍ଷ ପ୍ରଦୀପ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ, ୧୧ ଜଣ ପିଲାଙ୍କର ଏପରି ହୋଇଛି। କେତେଜଣ ପିଲାଙ୍କର ୩ୟ ବର୍ଷ ଇଣ୍ଟରନାଲ ପରୀକ୍ଷାରେ ମଧ୍ୟ ତ୍ରୁଟି ଦେଖାଯାଇଛି। ଖୁବ୍‌ଶୀଘ୍ର ଏହାକୁ ସଂଶୋଧନ କରାଯିବ। ୩ ବର୍ଷ ବିତିଯାଇଥିଲେ ମଧ୍ୟ ୧ମ ବର୍ଷ ପରୀକ୍ଷା ଫଳ କାହିଁକି ସଂଶୋଧନ କରାଗଲା ନାହିଁ ବୋଲି ପଚାରିବାରୁ, ସନ୍ତୋଷଜନକ ଉତ୍ତର ଦେଇପାରିଲେନାହିଁ। ଛାତ୍ରୀଛାତ୍ର ଶନିବାର ଅଧକ୍ଷଙ୍କୁ ଏ ବିଷୟରେ ପଚାରିବାରୁ, ଆସନ୍ତା ମଙ୍ଗଳବାର ସୁଦ୍ଧା ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର କେତେକ କଲେଜରେ ପିଜି ଫର୍ମ ଆବେଦନ ଶେଷ ହୋଇଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ସମାଧାନ ନ ହେଲେ ଅଭିଭାବକ କଲେଜ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

■ ଜଗନ୍ନାଥ ଉପ୍ରା ବିଦ୍ୟାଳୟ

# ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀଗୃହ



ସିଂହପୁର,୨୮।୬(ଡି.ଏନ୍.ଏ.) ସର୍ବଶିକ୍ଷା ଅଭିଯାନରେ ସରକାର ବିଦ୍ୟାଳୟରେ ଗୃହ ନିର୍ମାଣ କରୁଥିଲେ ମଧ୍ୟ ଏବେ ବି ବହୁ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ରହିଛି। ଗତ ଫନୀ ଭାଙ୍ଗିଯିବା ସହ ବିଦ୍ୟାଳୟ କାନ୍ଥ ଫାଟିଯାଇଥିବା ଦେଖାଯାଇଛି। ଏହି ବିପଦପୂର୍ଣ୍ଣ ଗୃହରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବର୍ଷା ହେଲେ ଆଜବେଷ୍ଟସରୁ ପାଣିଗଳୁଛି। ୧୯୬୪ରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ୧୪୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ବିଶ୍ୱାଳ କୁହନ୍ତି, ସେ ଏ ସମ୍ପର୍କରେ ସିଆରସିସିଙ୍କୁ ଜଣାଇଛନ୍ତି। ଏ ବିଷୟରେ ସିଆରସିସି ଦୁଷ୍ମନ୍ତ ସାମଲଙ୍କୁ ପଚାରିବାରୁ, ସେ ବିଡିଓଙ୍କୁ ଅବଗତ କରିଥିବା କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଗୃହ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### ନଦୀବନ୍ଧ ରାସ୍ତାରେ ବଢୁଛି ଲୁଟେରାଙ୍କ ଆତଙ୍କ

କଳିଙ୍ଗନଗର, ୨୯।୬(ଡି.ଏନ୍.ଏ.) ଦାନଗଦୀ ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତର ଚକୁଆଠାରୁ ଯୋକଡିଆ ନଦୀବନ୍ଧ ରାସ୍ତାରେ ଲୁଟେରାଙ୍କ ଆତଙ୍କ ବଢିବାରେ ଲାଗିଛି। ରାସ୍ତାଟି ନିଛାଟିଆ ରହୁଥିବାରୁ ଲୁଟେରାମାନେ ବିଳମ୍ବିତ ରାତିରେ ରାସ୍ତା ଦେଇ ଫେରୁଥିବା ବ୍ୟକ୍ତିବିଶେଷଙ୍କଠାରୁ ଲୁଟ୍ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ରାହ୍ମଣିଗାଁ, ମାର୍ଥାପୁର ଆଦି ବିଭିନ୍ନ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଯାଜପୁରରୋଡ ଥାନା ଅଧିକାରୀ ଅନୀଲ କୁମାର ମହାନ୍ତିଙ୍କୁ ପଚାରିବାରୁ ଘଟଣା ବାବଦରେ ଅଭିଯୋଗ ଆସିଛି। ଶୁକ୍ରବାରଠାରୁ ପ୍ରତିଦିନ ରାତିରେ ପାଟ୍ରୋଲିଂ କରାଯିବ ବୋଲି କହିଛନ୍ତି।

### ଉତ୍ତର-ପୂର୍ବ ସମ୍ଭାଗ ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ ବୈଠକ

ଯାଜପୁର ଅଫିସ,୨୯।୬ ଲିଙ୍ଗେଶ୍ୱରବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଳାପାଳ ପରିସରରେ ଉତ୍ତର-ପୂର୍ବ ସମ୍ଭାଗ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ସମସ୍ତ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଓ ପ୍ରଧାନଆଚାର୍ଯ୍ୟମାନେ ଉପସ୍ଥିତ ରହିଥିଲେ । ଆଗାମୀ ଶିକ୍ଷା ବର୍ଷ ପାଇଁ ଶୈକ୍ଷିକ ଯୋଜନା ତଥା କ୍ରିୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା । ଏହି ବୈଠକ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି । ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଭଗବାନ ସାହୁ ମୁଖ୍ୟଅତିଥି, ବିଦ୍ୟାଭାରତୀର ସହ ସଂଗଠନ ଗୋବିନ୍ଦଚନ୍ଦ୍ର ମହାନ୍ତ, ଉତ୍ତର-ପୂର୍ବ ସମ୍ଭାଗର ସଭାପତି ପ୍ରଫୁଲ୍ଲ କୁମାର ବୋଇତେଇ, ସମ୍ପାଦକ କମଳାକାନ୍ତ ମିଶ୍ର, ଶିକ୍ଷାବିକାଶ ସମିତିର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ, ରମାକାନ୍ତ ମହାନ୍ତ, ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ ନରେନ୍ଦ୍ର କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ଗଛରେ ପୋଲ**
**ଅତି କଷ୍ଟରେ ପିଞ୍ଜରା ଦିଶିଲା**
**ଜର କଲା ବୋଲି ବୋଲ ।**

ଓଲୁଅ ଗଛ କାଣ୍ଡ ପୋଲା। ଉପରଟା ଛାପି ଛାପିକିଆ, ସାପ ପରି ଦିଶୁଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ଖାଇବାକୁ ନ ପାଇ ଉପାସ ରହି ଅସ୍ଥି କଙ୍କାଳମୟ ଦିଶୁଥିବା ବ୍ୟକ୍ତି ସତକଥାକୁ ଲୁଚାଇବା ପାଇଁ ଜରରେପଡ଼ି ପିଞ୍ଜରାହାଡ଼ ସବୁ ଦେଖାଯାଉଥିବାର ମିଛ ବାହାନା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ପାଟିକି ପାନ ଗଲା**
**ପାନ କହିଲା ମୋ ପ୍ରାଣ ଗଲା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଯିଏ କେବେ ପାନ ଖାଏ ନାହିଁ, ସେ ନୂଆକରି ପାନ ଖିଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଶିଶୁ ଶ୍ରମିକ ନିରୋଧ ଆଇନ ସମ୍ପର୍କରେ ସଚେତନତା

ଯାଜପୁରରୋଡ,୨୯।୬(ନି.ପ୍ର.) ଯାଜପୁରରୋଡ ଆଇନ ସେବା ପ୍ରାଧୀକରଣ ତାଲୁକ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଶଶିଭୁଷଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଶିଶୁ ଶ୍ରମିକ ନିରୋଧ ଆଇନ ସଚେତନତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ଅତିରିକ୍ତ ଜିଲା ଜଜ୍ ଦେବଦତ୍ତ ଦାଶ ମହାପାତ୍ର ଅଧକ୍ଷତା କରିଥିଲେ। ଯାଜପୁରରୋଡ ସିଭିଲ ଜଜ୍ ସିନିୟର ଡିଭିଜନ୍ ନିରଞ୍ଜନ ପାତ୍ର, ମୁନସିଫ୍ ମିନତି ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଶିଶୁ ଶ୍ରମିକଙ୍କୁ ସୁବିଧାରେ ଆଇନ ଯୋଗାଇ ଦେବା ସହ ଶିଶୁଙ୍କୁ କାର୍ଯ୍ୟରେ ନ ଲଗାଇବା, ସେମାନଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟିଦେବା ସହ ରାଜ୍ୟ ସରକାରଙ୍କ ଶିଶୁ ଶ୍ରମିକ ନିରୋଧ ଆଇନକୁ କଡାକଡି ପାଳନ କରିବା ପାଇଁ ସମସ୍ତେ ଚେଷ୍ଟିତ ହେବେ ବୋଲି ବକ୍ତାମାନେ କହିଥିଲେ। ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି, ନାରାୟଣ ପହି, ଚନ୍ଦ୍ରଶେଖର ପଣ୍ଡା, ନିହାର ରଞ୍ଜନ ଗୋସ୍ୱାମୀ, ସରକାରୀ ଓକିଲ ରଜତ କୁମାର ରାଉତ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ୟୋତିପ୍ରକାଶ ଦାସ, ଅର୍ଚ୍ଚନା ଜେନା, ପ୍ରୀୟଦର୍ଶିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାମଚନ୍ଦ୍ର ପହି ଧନ୍ୟବାଦ ଦେଇଥିଲେ।

### ମନ୍ଦିର ପୁରୋହିତଙ୍କ ପରଲୋକ

ଯାଜପୁର ଅଫିସ,୨୯।୬ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ମୁଳାପାଳ ଗ୍ରାମ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ପୁରୋହିତ ରଘୁନାଥ ପଣ୍ଡାଙ୍କ ଶନିବାର ସକାଳେ ତାଙ୍କ ବାସଭବନରେ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା । ପଣ୍ଡା ବ୍ରେନ ଟ୍ୟୁମର ଓ ପରେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ । ସପ୍ତାହକ ତଳେ ତାଙ୍କ ଅସ୍ତ୍ରୋପଚାର ହୋଇଥିଲା । ସେ ପୂଜାପାଠ କରି ପରିବାର ପୋଷଣ କରୁଥିଲେ । ତାଙ୍କର ପୁଅ ଓ ଝିଅ ଅଛନ୍ତି । ମୃତ୍ୟୁ ଖବର ଶୁଣି ଆଖପାଖ ଅଞ୍ଚଳର ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday and Saturday

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ASTROLOGY ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ



## ସଂକ୍ଷେପରେ

### ଅତଲାପୁରରେ ସାଂସଦ, ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୨୯।୬(ଡି.ଏନ୍.ଏ.): ସମାଜ ସହ ସମସ୍ୟା ଅଙ୍ଗାଙ୍ଗି ଭାବରେ ଜଡିତ। ମାତ୍ର ସମସ୍ୟା ସମାଧାନ କରିବା ଓ ତାର ନିରାକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଜରୁରୀ ଅଟେ। ଏଦିଗରେ ଜନପ୍ରତିନିଧିମାନଙ୍କ ସହଯୋଗ ଦରକାର। ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ୱାର୍ଡସ୍ତରୀୟ ନେତୃତ୍ୱ ସହଯୋଗରେ ଯୋଜନା ପ୍ରସ୍ତୁତ କରିବା ସହ ଏ ନେଇ ସୂଚନା ଉଭୟ ସାଂସଦ ଓ ବିଧାୟିକାଙ୍କୁ ଅବଗତ କରାଇବା ପାଇଁ ଆହ୍ୱାନ ଦିଆଯାଇଛି। ଜନସାଧାରଣଙ୍କ ପକ୍ଷରୁ ଆସୁଥିବା ସମସ୍ୟାକୁ ତୁରନ୍ତ ସାମଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ରସୁଲପୁର ବ୍ଲକ ଅଧିନସ୍ଥ ଅତଲାପୁର ପଞ୍ଚାୟତର ବାଲିପାଟଣାଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରକାଶ କରିଛନ୍ତି । ବାଲିପାଟଣା ହେଉଛି ଏମ୍‌ପି ଶ୍ରୀମତି ସେଠୀଙ୍କ ଶାଶୁଘର ଗ୍ରାମ। ଏହି ମାଟିରେ ତାଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଉଥିବାରୁ ସେ ବିଶେଷ ଖୁସି ବ୍ୟକ୍ତ କରିଥିଲେ। ସେ ଅତଲାପୁର ଓ ସାମନ୍ତରାପୁର ପଞ୍ଚାୟତବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଲୋକଙ୍କ ଆଶିର୍ବାଦ ଯୋଗୁଁ ସେ ପାର୍ଲାମେଣ୍ଟକୁ ଯାଇପାରିଛନ୍ତି ବୋଲି ପ୍ରକାଶ କରିଛନ୍ତି ।

ଅତଲାପୁର ପଞ୍ଚାୟତ ସରପଞ୍ଚ ପ୍ରଫୁଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟା ଆରତୀ ଦେଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତଲାପୁର ପଞ୍ଚାୟତର ଗଣେଶପାଟଣା ଗ୍ରାମ ନିକଟସ୍ଥ ଘେରିବନ୍ଧ ମରାମତି, ସାଦକପୁର ଗାଁରେ ପାଣିଟାଙ୍କି ନିର୍ମାଣ ଓ ପଞ୍ଚାୟତରେ ରହିଆସୁଥିବା ବିଦ୍ୟୁତ ସମସ୍ଯା ସମ୍ପର୍କରେ ଏମ୍‌ପି ଓ ବିଧାୟିକାଙ୍କୁ ଅବଗତ କରାଯାଇଥିଲା ।

### ମଦ ଜବତ, ବ୍ୟବସାୟୀ ଗିରଫ

ଛତିଆ,୨୯।୬(ଡି.ଏନ୍.ଏ.): ଚୋରା ମଦ କାରବାର ଅଭିଯୋଗରେ ବୈରୀ ଥାନା ଅନ୍ତର୍ଗତ ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମର ହିମାଂଶୁ ବାରିକଙ୍କୁ ଶନିବାର ପୋଲିସ ଗିରଫ କରିଛି। ଏଥିସହ ୨୫ ଲିଟର ଦେଶୀ ମଦ ଜବତ କରିଛି। କୌଣସି ସୂତ୍ରରୁ ଖବରପାଇ ବୈରୀ ଆଇଆଇସି ନିରଞ୍ଜନ ଶବରଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ଅନିଲ ସାହୁ, ଅଯୋଧା ନାୟକ, ଲକ୍ଷ୍ମଣ ମିଶ୍ର, ନନ୍ଦିନୀ ହେମ୍ବ୍ରମ୍, ହୃଷିକେଶ ପୃଷ୍ଟି ପ୍ରମୁଖ ହିମାଂଶୁଙ୍କ ଘରେ ଚଢାଉ କରିଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି।

### ଚାରାରୋପଣ, ପରିବେଶ ସୁରକ୍ଷା ସଚେତନତା

ଚଣ୍ଡିଖୋଲ,୧୯।୬(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଶନିବାର ପରିବେଶ ସୁରକ୍ଷା ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଅଭିମନ୍ୟୁ ମହାରଣା ଅଧକ୍ଷତା କରିଥିଲେ। ଟିମ୍ ବଡ଼ଚଣା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହାଇକୋର୍ଟର ଯୁବ ଆଇନଜୀବୀ ଅଦ୍ୱିତ୍ୟ ଶତପଥୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବେଳେ ବୃକ୍ଷ ଆମର ପ୍ରକୃତ ବନ୍ଧୁ। ବୃକ୍ଷ ବିନା ମଣିଷ ସମାଜ ତିଷ୍ଠିବା ସମ୍ଭବ ନୁହେଁ। ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୁବ ଓ ଛାତ୍ରବନ୍ଧୁ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଚଣ୍ଡିଖୋଲ ବନପାଳ ଶଶୀକାନ୍ତ ବେହେରା ଯୋଗଦେଇ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲ୍ଲିକ ଓ ଅଧାପକ ପବିତ୍ର ମାହାଲା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ସଞ୍ଜୟ କୁମାର ସିଂହ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଟିମ ବଡ଼ଚଣାର ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକାରୀ ହେଉନି ଜନନୀ ସୁରକ୍ଷା ଯୋଜନା

ରସୁଲପୁର,୨୯।୬(ଡି.ଏନ୍.ଏ.)

ସୁରକ୍ଷିତ ମାତୃତ୍ୱ ଓ ସୁସ୍ଥ ଶିଶୁ ଜନ୍ମ ଉପରେ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି। ଏନେଇ ସରକାର ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କାର୍ଯ୍ୟକାରୀ କରୁଛନ୍ତି। ସରକାରୀ ଡାକ୍ତରଖାନାରେ ପ୍ରସବ କରାଇବା ପାଇଁ ସରକାର ମା’ମାନଙ୍କୁ ଜନନୀ ସୁରକ୍ଷା ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ମଧ ଦେଉଛନ୍ତି । ତେବେ ଏହି ଯୋଜନା ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକାରୀ ହେଉନାହିଁ। ଏଠାରେ ଗର୍ଭବତୀଙ୍କୁ ପ୍ରସବକାଳୀନ ସୁବିଧା ମିଳୁନାହିଁ। ଏହିଭଳି ସମସ୍ୟା ଗତ ୨ବର୍ଷ ହେଲା ଡାକ୍ତରଖାନାରେ ଲାଗି ରହିଆସୁଛି । ଭିତ୍ତିଭୂମୀର ଅଭାବ ଯୋଗୁଁ ରୋଗୀଙ୍କୁ ପ୍ରସବକାଳୀନ ସୁବିଧା ଉପଲବ୍ଧ ହେଉନାହିଁ ବୋଲି କୁହାଯାଉଛି।

ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି କେନ୍ଦ୍ର ଅଧିନରେ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଉପସ୍ଥିତିରେ ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କ ସହାୟତାରେ ଗର୍ଭବତୀ ମହିଳାମାନଙ୍କୁ ନିୟମିତ ଟିକା ପ୍ରଦାନ ଓ ଔଷଧ ପ୍ରଦାନ କରାଯାଉଛି । ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏ ନେଇ ରହିଆସୁଥିବା ସରକାରୀ ସୁବିଧା ସୁଯୋଗ ଉପରେ ପ୍ରସୂତୀ ଓ ଗର୍ଭବତୀଙ୍କୁ ସଚେତନ ମଧ କରାଯାଉଛି । ଗର୍ଭବତୀଙ୍କୁ ସରକାରୀ ଡାକ୍ତରଖାନାରେ ପ୍ରସବ କରାଇବା ପାଇଁ ୧୦୨ ଆମ୍ବୁଲାନ୍ସ ବ୍ୟବହାର କରାଯାଉଛି। ଆଶାକର୍ମୀଙ୍କ ସହାୟତାରେ ସେମାନଙ୍କୁ ସରକାରୀ ଡାକ୍ତରଖାନାରେ ପହଁଚାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଆଶାକର୍ମୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବି ପ୍ରଦାନ କରାଯାଉଛି। ଏହାଛଡ଼ା ଏହି ବର୍ଗର ରୋଗୀମାନଙ୍କୁ ଚିକିତ୍ସା କରିବା ପାଇଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତି ଦିଆଯାଇଛି। ଏସବୁ ସୁବିଧା ମଧୁବନ ସତ୍ତ୍ୱେ ଡାକ୍ତରଖାନାର ଦୁର୍ବଳ ଭିତ୍ତିଭୂମୀ ଯୋଗୁଁ ପ୍ରସବ ସମ୍ଭବ ହେଉନାହିଁ। ପ୍ରସବକାଳୀନ ପ୍ରକୋଷ୍ଠ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏଠାରେ ଉପଲବ୍ଧ ଡାକ୍ତରୀ ଯନ୍ତ୍ରାଂଶ ବ୍ୟବାହର ହେଉ ନ ଥିବାରୁ ଖରାପ ହୋଇଗଲାଣି। ଯାହାକି ବିଭାଗୀୟ ଡାକ୍ତରଙ୍କୁ ବେଶ୍ ସୁହାଉଛି। ସେମାନେ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇ ଚୁପ୍ ବସି ଯାଉଛନ୍ତି। ଅପରପକ୍ଷରେ ରୋଗୀମାନଙ୍କୁ ଆର୍ଥିକ ଚାପର ଶିକାର ହେବାକୁ ପଡୁଛି। ସ୍ଥାନୀୟ ଡାକ୍ତରଖାନାରେ ପ୍ରସବକାଳୀନ ସୁବିଧା ମିଳୁ ନ ଥିବାରୁ ରୋଗୀମାନେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଫଳରେ ସେମାନଙ୍କୁ ଜନନୀ ସୁରକ୍ଷା ଯୋଜନାର ଆର୍ଥିକ ସହାୟତା ୧୪୦୦ଟଙ୍କା ମିଳିପାରୁ ନାହିଁ । ଫଳରେ ସରକାରୀ ଡାକ୍ତରଖାନାରେ ପ୍ରସବ ହାର କମିକମି ଯାଉଛି। ଏହା ଉଭୟ ସୁରକ୍ଷିତ ମାତୃତ୍ୱ ଓ ସୁସ୍ଥ ଶିଶୁ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରୋଗୀକଲ୍ୟାଣ ସମିତି ବୈଠକ ନିୟମିତ ବସୁ ନ ଥିବାରୁ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ପାରୁ ନାହିଁ । ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ କେନ୍ଦ୍ର ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଯାଇଆସୁଛି ବୋଲି ଜଣାପଡିଛି । ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁଧିର କୁମାର ସାହୁଙ୍କୁ ପଚାରିବାରୁ ଜିଲାସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ହୋଇଛି। କୋରେଇ ବିଧାୟକ ଏ ଦିଗରେ ସକରାତ୍ମକ ମନୋଭାବ ପୋଷଣ କରିଛନ୍ତି। ବିଧାନସଭା ଅବଧି ଶେଷ ହେବା ପରେ ରୋଗୀକଲ୍ୟାଣ ସମିତି ବୈଠକ ଡକାଯିବ। ଉକ୍ତ ବୈଠକରେ ଡାକ୍ତରଖାନାରେର ରହିଆସୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ପ୍ରସୂତିକାଳୀନ ସମସ୍ୟାକୁ ଆଲୋଚନାରେ ପ୍ରାଥମିକତା ଦିଆଯିବ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**




## ଜୁଲାଇ ମାସର ଅଭିଯୋଗ ଶୁଣାଣି

ଯାଜପୁର ଅଫିସ,୨୯।୬

ଖରା ମାସ ପରେ ଜୁଲାଇ ୧ ତାରିଖ ଠାରୁ ଅଭିଯୋଗ ଶୁଣାଣି ପୁଣି ଆରମ୍ଭ ହେବ। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ୧ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ମିଳିତ ଅଭିଯୋଗ ଶୁଣାଣି, ୫ତାରିଖରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ ଶିବିର, ୮ ତାରିଖରେ ବରୀ ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୫ତାରିଖରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଶିବିର, ୨୨ ତାରିଖରେ କୋରେଇ ବ୍ଳକରେ ମିଳିତ ଅଭିଯୋଗ ଶୁଣାଣି ଶିବିର, ୨୯ ତାରିଖରେ ଦାନଗଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ମିଳିଛି।

## ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ

# ଆଦାୟ ୭୭ ଲକ୍ଷ, ଖର୍ଚ୍ଚ ୮୬ ଲକ୍ଷ ଟଙ୍କା



ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ମାନପତ୍ରକୁ ଜିଲା ପରିଷଦ ଅଧକ୍ଷ ଏବଂ ଜିଲାପାଳ ଦେଖାଉଛନ୍ତି।

ଯାଜପୁର ଅଫିସ,୨୯।୬

ଜିଲା ରେଡକ୍ରସ ଶାଖାର କାର୍ଯ୍ୟନିର୍ବାହୀ ଓ ସାଧାରଣ କମିଟି ବୈଠକ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଛି । ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରି ରେଡକ୍ରସର ସୃଷ୍ଟି ଦୁଃସ୍ଥ ଓ ଅସହାୟଙ୍କ ସେବା ପାଇଁ ବୋଲି କହିଥିଲେ। ଗତ ବର୍ଷ ଜିଲା ରେଡକ୍ରସର ପାଣ୍ଠି ସଂଗ୍ରହରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରି ରାଜ୍ୟପାଳଙ୍କ ଠାରୁ ସମ୍ବର୍ଦ୍ଧିତ ହେବାର ଗୌରବର କଥା। ସମସ୍ତଙ୍କ ସହଯୋଗରେ ଏହା ଯେପରି ଆହୁରି ସମୃଦ୍ଧ ହେବ ସେଥିପ୍ରତି କାର୍ଯ୍ୟ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ରେଡକ୍ରସ ଏକ ପବିତ୍ର ଓ ସାହାଯ୍ୟକାରୀ ଅନୁଷ୍ଠାନ। ତେଣୁ ପ୍ରତ୍ୟେକ ଏହାକୁ ସହଯୋଗ କରିବାକୁ ଜିଲାପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି ଅନୁରୋଧ କରିଥିଲେ । ପ୍ରାରମ୍ଭରେ ରେଡକ୍ରସର ସମ୍ପାଦକ ତଥା ସହକାରୀ ଜିଲାପାଳ କୁଳମଣି ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା କରିଥିଲେ। ୨୦୧୮-୧୯ ରେ ବିଭିନ୍ନ ବ୍ୟକ୍ତି ବିଶେଷ, ସରକାରୀ ଓ ବେସରକାରୀ ସଂଗଠନ, ଶିଳ୍ପ ସଂସ୍ଥା ଓ ଖଣି ମାଲିକଙ୍କ ଠାରୁ ରେଡକ୍ରସ ପାଇଁ ୭୭,୬୭,୫୦୧ ଟଙ୍କା ଆଦାୟ ହୋଇଥିବାବେଳେ ୮୬,୧୧,୮୩୯ ଟଙ୍କା ବିଭିନ୍ନ ବାବଦରେ ଖର୍ଚ୍ଚ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ସହାୟତା ପାଇଁ ରେଡକ୍ରସ ପକ୍ଷରୁ ୧୨,୪୪,୩୨୦ ଟଙ୍କା ମୂଲ୍ୟର ଅଲଟ୍ରାସାଉଣ୍ଡ ମେଶିନ ଯୋଗାଇ ଦିଆଯାଇଛି। ତେବେ ତାହାକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ସମସ୍ତ ପୋଲିଂ ଅଧିକାରୀଙ୍କୁ ଏନ.ସି. କଲେଜ ଠାରେ ମିଠା ଦହି, ପାଣି, ଲେମ୍ବୁ ପାଣି ଇତ୍ୟାଦି ପ୍ରଦାନ କରାଯାଇଥିଲା। ପ୍ରଚଣ୍ଡ ରୌଦ୍ର ତାପରେ ଏଭଳି ବ୍ୟବସ୍ଥାକୁ ସମସ୍ତେ ପ୍ରଶଂସା କରିଥିଲେ । ଏନ୍‌ସି କଲେଜର ଛାତ୍ରୀମାନଙ୍କ ପାଇଁ ସାନିଟାରୀ ନାପକିନ୍ ଯୋଗାଣ ଓ ବ୍ୟବହୃତ ହେବାପରେ ସେଗୁଡିକୁ ନଷ୍ଟ ପାଇଁ ମେଶିନର ବ୍ୟବସ୍ଥା କରାଯାଇଛି। ୨ଟି ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନକୁ ଅଗ୍ନି ନିର୍ବାପକ ଯନ୍ତ୍ର ପ୍ରଦାନ କରାଯାଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ କୁଆଁରପୁର ପ୍ରାଇମେରୀ ସ୍କୁଲ ଓ ବାଙ୍ଗରା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ୨ ଗୋଟି ସ୍ୱାସ୍ଥ୍ୟ ଶିବିର ଗତବର୍ଷ ଆୟୋଜିତ ହୋଇଛି। ଉତ୍କଳ ବାଳାଶ୍ରମକୁ ୨ଟି ଶୀତତାପ ନିୟନ୍ତ୍ରଣ ମେଶିନ(ଏସି), ଗୋଟିଏ ୱାସିଂ ମେଶିନ ଓ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ବିପର୍ଯ୍ୟୟ ସମୟରେ ସହାୟତା ପାଇଁ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଓ ପ୍ରସ୍ତୁତ କରି ରଖାଯାଇଛି। ଅପରପକ୍ଷରେ ଗୁରୁତର ରୋଗରେ ପୀଡ଼ିତ ଦୁସ୍ଥ ଅସହାୟ ଓ ଗରୀବ ରୋଗୀଙ୍କୁ ନିୟମିତ ଆର୍ଥିକ ସହାୟତା ଓ ଔଷଧ ସହାୟତା ପ୍ରଦାନ କରାଯାଉଛି। ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ଟ୍ରଫି ଓ ମାନପତ୍ରକୁ ଜିଲାପାଳ ଦାସ ସଦସ୍ୟମାନଙ୍କୁ ପ୍ରଦର୍ଶନ କରିଥିଲେ ।

ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ଯୁବକଙ୍କ ମୃତ ଦେହ ଉଦ୍ଧାର, ଥାନାରେ ମା’ ଅଟକ

କଳିଙ୍ଗନଗର,୨୯।୬(ଡି.ଏନ.ଏ)

ଯାଜପୁରରୋଡ ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ନୂଆଗାଁ ଗ୍ରାମର ଗଦାଧର ସାହୁଙ୍କ ପୁଅ ନରେନ୍ଦ୍ର ସାହୁ (୩୦)ଙ୍କ ମୃତ ଦେହ ଘର ନିକଟରୁ ଶନିବାର ସକାଳେ ପୋଲିସ ଜବତ କରିଛି। ମୃତ ନରେନ୍ଦ୍ରଙ୍କୁ ପିଟି ପିଟି ମାରି ଦିଆଯାଇଥିବା ନେଇ ଗାଁ ଲୋକେ ଆଶଙ୍କା କରୁଥିବାବେଳେ ମୃତକଙ୍କ ପାଖରୁ ବିଷ ବୋତଲ ମିଳିବା ଏବଂ ପାଟିରୁ ଫେଣ ବାହାରୁ ଥିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଅନିଲ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୋଲିସ ରେନ୍ଦ୍ରଙ୍କ ମୃତ୍ୟୁ ପଛରେ ହତ୍ୟା ସନ୍ଦେହ କରାଯାଉଥିବାବେଳେ ପୋଲିସ ମୃତ ଯୁବକଙ୍କ ମା’ଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରା ଉଚରା କରୁଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ବେଳେ ପରିବାରର କୌଣସି ସଦସ୍ୟ ଘରେ ନ ଥିବା ପୋଲିସର ସନ୍ଦେହକୁ ବଢ଼ାଇଛି। ପୋଲିସ କହିବା ଅନୁଯାୟୀ ନରେନ୍ଦ୍ରଙ୍କୁ ଶୁକ୍ରବାର ପରିବାର ଲୋକେ ମାରଧର କରିଥିଲେ। ଫଳରେ ନରେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ଦାନଗଦୀ ମେଡ଼ିକାଲରେ ଭର୍ତି କରାଯାଇଥିଲା । ରାତି ୧୦ଟା ସମୟରେ ଘରକୁ ଫେରିଥିଲେ। କିନ୍ତୁ ଶନିବାର ସକାଳେ ତାଙ୍କ ମୃତ ଦେହ ଘର ସାମ୍ନାରେ ପଡ଼ିଥିଲା। ନରେନ୍ଦ୍ର ବିଷ ପିଇ ଆତ୍ମହତ୍ୟା କରିଛନ୍ତି କି ପରିବାର ଲୋକଙ୍କ ମାଡ଼ ଯୋଗୁ ମୃତ୍ୟୁ ଘଟିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ପକ୍ଷରୁ ଏକ ମାମଲା ୧୮୧/୧୯ରେ ରୁଜୁ କରାଯାଇଛି।

## ଗୋକର୍ଣ୍ଣିକାର ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୨୯।୬(ଡି.ଏନ୍.ଏ.)

ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ନିମନ୍ତେ ସାଧାରଣ ପରିଷଦର ଏକ ପ୍ରସ୍ତୁତି ବୈଠକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଶନିବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜୁଲାଇ ମାସ ଶେଷ ସପ୍ତାହରେ ବାର୍ଷିକ ଉତ୍ସବ ଜାରକାଠାରେ ଅନୁଷ୍ଠିତ ହେବ ଓ ଇତି ମଧ୍ୟରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏହି ଅବସରରେ ଧର୍ମଶାଳା ବ୍ଲକର ବାର୍ଦ୍ଧକ୍ୟ ଜନିତ କାର୍ଯ୍ୟଗତ ସୀମିତତା ଉପରେ ଗବେଷଣା କରି କବି ଡକ୍ଟର ତୁହିନାଂଶୁ ରଥ ସଫଳତା ହାସଲ କରିଥିବାରୁ ତାଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସଂସ୍କୃତି ପରିଷଦ ଉପଦେଷ୍ଟା ତଥା ଉତ୍କଳ ସାହିତ୍ୟ ସମାଜ ଜିଲା ଆବାହକ ରୁଦ୍ରନାରାୟଣ ପୃଷ୍ଟି, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧକ୍ଷା ଇନ୍ଦୁପ୍ରଭା ସାମଲ, ଉପସଭାପତି ସୁନାକର ସାହୁ ଡକ୍ଟର ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



ଗୋକର୍ଣ୍ଣିକା ପକ୍ଷରୁ ତୁହିନାଂଶୁ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦୁର୍ଘଟଣାରେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ

ଯାଜପୁରରୋଡ,୨୯।୬(ନି.ପ୍ର.)

ଯାଜପୁରରୋଡସ୍ଥିତ ମାଲ ଗୋଦାମ ରାସ୍ତାରେ ଶନିବାର ଅପରାହ୍ନ ୨ଟାରେ ସାର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଜାବରା ଅଞ୍ଚଳର ଗୋଲଖ ସାହୁ (କୁଲୁ)।

ଖବରପାଇ ଯାଜପୁରରୋଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଛି। ଘଟଣାରୁ ପ୍ରକାଶ ଯେ, ଗୋଲଖ ବେପାର ସାରି ଖାଇବାକୁ ଯାଉଥିଲେ। ମାଲ ଗୋଦାମ ଆଡୁ ଆସୁଥିବା ଏକ ସାର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେବାରୁ ଗୋଲଖଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୧୮୨/୧୯) ରୁଜୁ କରିବା ସହ ଟ୍ରକ୍ ଜବତ କରିଛି।

## ଟମକା-ମଙ୍ଗଳପୁର ରାସ୍ତା ଶୋଚନୀୟ

# ରାସ୍ତା ମରାମତି କଲା ଟାଟା ଷ୍ଟିଲ

କାଳିଆପାଣି,୨୯।୬(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳର ଟମକା-ମଙ୍ଗଳପୁର ରାସ୍ତା ଶୋଚନୀୟ ହୋଇପଡ଼ିଛି। ପ୍ରତିଦିନ ଖଣି ଅଞ୍ଚଳରୁ ଏହି ରାସ୍ତା ଦେଇ ହଜାର ହଜାର କ୍ରୋମାଇଟ ବୋଝେଇ ଟ୍ରକ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଉଥିବାବେଳେ ସରକାର କୋଟିକୋଟି ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି। କାର୍ଯ୍ୟ କରୁଥିବା ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀ ଖଣି ଅଞ୍ଚଳର ବିକାଶ ପାଇଁ ନିଜର ଲାଭାଂଶରୁ କୋଟିକୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରେ ଜମା କରୁଥିବାବେଳେ ଏହା କୌଣସି କାମରେ ଲାଗୁନାହିଁ। ଅନ୍ୟପକ୍ଷରେ ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ଟମକା-ମଙ୍ଗଳପୁର ରାସ୍ତାର କରି ତଃ କଲରଙ୍ଗୀ ଫେକର ଗେଟଠାରୁ କଅଁସ ପର୍ଯ୍ୟନ୍ତ ମୁଖ୍ୟ ବଜାର ଦେଇ ଯାଉଥିବା ରାସ୍ତାରେ ଆଣ୍ଠୁଏ ଲେଖାଏ ଗର୍ତ୍ତ ଦେଖିବାକୁ ମିଳିଛି। ଆଗକୁ ରଥଯାତ୍ରା ଥିବାରୁ ଏହି ରାସ୍ତା ମରାମତି ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ହେଁ ଜିଲା ପ୍ରଶାସନ ନିଦାବିଷ୍ଟ ସାଜିଛି। ଟାଟାଷ୍ଟିଲ ପରିଚାଳିତ ଟିସ୍କୋ ଜଗନ୍ନାଥ ମନ୍ଦିରରୁ ରଥ ଏହି ରାସ୍ତା ଦେଇ ଯିବାକୁ ଥିବାରୁ ଟାଟା ଷ୍ଟିଲ ପକ୍ଷରୁ ରାସ୍ତା ମରାମତି ହୋଇଛି। ରଥଯାତ୍ରାକୁ ସୂଚାରୁରୂପେ ପାଳନ ପାଇଁ ଟାଟଷ୍ଟିଲ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଟାଟାଷ୍ଟିଲ ପକ୍ଷରୁ ରାସ୍ତା କାମ କରାଯାଉଛି।

## ମହାବିଦ୍ୟାଳୟ ପରିଚାଳନାରେ ମନମୁଖି କାର୍ଯ୍ୟ

# ଖାଲିପଡ଼ିଛି ୩୬ ଅଧାପିକା ଅଧାପକ ପଦବୀ

ଯାଜପୁରରୋଡ,୨୯।୬(ନି.ପ୍ର.)

**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**



- ୮୦ ଅଧାପିକା ଅଧାପକ ପରିବର୍ତ୍ତେ ଅଛନ୍ତି ୪୪
- ୪ ବର୍ଷ ହେଲା ମିଳିନି ବିଶ୍ୱବିଦ୍ୟାଳୟ ଅନୁଦାନ ପାଣ୍ଠି

ଯାଜପୁରରୋଡସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଗତ ଦିନରେ ଏହି ମହାବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ଓ ପରୀକ୍ଷା ପରିଚାଳନାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସୁନାମ ଅର୍ଜନ କରିଥିଲା। ଏହି ମହାବିଦ୍ୟାଳୟ ୧୯୬୬ରେ ପ୍ରତିଷ୍ଠା ହୋଇଥିଲା। ଯାଜପୁର ଜିଲା ସମେତ ଅନ୍ୟ ଜିଲାର ଛାତ୍ରୀଛାତ୍ର ଏହି ମହାବିଦ୍ୟାଳୟକୁ ଆସିଥାନ୍ତି। ଏଠାରୁ ଶିକ୍ଷା ସାରି ବହୁ ଛାତ୍ରୀଛାତ୍ର ରାଜ୍ୟ ଓ ଦେଶର ବିଭିନ୍ନ ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ହେଲେ ଗତ ୪ ବର୍ଷ ହେଲା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରିଚାଳନା କ୍ଷେତ୍ରରେ ମନମାନୀ ଯୋଗୁ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଶାସନଗତ ବିଶୃଙ୍ଖଳା ଦେଖାଦେଇଛି। ଏହି ମହାବିଦ୍ୟାଳୟରେ ୮୦ ଜଣ ଅଧାପିକା ଅଧାପକଙ୍କ ଆବଶ୍ୟକ ଥିବାବେଳେ ୪୪ ଜଣ ରହିଛନ୍ତି ଓ ୩୬ ପଦବୀ ଖାଲିପଡିଛି। ଇତିହାସ ବିଭାଗରେ ୬ ଅଧାପକ ମଧ୍ୟରୁ ୬ଟି ପଦବୀ ଖାଲିପଡିଛି। ବାଣିଜ୍ୟ ବିଭାଗରେ ୩, ଉଦ୍ଭିଦ ବିଜ୍ଞାନରେ ୨, ପ୍ରାଣୀ ବିଜ୍ଞାନରେ ୩, ଇଂଲିଶ ବିଭାଗରେ ୬, ଓଡ଼ିଆ ବିଭାଗରେ ୩, ଶିକ୍ଷା ବିଭାଗରେ ୧, ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗରେ ୧, ଅର୍ଥଶାସ୍ତ୍ରରେ ୨, ରାଜନୀତି ବିଜ୍ଞାନ ବିଭାଗରେ ୧, ପଦାର୍ଥ ବିଜ୍ଞାନରେ ୨, ରସାୟନ ବିଜ୍ଞାନରେ ୧ ପଦବୀ ଖାଲିପଡ଼ିଛି। ସେହିପରି ଗଣିତ ବିଭାଗରେ ୨, ତର୍କ ଓ ଦର୍ଶନଶାସ୍ତ୍ରରେ ୩ ପଦବୀ ଖାଲିପଡିଛି। ଫଳରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଏହି ମହାବିଦ୍ୟାଳୟକୁ ୪ ବର୍ଷ ଧରି ବିଶ୍ୱବିଦ୍ୟାଳୟ ଅନୁଦାନ ପାଣ୍ଠି ମିଳିନାହିଁ। ପୂର୍ବତନ ଅଧକ୍ଷମାନେ ଅନୁଦାନ ପାଣ୍ଠି ଅର୍ଥ ବିନିଯୋଗ ପ୍ରମାଣପତ୍ର ଦେଇ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ମହାବିଦ୍ୟାଳୟର ବିକାଶ ବାଧାପ୍ରାପ୍ତ ହେବା ସହ ଶ୍ରେଣୀଗୃହର ଅଭାବ ଦେଖାଦେଇଛି। ୨୦୧୯ ସୁଦ୍ଧା ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଯାଇଥିବାରୁ ପୁନଃ ମାନ୍ୟତା ପାଇବା ପାଇଁ ଆନୁଷଙ୍ଗିକ କାଗଜପତ୍ର ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପୁରାତନ ଛାତ୍ରସଂଘ ସଭାପତି ବିଦ୍ୟାଧର ମହାନ୍ତି କୁହନ୍ତି, ପୂର୍ବତନ ଅଧକ୍ଷଙ୍କ ସମୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ପାଣ୍ଠିର ପ୍ରମାଣପତ୍ର ଠିକ୍ ସମୟରେ ଦାଖଲ ନ ହେବାରୁ ମହାବିଦ୍ୟାଳୟ ବିକାଶ ବାଧାପ୍ରାପ୍ତ ହୋଇଛି। ଏହି ଅନୁଦାନ ପାଣ୍ଠିର ତଦନ୍ତ କରାଯାଉ। କଲେଜର ଅଧକ୍ଷ ମେଜର ଆବୁ ତାହେଙ୍କୁ ପଚାରିବାରୁ, ଅଧାପକ ପଦବୀ ଖାଲି ଥିବା ଘଟଣା ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ପାଣ୍ଠିର ପ୍ରମାଣପତ୍ର ଦାଖଲ ପାଇଁ କାର୍ଯ୍ୟ ଚାଲୁରହିଛି ବୋଲି କହିଥିଲେ। ତୁରନ୍ତ ପଦବୀଗୁଡିକୁ ପୂରଣ କରିବା ପାଇଁ ପୁରାତନ ଛାତ୍ରସଂଘ ଓ କଲେଜର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି କରାଯାଉଛି।

■ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ିକୁ ପ୍ରଶ୍ରୟ ନ ଦେବା ପାଇଁ ସଚେତନତା

# ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ

ରଣପୁର,୨୯।୬(ସ୍ୱ.ପ୍ର.)



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଆଧୁନିକ ଯୁଗରେ ଚୋର ଧରିବା ପାଇଁ ଖଟ ବୁଲାଇବା, ଗୁଣି, ଗାରେଡ଼ି କରିବା ଭଳି ଅନ୍ଧବିଶ୍ୱାସ ଏବେ ବି ଲୋକଙ୍କ ମନରେ ଅଳନ୍ଧୁ ପରି ଲାଗିରହିଛି । ଏଥିରୁ ନୟାଗଡ଼ ଜିଲା ଅନ୍ତର୍ଗତ ରଣପୁର ବ୍ଲକ ମଧ୍ୟ ବାଦ ପଡିନାହିଁ । ଏଭଳି କୁସଂସ୍କାର, ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିକୁ ପ୍ରଶ୍ରୟ ନ ଦେଇ ଏଥିରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମାନସିକତାରେ ସୁପରିବର୍ତ୍ତନ ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସଚେତନତା ବୈଠକରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚୋର ଧରିବା ପାଇଁ ଖଟ ବୁଲାଇବା ଘଟଣା କିଛି ଦିନ ପୂର୍ବେ ଏଠାରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା । ତେଣୁ ଜିଲା ପ୍ରଶାସନ ଓ ପୋଲିସ ବିଭାଗ ସହଯୋଗରେ ଶନିବାର ସୁନାଖଳା ପଞ୍ଚାୟତସ୍ଥ କୋଟଗଡ଼ଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କୋଟଗଡ ଆଶ୍ରମ ବିଦ୍ୟାଳୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀ, ଶରଣକୁଳ ଏସ୍‌ଡିପିଓ ସାଲାଭାୟନ୍ ଟପୋ, ରଣପୁର ବିଡିଓ ରଶ୍ମିରେଖା ଦାସ, ଅଲ୍ ଇଣ୍ଡିଆ ରେଡିଓ ଡେପୁଟି ଡାଇରେକ୍ଟର ସୁଧାଂଶୁ ଶେଖର ଧଡା, ଓଡ଼ିଶା ହେତୁବାଦୀ ସମିତି ଅଧକ୍ଷ ଦେବେନ୍ଦ୍ର ସୂତାର, ଖୋର୍ଦ୍ଧା ବନ୍ୟ ପ୍ରାଣୀ ସୁରକ୍ଷା ମଞ୍ଚର ସଭ୍ୟ ଧନେଶ୍ୱର ବିଧାର, ସରପଞ୍ଚ ସସ୍ମିତା ସାହୁ, ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବୀ ତଥା ଆମ ପୋଲିସ ସମିତିର ସଭାପତି ଦିଲୀପ କୁମାର ନନ୍ଦ ଏହି ଜନସଚେତନତା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କଙ୍ଗାରୁ କୋର୍ଟ କରିବା, ଖଟ ବୁଲାଇବା, ଗୁଣି, ଗାରେଡ଼ି କରିବା ଭଳି ଅନ୍ଧବିଶ୍ୱାସ ଓ ଆଇନ ବିରୋଧୀ ଘଟଣାରୁ ଦୂରେଇ ରହିବା ପାଇଁ ମାନସିକତାରେ ପରିବର୍ତ୍ତନ ଲାଗି ବୈଠକରେ ଆହ୍ୱାନ ଦିଆଯାଇଥିଲା । ବିଜ୍ଞାନ ଯୁଗରେ ଆମେ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ଥିବାବେଳେ ଗ୍ରାମାଞ୍ଚଳବାସୀ ନିଜର ମାନସିକତାରେ ପରିବର୍ତ୍ତନ ଆଣିବାକୁ ଅତିଥିମାନେ କହିଥିଲେ। ବିଜ୍ଞାନଭିତ୍ତିକ ବିଭିନ୍ନ କୌଶଳ ଦ୍ୱାରା ଗୁଣିଆ କିପରି ଲୋକଙ୍କୁ ଠକିଚାଲେ ସେ ସମ୍ପର୍କରେ ଧଡ଼ା ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ବିଶ୍ୱାସ ନ କରି ଯେଉଁଠାରେ ଏଭଳି ଘଟଣା ଦେଖିବାକୁ ମିଳେ ତାହା ପ୍ରଶାସନକୁ ଜଣାଇଲେ ତୁରନ୍ତ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ତଥା ବିଧାୟକ ପ୍ରଧାନ ବକ୍ତବ୍ୟ ରଖିଥିଲେ, ଗ୍ରାମବାସୀ କଙ୍ଗାରୁକୋର୍ଟ କରି ନିରୀହ ଲୋକଙ୍କୁ ଦଣ୍ଡଦେବା ବନ୍ଦ କରିବା ସହ ଆଇନକୁ ନିଜ ହାତକୁ ନିଅନ୍ତୁ ନାହିଁ। ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ସାମାଜିକ କର୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨ହଜାରରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ, ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ରକ୍ଷାକରିବା ପାଇଁ ବ୍ୟାପକ ପୋଲସ ଫୋର୍ସ ମୁତୟନ କରାଯାଇଥିଲା ।

## ନିଶା କାରବାର ବୃଦ୍ଧି ନେଇ ମହିଳାଙ୍କ ଅଭିଯୋଗ

ସଚେତନତା କାର୍ଯ୍ୟକ୍ରମ ଚାଲିଥିବାବେଳେ ହଠାତ୍ ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ସୁନାଖଳା ଅଞ୍ଚଳରେ ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ଆଦି ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପୋଲିସ ଓ ଅବକାରୀ ବିଭାଗକୁ ଏ ନେଇ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ବ୍ରାଉନ୍‌ସୁଗାର ଖାଇ କିଛିମାସ ତଳେ ସୁନାଖଳା ଅଞ୍ଚଳର ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଥିଲେ । ମହିଳା ଜଣକ କହୁଥିବାବେଳେ ସଭାରେ ହୋହଲ୍ଲା ଓ ପାଟିତୁଣ୍ଡ ଶୁଣିବାକୁ ମିଳିଥିଲା। ତେବେ ଏସ୍‌ପି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଶାନ୍ତ ପଡିଥିଲେ । ଉଲ୍ଲେଖଯୋଗ୍ୟ, ନିଶା ବ୍ୟବସାୟ ନିମନ୍ତେ ଅବକାରୀ ଓ ପୋଲିସ କର୍ମଚାରୀଙ୍କୁ ମୋଟା ଟଙ୍କାର ଲାଞ୍ଚ ଦିଆଯାଉଛି ବୋଲି କେତେଜଣ ସ୍ଥାନୀୟ ଲୋକେ ମଧ ଅଭିଯୋଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ଗଛରେ ପୋଲ**
**ଅତି କଷ୍ଟରେ ପିଞ୍ଜରା ଦିଶିଲା**
**ଜର କଲା ବୋଲି ବୋଲ ।**

ଓଲୁଅ ଗଛ କାଣ୍ଡ ପୋଲା। ଉପରଟା ଛାପି ଛାପିକିଆ, ସାପ ପରି ଦିଶୁଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ଖାଇବାକୁ ନ ପାଇ ଉପାସ ରହି ଅସ୍ଥି କଙ୍କାଳମୟ ଦିଶୁଥିବା ବ୍ୟକ୍ତି ସତକଥାକୁ ଲୁଚାଇବା ପାଇଁ ଜରରେପଡ଼ି ପିଞ୍ଜରାହାଡ଼ ସବୁ ଦେଖାଯାଉଥିବାର ମିଛ ବାହାନା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ପାଟିକି ପାନ ଗଲା**
**ପାନ କହିଲା ମୋ ପ୍ରାଣ ଗଲା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଯିଏ କେବେ ପାନ ଖାଏ ନାହିଁ, ସେ ନୂଆକରି ପାନ ଖିଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ନୂଆଗାଁ ବ୍ଲକ: ଦୀର୍ଘବର୍ଷ ପରେ ବି ହେଉନି ବଦଳି

# କର୍ମଚାରୀଙ୍କୁ ଛାଡୁନି ଚେୟାର ମୋହ

ନୂଆଗାଁ,୨୯।୬(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଚେୟାର ମୋହକୁ ନେଇ ଚର୍ଚ୍ଚା ହେଉଛି । ଦୀର୍ଘବର୍ଷ ଧରି କର୍ମଚାରୀମାନେ ଗୋଟିଏ ସ୍ଥାନରେ ରହିଥିଲେ ମଧ୍ୟ ସେମାନଙ୍କର ବଦଳି ହେଉନାହିଁ। ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ,ରାଜସ୍ୱ ବିଭାଗ,ବିଦ୍ୟାଳୟ,ଡାକ୍ତରଖାନା,ଥାନା ଆଦି କାର୍ଯ୍ୟାଳୟଗୁଡିକରେ ଅନେକ କର୍ମଚାରୀ ଦୀର୍ଘବର୍ଷ ହେଲା ରହିଥିଲେ ମଧ୍ୟ ଅନ୍ୟତ୍ର ବଦଳି ହେଉନାହାନ୍ତି। ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ରହିବା ଫଳରେ ସେମାନେ ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହେଉଛି । କୌଣସି କର୍ମଚାରୀ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିବାର ସରକାରୀ ନିୟମ ନ ଥିବା ବେଳେ ଏଠାରେ କର୍ମଚାରୀ ୧୨ ବର୍ଷ ହେଲା ରହିଥିବାର ଦେଖିବାକୁ ମିଳୁଛି । କେବଳ କର୍ମଚାରୀ ନୁହନ୍ତି କିଛି ଅଧିକାରୀ ମଧ୍ୟ ଚାରିବର୍ଷରୁ ଅଧିକ ଦିନ ଧରି ଗାଦି ମାଡି ବସିଥିବାର ଦେଖିବାକୁ ମିଳୁଛି ।ଏହି କର୍ମଚାରୀମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ସାଧାରଣ ଲୋକେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍କୁଲରେ ମଧ୍ୟ ଏପରି ଦୀର୍ଘବର୍ଷ ଧରି ରହିଥିବା ଅଭିଯୋଗ ହେଉଛି। ୮/୧୦ ବର୍ଷ ଗୋଟିଏ ସ୍କୁଲରେ ରହିଲା ପରେ ବି ନିଜ ଘର ପାଖ ସ୍କୁଲ ବୋଲି ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବଦଳି ସମୟରେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କୁ ହାତେଇ ନେଉଛନ୍ତି । ବଦଳି ହେବା ଦୂରର କଥା ସେମାନେ ନିଜର କାର୍ଯ୍ୟ ମଧ୍ୟ ଠିକ ଭାବରେ ନ କରି ଅଧିକାଂଶ ସମୟ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି । ଯେଉଁଥିପାଇଁ ସ୍କୁଲଗୁଡିକରେ ପାଠପଢା ଠିକ୍‌ରେ ନ ହେବା ସାଙ୍ଗକୁ ନାନା ପ୍ରକାର ବିଶୃଙ୍ଖଳା ଦେଖା ଦେଉଛି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଶିବ ଶଙ୍କର ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି କେବଳ ନୂଆଗାଁ ନୁହେଁ ସାରା ଓଡିଶାରେ ଏହି ସମସ୍ୟା ଲାଗି ରହିଛି। ଏ ବିଷୟରେ ମୁଁ ତଦନ୍ତ କରି କିଛି ବ୍ୟବସ୍ଥା କରିବି । ସେହିପରି ଦୀର୍ଘବର୍ଷ ଧରି ରହିଥିବା ସମନ୍ୱିତ ଶିଶୁ ପ୍ରକଳ୍ପ କର୍ମଚାରୀଙ୍କ ବଦଳି ବିଷୟରେ ଜିଲା ସମାଜମଙ୍ଗଳ ଅଧିକାରୀ ଭୋଳେଶ୍ୱର କହଁରଙ୍କୁ ପଚାରିବାରେ ସେ କୁହନ୍ତି, ଯେଉଁମାନେ ଅଧିକ ବର୍ଷ ରହିଲେଣି ସେମାନଙ୍କ ଅନ୍ୟତ୍ର ବଦଳି କରିବା ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ।

# ଜୁଆ ଆଡ୍ଡାରେ ଚଢ଼ାଉ, ୫ ବାଇକ୍ ଜବତ


ଜବତ ବାଇକ୍।

ଓଡ଼ଗାଁ,୨୯।୬(ସ୍ୱ.ପ୍ର.)

ଓଡ଼ଗାଁ ଥାନା ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ଗ୍ରାମ ନିକଟ ଏକ ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୫ ବାଇକ୍ ଜବତ କରିଛି । ଏହି ପଞ୍ଚାୟତ ଅନ୍ତର୍ଗତ ମାଳିଆଖୋଲା ଓ ଲଣ୍ଡାବାଦୁ ମଝିରେ ଥିବା ଖରୁଡାତୋଟାରେ ଜୁଆ ଖେଳ ଚାଲିଥିବା ସ୍ଥାନୀୟ ପୋଲିସ ସୂଚନା ପାଇଥିଲା। ଶନିବାର ସନ୍ଧ୍ୟାରେ ପୋଲିସ ଏଏସ୍‌ଆଇ ରମେଶ କୁମାର ବେହେରା କର୍ମଚାରୀଙ୍କ ସହିତ ଉକ୍ତ ସ୍ଥାନରେ ଚଢାଉ କରିଥିଲେ। ହେଲେ ଜୁଆଡିମାନେ ଜାଣିପାରି ସେଠାରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ ସେଠାରୁ ୫ ବାଇକ୍ ଜବତ କରିଛି। ବାଇକ୍ ମାଲିକଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି । ଜବତ ହୋଇଥିବା ବାଇକ୍‌ଗୁଡିକ ହେଲା ଓଡି୨୫ବି-୧୧୪୬, ଓଡି୨୫ଜି୪୮୯୭, ଓଡି୨୫ସି୪୨୫୭, ଓଆର୨୫ସି୨୭୨୬ ଓ ଓଡି୨୫ଏ୬୨୦୩। ପୋଲିସ ଏ ନେଇ ଏକ ମକଦ୍ଦମା ରୁଜୁ କରିଥିବା ସୂଚନା ଦେଇଛି।

# ବିଭିନ୍ନ ସ୍କୁଲରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

ଓଡ଼ଗାଁ,୨୯।୬(ସ୍ୱ.ପ୍ର.)

ଓଡ଼ଗାଁ ଓ ନୂଆଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ରାଜ୍ୟ ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି ନିର୍ଦ୍ଦେଶାନୁସାରେ ଶୁକ୍ରବାର ଅଭିଭାବକ, ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନେକ ସ୍କୁଲରେ ବହୁ ସଂଖ୍ୟାରେ ଅଭିଭାବକ ଅଂଶଗ୍ରହଣ କରିଥିବାବେଳେ ଆଉ କେତେକ ସ୍କୁଲରେ ଉପସ୍ଥାନ ନିମ୍ନମାନର ରହିଥିଲା। ଏଥିନିମନ୍ତେ ସେମାନଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ବିଭିନ୍ନ ସ୍କୁଲରେ ଅନୁଷ୍ଠିତ ସମ୍ମିଳନୀରେ ପିଲାଙ୍କ ଉପସ୍ଥାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ନିମନ୍ତେ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅଭିଭାବକମାନେ ସ୍କୁଲରେ ଆବଶ୍ୟକ ଶିକ୍ଷକ ପଦବୀ ସରକାର ଯଥା ଶୀଘ୍ର ପୂରଣ କରିବାକୁ ଦାବି କରିଥିଲେ। ଏହାଦ୍ୱାରା ସରକାରୀ ସ୍କୁଲରେ ଉପସ୍ଥାନ ବୃଦ୍ଧି ପାଇବା ସହିତ ବେସରକାରୀ ସ୍କୁଲ ପ୍ରତି ପିଲା ଓ ଅଭିଭାବକଙ୍କ ଦୁର୍ବଳତା ହ୍ରାସ ପାଇବ । ଏଥିପ୍ରତି ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାରମ୍ଭ କରିବା ଆବଶ୍ୟକ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଥିଲେ । ଏହା ସହିତ ବିଦ୍ୟାଳୟର ଶିକ୍ଷକମାନଙ୍କ ଉପରେ ଅଯଥା ଲଦି ଦିଆଯାଉଥିବା ରାଜନୈତିକ ଚାପରୁ ସେମାନଙ୍କୁ ମୁକ୍ତ ରଖିବାକୁ କେତେକ ସ୍ଥାନରେ ମତପ୍ରକାଶ ପାଇଥିଲା । ସ୍କୁଲରେ ଫେଲ୍ ପରମ୍ପରା ପୁନଃ ଚାଲୁ କରିବା ଦ୍ୱାରା ପିଲାଙ୍କ ମାନ ବୃଦ୍ଧି ପାଇବ। ରାଜ୍ୟ ସରକାର ଏ ନେଇ ଘୋଷଣା କରିଥିବାରୁ ଏହାର ସୁଫଳ ପରବର୍ତ୍ତୀ ବର୍ଷମାନଙ୍କରେ ପ୍ରତିଫଳିତ ହେବା ସମ୍ଭାବନା ରହିଛି। ସେହିପରି ବହୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ କମ୍ ଅଛନ୍ତି। ସେଠାରେ ଶିକ୍ଷକ ପଦବୀ ପୂରଣ କରିବା ପରିବର୍ତ୍ତେ ବହୁ ସ୍କୁଲରେ ଅନାବଶ୍ୟକ ସ୍ଥଳେ ଶିକ୍ଷକମାନଙ୍କୁ ଅବସ୍ଥାପିତ କରିବା ନଜିର ରହିଛି । ଏ ନେଇ ଜିଲା ଓ ବ୍ଲକ ସ୍ତରରୁ ଉଦ୍ୟମ ହେବା ଆବଶ୍ୟକ। ଆଗାମୀ ଦିନରେ ଏହିପରି ସମ୍ମିଳନୀ କରିବା ସହିତ ପ୍ରତି ସ୍କୁଲରୁ ସମ୍ମିଳନୀରେ ମତପ୍ରକାଶ ପାଇଥିବା ନିଷ୍ପତ୍ତିକୁ ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏହାର ସୁଫଳ ଅବଶ୍ୟମ୍ଭାବୀ ବୋଲି ମତପ୍ରକାଶ ପାଇଥିଲା।

## ଶିକ୍ଷକ ପଦବୀ ପୂରଣ ଦାବି

## ସରକାରୀ ଜମି ଅବରୋଧ ନେଇ ଅସନ୍ତୋଷ

**ଜଟଣୀ, ୨୯।୬(ଡି.ଏନ.ଏ.):** ସରକାରୀ ଜମିଉପରେ ଏକ ବିଲ୍‌ଡର ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଥିବାରୁ ଚାଷଜମିକୁ ବର୍ଷାପାଣି ଯାଇପାରୁନି। ଏଥିଯୋଗୁଁ ସର୍ବସାଧାରଣ ରାସ୍ତା ଅବରୋଧ ସହ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ଜଟଣୀ ତହସିଲର ଛତାବର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଏପରି ସମସ୍ୟା ଉପୁଜିଛି। ସମ୍ପୃକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁ ଡେଙ୍ଗଙ୍କ ନେତୃତ୍ୱରେ କେତେଜଣ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday and Saturday

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫0 ଲକ୍ଷ, ଭଡ଼ା ୫0,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ



## ସଂକ୍ଷେପରେ

### ଯୁବକଙ୍କୁ ଅପହରଣ କରି ମାଡ଼ ମାରିବା ଘଟଣା ମୁଖ୍ୟ ଅଭିଯୁକ୍ତ ଗିରଫ

**ନୟାଗଡ଼ ଅଫିସ,୨୯।୬:** ଜଣେ ଯୁବକଙ୍କୁ ଅପହରଣ କରି ମାଡ଼ ମାରିବା ଘଟଣାରେ ଇଟାମାଟି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଇଟାମାଟି ପାଇକସାହିର ବନି ପ୍ରଧାନ। ପ୍ରକାଶ ଯେ, ଇଟାମାଟି ବଡ଼ଟାଙ୍ଗିପାଟଣା ସାହିର ମନୋଜ କୁମାର ସାହୁ ତେଜରାତି ଦୋକାନ କରିଛନ୍ତି। ଗତ ୧୭ ତାରିଖ ରାତି ୧୦ଟା ୩୦ରେ ମନୋଜ ଦୋକାନ ବନ୍ଦ କରୁଥିବା ସମୟରେ ସହଯୋଗୀଙ୍କ ସହ ବନି ସେଠାରେ ପହଞ୍ଚି ମନୋଜଙ୍କୁ ମାଡ଼ ମାରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ପଣ୍ଡୁସର ସୁନାଲଟି ରାସ୍ତାରେ ପକାଇ ପଳାଇ ଯାଇଥିଲେ। ମନୋଜଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗ କ୍ରମେ ପୋଲିସ ବନି ସମେତ ୭ଜଣଙ୍କ ନାମରେ ଥାନାରେ ମାମଲା (ନଂ.୯୦/୧୯) ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ ବନି ଶୁକ୍ରବାର କାଳିକାପ୍ରସାଦ ଗ୍ରାମରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅନ୍ୟ ୬ ଜଣ ଫେରାର ଅଛନ୍ତି।

### ବିଦ୍ୟୁତ୍ ଆଘାତରେ ନାବାଳକ ଗୁରୁତର

**ନୟାଗଡ଼ ଅଫିସ/ଗଣିଆ (ଡି.ଏନ.ଏ.),୨୯।୬:** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ଅକୁରାବନ୍ଧ ଗ୍ରାମର ଜ୍ଞାନ ରଞ୍ଜନ ସାହୁ (୧୬)। ଜ୍ଞାନରଞ୍ଜନ ଗଣିଆ ଅଞ୍ଚଳର ଏକ ଟେଣ୍ଟ ହାଉସରେ କାମ କରନ୍ତି। ରବିବାର ଗଣିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ବାହାଘର ଥିବାବେଳେ ଶନିବାର ଏଥିପାଇଁ ଟେଣ୍ଟ ବନ୍ଧା ହେଉଥିଲା। ଜ୍ଞାନରଞ୍ଜନ ଲାଇଟ୍ ଫିଟିଂ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ଗଣିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### କୃତୀ ଛାତ୍ରୀଛାତ୍ର, ମାତାପିତାଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬(ଡି.ଏନ.ଏ.):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୩ ଜଣ ଛାତ୍ରୀଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୁରାତନ ଛାତ୍ର ସଂସଦ ତରଫରୁ ଏହି କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ମାତାପିତାଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ ସଭାରେ ଅଧକ୍ଷତା କରିଥିଲେ। ଉପସଭାପତି ଡା. ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ■ ନୟାଗଡ଼ରେ ବଜ୍ରପାତ ବିପତ୍ତି

# ୪ ବର୍ଷରେ ଗଲାଣି ୨୭ ଜୀବନ

**ନୟାଗଡ଼ ଅଫିସ,୨୯।୬**

ବଣପାହାଡ଼ ଘେରା ନୟାଗଡ଼ ଜିଲାରେ ବିଭିନ୍ନ ସମୟରେ ବଜ୍ରପାତ ବିପତ୍ତି ଦେଖିବାକୁ ମିଳୁଛି। ଆଉ ଏଥିରେ କେତେକଙ୍କ ଅକାଳ ମୃତ୍ୟୁ ହେଉଥିବାବେଳେ କେତେକ ଗୁରୁତର ହେଉଛନ୍ତି। ୨୬ ଜୁଲାଇ୨୦୧୮ରେ ନୟାଗଡ଼ ବ୍ଲକ ଗଦାଧରପ୍ରସାଦ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନ ବିଲକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୬ ସେପ୍ଟେମ୍ବର ୨୦୧୮ରେ ନୂଆଗାଁ ବ୍ଲକ ଖାଲମଡ଼ା ଗ୍ରାମର ଦୟା ଦିହୁଡ଼ି ବିଲରୁ ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ୨ଦିନ ତଳେ ଗୁରୁବାର ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ଗ୍ରାମର ନିରଞ୍ଜନ ଦୀକ୍ଷିତ (୨୭) ବିଲରେ ଗାଈ ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ଜିଲାରେ ବିଶେଷକରି ଏପ୍ରିଲ, ମେ, ଜୁନ୍ ମାସରେ ଅଧିକ ବଜ୍ରପାତ ଘଟୁଥିବା ଜଣାପଡ଼ିଛି।



ବଜ୍ରପାତରେ ଓଡ଼ଗାଁ ବ୍ଲକ ଅଞ୍ଚଳରେ ଏକ ନଡ଼ିଆ ଗଛ ଜଳୁଥିବା ଦୃଶ୍ୟ (ଫାଇଲ ଫଟୋ)।

ଜିଲା ଜରୁରିକାଳୀନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪ବର୍ଷରେ ବଜ୍ରପାତରେ ୨୭ ଜଣଙ୍କ ଜୀବନ ହାନି ଘଟିଛି। ୨୦୧୬ରେ ୯, ୨୦୧୭ରେ ୭, ୨୦୧୮ରେ ୯ ଓ ୨୦୧୯ ବର୍ତ୍ତମାନ ସୁଦ୍ଧା ୨ଜଣଙ୍କ ମୃତ୍ୟୁ ଘଟିଛି। ଦଶପଲ୍ଲା ବ୍ଲକରେ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ। ବଜ୍ରପାତ ଯୋଗୁ କେବଳ ଯେ ମଣିଷଙ୍କ ମୃତ୍ୟୁ ଘଟୁଛି ତା'ନୁହେଁ, ପ୍ରାଣୀସମ୍ପଦ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି। ଦୁଇଦିନ ତଳେ ରଣପୁର ବ୍ଲକ ଚମ୍ପାପେଡ଼ି ଗ୍ରାମ ଆମ୍ବତୋଟାରେ ବଜ୍ରପାତରେ ଗୋଟିଏ ଷଣ୍ଢ ଓ ୩ଟି ଗାଈଙ୍କ ମୃତ୍ୟୁ ଘଟିଥିଲା। ୪ବର୍ଷରେ ପାଖାପାଖି ୩୦୦ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗତ ମେ ୨୦ ତାରିଖରେ ବଜ୍ରପାତରେ ଓଡ଼ଗାଁ ସିନେମା ହଲ୍ ଛକରେ ଥିବା ଏକ ନଡ଼ିଆ ଗଛ ପୋଡ଼ିଯାଇଥିଲା।

### ସତର୍କ ରହିବା ଜରୁରୀ: ସିଡିଏମ୍ଓ

ପରିବେଶବିତ୍ଙ୍କ କହିବା ଅନୁସାରେ ଅଧିକାଂଶ ସମୟରେ ସଚେତନତା ଅଭାବରୁ ଜିଲାରେ ବଜ୍ରପାତ ମୃତ୍ୟୁ ଘଟୁଛି। ତେଣୁ ବିଭାଗ ପକ୍ଷରୁ ଏ ନେଇ ଗ୍ରାମ ଲୋକମାନଙ୍କୁ ସଚେତନ କରାଇବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ଶ୍ୱେତକୁମାର ମହାପାତ୍ର କହନ୍ତି, ଯଦି କୌଣସି ବ୍ୟକ୍ତି ବଜ୍ରପାତର ଶିକାର ହୁଅନ୍ତି ତେବେ ତୁରନ୍ତ ତାଙ୍କୁ ମେଡ଼ିକାଲ ଅଣାଯିବା ଦରକାର। ଯଦ୍ୱାରା ଚିକିତ୍ସା କରାଯାଇ ତାଙ୍କୁ ସୁସ୍ଥ କରାଯାଇପାରିବ। ସେହିପରି ବଜ୍ରପାତରେ ଯଦି କିଛି ଅଘଟଣ ଘଟିଛି ତା'ହେଲେ ମଧ୍ୟ ଚିକିତ୍ସାଳୟକୁ ଆଣିବା ଦରକାର। ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହାଛଡା ବଜ୍ରପାତ ସମୟରେ ମୋବାଇଲ୍ରେ ବିଭିନ୍ନ ସୂଚନା ଆସୁଛି। କାଳବୈଶାଖୀ ନେଇ ମୋବାଇଲ୍ରେ ଯଦି ନିଜ ଅଞ୍ଚଳର ବଜ୍ରପାତର ଆଶଙ୍କା ଥିବା ସୂଚନା ଆସୁଛି ସେତେବେଳେ ଘରୁ ବାହାରିବା ଉଚିତ ନୁହେଁ। ସଚେତନ ହେଲେ ଆମେ ସୁରକ୍ଷିତ ରହିପାରିବା ବୋଲି ସେ ପ୍ରକାଶ କରିଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୩୦।୬।୨୦୧୯ (ରବିବାର)**
■ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି
**ସ୍ଥାନ :** ନୟାଗଡ଼ ବସ୍ଷ୍ଟାଣ୍ଡ, **ସମୟ–** ସକାଳ ୮ଟା

**୧।୭।୨୦୧୯ (ସୋମବାର)**
■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
**ସ୍ଥାନ:** ଜିଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼, **ସମୟ–** ପୂର୍ବାହ୍ନ ୧୦ଟା

**୨।୭।୨୦୧୯ (ମଙ୍ଗଳବାର)**
■ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ
**ସ୍ଥାନ :** ଜଗନ୍ନାଥ ମନ୍ଦିର, ନୟାଗଡ଼, **ସମୟ–** ପୂର୍ବାହ୍ନ ୯ଟା ୩୦

**୪।୭।୨୦୧୯ (ଗୁରୁବାର)**
■ ଶ୍ରୀ ଗୁଣ୍ଡିଚା ଯାତ୍ରାର ରଥଟଣା
**ସ୍ଥାନ :** ଜଗନ୍ନାଥ ମନ୍ଦିର, ନୟାଗଡ଼, **ସମୟ–** ଅପରାହ୍ନ ୩ଟା ୩୦

**୫।୭।୨୦୧୯ (ଶୁକ୍ରବାର)**
■ ୫ ପଞ୍ଚାୟତରେ ଦଶପଲ୍ଲା ବିଧାୟକଙ୍କ ଜନଶୁଣାଣି ଶିବିର
**ସ୍ଥାନ :** ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟାଠାରୁ

**୬।୭।୨୦୧୯ (ଶନିବାର)**
■ ଗୁଣ୍ଡିଚା ମନ୍ଦିରରେ ରାଜା ରାଜେଶ୍ୱରୀ ବେଶ
**ସ୍ଥାନ :** ନୟାଗଡ଼ ଗୁଣ୍ଡିଚା ମନ୍ଦିର, **ସମୟ–** ସକାଳ ୮ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍ଘାଟିତ



ମଧ୍ୟସ୍ଥତା କେନ୍ଦ୍ର ଉଦ୍ଘାଟନ କରୁଛନ୍ତି ହାଇକୋର୍ଟ ବିଚାରପତି।

**ନୟାଗଡ଼ ଅଫିସ,୨୯।୬**

ନୟାଗଡ଼ ଜିଲା ଓ ଦୌରାଜଜ୍ଙ୍କ କୋର୍ଟ ପରିସରରେ ଶନିବାର ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ରକୁ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଗୋପାଳଚନ୍ଦ୍ର ପଟ୍ଟନାୟକ, ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଅତିଥି ଭାବେ ଯୋଗଦେଇଥିଲେ। କୌଣସି ମକଦ୍ଦମା କୋର୍ଟରେ ବିଚାରାଧୀନ ନ ଥାଇ କିପରି ଉକ୍ତ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ଆପୋସ ଆଲୋଚନା କରାଯାଇ ସମାଧାନ କରାଯାଇପାରିବ ସେ ନେଇ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିବାର ଲୋକ ଅଦାଲତ ଜଜ୍ ରାଜେଶ ଏକ୍କା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ମାନସ କୁମାର ପଣ୍ଡା, ମହିଳା ବିଚାରପତି ପ୍ରଜ୍ୟୋତି ରାଉତ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା, ରେଜିଷ୍ଟ୍ରାର ନରୋତ୍ତମ ସେଠୀ, କୋର୍ଟ ମ୍ୟାନେଜର ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିପାଟପୁରରେ ବିହନ ବିଶୋଧନ ଅଭିଯାନ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬(ଡି.ଏନ୍.ଏ.)**

ଟାଙ୍ଗୀ କୃଷି ଜିଲା ଅଧିକାରୀଙ୍କ ସୌଜନ୍ୟରୁ ବାଲିପାଟପୁରଠାରେ ରବିବାର ଏକ କୃଷକ ସମାବେଶ ଆୟୋଜିତ ହୋଇଯାଇଛି। ଖରିଫ ଚାଷ ପୂର୍ବରୁ ବିହନ ବିଶୋଧନ ପ୍ରକ୍ରିୟା, ଅଧିକ ଅମଳକ୍ଷମ ଧାନଚାଷ, ତଳି ରୁଆ ପଦ୍ଧତି ସମ୍ପର୍କରେ ଏଠାରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ସହକାରୀ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ବିଜୟ କୁମାର ସାହୁ, ଚାଷୀ କମିଟି ଆବାହକ ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ଜୀବନ ପାଇଁ ବୃକ୍ଷରୋପଣ ଜରୁରୀ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆହ୍ୱାନ ତରଫରୁ ରବିବାର ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ 'ବୃକ୍ଷରୋପଣରେ ଶିକ୍ଷାର୍ଥୀଙ୍କ ଭୂମିକା ଓ ସ୍ୱଚ୍ଛ ପରିବେଶର ପ୍ରଭାବ' ସମ୍ପର୍କିତ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ବନବିହାରୀ ବେହେରାଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ପବିତ୍ର ପ୍ରଧାନ, ଶିକ୍ଷକ ଅଶୋକ ମାନସିଂହ, ଆର୍ତ୍ତତ୍ରାଣ ଶାସମଲ, କାଶୀନାଥ ସାହୁ ଓ ସୌରୀ ସାମନ୍ତରା ପ୍ରମୁଖ ଯୋଗଦେଇଥିଲେ। ସୁସ୍ଥ ଜୀବନଯାପନ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ଏଠାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜନତା ହାଇସ୍କୁଲ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁମନ୍ଦିର ଓ ସୋରଣ ଭଗବତୀ ବିଦ୍ୟାପୀଠର ପ୍ରାୟ ୨୫ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ଛାତ୍ରୀଛାତ୍ର ଗୋଟିଏ ଲେଖାଏ ଚାରା ରୋପଣ କରିବା ପାଇଁ ସଭାରେ ଶପଥ ଗ୍ରହଣ କରିଥିଲେ ।

## ■ କ୍ଷୀର ଦୁହିଁବା ସମୟରେ ଗାଈର ମୃତ୍ୟୁ

# ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଯିବା ବାଟରେ ବୃଦ୍ଧ ଅଚେତ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

ଦୁହିଁବାବେଳେ କୌଣସି କାରଣରୁ ଗାଈଟିର ମୃତ୍ୟୁ ଘଟିଥିଲା। ପାପ ଲାଗିଥିବା ବ୍ରାହ୍ମଣ କହିବା ସହ ତାଙ୍କ ପରାମର୍ଶ ଅନୁସାରେ ବୃଦ୍ଧ ଜଣକ ଗାଈର ପଘାକୁ ବେକରେ ପକାଇ ଚାଲିଚାଲି ନୟାଗଡ଼ ଜିଲାରୁ ସିଧା ପୁରୀ ଯାଉଥିଲେ। ହେଲେ ଅଧାବାଟରେ ଚେତା ହରାଇଛନ୍ତି। ଶନିବାର ବରମୁଣ୍ଡା ବସ୍ଷ୍ଟାଣ୍ଡ ନିକଟରୁ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବୃଦ୍ଧ ଜଣକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଅଭିରାମ ରାଉଳ(୫୯)। ମିଳିଥିବା ସୂଚନାନୁଯାୟୀ, ଅଭିରାମ ଘରେ ଗାଈ ରଖିଥିଲେ। ସେ ୪ଦିନ ତଳେ ସକାଳୁ କ୍ଷୀର ଦୁହିଁବା ସମୟରେ ହଠାତ୍ ଗାଈଟିର ମୃତ୍ୟୁ ଘଟିଥିଲା। ବେକରେ ପଘା ଲାଗିଥିବାରୁ ପାପ ଲାଗିଥିବା ଭାବି ଅଭିରାମ ଜଣେ ବ୍ରାହ୍ମଣ ନିକଟକୁ ଯାଇଥିଲେ। ମୃତ ଗାଈର ପଘା ବେକରେ ପକାଇ ଚାଲିଚାଲି ପୁରୀ ଯାଇ ପ୍ରାୟଶ୍ଚିତ ହେବାକୁ ବ୍ରାହ୍ମଣ ଜଣକ କହିଥିଲେ। ତେଣୁ ଅଭିରାମ ଶୁକ୍ରବାର ସକାଳୁ ଘରୁ ବେକରେ ପଘା ପକାଇ ବାହାରିଆସିଥିଲେ। ଶନିବାର ସକାଳେ ଭୁବନେଶ୍ୱର ବରମୁଣ୍ଡା ବସ୍ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। କିଛି ସମୟ ପରେ ସେ ହଠାତ ତଳେ ପଡ଼ିଯାଇଥିଲେ। ଏହାଦେଖି ଲୋକେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ବେକରେ ପଘା ବନ୍ଧା ହୋଇଥିବାରୁ କିଏ ମାରିବାକୁ ଉଦ୍ୟମ କରିଥିବା ଲୋକେ ଭାବିବା ସହ ପୋଲିସକୁ ଖବର ଦେଇଥିଲେ। ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଅଭିରାମକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଇତିମଧ୍ୟରେ ତାଙ୍କ ବେକରେ ବନ୍ଧା ଯାଇଥିବା ରଶିକୁ କାଟି ଦିଆଯାଇଥିଲା। ହେଲେ ହସ୍ପିଟାଲରେ ଅଭିରାମଙ୍କ ଚେତା ଫେରିବା ପରେ ବେକରେ ରଶି ନ ଥିବା ଦେଖି ଚିତ୍କାର କରିଥିଲେ। ବେଡ୍ ଉପରେ ଉକ୍ତ ପଘା ରହିଥିବା ଦେଖି ତାହାକୁ ଆଣି ପୁଣି ବେକରେ ପକାଉଥିବାବେଳେ ଫାଣ୍ଡି ପୋଲିସ ତାଙ୍କୁ ବାରଣ କରିବା ସହ ତାଗିଦ୍ କରିଥିଲେ। ଘଟଣା ସଂକ୍ରାନ୍ତରେ ପୋଲିସ ଅଭିରାମଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସେମାନେ ଆସିବା ପରେ ତାଙ୍କୁ ହସ୍ତାନ୍ତର କରିବେ ବୋଲି ପୋଲିସ କହିଛି।

## ■ ଖଳିସାହି: ଭିତ୍ତିପ୍ରସ୍ତର ସ୍ଥାପନ ୨ ବର୍ଷ ବିତିଲା

# ନିର୍ମାଣ ହୋଇପାରୁନି କଲ୍ୟାଣ ମଣ୍ଡପ

**ଖଣ୍ଡପଡା,୨୮।୬(ସ୍ୱ.ପ୍ର.)**

ରାଜ୍ୟ ସରକାର ପ୍ରତି ପଞ୍ଚାୟତର ମୁଖ୍ୟ ସ୍ଥାନରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରି ଏଥିପାଇଁ ଆବଶ୍ୟକ ଅନୁଦାନ ଅର୍ଥ ମଞ୍ଜୁର କରୁଛନ୍ତି । ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତରେ । ଅନୁଦାନ ରାଶି ମଞ୍ଜୁର ହୋଇ ମଧ୍ୟ ଏହାର ବିନିଯୋଗ ହୋଇ ପାରୁନି କଲ୍ୟାଣ ମଣ୍ଡପ କାର୍ଯ୍ୟରେ । ଏକ ବିବାଦୀୟ ସ୍ଥାନରେ ୩୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନୂତନ କଲ୍ୟାଣ ମଣ୍ଡପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଜଣାପଡିଛି । ଫଳରେ ଏହି ଅନୁଦାନ ଅର୍ଥ ଖଣ୍ଡପଡା ବ୍ଲକ ପ୍ରଶାସନ ନିକଟରେ ପଡିରହିଛି।

ମିଳିଥିବା ସୂଚନା କ୍ରମେ, ସ୍ଥାନୀୟ ଦଶଦୋଳ ପଡିଆର ଗୋଟିଏ ପାର୍ଶ୍ୱରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୨ ବର୍ଷ ତଳେ ତତ୍କାଳୀନ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସରପଞ୍ଚ ଓ କେତେକ ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବିବାଦ ଦେଖାଦେବାରୁ ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ତେବେ ପରବର୍ତ୍ତୀ ସମୟରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ବିକଳ୍ପ ଜାଗା ଚିହ୍ନଟ କରାଯାଇଥିଲା । ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅପରପକ୍ଷେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଖଣ୍ଡପଡା ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସ୍ଥାନ।

## ■ ଶ୍ରୀନୀଳମାଧବ ଜୀଉଙ୍କ ପରିତ୍ୟକ୍ତ ଚନ୍ଦନ ପୋଖରୀ

# ସମ୍ପନ୍ନ ହୋଇପାରିଲାନି ପୁନରୁଦ୍ଧାର କାର୍ଯ୍ୟ

**ଖଣ୍ଡପଡା,୨୯।୬(ସ୍ୱ.ପ୍ର.)**

ଦୀର୍ଘଦିନ ଧରି ପରିତ୍ୟକ୍ତ ହୋଇ ପଡିରହିଥିବା ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ପୁନରୁଦ୍ଧାର ହୋଇପାରିଲା ନାହିଁ। ପୋଖରୀ ପୁନରୁଦ୍ଧାର ଦାୟିତ୍ୱ ନୀଳମାଧବ ବିଦ୍ୟାପୀଠର ୬ ପୁରାତନ ବନ୍ଧୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପରିତ୍ୟକ୍ତ ଚନ୍ଦନ ପୋଖରୀ ଯୋଗୁ ଗତ ୨ବର୍ଷ ହେବ ଠାକୁରଙ୍କ ଚନ୍ଦନ ଯାତ୍ରା ବନ୍ଦ ହୋଇଯାଇଛି। ବିଭିନ୍ନ ଦଳ ଓ ପଦ୍ମବନରେ ପରିପୂର୍ଣ୍ଣ ହୋଇ ପ୍ରଦୂଷିତ ଅବସ୍ଥାରେ ଥିବା ଏହି ପୋଖରୀର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ପରେ ଗତବର୍ଷ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ମାତ୍ର କାର୍ଯ୍ୟ ନିର୍ବାହୀଙ୍କ ଇଚ୍ଛାଶକ୍ତିର ଅଭାବଯୋଗୁ କାର୍ଯ୍ୟ ସମ୍ପାଦନରେ ବାଧକ ସାଜିଛି। ଅଞ୍ଚଳବାସୀଙ୍କ ଭାବାବେଗକୁ ହୃଦୟଙ୍ଗମ କରି କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୬୯ ମାଟ୍ରିକ ବ୍ୟାଚର ସିକ୍ସ ଏଫ୍ (୬ ବନ୍ଧୁ) ଭାବରେ ପରିଚିତ ଛାତ୍ର ପବିତ୍ର ମୋହନ ମହାପାତ୍ର( ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଟ), କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ,ବିରଞ୍ଚି ନାରାୟଣ ସାହୁ (ଅବସରପ୍ରାପ୍ତ କୃଷି ଅଧିକାରୀ), ବିନୋଦ କୁମାର ଦାସ (ଅବସରପ୍ରାପ୍ତ ସହକାରୀ ପରିଚାଳକ, ରାଜ୍ୟ ସିଭିଲ ସପ୍ଲାଇ କର୍ପୋରେଶନ), ଧନେଶ୍ୱର ମହାରଣା(ଅବସରପ୍ରାପ୍ତ ଅଧକ୍ଷ) ଓ ଖଲେଶ୍ୱର ମହାରଣା (ଅବସରପ୍ରାପ୍ତ ସୁପରଭାଇଜର ଦୂର ସଞ୍ଚାର ନିଗମ) ପ୍ରମୁଖ ସରକାରୀ ଅନୁଦାନ ବିନା ନିଜସ୍ୱ ପାଣ୍ଠିରେ ଉକ୍ତ ପୋଖରୀର ପୁନରୁଦ୍ଧାର କରିବାକୁ ଗତ ସାଧାରଣତନ୍ତ୍ର ଦିବସ ଅବସରରେ ରଘୁନାଥ ଶ୍ରୀଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ସମାବେଶରେ ମତବ୍ୟକ୍ତ କରିଥିଲେ । ସରକାରୀ ଅନୁଦାନକୁ ଉପେକ୍ଷା କରି ଏହି ୬ ବନ୍ଧୁ ଗତ ଫେବୃୟାରୀ ମାସଠାରୁ ମୋଟର ପମ୍ପ ସାହାଯ୍ୟରେ ଦୀର୍ଘ ୩ମାସ କାଳ ଲାଗି ପୋଖରୀର ପ୍ରଦୂଷିତ ଜଳକୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରି ନିଷ୍କାସନ କରାଇଥିଲେ। ଏହାପରେ ମଣିଖମ୍ବ କାର୍ଯ୍ୟ ସମ୍ପାଦନ କରାଯାଇ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା କରାଯାଇଥିଲା। ମାତ୍ର ଇତି ମଧ୍ୟରେ ୨ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ସାମାନ୍ୟ ବର୍ଷାରେ ପୁନର୍ବାର ପୋଖରୀ ଦଳ ଓ ପଦ୍ମରେ ପରିପୂର୍ଣ୍ଣ ହୋଇ ଗଲାଣି । ଅପରପକ୍ଷେ ବର୍ଷାଋତୁର ଆଗମନ ଯୋଗୁ ଏହାର ପଙ୍କୋଦ୍ଧାର କାର୍ଯ୍ୟ କରିବା ଆଦୌ ସମ୍ଭବ ନୁହେଁ । ୬ବନ୍ଧୁଙ୍କ ନୀରବତା ସେମାନେ କାର୍ଯ୍ୟ ସମ୍ପାଦନ କରିବାରେ ଅସମର୍ଥ ବୋଲି ସୂଚାଇ ଦେଉଛି । ଏଥିସହ ଆର୍ଥିକ ସମସ୍ୟା ଆଳ କରି ସେମାନେ କାର୍ଯ୍ୟ ଆଗେଇ ନେଉ ନ ଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ୬ ବନ୍ଧୁଙ୍କ ମଧ୍ୟରୁ ଗ୍ରାମରେ ରହି କାର୍ଯ୍ୟ ପରିଚାଳନା କରୁଥିବା ସଚ୍ଚିଦାନନ୍ଦ ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, ଆମେ ଗାଁରେ ରହି କାମ କିପରି ହେବ ବୁଝୁଛୁ । ହେଲେ ଅନ୍ୟବନ୍ଧୁମାନେ ଅର୍ଥ ଦେବାରେ ଅବହେଳା କରୁଥିବାରୁ କାର୍ଯ୍ୟ ସମ୍ପନ୍ନ କରିବା ସମ୍ଭବ ହେଉନି। ଯେଉଁ ଗତିରେ କାର୍ଯ୍ୟ ଚାଲିଥିଲା, ସେହିପରି ଠିକ୍ ସମୟରେ ଆମ ପାଖରେ ଅର୍ଥ ପହଞ୍ଚିଥିଲେ କାର୍ଯ୍ୟ ନିଶ୍ଚିତ ଭାବେ ବର୍ଷା ପୂର୍ବରୁ ସମ୍ପନ୍ନ ହୋଇଥାନ୍ତା ବୋଲି ସେ କହିଛନ୍ତି।

### କଥା ରଖିପାରିଲେନି ୬ ବନ୍ଧୁ, ଗ୍ରାମବାସୀଙ୍କ ବିଶ୍ୱାସ ତୁଟିଲା



ପରିତ୍ୟକ୍ତ ଅବସ୍ଥାରେ ଚନ୍ଦନ ପୋଖରୀ।